R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୭୨
ତିଥି: ଚତୁର୍ଦ୍ଦଶୀ
୦୯ ଜୁଲାଇ ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 272
09 July 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ରତ୍ନବେଦୀରେ ଚତୁର୍ଦ୍ଧା ମୂର୍ତ୍ତି







■ ଗୋଟି ପହଣ୍ଡିରେ ହେଲା ନୀଳାଦ୍ରି ବିଜେ
■ ଆଜିଠୁ ମିଳିବ ନୀଳାଚଳ ଅବଢ଼ା
■ ରସଗୋଲା ଖୁଆଇ ମା' ଲକ୍ଷ୍ମୀଙ୍କ ମାନଭଞ୍ଜନ
■ ରଥ ଚତୁଃପାର୍ଶ୍ୱରେ ଲକ୍ଷାଧିକ ଶ୍ରଦ୍ଧାଳୁ

ପୁରୀ, ୮ ।୭ (ସବ୍ୟୁ) : ଚଳିତ ବର୍ଷ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀ ଗୁଣ୍ଡିଚା ଯାତ୍ରା ଶେଷ ହୋଇଛି। ବାହୁଡ଼ା ଯାତ୍ରା, ସୁନା ବେଶ, ଅଧର ପଣା ନୀତି ସମ୍ପନ୍ନ ପରେ ଆଷାଢ଼ ମାସ ତ୍ରୟୋଦଶୀ ତିଥିରେ ଆଜି ବିଗ୍ରହ ମାନେ ନୀଳାଦ୍ରି ବିଜେ କରିଛନ୍ତି। ପରମ୍ପରା ଅନୁଯାୟୀ ବିଗ୍ରହମାନେ ଭକ୍ତଙ୍କ ଠାରୁ ରଶୋଗୋଲା ଭୋଗ ଖାଇ ପହଣ୍ଡି ହୋଇ ଶ୍ରୀମନ୍ଦିରକୁ ନୀଳାଦ୍ରି ବିଜେ କରିଛନ୍ତି। ମହାପ୍ରଭୁ ଜଗନ୍ନାଥ ମା ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ରସୋଗୋଲା ଭୋଗ ଦେଇ ମାନ ଭଞ୍ଜନ କରିଛନ୍ତି। ସ୍ୱାମୀ-ସ୍ତ୍ରୀର ବନ୍ଧନ ଅତୁଟ । ଯେଉଁ ସମ୍ପର୍କରେ ରାଗ-ରୁଷା ମାନ-ଅଭିମାନ ସବୁକିଛି ଭରି ରହିଥାଏ । ଖଟା-ମିଠା ଝଗଡା ବିନା ଦାମ୍ପତ୍ୟ ଜୀବନରେ ପରିପୂର୍ଣ୍ଣତା ନଥାଏ । ସ୍ୱୟଂ ମହାପ୍ରଭୁ ଏଥିରୁ ମୁକୁଳିବେ ବା କେମିତି । ଧରାଧାମରେ ମାନବୀୟ ଲୀଳାଖେଳା କରୁଛନ୍ତି ବ୍ରହ୍ମାଣ୍ଡ ଗୋସାଇଁ ମହାପ୍ରଭୁ ଜଗନ୍ନାଥ । ଆଉ ସେହି ଦାମ୍ପତ୍ୟ ଜୀବନର ମାନ ଅଭିମାନର ନିଦର୍ଶନ ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ 'ନୀଳାଦ୍ରି ବିଜେ ନୀତି' । ମହାପ୍ରଭୁଙ୍କ ଉପରେ ରୁଷିଛନ୍ତି ମା' ଲକ୍ଷ୍ମୀ ସାଆନ୍ତାଣୀ... ଶ୍ରୀମନ୍ଦିରରେ ମା' ଲକ୍ଷ୍ମୀଙ୍କୁ ଛାଡି ଭାଇ-ଭଉଣୀଙ୍କୁ ନେଇ ନବଦିନାତ୍ମକ ଗୁଣ୍ଡିଚା ଯାତ୍ରାରେ ବାହାରି ଯାଇଥିଲେ ମହାପ୍ରଭୁ। ଆଜି ଯାତ୍ରା ଶେଷ କରି ରତ୍ନବେଦୀକୁ ଫେରିଛନ୍ତି ମହାପ୍ରଭୁ । ସାଥିରେ ମା ଲକ୍ଷ୍ମୀଙ୍କୁ ନେଇ ନଥିବାରୁ ରାଗିଛନ୍ତି ମା' ଲକ୍ଷ୍ମୀ ଠାକୁରାଣୀ । ଶ୍ରୀମନ୍ଦିର ପ୍ରବେଶ ପୂର୍ବରୁ ମଣିମାଙ୍କ ବାଟ ଓଗାଳନ୍ତି ମା' ଲକ୍ଷ୍ମୀ । ରସଗୋଲା ଓ ପାଟ ଶାଢ଼ୀ ଦେଇ ପ୍ରାଣପ୍ରିୟା ପତ୍ନୀ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ କରି ଥିଲେ ମହାପ୍ରଭୁ । ପ୍ରେମ-ଅଭିମାନ-ଅନୁରାଗର ନିଛକ ଦୃଶ୍ୟ ସିଂହଦ୍ୱାରରେ ଦେଖି ବାକୁ ପାଇଛି ସାରା ବିଶ୍ୱ । ନୀଳକନ୍ଦରକୁ ଫେରିଛନ୍ତି (୯ ପୃଷ୍ଠାରେ)

## ୧୦ ସଂଗଠନର ମିଳିତ ଡାକରା
# ଆଜି ଭାରତ ବନ୍ଦ




ନୂଆଦିଲ୍ଲୀ, ୮ ।୭ : ଆସନ୍ତାକାଲି ୧୦ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଛି । ଶ୍ରମିକ, ଚାଷୀ ବିରୋଧୀ ଏବଂ କର୍ପୋରେଟ୍‌କୁ ସୁହାଇଲା ଭଳି ନୀତି ପ୍ରତିବାଦରେ ଏହି ଆନ୍ଦୋଳନର ଡାକରା ଦିଆଯାଇଛି। ବ୍ୟାଙ୍କିଂ, ଇନସ୍ୟୁରାନ୍ସ, ପୋଷ୍ଟାଲ ସେବା, କୋଇଲା ଖଣି ଓ ଅନ୍ୟାନ୍ୟ କ୍ଷେତ୍ରର ପ୍ରାୟ ୨୫ କୋଟି ଶ୍ରମିକ ଏହି ଆନ୍ଦୋଳନରେ ସାମିଲ ହେବେ ବୋଲି ଜଣାପଡିଛି। ଭୁବନେଶ୍ୱରରେ ଦେଶବ୍ୟାପୀ ଧର୍ମଘଟକୁ ସଫଳ କରିବା ପାଇଁ କେନ୍ଦ୍ରୀୟ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍ ସମୁହ ପକ୍ଷରୁ ମସାଲ ଶୋଭାଯାତ୍ରା କରାଯାଇଥିଲା।

ଆନ୍ଦୋଳନ ଯୋଗୁ ବ୍ୟାଙ୍କିଂ ଓ ବୀମା ସେବା କ୍ଷେତ୍ରରେ ପ୍ରଭାବ ପଡିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ବିଶେଷ କରି ଉଭୟେ ସଂଗଠିତ ଓ ଅଣସଂଗଠିତ କ୍ଷେତ୍ରରେ ମାସେ ଧରି ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚାଲିଥିଲା। ଏଆଇଟିୟୁସିର ଅମରଜିତ କୌର କହିଛନ୍ତି ଯେ ଟ୍ରେଡ୍ ୟୁନିୟନଗୁଡ଼ିକର ୧୭ ଦଫା ଦାବିକୁ ସରକାର ଅଣଦେଖା କରୁଛନ୍ତି। ୧୦ ବର୍ଷ ମଧ୍ୟରେ ବାର୍ଷିକ ଶ୍ରମିକ ସମ୍ମିଳନୀ (୯ ପୃଷ୍ଠାରେ)

## ଅହମ୍ମଦାବାଦ ବିମାନ ଦୁର୍ଘଟଣା
# ପ୍ରାରମ୍ଭିକ ତଦନ୍ତ ରିପୋର୍ଟ ଦେଲା ଏଏଆଇବି



ନୂଆଦିଲ୍ଲୀ, ୮ ।୭ : ଅହମ୍ମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ତଦନ୍ତ କରୁଥିବା ଏୟାର କ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିକେସନ ବ୍ୟୁରୋ (ଏଏଆଇବି) କେନ୍ଦ୍ର ବେସାମରିକ ବିମାନ ମନ୍ତ୍ରଣାଳୟକୁ ତାର ପ୍ରାରମ୍ଭିକ ରିପୋର୍ଟ ପ୍ରଦାନ କରିଛି। ଖୁବଶୀଘ୍ର ଏହି ରିପୋର୍ଟକୁ ସାଧାରଣରେ ପ୍ରକାଶ କରାଯିବ ବୋଲି ସୂଚନା ମିଳିଛି। ବେସାମରିକ ବିମାନ ମନ୍ତ୍ରଣାଳୟର ଅଧିକାରୀଙ୍କ କହିବାନୁଯାୟୀ ପ୍ରାରମ୍ଭିକ ରିପୋର୍ଟରେ ଏହି ଦୁଃଖଦ ଦୁର୍ଘଟଣା ସମ୍ପର୍କରେ କିଛି ତଥ୍ୟ ଥିବ ବୋଲି ବିଶ୍ୱାସ କରାଯାଉଛି। ଏଥିରେ ଦୁର୍ଘଟଣାଜନିତ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ରହିଛି ବୋଲି ଜଣାପଡୁଛି।

ଜୁନ୍ ୧୨ରେ ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବିମାନ ବନ୍ଦରରେ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଉଡାଣ ଭରିବାର ୩୨ ସେକେଣ୍ଡ ଭିତରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ୨୪୧ ଜଣଙ୍କର ମୃତ୍ୟୁ ହୋଇଥିଲା। ଜଣେ ମାତ୍ର ଜୀବିତ ରହିଥିଲେ। ଏୟାର ଇଣ୍ଡିଆର ମୂଳ ସଂସ୍ଥା ଟାଟାସନ୍ ପକ୍ଷରୁ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା (୯ ପୃଷ୍ଠାରେ)

## ବିଜେପି ରାଜ୍ୟ ସଭାପତି ଦାୟିତ୍ୱ ନେଲେ ମନମୋହନ
# ଦଳ ସରକାରଙ୍କ ସହ ଖୁଣ୍ଟ ଭଳି ଠିଆ ହେବ



● କାର୍ଯ୍ୟକର୍ତ୍ତାଙ୍କ ଏକତା ଲାଗି ବିଜେପିର ଏକାକୀ ସରକାର
● ବାଜା, ବାଣରେ ଶ୍ରୀ ସାମଲଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୮ ।୭ (ସବ୍ୟୁ) : ରାଜ୍ୟ ବିଜେପିର ସଭାପତି ଭାବେ ମନମୋହନ ସାମଲ ପୁନର୍ବାର ନିର୍ବାଚିତ ହୋଇ ଆଜି ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଡ. ସଞ୍ଜୟ ଜୟଶ୍ୱାଲ ଶ୍ରୀ ସାମଲଙ୍କ ନାମ ଘୋଷଣା କରିବା ସହ ୩୨ ରାଷ୍ଟ୍ରୀୟ ପରିଷଦ ସଦସ୍ୟଙ୍କ ନାମ ଘୋଷଣା କରିଛନ୍ତି। ଏହି ଅବସରରେ ରାଜ୍ୟ କାର୍ଯ୍ୟାଳୟରେ ଶ୍ରୀ ସାମଲଙ୍କ ଲାଗି ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା।

ଶ୍ରୀ ସାମଲ କହିଛନ୍ତି ଯେ ରାଜ୍ୟ ସଭାପତି ଭାବେ ଆଜି ଯେଉଁ ଦାୟିତ୍ୱ ଦିଆଯାଇଛି ତାହା ମନମୋହନ ସାମଲଙ୍କର ନୁହଁ, ତାହା ହେଉଛି କାର୍ଯ୍ୟକତାମାନଙ୍କ। କାର୍ଯ୍ୟକର୍ତ୍ତା ପରିଶ୍ରମ କରି ନ ଥିଲେ, ଆମେ ସାଇନବୋର୍ଡ ପାର୍ଟିରୁ ଆଜି ସରକାରୀ ଦଳରେ ପହଁଚି ନ ଥାନ୍ତେ। ୧୯୮୮ରେ ଆମକୁ ସାଇନ୍‌ବୋର୍ଡ ପାର୍ଟି ବୋଲି କୁହାଯାଉଥିଲା। ଆମକୁ ଅପମାନିତ କରାଯାଉଥିଲା। ମାତ୍ର ଆଜି ଆମେ ସରକାରୀ ଦଳ। ଏହା ହେଉଛି ଏକମାତ୍ର ଦଳ, ଯେଉଁ ଦଳରେ ଜଣେ ଚାହା ବିକାଳି ମଧ୍ୟ ପ୍ରଧାନମନ୍ତ୍ରୀ ହୋଇପାରେ, ଜଣେ ଶିଶୁମନ୍ଦିର ଶିକ୍ଷକ ମୁଖ୍ୟମନ୍ତ୍ରୀ ହୋଇପାରେ। ଦଳର କାର୍ଯ୍ୟକର୍ତ୍ତାଙ୍କ କଠିନ ପରିଶ୍ରମ ଓ ଧୈର୍ଯ୍ୟ ଯୋଗୁ ବାରମ୍ବାର ଅପମାନକୁ ପ୍ରତିହତ କରି ଆଜି ଆମେ କ୍ଷମତା ହାସଲ କରିପାରିଛୁ। କାର୍ଯ୍ୟକର୍ତ୍ତା ପରିଶ୍ରମ କରି ନ ଥିଲେ ଆଜି ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସରକାର ହୋଇ ନ ଥାନ୍ତା। ଓଡ଼ିଶା ସମ୍ଭାବନାର ରାଜ୍ୟ। ( ୯ ପୃଷ୍ଠାରେ)

# ଆଜିଠୁ ସାକ୍ଷ୍ୟ, ତଥ୍ୟ ଗ୍ରହଣ କରିବେ ଉନ୍ମୟନ କମିଶନର

**ପୁରୀ ଦଳାଚକଟା ଘଟଣା**

ଭୁବନେଶ୍ୱର, ୮ ।୭ (ସବ୍ୟୁ) : ପୁରୀର ଗୁଣ୍ଡିଚା ମନ୍ଦିର ନିଟରେ ଘଟିଥିବା ଦଳାଚକଟା ଯୋଗୁଁ ତିନିଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିବାଭଳି ଦୁଃଖଦ ଘଟଣାର ତଦନ୍ତ ପାଇଁ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶାଙ୍କୁ ଦାୟିତ୍ୱ ଦିଆଯାଇଛି।

ଏ ସଂପର୍କରେ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ତରଫରୁ ଗତ ଜୁଲାଇ ୩ ତାରିଖରେ ଜାରି କରାଯାଇଥିବା ଏକ ସାର୍ବଜନୀନ ବିଜ୍ଞପ୍ତି ପରବର୍ତ୍ତୀ ତାରିଖ ମାନଙ୍କରେ ବିଭିନ୍ନ ସଂବାଦ ପତ୍ରରେ ପ୍ରକାଶ କରାଯାଇଛି। କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା, ସେ ସମ୍ପର୍କରେ କୌଣସି ବ୍ୟକ୍ତି କିମ୍ବା ସଂସ୍ଥା, ଘଟଣାକୁ ନେଇ କୌଣସି ସୂଚନା କିମ୍ବା ତଥ୍ୟ (ଭିଡିଓ ଫୁଟେଜ ସହିତ) ଥିଲେ, ତାହାକୁ ଆସନ୍ତା ତା- ୨୦.୦୭.୨୦୨୫ ସୁଦ୍ଧା ଇ-ମେଲ ଯୋଗେ ପଠାଇବାକୁ ଅନୁରୋଧ କରାଯାଇଛି।

ଉପରୋକ୍ତ ବ୍ୟବସ୍ଥା ବ୍ୟତୀତ, ଆଗ୍ରହୀ ବ୍ୟକ୍ତିମାନେ ଆସନ୍ତା ଜୁଲାଇ ୦୯ (୯ ପୃଷ୍ଠାରେ)

# ଜିଲ୍ଲା ଜେଲରେ ମିଶିବ ସବ୍‌ଜେଲ୍

ଭୁବନେଶ୍ୱର, ୮ ।୭ (ସବ୍ୟୁ): ରାଜ୍ୟ ଜେଲ୍ ନିର୍ଦ୍ଦେଶାଳୟ ପକ୍ଷରୁ କେତେକ ସବ୍ ଜେଲକୁ ବନ୍ଦ କରି ନିକଟସ୍ଥ ଜିଲ୍ଲା ଜେଲରେ ମିଶ୍ରଣ କରାଯିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ଯୋଜନାରେ ସଂଶୋଧିତ ସୁବିଧାଗୁଡ଼ିକୁ ନିକଟବର୍ତ୍ତୀ ଜେଲ୍ ସହିତ ମିଶ୍ରଣ କରିବା ଏବଂ ବର୍ତ୍ତମାନର କଏଦୀମାନଙ୍କୁ ସ୍ଥାନାନ୍ତର କରିବା ଅନ୍ତର୍ଭୁକ୍ତ । (୯ ପୃଷ୍ଠାରେ)

## ଦିଲ୍ଲୀରେ ପୁଣି ଲାଗୁ ହେବ ପୁରୁଣା ଗାଡ଼ିକୁ ତେଲ ବନ୍ଦ
# ନଭେମ୍ବର ପହିଲାରୁ କାର୍ଯ୍ୟକାରୀ



ନୂଆଦିଲ୍ଲୀ, ୮ ।୭ : ଦିଲ୍ଲୀ ଓ ଏନସିଆରରେ ପୁରୁଣା ଗାଡ଼ିଗୁଡ଼ିକୁ ପେଟ୍ରୋଲ ଓ ଡିଜେଲ ନ ଦେବା ପାଇଁ ପୁଣି ନିଷ୍ପତ୍ତି ହୋଇଛି। ନଭେମ୍ବର ପହିଲାରୁ ଏହା ଲାଗୁ କରାଯିବ। ତେବେ ଜୁଲାଇ ୧ରୁ ଏହି ନିଷ୍ପତ୍ତି ଲାଗୁ କରାଯାଇଥିଲା। ବାୟୁ ପ୍ରଦୂଷଣକୁ ରୋକିବା କ୍ଷେତ୍ରରେ ଦିଲ୍ଲୀ ସରକାର ଗାଡ଼ିଗୁଡ଼ିକୁ ଇନ୍ଧନ ଦେବାପାଇଁ ମନା କରିଥିଲେ ଓ ୧୦ ବର୍ଷରୁ ଅଧିକ ଡିଜେଲ ଗାଡି, ୧୫ ବର୍ଷରୁ ଅଧିକ ପେଟ୍ରୋଲ ଗାଡିକୁ ଜବତ କରାଯାଇଥିଲା। ତେବେ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇବାରୁ ଏହାକୁ ସ୍ଥଗିତ ରଖାଯାଇଥିଲା।

କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟର ନିର୍ଦ୍ଦେଶ ଅନୁଯାୟୀ ଏହି ନିୟମ ( ୯ ପୃଷ୍ଠାରେ)

## ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ
# ଚକ-ଅଖ ବନ୍ଦ, ଲୋକେ ହନ୍ତସନ୍ତ



➤ ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ଯାତ୍ରୀ ସେବା ବ୍ୟାହତ
➤ ସରକାରଙ୍କ ସହ ସଂଘର ଆଲୋଚନା ବିଫଳ

ଭୁବନେଶ୍ୱର, ୮ ।୭ (ସବ୍ୟୁ): ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ମଙ୍ଗଳବାର ରାଜ୍ୟବ୍ୟାପି ୭ଦଫା ସମ୍ବଳିତ ଦାବି ନେଇ ଷ୍ଟିଅରିଂ ଛାଡ଼ ଆନ୍ଦଳନ ହୋଇଛି । ରାଜ୍ୟର ଗାଡ଼ି ଚଳାଚଳ ଏକ ପ୍ରକାର ବନ୍ଦ । ଏହାଦ୍ୱାରା ଯାତାୟତ ବ୍ୟାହତ ହୋଇଯାଇଥିବାରୁ ସାଧାରଣ ଲୋକେ ଯାଆସ କରିନପାରି ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ସେପଟେ ବସ୍ ଗଡୁନଥିବାରୁ ଗନ୍ତବ୍ୟସ୍ଥଳରୁ ଯାଇନପାରି ଅସୁବିଧା ଭୋଗୁଛନ୍ତି ଯାତ୍ରୀ ।

ସେପେଟ ଖାରବେଳ ଭବନରେ ସନ୍ଧ୍ୟାରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଜେନାଙ୍କ ସହିତ ଡ୍ରାଇଭର ମହାସଂଘର ଆଲୋଚନା ହୋଇଥିଲ । ହେଲେ ଡ୍ରାଇଭର ସଙ୍ଘ ସହ ସରକାରଙ୍କ ବୈଠକରୁ ବାହାରିଲାନି ସମାଧାନ ବାଟ । ଏହି ବୈଠକରେ ପରିବହନ ମନ୍ତ୍ରୀ, ପରିବହନ କମିଶନର ଓ ସଂଘର କର୍ମକର୍ତ୍ତା ଥିଲେ ସାମିଲ । ପରିବହନ ମନ୍ତ୍ରୀଙ୍କ ଘରେ ପୁଣି ଆଲୋଚନ ହେବ ବୋଲି ଡ୍ରାଇଭର ସଂଘର କୋଷାଧ୍ୟକ୍ଷ ଆଦିତ୍ୟ ବେହେରାଙ୍କ ସୂଚନା ଦେଇଛନ୍ତି ।

ଓଡିଶାରେ ହଜାର ହଜାର ସଂଖ୍ୟାରେ ଡ୍ରାଇଭର ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଭୁବନେଶ୍ୱରରୁ ବାଲେଶ୍ୱର, ବ୍ରହ୍ମପୁରରୁ ବଲାଙ୍ଗିର, କଟକରୁ କଳାହାଣ୍ଡି ଯାଏଁ ସବୁ ଜିଲ୍ଲାରେ ଚକ ଅଖ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । କିଏ ପରୀକ୍ଷା ଆନ୍ଦୋଳନକୁ ବିଭିନ୍ନ ରାଜ୍ୟର ଡ୍ରାଇଭର ସଂଘ ଓ ବିଭିନ୍ନ ମାଲିକ (୯ ପୃଷ୍ଠାରେ)

# କାଳ ହେଲା ବସ୍ ବନ୍ଦ, ଚାଲିଗଲା ରାଜକିଶୋରଙ୍କ ଜୀବନ

କାକଟପୁର, ୮ ।୭ (ସବ୍ୟୁ): ବିଭିନ୍ନ ଦାବି ନେଇ ଡ୍ରାଇଭର ସଂଘ ପକ୍ଷରୁ ଅଖ ଚକ ବନ୍ଦ ଆନ୍ଦୋଳନ ମଙ୍ଗଳବାର ଦିନ କରାଯାଇଥିଲା । ଯାହା ଫଳରେ ଟ୍ରକ,ବସ,କାର,ଅଟୋ ବନ୍ଦ ରହିଥିଲା । ବସ ବନ୍ଦ କାରଣରୁ ଅକାଳରେ ଝରିପଡ଼ିଲେ ରାଜକିଶୋର । ପ୍ରାପ୍ତ ସୂଚନା ମୁତାବକ କାକଟପୁର ବ୍ଲକ କୁଣ୍ଢେଇ ପଞ୍ଚାୟତ ଅଧୀନ କୃଷ୍ଣ ନଗର ପାଟଣା ବାଜପୁର ଗ୍ରାମର କବି ବେହେରାଙ୍କ ପୁତ୍ର ରାଜକିଶୋର ବେହେରା (୪୮ବର୍ଷ) ଦୀର୍ଘ ଦିନ ହେବ କିଡ଼ନୀ ଖରାପ ଯୋଗୁଁ ଡାଇଲୋସିସ ଯୋଗେ ସୁସ୍ଥ ଥିଲେ । ମାତ୍ର ମଙ୍ଗଳବାର ଦିନ ତାଙ୍କର ଡାଇଲୋସିସ କରିବାର ଥିଲା । ଅର୍ଥ ଅଭାବରୁ ସେ ବସରେ ମେଡିକାଲ ଯିବା ଆସିବା କରନ୍ତି । ମାତ୍ର ମଙ୍ଗଳବାର (୯ ପୃଷ୍ଠାରେ)

## ଇତିହାସ

୧୮୧୯– ସିଲେଇ ମେସିନ୍ ଆବିଷ୍କାରକ ଏଲାୟସ୍ ହାଓଙ୍କ ଜନ୍ମ ।

୧୮୭୫– ବମ୍ବେରେ ଦେଶର ପ୍ରଥମ ଷ୍ଟକ୍ ଏକ୍ସଚେଞ୍ଜର ସ୍ଥାପନା ।

୧୮୭୭– ପ୍ରଥମ ୱିମ୍ବଲ୍‌ଡନ୍ ଟେନିସ୍ ପ୍ରତିଯୋଗିତାର ଆୟୋଜନ ।

୧୮୯୩– ବିନା ଆନାସ୍ଥେସିଆରେ ଡାନିଅଲ୍ ୱିଲିୟମ୍ସଙ୍କ ପ୍ରଥମ ଓପନ୍ ହାର୍ଟ ସର୍ଜରୀ ।

୧୯୦୦– ମଧ୍ୟପ୍ରଦେଶର ପୂର୍ବତନ ରାଜ୍ୟପାଳ ସତ୍ୟନାରାୟଣ ସିହ୍ନାଙ୍କ ଜନ୍ମ ।

୧୯୪୪– ଭାରତକୁ ବ୍ରିଟିଶ ଶାସନରୁ ମୁକ୍ତ କରିବା ପାଇଁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆଜାଦ ହିନ୍ଦ ଫୌଜର ନେତୃତ୍ୱ ନେଲେ ।

୧୯୫୧– ଭାରତର ପ୍ରଥମ ପଞ୍ଚବର୍ଷୀୟ ଯୋଜନା ଆରମ୍ଭ ।

୧୯୬୯– ବନ୍ୟଜନ୍ତୁ ପରିଷଦ ପକ୍ଷରୁ ବାଘକୁ ଦେଶର ରାଷ୍ଟ୍ରୀୟ ପଶୁ ରୂପେ ଚୟନ କରାଗଲା ।

୨୦୦୧– ଭାରତ ଦ୍ୱାରା ପାକିସ୍ତାନ ସୀମାରେ ଦୁଇଟି ଚେକ୍‌ପୋଷ୍ଟ ସ୍ଥାପନ ନେଇ ଘୋଷଣା ।

୨୦୦୭– ଭାରତୀୟ ମୂଳ ଆମେରିକୀୟ ବୈଜ୍ଞାନିକ ହିମାଂଶୁ ଜୈନଙ୍କୁ ଓଟୋ ସ୍କଟ୍ ରିସର୍ଚ୍ଚ ପୁରସ୍କାର ।



## ସୁସ୍ଥ ରହିବା ପାଇଁ ବ୍ୟାୟାମ

ଯୋଗ ଓ ବ୍ୟାୟାମ ଆମ ଶରୀର ପାଇଁ ଖୁବ ଭଲ ହୋଇଥାଏ । ଯୋଗରେ ଅନେକ ଆସନ ଓ ପ୍ରାଣାୟମ ରହିଛି ଯାହା ଆମରୁ ଭିତରୁ ଶକ୍ତିଶାଳୀ କରିଥାଏ । ଆମ ସ୍ୱାସ୍ଥ୍ୟକୁ ଭଲ ରଖିବାରେ ଏହି ଯୋଗ ଖୁବ ଭଲ ହୋଇଥାଏ । ଆସନ୍ତୁ ସେହିଭଳି କିଛି ଆସନ ବା ବ୍ୟାୟାମ ବିଷୟରେ ଜାଣିବା ଯାହା ଆମକୁ ଭିତରୁ ଶକ୍ତ କରିଥାଏ । ତେବେ କୌଣସି ବ୍ୟାୟାମ କରିବା ଆଗରୁ ଯଦି ଆପଣଙ୍କର କୌଣସି ସ୍ୱାସ୍ଥ୍ୟ ସମସ୍ୟା ରହିଛି ତେବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ସେହିଭଳି ବ୍ୟାୟାମ କରିବା ସମୟରେ କୌଣସି ଏକ୍ସପର୍ଟଙ୍କ ସହାୟତା ନିଅନ୍ତୁ, ଯେପରି ଆପଣ ନିର୍ଭୁଲ ବ୍ୟାୟାମ କରିପାରିବେ ।

**ନୌକାସନ–** ଏହା ଯୋଗର ଏଭଳି ଏକ ଆସନ ଯାହା ଆମକୁ ଶକ୍ତି ଯୋଗାଇଥାଏ । ଏହା ଆମର ମାଂସପେଶୀକୁ ଶକ୍ତିଶାଳୀ କରିଥାଏ । ଏହା ଦ୍ୱାରା ଆମେ ଶରୀରକୁ କିଭଳି ନିୟନ୍ତ୍ରଣରେ ରଖିହେବ ସେ କଥା ଶିଖିଥାଉ । ଏହାକୁ ସବୁଦିନ କିଛିକିଛି ସମୟ ପାଇଁ କରିପାରିବେ । ଏହା ଆମର ପାଂଶପେଶୀୟ ବଳକୁ ବଢାଇଥାଏ ।

**ସେତୁବନ୍ଧାସନ–** ଏହା ମଧ୍ୟ ଆମ ଶରୀରକୁ ଭିତରୁ ମଜବୁତ କରିଥାଏ । ଏହା ଆମର ଆଣ୍ଠୁ ପାଇଁ ଖୁବ ଲାଭ ଦାୟକ ହୋଇଥାଏ । ଏହି ଆସନ କରିବା ସମୟରେ ଶରୀରର ଅନେକ ମାଂସପେଶୀ ଉପରେ ପ୍ରଭାବ ପଡିଥାଏ, ଯାହା ଏମାନଙ୍କୁ ଶକ୍ତିଶାଳୀ କରିଥାଏ । ପ୍ରତିଦିନ ଏହାକୁ କିଛି ସମୟ ପାଇଁ କରିପାରିବେ ।

**ପ୍ଲାଙ୍କ୍–** ଏହା ଏଭଳି ଏକ ବ୍ୟାୟାମ ଯାହା ଆମର ଅନେକ କିଛି ଉପରକାର କରିଥାଏ । ଏହା ଶରୀରକୁ ଫିଟ୍ ରଖିବା ସହିତ ପେଟ କମାଇବାରେ ସହାୟକ ହୋଇଥାଏ । ଏହାର ବିଭିନ୍ନ ପ୍ରକାର ମଧ୍ୟ ରହିଛି, ଯାହା ଆପଣଙ୍କୁ ସୁବିଧା ତାହାକୁ କରିପାରିବେ ।





## ନିଆଁ ଧରୁନଥିବା ଇନ୍ଧନ !

କୌଣସି ବି ଗାଡିର ଦୁର୍ଘଟଣା ଘଟିଲେ ସବୁଠାରୁ ଅଧିକ ଡର ଥାଏ ଟାଙ୍କିରେ ଥିବା ତେଲକୁ ନେଇ, କାରଣ ଏହା ସଙ୍ଗେସଙ୍ଗେ ନିଆଁ ଧରିଥାଏ । ଯାହାଫଳରେ ଗାଡି ସମ୍ପୂର୍ଣ୍ଣ ପୋଡିଯିବାର ଭୟ ରହିଥାଏ । ତେବେ କାଲିଫର୍ଣ୍ଣିଆର କେମିକାଲ ଇଞ୍ଜିନିୟରମାନେ ଏଭଳି ଇନ୍ଧନର ନିର୍ମାଣ କରିଛନ୍ତି, ଯାହା ନିଆଁ ଧରେ ନାହିଁ । ଏହାକୁ ବୈଜ୍ଞାନିକମାନେ ସେଫ୍ ଲିକୁଇଡ୍ ନାମ ଦେଇଛନ୍ତି । ଏହା ଦୁର୍ଘଟଣା ସମୟରେ ଜଳିବ ନାହିଁ ବୋଲି ସେମାନେ ମତ ଦେଇଛନ୍ତି । ଏହାକୁ ଏକ ଆଇକନିକ୍ ଲିକୁଇଡ୍‌ରୁ ପ୍ରସ୍ତୁତ କରାଯାଇଛି । ଏହା କେତେକାଂଶରେ ଆମେ ଖାଉଥିବା ଲୁଣ ଅର୍ଥାତ ସୋଡିଅମ କ୍ଲୋରାଇଡ୍ ସହିତ ସମାନ । ଏହାର ମେଲ୍ଟିଂ ପଏଣ୍ଟ୍ ଖୁବ କମ ହେବାସହ ଏହା ଅର୍ଗାନିକ୍ ଅଟେ । ଏହାକୁ ପ୍ରସ୍ତୁତ କରିବା ପାଇଁ ବୈଜ୍ଞାନିକମାନେ କ୍ଲୋରିନ୍‌କୁ ପର୍କୋଲେଟ୍ ସହିତ ରିପ୍ଲେସ୍ କରିଥିବା ପ୍ରକାଶ କରିଛନ୍ତି । ତେବେ ଏହି ଇନ୍ଧନ କେବଳ ଇଲେକ୍‌ଟ୍ରିକ୍ କରେଣ୍ଟ ସାହାଯ୍ୟରେ ନିଆଁ ଧରୁଥିବା ସେମାନେ ପରୀକ୍ଷଣ କରି ଦେଖିଥିବା ପ୍ରକାଶ କରିଛନ୍ତି । ଏହି ଇନ୍ଧନକୁ ଯେ କୌଣସି ଗାଡିରେ ବ୍ୟବହାର କରାଯାଇ ପାରିବ ବୋଲି ବୈଜ୍ଞାନିକ ମତ ଦେଇଛନ୍ତି । ତେବେ ଏହି ଫୁଏଲକୁ ଆଗକୁ ଅନେକ ଇଞ୍ଜନ୍ ଗାଡିରେ ଟେଷ୍ଟ କରିବାର ଆବଶ୍ୟକତା ରହିଛି ବୋଲି ସେମାନେ ମତ ଦେଇଛନ୍ତି ।

## ଅନ୍ୟତମ ବ୍ୟସ୍ତ ଷ୍ଟେସନ ହାଓଡ଼ା

ଭାରତୀୟ ରେଳ ବିଶ୍ୱର ପୂରାତନ ରେଳସେବା ମଧ୍ୟରୁ ଗୋଟିଏ । ଭାରତରେ ପାଖାପାଖି ୭ ହଜାରୁ ଅଧିକ ଷ୍ଟେସନ, ୨୨ ହଜାରରୁ ଅଧିକ ଟ୍ରେନ ରହିଛି, ଯେଉଁଥିରେ ଦିନକୁ ୨.୪ କୋଟି ଲୋକ ଯିବା ଆସିବା କରିଥାଆନ୍ତି । ଏଠାରେ ଏଭଳି ମଧ୍ୟ ଷ୍ଟେସନ ରହିଛି ଯାହା ବିଶ୍ୱର ସବୁଠାରୁ ବ୍ୟସ୍ତ ଷ୍ଟେସନ ଭାବେ ମାନତ୍ୟା ପାଇଛି । କୋଲକାତାର ହାଓଡା ଷ୍ଟେସନ ହେଉଛି ବିଶ୍ୱର ସବୁଠାରୁ ବ୍ୟସ୍ତ ଷ୍ଟେସନ । ୧୮୫୪ରେ ପ୍ରତିଷ୍ଠା ହୋଇଥିବା ଏହି ଷ୍ଟେସନ ଭାରତର ସବୁଠାରୁ ପୂରାତନ ଷ୍ଟେସନ ମଧ୍ୟ । ଏହା ପୂର୍ବ ଏବଂ ଉତ୍ତର-ପୂର୍ବ ଷ୍ଟେସନର ସବୁଠାରୁ ବ୍ୟସ୍ତ ତଥା ପରିଚିତ ଷ୍ଟେସନ, ଏହି ଷ୍ଟେସନ ଦେଇ ସମସ୍ତ ଟ୍ରେନ୍ ଏହି ଅଞ୍ଚଳକୁ ଯାତ୍ରା କରିଥାଏ । ହାଓଡା ଷ୍ଟେସନରେ ଦୁଇଟି ଭାଗ ରହିଛି, ଗୋଟିଏ ଭାଗରେ ୧ରୁ ୧୬ଟି ପ୍ଲାଟଫର୍ମ ଥିବାବେଳେ ନୂଆରେ ୧୭ରୁ ୨୩ଟି ପ୍ଲାଟଫର୍ମ ରହିଛି । ପ୍ରତିଦିନ ଏଠାରେ ପାଖାପାଖି ୬୦୦ ଟ୍ରେନ୍ ଯିବା ଆସିବା କରିଥାଆନ୍ତି । ଏକ ମିଲିଅନରୁ ଅଧିକ ଯାତ୍ରୀ ପ୍ରତିଦିନ ଏହି ଷ୍ଟେସନ ଦେଇ ଯିବା ଆସିବା କରିଥାଆନ୍ତି ।




## ପୃଥିବୀର ସବୁଠାରୁ ପୁରୁଣା ପଥର

ସୂଚନା ଅନୁସାରେ ପୃଥିବୀ ୪.୬ ବିଲିଅନ ବର୍ଷ ପୂର୍ବେ ନିର୍ମାଣ କରାଯାଇଥିଲା । ଏହା ସମୟରେ ଅନେକ ପଦାର୍ଥ ନିର୍ମାଣ ହୋଇଥିବାର ଆକଳନ କରାଯାଇଥାଏ । ତେବେ ପୃଥିବୀର ସେହି ସମୟର ଇତିହାସ ସମ୍ପର୍କରେ ଖୁବ କମ ସୂଚନା ରହିଛି ବୈଜ୍ଞାନିକଙ୍କ ପାଖରେ । ସେହିସମୟରେ ଖୁବ ବିରଳ ପଥର ଓ ମାଟିରେ ବିଭିନ୍ନ ପଦାର୍ଥ ମିଳୁଥିଲା । ନିକଟରେ ବୈଜ୍ଞାନିକଙ୍କୁ ପୃଥିବୀର ସବୁଠାରୁ ପୁରୁଣା ପଥରର ସନ୍ଧାନ ମିଳିଛି । ଏହି ପଥରଟି ହିଡେନ୍ ଏଓନ ସମୟର ବୋଲି ସେମାନେ ଆକଳନ କରିଛନ୍ତି । ତେଣୁ ଏହା ପାଖାପାଖି ୪ ବିଲିଅନ ବର୍ଷ ପୁରୁଣା ବୋଲି ସୂଚନା ରହିଛି, ତେଣୁ ବୈଜ୍ଞାନିକମାନେ ଏହାକୁ ପୃଥିବୀର ସବୁଠାରୁ ପୁରୁଣା ପଥରର ଆଖ୍ୟା ଦେଇଛନ୍ତି ।





## ଫେରୁଛନ୍ତି ତୁଳସୀ

୨୫ ବର୍ଷ ପରେ ପୁଣି ଦେଖିବାକୁ ମିଳିବେ ସମସ୍ତଙ୍କର ପ୍ରିୟ ଚରିତ୍ର ତୁଳସୀ । କ୍ୟୁଁ କି ସାସ୍ ଭି କଭୀ ବହୂ ଥୀର ପପୁଲାର ଚରିତ୍ର ତୁଳସୀ ପୁଣି ପରଦାକୁ ଫେରିବାକୁ ଯାଉଛି । ଏହି ଚରିତ୍ରରେ ଅନ୍ୟକେହି ଅଭିନେତ୍ରୀ ନୁହେଁ ବରଂ ସମସ୍ତଙ୍କର ଅତି ପ୍ରିୟ ସ୍ମୃତି ଇରାନୀହିଁ ଅଭିନୟ କରିବେ । ଏନେଇ ନିଜେ ସ୍ମୃତି ଏକ ସାକ୍ଷାତକାରରେ ସୂଚନା ଦେଇଛନ୍ତି । ଏହି ଧାରାବାହିକର ସିକ୍ୟୁଏଲରେ ଦର୍ଶକ ସ୍ମୃତିଙ୍କୁ ଦେଖିବାକୁ ପାଇବେ । ଧାରାବାହିକର ରିଲିଜ୍ ଡେଟ୍ ସାମନାକୁ ଆସିନଥିବାବେଳେ ଏହାର ଏକ ପ୍ରମୋ ରିଲିଜ୍ ହୋଇଛି । ସେହିଭଳି ଅନେକ ବର୍ଷ ପରେ ନିଜର ପ୍ରିୟ ଅଭିନେତ୍ରୀ ସ୍ମୃତି ଇରାନୀଙ୍କୁ ପରଦାରେ ଦେଖିବାକୁ ଫ୍ୟାନ୍‌ମାନେ ଖୁବ ଉତ୍ସାହ ଦେଖାଇଛନ୍ତି । ସୋସିଆଲ ମିଡିଆରେ ଏକ ଫଟୋ ମଧ୍ୟ ଭାଇରାଲ ହେଉଛି, ଯାହା ଏହି ଧାରାବାହିକର ବୋଲି ଦାବି ହେଉଛି । ଫଟୋରେ ସ୍ମୃତି ତୁଳସୀ ଗେଟ୍‌ଅପରେ ଅଛନ୍ତି । ସେ ନିଜର ସିଗ୍‌ନେଚର ଲୁକ୍‌ରେ ନଜର ଆସିଛନ୍ତି। ପୂର୍ବରୁ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ମୃତି ଏହି ଧାରାବାହିକର ଖୁବ ପ୍ରଶଂସା କରିଥିଲେ । ତୁଳସୀ ଚରିତ୍ର ତାଙ୍କୁ ଜୀବନରେ ବହୁତ କିଛି ପ୍ରଦାନ କରିଛି ବୋଲି ସେ ଏହି ସାକ୍ଷାତକାରରେ ପ୍ରକାଶ କରିଥିଲେ । ସେହିଭଳି ସେ ରାଜନୀତିରେ ଯୋଗ ଦେଇ ସଫଳ ହେଲେ ମଧ୍ୟ ଏହି ଧାରାବାହିକରୁ ମିଳିଥିବା ସଫଳତା ସବୁବେଳେ ତାଙ୍କ ହୃଦୟର ଖୁବ ନିକଟତର ରହିବ । ବାଲାଜୀ ଫିଲ୍ମ ତାଙ୍କୁ ଏକ ନୂଆ ପରିଚୟ ଦେଇଥିଲା ଯାହା ତାଙ୍କୁ ଦର୍ଶକଙ୍କ ନିକଟତର କରାଇଥିଲା । ଲୋକମାନେ ତାଙ୍କୁ ଚିହ୍ନିଥିଲେ, ଏହି ଧାରାବାହିକରୁ ତାଙ୍କୁ ଷ୍ଟାରଡମ୍ ମିଳିଥିଲା । ତେଣୁ ସେ ପୁଣି ପରଦାକୁ ସେହି ଆଇକନିକ୍ ତୁଳସୀ ଚରିତ୍ର ମାଧ୍ୟମରେ ଫେରିବାକୁ ଆଗ୍ରହୀ ଥିବା ପ୍ରକାଶ କରିଥିଲେ ।

## ସୋସିଆଲ କୋଟ୍ସ

"ଶ୍ରଦ୍ଧା ଓ ରାହୁଲଙ୍କର ଯେଉଁଭଳି ଭାବେ ଲୁଚାଇ ଭିଡିଓ କରାଗଲା ତାହା ସୁରକ୍ଷିତ ନୁହେଁ । ବିମାନର କାର୍ଯ୍ୟକର୍ତ୍ତାଙ୍କୁ ସେଲିବ୍ରିଟିଙ୍କର ପ୍ରାଇଭେସିର ଧ୍ୟାନ ଦେବାର ଆବଶ୍ୟକତା ରହିଛି ।

**ରବିନା ଟଣ୍ଡନ, ଅଭିନେତ୍ରୀ**





"ଆଜିକାଲି ଏଆଇର ବ୍ୟବହାର ଖୁବ ଅଧିକ ବଢିଛି । ଏହା ବର୍ତ୍ତମାନ ନ୍ୟୁକ୍ଲିୟର ପାୱାର ଭଳି ଶକ୍ତିଶାଳୀ ।

**ମୁଜାମ୍ମିଲ ଇବ୍ରାହିମ୍, ଅଭିନେତା**

"ସିମ୍ବା ବିଲ୍‌କୁଲ ସୁସ୍ଥ ଅଛି । ସେ ଶେଫାଳୀଙ୍କୁ ମିସ୍ କରୁଛି ହେଲେ ସୁସ୍ଥ ଅଛି । ଲୋକମାନେ ଲାଇକ୍ ପାଇବା ଆଶାରେ ଏଭଳି ମିଛ ଖବର ଲେଖୁଛନ୍ତି ।

**ପରାଗ ତ୍ୟାଗୀ, ଅଭିନେତା**




## ଭେଣ୍ଡି ନଡିଆ

**ସାମଗ୍ରୀ–** ଭେଣ୍ଡି, ଟମାଟୋ, ଛେଚା ଅଦା, ନଡିଆ କୋରା, ଜୀରା ଗୁଣ୍ଡ, ଧନିଆ ଗୁଣ୍ଡ, ଫୁଟଣ, ରିଫାଇନ ତେଲ, ଲୁଣ, ହଳଦୀ ।

**ପ୍ରଣାଳୀ–** ପ୍ରଥମେ ଭେଣ୍ଡିକୁ ଧୋଇ ଛୋଟ ଛୋଟ ଖଣ୍ଡରେ କାଟି ଦିଅନ୍ତୁ । ଏହାପରେ ପ୍ୟାନ୍‌ରେ ରିଫାଇନ୍ ତେଲକୁ ଗରମ କରନ୍ତୁ ଏଥିରେ ଫୁଟଣ ଓ ଶୁଖିଲା ଲଙ୍କା ପକାଇ ଫୁଟିବାକୁ ଦିଅନ୍ତୁ । ଏହାପରେ ଏଥିରେ ଛେଚା ଅଦା ଓ ଟମାଟୋ ପକାଇ ଭାଜନ୍ତୁ । ଅଳ୍ପ ଭାଜିହେବା ପରେ ଏଥିରେ ଭେଣ୍ଡିକୁ ପକାନ୍ତୁ । ଭେଣ୍ଡି ଅଳ୍ପ ଭାଜି ହେବାପରେ ସମସ୍ତ ଗୁଣ୍ଡ ମସଲାକୁ ଦେଇ ଦିଅନ୍ତୁ । ଏହାପରେ ଘୋଡାଇ ଅଳ୍ପ ସମୟ ଭାଜନ୍ତୁ । ଭେଣ୍ଡି ନରମ ଭାବେ ଭାଜିହେବା ପରେ ଏଥିରେ ଶେଷରେ ନଡିଆ କୋରା ପକାଇ ପ୍ରସ୍ତୁତ କରନ୍ତୁ ଭେଣ୍ଡି ନଡିଆ ।









ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ନିଳାଦ୍ରୀ ବିଜେ

# ଜଗତପୁର, ଗୋପାଳପୁରରେ ଡ୍ରାଇଭର ସଂଘର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ

କଟକ, (ସବ୍ୟୁ): ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିଅରିଂ ଛାଡ୍ ପାଇଁ ଦିଆଯାଇଥିବା ଡାକରା ଫଳରେ ଆଜି କଟକରୁ ପ୍ରାୟ ହଜାରେ ବସ୍ ଗଡ଼ିନଥିଲା । ସବୁବେଳେ ଚଳଞ୍ଚଳ ରହୁଥିବା ସିଏନ୍‌ବିଟି ବସ୍‌ଷ୍ଟାଣ୍ଡ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଦୂରଦୂରାନ୍ତ ଯାଉଥିବା ସମସ୍ତ ବସ୍ ସେହି ଷ୍ଟାଣ୍ଡ ମଧ୍ୟରେ ଛିଡ଼ା ହୋଇ ରହିଥିଲା । ଗତକାଲିଠାରୁ ଏହି ଆନ୍ଦୋଳନ ଡାକରା ଦିଆଯାଇଥିବାରୁ ଯଦିଓ ବେଶୀ ଲୋକ ବସ୍‌ଷ୍ଟାଣ୍ଡକୁ ଆସିନଥିଲେ ତଥାପି ଲୋକେ କଟକ ବାହାରକୁ ଯିବାକୁ ହଇରାଣ ହୋଇଥିଲେ। ଏହି ଡ୍ରାଇଭର ମହାସଂଘର ଆନ୍ଦୋଳନରେ ଅଟୋ ସଂଘ ଯୋଗ ଦେଇଥିବାରୁ ସହର ମଧ୍ୟରେ ଲୋକଙ୍କୁ ଆଖପାଖ ସ୍ଥାନକୁ ଯିବାଲାଗି ସମସ୍ୟା ହୋଇଥିଲା। ଏହି ଡାକରା ପରିପ୍ରେକ୍ଷୀରେ କଟକ ସହର ଉପକଣ୍ଠ ଜଗତପୁର ଏବଂ ଗୋପାଳପୁର ନିକଟରେ ଡ୍ରାଇଭରମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ ବସିଥିଲେ ।

ଡ୍ରାଇଭର ମହାସଂଘ ପକ୍ଷରୁ ସମଗ୍ର ରାଜ୍ୟରେ ଡ୍ରାଇଭରମାନେ ଷ୍ଟିଅରିଂ ଛାଡ୍ ଆନ୍ଦୋଳନ ଡାକରା ଦେଇ ଗାଡ଼ି ଚଲାଇନଥିଲେ। ଏଥିରେ ବସ୍ ଡ୍ରାଇଭର, ଟ୍ରକ୍ ଡ୍ରାଇଭର ଏବଂ ଅଟୋ ଚାଳକମାନେ ସାମିଲ୍ ହୋଇଥିଲେ। ଏହି ଡାକରା ଯୋଗୁ କଟକ ଉପରେ ଏହାର ପ୍ରଭାବ ପରିଲକ୍ଷିତ ହୋଇଥିଲା।



ପ୍ରତିଦିନ କଟକ ସିଏନ୍‌ବିଟିରୁ ରାଜ୍ୟର ବିଭିନ୍ନ ଜିଲ୍ଲା ସହ ରାଜ୍ୟ ବାହାରକୁ ବସ୍ ଯାତାୟତ କରିଥାଏ। ଆଜି ସକାଳ ୯ଟା ଭିତରେ କଟକ ବାହାରକୁ ଯାଇଥିବା ବସ୍‌ଗୁଡ଼ିକ ସିଏନ୍‌ବିଟିକୁ ଚାଲି ଆସିଥିଲା। ଆଉ କିଛି ବସ୍ କଟକ ଆଖପାଖ ଅଞ୍ଚଳକୁ ଯାଇଥିଲା । କିନ୍ତୁ ୯ଟା ପରେ ଆଉ କୌଣସି ବସ୍ ଯାତାୟତ କରିନଥିଲା । କେବଳ ସରକାରୀ ବସ୍ ଗଡ଼ିଥିଲା। ଘରୋଇ ବସ୍ ଥିବାରୁ ଆଜି ସବୁ ସରକାରୀ ବସ୍‌ରେ ପ୍ରବଳ ଭିଡ଼ ଦେଖାଯାଇଥିଲା।

ଅପରପକ୍ଷରେ ଡ୍ରାଇଭରମାନେ ଗୋପାଳପୁର ଏବଂ ଜଗତପୁର ନିକଟରେ ଆନ୍ଦୋଳନରେ ବସିଥିଲେ। ଏହି ଆନ୍ଦୋଳନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ରହିଥିଲା। ଏହି ବାଟ ଦେଇ ଯାଉଥିବା ଗାଡ଼ିର ଡ୍ରାଇଭରମାନଙ୍କୁ ଆନ୍ଦୋଳନରେ ବସିଥିବା ଡ୍ରାଇଭରମାନେ ବୁଝାସୁଝା କରି ପରେ ଛାଡ଼ି ଦେଇଥିଲେ।

# ଜନ୍ମ ଦିନରେ ଯୁବକଙ୍କ ମୃତ୍ୟୁ

ନିମାପଡା,(ସବ୍ୟୁ): ସାଙ୍ଗ ସାଥିଙ୍କ ସହିତ ହସଖୁସିରେ ଜନ୍ମ ଦିନ ପାଳନର କିଛି ସମୟରେ ମଧ୍ୟରେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ଏଭଳି ଘଟଣା ଘଟିଛି ନିମାପଡା ଠାରେ ଥିବା ରବିନ୍ଦ୍ର କଲ୍ୟାଣ ମଣ୍ଡପ ନିକଟରେ। ମୃତ ଯୁବକ ଜଣକ ହେଲେ ସ୍ଥାନୀୟ ଓମ୍‌ଫେଡ ଛକର ପୁରୀ ପୁଲିସ ହେଡ କ୍ୱାର୍ଟରର ଇନସିପେକଟର ବିଚିତ୍ରା ନନ୍ଦ ପରିଡାଙ୍କ ମଝିଆ ପୁଅ ସୌମ୍ୟ ରଂଜନ ପରିଡା(୩୧)। ସୂଚନାରୁ ପ୍ରକାଶ ଯେ, ଗତ ସୋମବାର ଦିନ ସୌମ୍ୟ ରଂଜନଙ୍କ ଜନ୍ମ ଦିବସ ଥିଲା। ସୌମ୍ୟ ରଂଜନ ପରିବାର ଓ ସାଙ୍ଗସାଥିଙ୍କ ସହିତ ହସଖୁସିରେ ନିଜ ଜନ୍ମଦିନ ପାଳନ କରିଥିଲେ। ରାତ୍ରରେ ସ୍କୁଟିରେ ସୌମ୍ୟ ରଂଜନ ଓମ୍‌ଫେଡ ଛକ ନିଜ ଘରକୁ ଫେରୁଥିବା ବେଳେ ଘର ଠାରୁ ମାତ୍ର ୨ଶହ ମିଟର ବ୍ୟବଧାନ ରବିନ୍ଦ୍ର କଲ୍ୟାଣ ମଣ୍ଡପ ନିକଟରେ ଏକ ଅଜଣା ଗାଡି ତାଙ୍କ ପଛପଟୁ ଧକ୍କା ଦେବାରୁ ସେ ସ୍କୁଟିରୁ ଛିଟିକି ରାସ୍ତା କଡରେ ଥିବା ଏକ ଲୁହା ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଯାଇଥିଲେ। ସୌମ୍ୟରଂଜନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପୁଲିସ ଶବକୁ ଜବତ କରି ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇଛି। ମୃତ ସୌମ୍ୟ ରଂଜନଙ୍କ ବଡ ଭାଇ ରଶ୍ମି ରଂଜନଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସକାର କରାଯାଇଛି। କିଛି ବର୍ଷ ହେବ ସୌମ୍ୟରଂଜନ ଓମ୍‌ଫେଡ ଛକରେ ଥିବା ନିଜ ଘରେ ଏକ ମୋବାଇଲ ଦୋକାନ କରିଥିଲେ। ତାଙ୍କର ଏହି ଅକାଳ ମୃତ୍ୟୁକୁ ନଇ ସମଗ୍ର ଅଂଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି।

# ରାହୁଲ ଗାନ୍ଧୀଙ୍କ ଭୁବନେଶ୍ୱର ଗସ୍ତ ପରିଚାଳନା ନେଇ ପିସିସି ପକ୍ଷରୁ କମିଟି

ଭୁବନେଶ୍ୱର,(ସବ୍ୟୁ): ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ଲୋକସଭାର ବିରୋଧି ଦଳର ନେତା ରାହୁଲ ଗାନ୍ଧୀ ଏବଂ ଏଆଇସିସି ସାଧାରଣ ସମ୍ପାଦକ (ସଂଗଠନ) କେସି ଭେନୁ ଗୋପାଳଙ୍କ ଗସ୍ତ ସମୟରେ ସମ୍ବିଧାନ ବଞ୍ଚାଅ ସମାବେଶ ଏବଂ ଦଳର ଅନ୍ୟାନ୍ୟ ସାଂଗଠନିକ କାର୍ଯ୍ୟକ୍ରମକୁ ସୁପରିଚାଳନା ନିମନ୍ତେ ପିସିସି ସଭାପତି ଭକ୍ତ ଚରଣ ଦାସ ବିଭିନ୍ନ କମିଟି ଗଠନ କରି ସେମାନଙ୍କ ନାମ ତାଲିକା ଘୋଷଣା କରିଛନ୍ତି । ପ୍ରୋଗାମ ଅର୍ଗାନାଇଜେସନ କମିଟିରେ ମାନସ ଚୌଧୁରୀ ସଂଯୋଜକ ରହିଥିବା ବେଳେ ବିଧାୟକ ସାଗର ଚରଣ ଦାସ, ମହମ୍ମଦ ଇମଦାଦ,ମନୋଜ ଜେନା, ରଞ୍ଜିତ ପାତ୍ର, ରାଜୀବ ପଟ୍ଟନାୟକ, ଅଭିଳାଷ ମାଣିଆ, ଅମରେଶ ପରିଡ଼ା ସଭ୍ୟ ଭାବରେ ରହିଛନ୍ତି ।

ପ୍ରଚାର ପ୍ରସାର କମିଟିରେ ନବଜ୍ୟୋତି ପଟ୍ଟନାୟକ ସଂଯୋଜକ ରହିଥିବା ବେଳେ ଜାନକୀ ବଲ୍ଲଭ ପଟ୍ଟନାୟକ, ଶାନ୍ତାୟନ ମିଶ୍ର, ମନୋଜ ବିଶ୍ୱାଳ, ମିଳନ ପଟ୍ଟନାୟକ, ଉଦିତ ପ୍ରଧାନ ପ୍ରମୁଖ ସଭ୍ୟ ରହିଛନ୍ତି । ସାଙ୍ଗଠନିକ କମିଟି ମିଟିଂ କମିଟିରେ ଶୁଭେନ୍ଦୁ ମହାନ୍ତି ସଂଯୋଜକ ରହିଥିବା ବେଳେୟାସିର ନଓ୍ୱାଜ, ପ୍ରକାଶ ମିଶ୍ର, ପ୍ରଦୀପ କୁମାର ମହାପାତ୍ର, ଲଲାଟେନ୍ଦୁ ଶତପଥି, ସଂଜୟ ତ୍ରିପାଠୀ ପ୍ରମୁଖ ସଭ୍ୟ ଭାବରେ ରହିଛନ୍ତି ବୋଲି ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

## ନାବାଳିକାକୁ ବଳାତ୍କାର ମାମଲା

# ଆସାମୀକୁ ୨୦ବର୍ଷ ଜେଲ୍, ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ

କଟକ,(ସବ୍ୟୁ) : ମଧୁପାଟଣା ଥାନା ଅନ୍ତର୍ଗତ ଭରତପୁର ଅଞ୍ଚଳର ଜଣେ ୧୫ବର୍ଷୀୟ ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଆସାମୀ ବିକାଶ ମହାନ୍ତିକୁ ୨୦ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଆସାମୀ ଉପରେ ୫୦ ହଜାର ଟଙ୍କାର ଜରିମାନା କରାଯାଇଛି। ଜରିମାନା ଅନାଦାୟ ଆସାମୀ ଅଧିକ ୬ମାସ ଜେଲ୍‌ଦଣ୍ଡ ଭୋଗିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି। ଅପରପକ୍ଷରେ ପୀଡ଼ିତାଙ୍କୁ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣ ୬ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ଜଣାଯାଇଛି ଯେ, ୨୦୨୪ ଜାନୁଆରୀ ପହିଲା ଦିନ ନାବାଳିକା ଯୁବତୀଙ୍କ ପିତାମାତା କେହି ଘରେ ନଥିଲେ । ଏହାର ସୁଯୋଗ ନେଇ ଅଭିଯୁକ୍ତ ବିକାଶ ନାବାଳିକା ଯୁବତୀଙ୍କୁ ଅପହରଣ କରି ନେଇ ଖୁଣ୍ଟୁଣୀ ଅଞ୍ଚଳରେ ରଖିଥିଲା । ପିତାମାତା ଘରକୁ ଫେରିବା ପରେ ଝିଅକୁ ନପାଇ ମଧୁପାଟଣା ଥାନାରେ ଏତଲା ଦେଇଥିଲେ। ଏହି ଏତଲା ଆଧାରରେ ପୁଲିସ୍ ପୀଡ଼ିତାଙ୍କୁ ଖୁଣ୍ଟୁଣୀ ଥାନା ଅଞ୍ଚଳରୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରିଥିଲା। ଅଭିଯୁକ୍ତ ଜଣକ ବିବାହିତ । ଏହି ମାମଲାର ଶୁଣାଣି କଟକ ସ୍ୱତନ୍ତ୍ର ଅଦାଲତରେ ହୋଇଥିଲା। ସ୍ୱତନ୍ତ୍ର ଅଦାଲତର ବିଚାରପତି ହିମାଂଶୁ ଶେଖର ସିଂ ୧୨ଜଣ ସାକ୍ଷୀ ଏବଂ ୧୯ଟି ଡକ୍ୟୁମେଣ୍ଟ ଆଧାରରେ ଅଭିଯୁକ୍ତ ବିକାଶକୁ ଏହି ବଳାତ୍କାର ଘଟଣାରେ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡିତ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଦୁର୍ଘଟଣାରେ ମୃତ କନଷ୍ଟେବଲଙ୍କ ପତ୍ନୀକୁ ୧.୧୦କୋଟି ଟଙ୍କା ଅନୁକମ୍ପା ରାଶି ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ) : ଏପ୍ରିଲ୍ ୨୨ ତାରିଖରେ କଟକ ସିଆର୍‌ଆର୍‌ଆଇ ଥାନା ଅଧୀନସ୍ଥ ଗତିରାଉତ ପାଟଣା ନିକଟରେ ଏକ ଦ୍ରୁତଗାମୀ ବାଲି ବୋଝେଇ ଟ୍ରକ୍ ସହ ପିସିଆର୍ ଭ୍ୟାନ୍ ଧକ୍କାରେ ମୃତ୍ୟୁ ହୋଇଥିବା କଟକ ସହରାଞ୍ଚଳ ପୋଲିସ ଜିଲ୍ଲାର ଓଏପିଏଫ୍ କନଷ୍ଟେବଲ ଲୋକନାଥ ଶବରଙ୍କ ପନି ଦେବୀ ଶବର ଓ ତାଙ୍କ ପରିବାରକୁ ମଙ୍ଗଳବାର ଦିନ ପୋଲିସ ସେବା ଭବନ ଠାରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ବ୍ୟାଙ୍କ ଅଫ୍ ବରୋଦା ଦ୍ୱାରା ପୋଲିସ ସାଲାରୀ ପ୍ୟାକେଜ୍ ଅନ୍ତର୍ଭୁକ୍ତ ଅନୁକମ୍ପାମୂଳକ ସହାୟତା ରାଶି ୧.୧୦କୋଟି ଟଙ୍କା ଦିଆଯାଇଛି । ବ୍ୟାଙ୍କର ବରିଷ୍ଠ ରାଜ୍ୟ ପଦାଧିକାରୀ ସ୍ୱପ୍ନା ବନ୍ଦୋପାଧ୍ୟାୟ, ଜିଏମ୍ ଓ ଜୋନ୍ ମୁଖ୍ୟ ଭିଏମ୍‌ଏନ୍‌ଏସ୍ ସାଇବାବୁ, ଡିଜିଏମ୍ ଏସ୍‌ପି ନାୟକ , ଡିଜିଏମ୍



ଏସ୍‌ଆର୍ ମହାପାତ୍ର, ଡିଜିଏମ୍ ଓ ଆଞ୍ଚଳିକ ମୁଖ୍ୟ ଭୁବନେଶ୍ୱରର ପ୍ରଦୀପ କୁମାର ବେହେରା, ଏଜିଏମ୍ ଓ ଆଞ୍ଚଳିକ ମୁଖ୍ୟ କଟକ ସୁକେଶ କୁମାର, ଶାଖା ପ୍ରମୁଖ ଉପସ୍ଥିତିରେ ଚେକ୍ ଆକାରରେ ଏହି ଅନୁକମ୍ପା ରାଶି ମୃତକ କନଷ୍ଟେବଲଙ୍କ ପନୀଙ୍କୁ ଦିଆଯାଇଛି । ଏହି ଅବସରରେ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, କଟକ ଡିସିପି ରିଷିକେଶ ଖିଲାରୀ, ପୋଲିସ କମିଶନରେଟ୍ ମୁଖ୍ୟାଳୟର ବରିଷ୍ଠ ଅଧିକାରୀମାନେ ଓ ବ୍ୟାଙ୍କ ଅଫ୍ ବରୋଦାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଅନୁକମ୍ପା ରାଶି ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

୨୦୨୪ ମସିହା ଅଗଷ୍ଟ ୨୭ ତାରିଖ ଦିନ କମିଶନରେଟ୍ ପୋଲିସ ଦ୍ୱାରା ବ୍ୟାଙ୍କ ଅଫ୍ ବରୋଦା ସହ କମିଶନରେଟ୍ ପୋଲିସ କର୍ମଚାରୀମାନଙ୍କ ପାଇଁ କରାଯାଇଥିବା ଏମ୍‌ଓୟୁ ଅନୁସାରେ କାମ ସମୟରେ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା କନଷ୍ଟେବଲଙ୍କୁ ପ୍ରଥମଥର ପାଇଁ ୧କୋଟି ଟଙ୍କା କ୍ଷତିପୂରଣ ସହ ଜୀବନ ବୀମା ରାଶି ୧୦ଲକ୍ଷ ଟଙ୍କା ମୃତକଙ୍କ ପରିବାରକୁ ଦିଆଯାଇଛି । ପୋଲିସ କମିଶନର ଦେବୀ ଶବରଙ୍କୁ ପ୍ରବର୍ଦ୍ଧନା ଦେବା ସହ ଭବିଷ୍ୟତରେ କମିଶନରେଟ୍ ପୋଲିସ ତଥା ବ୍ୟାଙ୍କ ଅଫ୍ ବରୋଦା ତରଫରୁ ଅନ୍ୟାନ୍ୟ ଆନୁଷଙ୍ଗିକ ସହଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ପିଜି ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କଣ୍ଟାପଡ଼ା, (ସବ୍ୟୁ): କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଦେବୀବିହାର କଲେଜର ଜନୈକା ପିଜି ଛାତ୍ରୀ ସୁଶୋଭିତା ସାହୁଙ୍କ ମୃତ ଦେହ ଝୁଲନ୍ତା ଅବସ୍ଥାରେ ପୁଲିସ ଉଦ୍ଧାର କରିଛି । ଛାତ୍ରୀଙ୍କ ଗୋଡ଼ ଦୁଇଟି ଘରର ଚଟାଣକୁ ଲାଗି ରହିଥିବାରୁ ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଷଡ଼ଯନ୍ତ୍ର କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଏତଲା ପାଇ ଗୋବିନ୍ଦପୁର ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ଘଟଣାରୁ ପ୍ରକାଶ ଯେ, କେନ୍ଦୁଝର ଜିଲା ଘଷିପୁରା ଅଞ୍ଚଳର ସୁଶୋଭିତା ଗୋବିନ୍ଦପୁର ଦେବୀବିହାରି କଲେଜର ଜୁଲୋଜି ବିଭାଗରେ ପିଜି କରୁଥିଲେ ।

# ସମ୍ବିଧାନ ବଞ୍ଚାଅ ସମାବେଶ ନେଇ କିଷାନ କଂଗ୍ରେସର ପ୍ରସ୍ତୁତି

ଭୁବନେଶ୍ୱର,(ସବ୍ୟୁ) ସମଗ୍ର ରାଜ୍ୟରେ ଚାଷୀ ତା'ର ହକ୍ ପାଉନାହିଁ । ସେମାନଙ୍କର ନ୍ୟାର୍ଯ୍ୟ ଦାବି ପୂରଣ ନିମନ୍ତେ ଆନ୍ଦୋଳନ ହିଁ ଏକମାତ୍ର ବିକଳ୍ପ । ଏହି ପରିପ୍ରେକ୍ଷୀରେ ମହିଳାଙ୍କୁ ନ୍ୟାୟ, ଚାଷୀନ୍ୟାୟ, ସମ୍ବିଧାନ ବଂଚାଅ ଓ ବିଭିନ୍ନ ପ୍ରସଙ୍ଗକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ଜୁଲାଇ ୧୧ ତାରିଖ ଦିନ ପିସିସି ପକ୍ଷରୁ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡ଼ିଆଠାରେ ସମ୍ବିଧାନ ବଞ୍ଚାଅ ସମାବେଶ ଅନୁଷ୍ଠିତ ହେବ । ଏହି ସମାବେଶରେ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖାର୍ଗେ, ଲୋକସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ, ଓଡ଼ିଶା ପ୍ରଭାରୀ ଅଜୟ ଲଲ୍ଲୁ ପ୍ରମୁଖ ଯୋଗଦେବେ । ଏହି ସମାବେଶକୁ ସଫଳ କରିବା ପାଇଁ ଓଡ଼ିଶାର କଂଗ୍ରେସ ପ୍ରେମୀ ସମସ୍ତ ଚାଷୀ ଭାଇ ଭଉଣୀ, କୃଷି ଶ୍ରମିକ ବିପୁଳ ସଂଖ୍ୟାରେ ଯୋଗଦେବାକୁ ଅଖିଳ ଭାରତ କଂଗ୍ରେସ କମିଟି କିଷାନ କଂଗ୍ରେସ ଜାତୀୟ ସଂଯୋଜକ ତଥା ପିସିସି କିଷାନ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ସହିତ ଚାଷୀନେତା ପି. ଦେବେନ୍ଦ୍ର କୁମାର ରାଓ, ସନରାଜ ଗଣ୍ଡ, ସାନନ୍ଦ ମିଶ୍ର, ଉମେଶ ସାହୁ, ଗୁଣ ନିଧି ସାହୁ, ମନବୋଧ ପଟେଲ, ଅରବିନ୍ଦ ସାମଲ ପ୍ରମୁଖ ବିଭିନ୍ନ ଜିଲ୍ଲାର ଚାଷୀନେତାମାନେ ସେମାନଙ୍କ ଅଞ୍ଚଳରେ ପ୍ରସ୍ତୁତି ହେବା ସହିତ ସମାବେଶକୁ ସଫଳ କରିବା ପାଇଁ ଅନୁରୋଧ କରିଛନ୍ତି ।

## ଓଡ଼ିଶା ସୂଚନା ଆୟୋଗ ପକ୍ଷରୁ

# ଆଇନ୍ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ସୁବିଧା ପ୍ରଦାନ




ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ସୂଚନା ଆୟୋଗ ବିଭିନ୍ନ ଦଳରେ ଆଇନ୍ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ସୁବିଧା ପ୍ରଦାନ କରୁଛି। ବିଭିନ୍ନ ଆଇନ୍ ମହାବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଆୟୋଗର ଶୁଣାଣୀରେ ଯୋଗ ଦିଅନ୍ତି ଏବଂ ସୂଚନା ଅଧିକାର ଅଧିନିୟମ୍ ଅଧିନରେ ମାମଲା ଗୁଡ଼ିକ ଫଏସଲା କରିବା ପାଇଁ ଗ୍ରହଣ କରାଯାଉଥିବା ପ୍ରକ୍ରିୟା ଗୁଡ଼ିକ ବିଷୟରେ ଶିକ୍ଷା ଗ୍ରହଣ କରନ୍ତି । ସଂପ୍ରତି ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ବିଶ୍ୱବିଦ୍ୟାଳୟ ଆଇନ୍ ମହାବିଦ୍ୟାଳୟ (ଉତ୍କଳ ବିଶ୍ୱବିଦ୍ୟାଳୟ), ଭୁବନେଶ୍ୱର, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ମଧୁସୁଦନ ଆଇନ ବିଶ୍ୱବିଦ୍ୟାଳୟ କଟକରୁ ୩୯ଜଣ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଛନ୍ତି ଏବଂ ଆୟୋଗଙ୍କ ଠାରୁ ପ୍ରମାଣପତ୍ର ଗୁଡ଼ିକ ପ୍ରାପ୍ତ କରିଛନ୍ତି।

ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ମନୋଜ ପରିଡା ବ୍ୟକ୍ତ କରିଛନ୍ତି ଯେ, ଏହି ପ୍ରଶିକ୍ଷଣ ସୁବିଧା ସୂଚନା ଅଧିକାରୀ ଅଧିନିୟମର ବିଭିନ୍ନ ବ୍ୟବସ୍ଥା ଗୁଡ଼ିକ ବୁଝିବା ପାଇଁ ସାହାର୍ଯ୍ୟ କରେ ଏବଂ ଅଦାଲତ ପ୍ରକୋଷ୍ଠରେ ଏହାର କାର୍ଯ୍ୟକାରିତା ଅନୁଧ୍ୟାନ କରେ । ଏହି ଛାତ୍ରଛାତ୍ରୀମାନେ ସୂଚନା ଅଧିକାର ଅଧିନିୟମ ଅଧିନରେ ବିଭିନ୍ନ ଅଧିକାରୀଙ୍କ ଠାରୁ ସୂଚନାପ୍ରାପ୍ତ କରିବା ପାଇଁ ନାଗରିକମାନଙ୍କ ଅଧିକାର ସମ୍ବନ୍ଧରେ ସଚେତନତା ପ୍ରସାର କରିବାରେ ମଧ ସାହାର୍ଯ୍ୟ କରିବେ।

## ଛାତ ଉପରେ ଉଦ୍ୟାନ, ସହରାଞ୍ଚଳ ଉଦ୍ୟାନ କୃଷିକୁ ପ୍ରୋତ୍ସାହନ

# ଅଭିଯାନ ରଥର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ଆଜିର ସମୟରେ ରାଜ୍ୟର ସହରଗୁଡ଼ିକରେ ସବୁଜ ସ୍ଥାନ ହ୍ରାସ, କଂକ୍ରିଟ୍ କୋଠା ନିର୍ମାଣ, ରାଜ୍ୟବ୍ୟାପୀ ସହରାଞ୍ଚଳ ବୃଦ୍ଧି ପାଉଛି । ସରକାର ପାର୍କ ଏବଂ ବୃକ୍ଷରୋପଣକୁ ପ୍ରୋତ୍ସାହିତ କରି ସହରଗୁଡ଼ିକରେ ସବୁଜୀକରଣ ବୃଦ୍ଧି ପାଇଁ ସମସ୍ତ ପ୍ରୟାସ କରୁଛନ୍ତି । ସ୍ଥାୟୀ ସହରାଞ୍ଚଳ ଜୀବନଯାପନ ଏବଂ ଖାଦ୍ୟ ସୁରକ୍ଷା ସହିତ ସମନ୍ୱୟ ରଖି ଘର ଛାତ ଉପରେ ଉଦ୍ୟାନ ଓ ସହରାଞ୍ଚଳ ଉଦ୍ୟାନର ଗୁରୁତ୍ୱ ଦିଆଯାଇଛି । ଏହି ଅଭିନବ ପ୍ରୟାସ ମାଧ୍ୟମରେ ଓଡ଼ିଶାର ୫ଟି ପ୍ରମୁଖ ସହର ଯଥା କଟକ, ଭୁବନେଶ୍ୱର, ସମ୍ବଲପୁର, ବ୍ରହ୍ମପୁର ଓ ଜୟପୁର ସହରକୁ ସାମିଲ କରାଯାଇଛି । ଆବାସିକ ଓ ଅନୁଷ୍ଠାନିକ କୋଠାରେ ସହରବାସୀଙ୍କୁ ଶିକ୍ଷା ଏବଂ ତାଲିମ ଦେଇ ଛାତ ଉପରେ ଓ ଘରେ ଉଦ୍ୟାନ ମାଧ୍ୟମରେ ସବୁଜିମାକୁ ବୃଦ୍ଧି କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ



ବର୍ଦ୍ଧନ ସିଂହଦେ କହିଛନ୍ତି ।

ମଙ୍ଗଳବାର କୃଷି ଭବନଠାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଛାତ ଉପରେ ଉଦ୍ୟାନ ଓ ସହରାଞ୍ଚଳ ଉଦ୍ୟାନକୃଷି ରଥର ଶୁଭାରମ୍ଭ କରିଛନ୍ତି । ସେ କହିଛନ୍ତି ଯେ ଏହି ସଚେତନତା ରଥର ଉଦ୍ଦେଶ୍ୟ ହେଉଛି କୌଶଳ ଓ ଲାଭ ବିଷୟରେ ନାଗରିକମାନଙ୍କୁ ସଚେତନ କରିବା । ସହରାଞ୍ଚଳବାସୀଙ୍କ ମଧ୍ୟରେ ସ୍ଥାୟୀ ସୁସ୍ଥ ସହରୀ ଜୀବନଯାପନ ପାଇଁ ସଚେତନତା ସୃଷ୍ଟି କରିବା ସହିତ ସହରୀ ଉତ୍ତାପ ପ୍ରଭାବକୁ ହ୍ରାସ କରି ଓଡ଼ିଶାର ପ୍ରମୁଖ ସହରଗୁଡ଼ିକରେ ଅନୁକୂଳ ପରିବେଶ ସୃଷ୍ଟି କରିବା । ଏଥିପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓଡ଼ିଶାର କିଛି ମନୋନୀତ ସହରଗୁଡ଼ିକରେ ସୌନ୍ଦର୍ଯ୍ୟ, ପୁଷ୍ଟି ଓ ସୁସ୍ଥ ପରିବେଶ ପାଇଁ ଛାତ ଉପରେ ଉଦ୍ୟାନ ଏବଂ ସହରୀ ଉଦ୍ୟାନ କୃଷି ନିମନ୍ତେ ଅଭିନବ ପ୍ରଯୁକ୍ତିବିଦ୍ୟା ଉପରେ ଆଧାରିତ ଏକ ପ୍ରକଳ୍ପକୁ ପ୍ରୋତ୍ସାହନ ଯୋଗାଉଛି

## ପ୍ରଥମ ପର୍ଯ୍ୟାୟରେ ସାମିଲ ହେଲା ୫ ସହର

। ଯାହା କେନ୍ଦ୍ରୀୟ ଭୁବନେଶ୍ୱର ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ର ଦ୍ୱାରା କାର୍ଯ୍ୟକାରୀ କରାଯିବ । ଏହି ଅଭିଯାନ ଅଧୀନରେ ସଚେତନତା ରଥ ଏକ ମାସରୁ ଅଧିକ ସମୟ ଧରି ଭୁବନେଶ୍ୱର ଓ କଟକର ବିଭିନ୍ନ ସହରାଞ୍ଚଳର ଆବାସିକ, ଶିକ୍ଷାନୁଷ୍ଠାନ, ବାସିନ୍ଦା କଲ୍ୟାଣ ସଂଘ, ଅନ୍ୟାନ୍ୟ ସହର-ଭିତ୍ତିକ ସଂଗଠନ ଏବଂ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ । ଏହି ରଥରେ ଓଡ଼ିଆ ଓ ଇଂରାଜୀ ଭାଷାରେ ଅଡିଓ-ଭିଜୁଆଲ୍ ଶିକ୍ଷା ସାମଗ୍ରୀ, ଅଭିନବ ବୈଷୟିକ ପ୍ରଦର୍ଶନ, ବୈଷୟିକ ପୁସ୍ତିକା ଏବଂ ସହରାଞ୍ଚଳ ନାଗରିକମାନଙ୍କ ସହ ଆଲୋଚନା ଓ ବିଶେଷଜ୍ଞଙ୍କ ପରାମର୍ଶ ପାଇଁ ବ୍ୟବସ୍ଥା ରହିଛି । ଏହି ଅବସରରେ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଅତିରିକ୍ତ ଶାସନ ସଚିବ ଶୁଭ୍ରାଂଶୁ ମିଶ୍ର ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ମିରଟରେ ଆଇଆଇଟି ରୋପାର୍ ଦ୍ୱାରା ପରିଚାଳିତ "ଏଗ୍ରିଟେକ୍ ଇନୋଭେସନ ହବ୍" ଲୋକାର୍ପିତ

# ଭାରତର କୃଷି ଅର୍ଥନୀତିକୁ ନୂତନ ଦିଗ ଓ ଗତି ପ୍ରଦାନ କରିବ : ଧର୍ମେନ୍ଦ୍ର



ଭୁବନେଶ୍ୱର (ସବ୍ୟୁ): ବିଶ୍ୱ ଖାଦ୍ୟ ସଙ୍କଟ ଏବଂ ଜଳବାୟୁ ପରିବର୍ତ୍ତନର ଚ୍ୟାଲେଞ୍ଜ ମଧ୍ୟରେ ରାସାୟନିକ ମୁକ୍ତ, ଜୈବିକ କୃଷି ଆପଣାଇବା ଏବଂ ପ୍ରଯୁକ୍ତିବିଦ୍ୟାକୁ ଖେତରୁ ବଜାର ପର୍ଯ୍ୟନ୍ତ ପହଞ୍ଚାଇବା ଆଜିର ସମୟର ଆବଶ୍ୟକତା । ମିରଟରେ ଆଇଆଇଟି ରୋପାର୍ ଦ୍ୱାରା ପରିଚାଳିତ ଏଗ୍ରିଟେକ୍ ଇନୋଭେସନ୍ ହବ୍ ନିଶ୍ଚିତ ଭାବରେ ଭାରତର କୃଷି ଅର୍ଥନୀତିକୁ ନୂତନ ଦିଗ ଏବଂ ଗତି ପ୍ରଦାନ କରିବ ବୋଲି ମଙ୍ଗଳବାର ଏହାକୁ ଲୋକାର୍ପଣ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଆଜି ମିରଟର ସର୍ଦ୍ଦାର ବଲ୍ଲଭଭାଇ ପଟେଲ କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟରେ ଆଇଆଇଟି ରୋପାର୍ ଦ୍ୱାରା ପରିଚାଳିତ ଏଗ୍ରିଟେକ୍ ଇନୋଭେସନ ହବର ଉଦଘାଟନ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ବିକଶିତ ଗ୍ରାମ ଏବଂ ଚାଷୀଙ୍କ ସମୃଦ୍ଧି ବିନା ବିକଶିତ ଭାରତର କଳ୍ପନା କରିହେବ ନାହିଁ । ଆଜିର କାର୍ଯ୍ୟକ୍ରମ ସେହି ଦିଗରେ ଏକ ଐତିହାସିକ ପଦକ୍ଷେପ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସାରା ଦେଶରେ ପ୍ରଯୁକ୍ତିବିଦ୍ୟା ଆଧାରିତ କୃଷି ଉଦ୍ଭାବନକୁ ପ୍ରୋତ୍ସାହିତ କରାଯାଉଛି । ଏହି କ୍ରମରେ ଗତ କେନ୍ଦ୍ର ବଜେଟରେ 'ସେଣ୍ଟର ଫର ଏକ୍ସଲେନ୍ସ' ଘୋଷଣା କରାଯାଇଥିଲା । ଏଆଇ, ମେସିନ୍ ଲର୍ଣ୍ଣିଂ ଏବଂ ଡାଟା ଆନାଲିଟିକ୍ସ ଭଳି ଅତ୍ୟାଧୁନିକ ଟେକ୍ନୋଲୋଜିର ଲାଭ ଭାରତର ଚାଷଜମି ପର୍ଯ୍ୟନ୍ତ ପହଞ୍ଚାଇବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଥିଲା । ସେହି ଆଧାରରେ ଆଇଆଇଟି ରୋପାରକୁ "କୃଷିରେ ଏଆଇ" ଉପରେ କାମ କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା, ଆଜି ଲୋକାର୍ପିତ ଏଗ୍ରିଟେକ୍ ଇନୋଭେସନ୍ ହବ୍ ତାହାର ପ୍ରତିଫଳନ ବୋଲି ସେ କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଭାରତର ଚାଷ ଅର୍ଥନୀତିର ମେରୁଦଣ୍ଡ । ଆମର ସେବା କ୍ଷେତ୍ର ହୁଏତ ବିଶ୍ୱ ମାନଦଣ୍ଡ ଛୁଇଁଛି, କିନ୍ତୁ ଭାରତର ସମୃଦ୍ଧିର ମୂଳ ଭିତ୍ତିଭୂମି ହେଉଛି ଏହାର କୃଷି ଭୂମି । ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ଉତ୍ତର ପ୍ରଦେଶରେ କୃଷକମାନଙ୍କ ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ କଳ୍ପନାକୁ ବାସ୍ତବରେ ପରିଣତ କରାଯାଉଛି । ଗଙ୍ଗା, ସରସ୍ୱତୀ ଏବଂ ତ୍ରିବେଣୀର ଜଳସ୍ରୋତ ଗୁଞ୍ଜରିତ ହେଉଥିବା ଗୌତମ ବୁଦ୍ଧ ନଗରରୁ ବାଲିଆ ପର୍ଯ୍ୟନ୍ତ ସ୍ଥାନ ବର୍ତ୍ତମାନ ପ୍ରଯୁକ୍ତିବିଦ୍ୟା ଏବଂ ଉଦ୍ଭାବନର ସଙ୍ଗମ ସହିତ ନୂଆ ପରିଚୟ ତିଆରି କରୁଛି । କୃଷକମାନଙ୍କ ପାଇଁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ଚୌଧୁରୀ ଚରଣ ସିଂହଙ୍କ ଅବଦାନକୁ ମନେ ପକାଇ ସେ କହିଛନ୍ତି ଏହି ଦୁଇ ମହାପୁରୁଷଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ସେତେବେଳେ ହେବ ଯେତେବେଳେ ଆମେ କୃଷକମାନଙ୍କର ଆୟ ଦ୍ୱିଗୁଣିତ କରି ସେମାନଙ୍କୁ ଆତ୍ମନିର୍ଭରଶୀଳ ଏବଂ ସମୃଦ୍ଧ କରିବା। ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ , ଉତ୍ତର ପ୍ରଦେଶ ସରକାରଙ୍କ କୃଷି ମନ୍ତ୍ରୀ, ଅନେକ ବିଶିଷ୍ଟ ଜନପ୍ରତିନିଧି ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ବିଜନୌରସ୍ଥିତ ଉତ୍ତର ପ୍ରଦେଶର ବିଜେପି ସାଧାରଣ ସମ୍ପାଦକ(ସଂଗଠନ) ଧର୍ମପାଲ ସିଂହଙ୍କ ବାସଭବନରେ ପହଞ୍ଚି ତାଙ୍କ ମାତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ ।

### ଏକକାଳୀନ ଦୁଇବର୍ଷର ବାର୍ଷିକ ସ୍ୱୀକୃତି ରାଶି

# ପୈଠ ନିମନ୍ତେ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକୁ ଓଷ୍ଟାର ବିରୋଧ

କଟକ, (ସବ୍ୟୁ):ଏକକାଳୀନ ଦୁଇବର୍ଷର ରିନୁଆଲ୍ ରିକଗ୍ନିସନ୍ ଫି ପୈଠ କରିବା ପାଇଁ ଅନୁଦାନ ଓ ଅଣଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକୁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ଼) ନିର୍ଦ୍ଦେଶନାମା ଜାରି କରିଛନ୍ତି । ଉକ୍ତ ରାଶିକୁ ସୀମିତ କରିବା ପାଇଁ ତୁରନ୍ତ ନିର୍ଦ୍ଦେଶନାମା ପ୍ରକାଶ କରାଯାଉ ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି । ଗତ ମାସରେ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ତରଫରୁ ବିଜ୍ଞାପନ ଜରିଆରେ ଅନୁଦାନ ପ୍ରାପ୍ତ ଓ ଅଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟମାନଙ୍କୁ ୨୦୨୪-୨୫ ଓ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ବିଦ୍ୟାଳୟମାନଙ୍କ ସ୍ୱୀକୃତି ନବୀକରଣ ନିମିତ୍ତ ବର୍ଷ ପ୍ରତି ଚାରି ହଜାର(୪୦୦୦/-) ଟଙ୍କା ଧାର୍ଯ୍ୟ କରାଯାଇଛି । ଚାରି ହଜାର କରି ଦୁଇ ବର୍ଷ ନିମିତ୍ତ ମୋଟ୍ ଆଠ ହଜାର(୮୦୦୦/-) ଟଙ୍କା ଜମା ସହିତ ସମସ୍ତ କାଗଜ ପତ୍ର, କମ୍ପ୍ୟୁଟର ଜରିଆରେ ପେଷ୍ଟ କରି ନବୀକରଣ ଫର୍ମ ବାହାର କରିବା ପାଇଁ ନିର୍ଦ୍ଦେଶ ରହିଛି । ଗତ କୋଭିଡ଼-୧୯ ମହାମାରୀ ପରେ ବୋର୍ଡ଼ର ଠିକ୍ ଏହିପରି ଦୁଇ ବର୍ଷର ଜମା ପାଇଁ ଗୋଟିଏ ବିଜ୍ଞାପନ ବାହାରି ଥିଲା । ଓଷ୍ଟାର ପ୍ରତିବାଦ ଫଳରେ ବୋର୍ଡ଼ ଏହାକୁ ୧ ବର୍ଷ ପାଇଁ ବଳବତ୍ତର ରଖିଥିଲେ । କିନ୍ତୁ ଏଠି ଗୋଟିଏ କଥା ଉଠୁଛି ଯେ, ବିଦ୍ୟାଳୟ ଗୁଡ଼ିକ ଅଧୀନ ହୋଇ ଗଲାପରେ ଏହି ବିଦ୍ୟାଳୟ ମାନଙ୍କରେ ଶ୍ରେଣୀଗୃହ ରହିଥିଲେ ମଧ୍ୟ ପର୍ଯ୍ୟାପ୍ତ ଶିକ୍ଷକ ନାହାଁନ୍ତି କିମ୍ବା ଆଦୌ କମ୍ପ୍ୟୁଟର ନାହିଁ । କେତେକ ସ୍ଥାନରେ କମ୍ପ୍ୟୁଟରର ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ ଚଳାଇବା ପାଇଁ ପ୍ରଶିକ୍ଷିତ କର୍ମଚାରୀ ଅଭାବରୁ ଏହା ଅଚଳ ଅବସ୍ଥାରେ ପଡ଼ି ରହିଛି । ବହୁ ବିଦ୍ୟାଳୟରେ ଇଣ୍ଟରନେଟ୍ ଏବଂ ବିଦ୍ୟୁତ୍‌କରଣର ବ୍ୟବସ୍ଥା ମଧ୍ୟ ନାହିଁ । ଅନେକ ବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ଅବସର ନେଇଯିବା ପରେ ନୂତନ ନିଯୁକ୍ତିର ବ୍ୟବସ୍ଥା ହୋଇନଥିବାରୁ ଜଣେ ଦୁଇଜଣ କର୍ମଚାରୀରେ ଏହି ବିଦ୍ୟାଳୟ ଗୁଡ଼ିକ ଚାଲୁଅଛି । ଏଭଳି ସ୍ଥିତିରେ ଦିନ ୧୦ଟା ରୁ ୪ଟା ମଧ୍ୟରେ ବିଦ୍ୟାଳୟକୁ ଚାଲୁ ରଖିବା କଷ୍ଟକର ହେଉଥିବା ବେଳେ ବୋର୍ଡ଼ ତରଫରୁ ଯେଉଁ ବିଜ୍ଞାପନ ଦିଆଯାଇଛି, ସେଥିରେ ଫାୟାର ସାର୍ଟିଫିକେଟ୍, ପ୍ରତ୍ୟେକ କର୍ମଚାରୀ ଓ ପରିଚାଳନା କମିଟିର ଡାଟା ପେଷ୍ଟ କରା ନଗଲେ ସେ ଫର୍ମ ବାହାରି ପାରିବ ନାହିଁ । ଏଥିରେ କାର୍ଯ୍ୟ କରିବା ପାଇଁ ଦିନ ଦିନ ଧରି ସାଇବର ଫାର୍ମକୁ ଯିବାକୁ ପଡ଼ିବ । ଏହାର ସରଳୀକରଣ ଅର୍ଥାତ୍ ପୂର୍ବ ବର୍ଷପରି ଫର୍ମ ଯୋଗାଇବା ବ୍ୟବସ୍ଥା କରାଯିବା ସହିତ ଏହି ଅର୍ଥରାଶିକୁ ମୁକ୍ତ କିମ୍ବା ସୀମିତ କରାଯିବାର ବ୍ୟବସ୍ଥା କରାଗଲେ ବିଦ୍ୟାଳୟ ଗୁଡ଼ିକ ୨୦ ତାରିଖ ମଧ୍ୟରେ ଏହା କରିପାରିବେ । ନଚେତ୍ ସରକାରୀ ବିଦ୍ୟାଳୟମାନଙ୍କ ପରି ଏହି ସ୍ୱୀକୃତିକୁ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥିର ରଖାଯାଉ ବୋଲି ଓଷ୍ଟା ପକ୍ଷରୁ ସଭାପତି ଅକ୍ଷୟ କୁମାର ମିଶ୍ର, ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# କିମ୍‌ସ ଡାକ୍ତର ସମ୍ବିତ ଦାଶ 'ଏସ୍‌ଏଫ୍‌ଇଏସ୍‌ର କାର୍ଯ୍ୟନିର୍ବାହୀ ପରିଷଦ ସଦସ୍ୟ

ଭୁବନେଶ୍ୱର (ସବ୍ୟୁ): ବିଶିଷ୍ଟ ଏଣ୍ଡୋକ୍ରାଇନୋଲୋଜିଷ୍ଟ ତଥା କିମ୍‌ସ ଏଣ୍ଡୋକ୍ରାଇନୋଲୋଜି ବିଭାଗୀୟ ମୁଖ୍ୟ ଡା ସମ୍ବିତ ଦାଶ ଦକ୍ଷିଣ ଏସୀୟ ଏଣ୍ଡୋକ୍ରାଇନ୍ ସୋସାଇଟିଜ୍ ଫେଡେରେସନ୍ ( ଏ ସ ଏ ଫ ଇ ଏ ସ ) ର କାର୍ଯ୍ୟନିର୍ବାହୀ ପରିଷଦ ସଦସ୍ୟ ଭାବରେ ମନୋନୀତ ହୋଇଛନ୍ତି। ଏସଏଫଇଏସ ହେଉଛି ଏସିଆର ସବୁଠାରୁ ବଡ଼ ଏବଂ ସବୁଠାରୁ ସକ୍ରିୟ ଏଣ୍ଡୋକ୍ରାଇନ୍ ସଂସ୍ଥା ମଧ୍ୟରୁ ଗୋଟିଏ, ଯାହା ଭାରତ ସମେତ ଅନେକ ଏସୀୟ ଦେଶର ଏଣ୍ଡୋକ୍ରାଇନ୍ ସଂଘକୁ ନେଇ ଗଠିତ। ଏହି ସଂଘ ସହଯୋଗପୂର୍ଣ୍ଣ ଗବେଷଣା, ରୋଗୀ ସେବାକୁ ଆଗକୁ ବଢାଇବା, ଆଞ୍ଚଳିକ କ୍ଲିନିକାଲ୍ ନିର୍ଦ୍ଦେଶାବଳୀ ବିକଶିତ କରିବା ଏବଂ ଦକ୍ଷିଣ ଏସିଆରେ ଏଣ୍ଡୋକ୍ରାଇନ୍ ରୋଗର ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ପାଇଁ କାର୍ଯ୍ୟକରିଥାଏ। ଡା ଦାଶ ଏହି



ସମ୍ମାନଜନକ ପଦବୀରେ ନିର୍ବାଚିତ ଭାରତର ତିନି ଜଣ ପ୍ରତିଷ୍ଠିତ ଏଣ୍ଡୋକ୍ରାଇନୋଲୋଜିଷ୍ଟଙ୍କ ମଧ୍ୟରୁ ଜଣେ। ସେ ପ୍ରମୁଖ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ଲାଟଫର୍ମରେ ଭାରତକୁ ପ୍ରତିନିଧିତ୍ୱ କରୁଛନ୍ତି। ଡା ଦାଶ ଏଣ୍ଡୋକ୍ରାଇନ୍ ସୋସାଇଟି ଅଫ୍ ଇଣ୍ଡିଆର ଜାତୀୟ ଉପାଧ୍ୟକ୍ଷ ମଧ୍ୟ ଅଛନ୍ତି। ଏହା ବ୍ୟତୀତ ସେ 'ଆର୍‌ଏସ୍‌ଏସ୍‌ଡିଆଇ' ଏବଂ 'ଏଆଇଏଏଆର୍‌ଓ'ର ରାଜ୍ୟ ଶାଖାରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଛନ୍ତି। ନିକଟରେ ଡାକ୍ତର ଦିବସ ଅବସରରେ ଓଡ଼ିଶା ରାଜ୍ୟପାଳଙ୍କଠାରୁ ତାଙ୍କୁ "ଏଣ୍ଡୋକ୍ରାଇନ୍ ଲ୍ୟୁମିନାରି କ୍ଲିନିକାଲ୍ ଏବଂ ଏକାଡେମିକ୍ ଉତ୍କର୍ଷତା" ସମ୍ମାନ ପ୍ରଦାନ କରାଯାଇଛି। ଡା ଦାଶଙ୍କ ଏହି ସଫଳତାରେ କିଟ୍, କିସ୍ ଏବଂ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଯୁବପିଢ଼ିଙ୍କ ପାଇଁ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫର ନୂଆ ଉତ୍ପାଦ

ଭୁବନେଶ୍ୱର, (ସବ୍ୟୁ): ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ ପକ୍ଷରୁ ଆଇସିଆଇସିଆଇ ପ୍ରୁ ସ୍ମାର୍ଟ ଇନ୍ସୁରାନ୍ସ ପ୍ଲାନ ପ୍ଲସ ଲଂଚ କରାଯାଇଛି, ଏହା ହେଉଛି ଏକ ବଜାର ସଂଯୋଜିତ ଉତ୍ପାଦ ଯାହାକୁ ଗ୍ରାହକଙ୍କୁ ଦୀର୍ଘାବଧିରେ ସମ୍ପତ୍ତି ନିର୍ମାଣ ପାଇଁ ସକ୍ଷମ କରିବା ଲାଗି ଡିଜାଇନ କରାଯାଇଛି । ଏହି ଉତ୍ପାଦକୁ ମାସିକ କେବଳ ୧୦୦୦ ଟଙ୍କାର ସର୍ବନିମ୍ନ ପ୍ରିମିୟମ ସହିତ କ୍ରୟ କରାଯାଇପାରିବ, ଯାହା ବହୁ ସଂଖ୍ୟକ ଯୁବ ଗ୍ରାହକଙ୍କୁ ବ୍ୟବସ୍ଥାଗତ ଭାବେ ନିବେଶ କରିବା ଓ ନିଜର ଦୀର୍ଘାବଧି ଆର୍ଥିକ ଲକ୍ଷ୍ୟକୁ ହାସଲ କରିବା ପାଇଁ ସକ୍ଷମ କରୁଛି । ଉତ୍ପାଦରେ ଥିବା ଲାଇଫ କଭର ଉପାଦାନ ଗ୍ରାହକଙ୍କ ପରିବାର ଯେପରି ଆର୍ଥିକ ରୂପେ ସୁରକ୍ଷିତ ରହିବ ତାହା ନିଶ୍ଚିତ କରିଥାଏ । ଏହି ଅବସରରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସର ମୁଖ୍ୟ ଉତ୍ପାଦ ଓ ବିତରଣ ଅଧିକାରୀ ଶ୍ରୀଯୁକ୍ତ ଅମିତ ପାଲ୍‌ଟା କହିଛନ୍ତି, "ଡିଜାଇନ ଦୃଷ୍ଟିରୁ ୟୁଲିପ୍ ଏକ ପ୍ରଭାବଶାଳୀ ସମ୍ପତ୍ତି ସୃଷ୍ଟି ଟୁଲ୍ ଅଟେ ଏବଂ ଯୁବପିଢ଼ିଙ୍କୁ ଶୀଘ୍ର ନିବେଶ ଆରମ୍ଭ କରିବା ଓ ଦୀର୍ଘାବଧି ପାଇଁ ନିବେଶ ବଜାୟ ରଖିବା ପାଇଁ ପ୍ରୋତ୍ସାହିତ କରିବା ଲାଗି ଆମେ ଆଇସିଆଇସିଆଇ ପ୍ରୁ ସ୍ମାର୍ଟ ଇନ୍ସୁରାନ୍ସ ପ୍ଲାନ ପ୍ଲସ୍ ଲଂଚ କରିଛୁ ।

### ରୋଟାରୀ କ୍ଲବ୍ କଟକ ଗ୍ରେଟରର ଅଧିଷ୍ଠାନ ଉତ୍ସବ

# ଡ଼କ୍ଟର ସତ୍ୟପ୍ରିୟ ମହାନ୍ତି ସଭାପତି

କଟକ, (ସବ୍ୟୁ) :ରୋଟାରୀ କ୍ଲବ୍ କଟକ ଗ୍ରେଟରର ଅଧିଷ୍ଠାନ ଉତ୍ସବ ଏ.ବି.ଆଇ .ଟି କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି ।ଉକ୍ତ ଉତ୍ସବ ରେ ରୋଟାରୀ ଜିଲ୍ଲା ୩୨୬୨ ର ପ୍ରାନ୍ତପାଳ ମନୋଜ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗ ଦାନ କରି ବର୍ଷ ୨୦୨୫-୨୬ ର ନବ ନିର୍ବାଚିତ କର୍ମକର୍ତ୍ତା ମାନଂକୁ ଅଧିଷ୍ଠିତ କରାଇ ଶପଥ ପାଠ କରାଇ ଥିଲେ ।ପ୍ରାକ୍ତନ୍ ସଭାପତି ରୋ: ବିମ୍ବିସାର ଦାଶ ନୂତନ ସଭାପତି ଡ .ସତ୍ୟପ୍ରିୟ ମହାନ୍ତିଙ୍କୁ କ୍ଲବ୍ ର କାର୍ଯ୍ୟଭାର ହସ୍ତାନ୍ତର କରିଥିଲେ ।ଆସନ୍ତା ବର୍ଷର କାର୍ଯ୍ୟକ୍ରମ ଗୁଡିକୁ ନୂତନ ସମ୍ପାଦକ ନିଶାକର ଦାସ ସର୍ବ ସମ୍ମୁଖରେ ଉପସ୍ଥାପନ କରିଥିଲେ । ଏହି ଅବସରରେ ,ଡ . ମିନାକ୍ଷୀ ଦାଶଙ୍କ ଦ୍ୱାରା ସଂପାଦିତ କ୍ଲବ୍ ର ବୁଲେଟିନ୍ "ସୌହାର୍ଦ୍ଦ୍ୟ" ମୁଖ୍ୟ ଅତିଥିଂକ ଦ୍ୱାରା ଉନ୍ମୋଚିତ ହୋଇଥିଲା ।ସମସ୍ତ ବୋର୍ଡ ସଦସ୍ୟ ଏବଂ ପୂରାତନ ସଭାପତି ମାନଂକୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସମାଜର ସାତଜଣ ବିଶିଷ୍ଟ ବ୍ୟକ୍ତି :ଡାକ୍ତର ସଦାବ ଅଲ୍ଲୀ ବେଗ୍ ,ଡ .ପ୍ରଶାନ୍ତ କୁମାର ମିଶ୍ର,ଡ. ରିତିକ୍ ରଂଜନ ଓଝା ,ଶ୍ରୀ ନରେଶ କୁମାର ଷଡଙ୍ଗୀ ,ଶ୍ରୀ ପ୍ରଶାନ୍ତ କୁମାର ମିଶ୍ର ,ଶ୍ରୀ ରେବତୀକାନ୍ତ ପଣ୍ଡା ଏବଂ ଉଦ୍ୟୋଗପତି ଶ୍ରୀମତୀ ସାଇନି ଶୁଭଦର୍ଶିନୀ କ୍ଲବ୍ ର ନୂତନ ସଦସ୍ୟ ଭାବରେ ଯୋଗଦାନ କରିଥିବାରୁ ,ପ୍ରାନ୍ତପାଳ ସମସ୍ତଂକୁ ଶପଥ ପାଠ କରାଇଥିଲେ ।ଅନ୍ୟାନ୍ୟ ବିଶିଷ୍ଟ ଅତିଥି ଭାବରେ ,କ୍ଷେତ୍ରୀୟ ଅଧ୍ୟକ୍ଷ ଶ୍ରୀଯୁକ୍ତ ବସନ୍ତ କୁମାର ସାହୁ ଏବଂ ଉପ ପ୍ରାନ୍ତପାଳ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦାନ କରିଥିଲେ । କଟକର ବିଭିନ୍ନ କ୍ଲବ୍ ର ସଭାପତି ଏବଂ ସଦସ୍ୟ ମାନେ ବହୁ ସଂଖ୍ୟାରେ ଯୋଗ ଦାନ କରି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଉତ୍ସବରେ ପ୍ରାକ୍ତନ ସଭାପତି ଡ. ବିଜୟଲକ୍ଷ୍ମୀ ଭୂୟାଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।ରୋ: ମଧୁସ୍ମିତା ରାଉତରାୟ ସଭା ପରିଚାଳନା କରିଥିଲେ ଏବଂ ଶେଷରେ ଆଗାମୀ ବର୍ଷର ସଭାପତି ଡାକ୍ତର ମଦନ ମୋହନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଅରବିନ୍ଦ ଦାସ ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ

ଭୁ ବ ନେ ଶ୍ୱ ର , ( ସ ବ୍ୟୁ ) : ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଗଣମାଧ୍ୟମ, ଯୋଗାଯୋଗ ଏବଂ ପ୍ରଚାର ବିଭାଗର ନୂତନ ଅଧ୍ୟକ୍ଷ ଭାବରେ ଅରବିନ୍ଦ ଦାସଙ୍କୁ ନିଯୁକ୍ତି ଦେଇଥିବା ନେଇ ଏଆଇସିସି ସାଧାରଣ ସମ୍ପାଦକ ( ସଂଗଠନ) କେ.ସି. ଭେଣୁଗୋପାଳ ଏକ ପ୍ରେସ ବିଜ୍ଞପ୍ତିରେ ଘୋଷଣା କରିଛନ୍ତି ।

ସୂଚନାଯୋଗ୍ୟ, କଲେଜ ଜୀବନରେ ଛାତ୍ରନେତା ଥିବା ଶ୍ରୀ ଦାସ ବଲାଙ୍ଗିର ରାଜେନ୍ଦ୍ର କଲେଜ ଛାତ୍ର ସଂସଦର ସାଧାରଣ ସଂପାଦକ ନିର୍ବାଚିତ ହୋଇଥିଲେ । ୧୯୮୮ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ କୃତିତ୍ୱର ସହ ଏମ୍‌ଏ ପାସ କରିବା ପରେ ରାଜେନ୍ଦ୍ର କଲେଜରେ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଅଧ୍ୟାପନା କରିଥିଲେ । ପରବର୍ତ୍ତୀ ସମୟରେ 'ସମ୍ବାଦ'ର ବିଭିନ୍ନ ସଂସ୍କରଣର ମୁଖ୍ୟ ଭାବେ କାର୍ଯ୍ୟ କରିବା ପରେ ଉକ୍ତ କାଗଜର ବାର୍ତ୍ତା ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇଥିଲେ । ଗତ ମାସରେ କଂଗ୍ରେସ ଦଳରେ ଯୋଗଦେବା ପୂର୍ବରୁ ସେ କିଛିକାଳ 'ଆମ ଓଡିଶା' ସଂଗଠନର ସାଧାରଣ



ସମ୍ପାଦକ ଓ ସୋମାକ୍ ସାମ୍ବାଦିକତା ଅନୁଷ୍ଠାନର ଅଧ୍ୟକ୍ଷ ଦାୟିତ୍ୱରେ ଥିଲେ । ସେ ମଧ୍ୟ ଏକାଧାରରେ ଜଣେ ସୁବକ୍ତା, ସ୍ତମ୍ଭକାର, ଭାଷ୍ୟକାର, କ୍ରୀଡାବିତ ଓ କ୍ରୀଡା ସଂଗଠକ ଅଟନ୍ତି । ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟରେ ତାଙ୍କର ସବୁବେଳେ ପ୍ରମୁଖ ଭୂମିକା ରହିଆସିଛି ।

ଏହି ନିଯୁକ୍ତି ପାଇଁ ଏଆଇସିସି ସଭାପତି ଶ୍ରୀ ଖଡଗେ,ଲୋକସଭା ବିରୋଧୀଦଳ ନେତା ଶ୍ରୀ ଗାନ୍ଧୀ, ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ପ୍ରମୁଖଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି । ଅଖିଳ ଭାରତ କଂଗ୍ରେସ କମିଟିର ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଆଦର୍ଶ ଓ ମହିଳାମାନଙ୍କ ପ୍ରତି ଥିବା ସେମାନଙ୍କର ପ୍ରତିବଦ୍ଧତାକୁ ଅନୁସରଣ କରି ପିସିସି ସଭାପତି ଶ୍ରୀ ଦାସଙ୍କ ନେତୃତ୍ୱରେ ଓଡ଼ିଶାରେ ଗଣମାଧ୍ୟମ, ଯୋଗାଯୋଗ ଏବଂ ପ୍ରଚାର ବିଭାଗକୁ ଅଧିକ କ୍ରିୟାଶୀଳ କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି ।

### ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ନିଯୁକ୍ତି କୁ ବିରୋଧ

# ଦୁଇ ସପ୍ତାହ ମହଲତ ନେଲେ ସରକାର

କଟକ,(ସବ୍ୟୁ) : ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ନିଯୁକ୍ତିକୁ ବିରୋଧ କରି ରୁଜୁ ମାମଲାରେ ଆଜି ରାଜ୍ୟ ସରକାର ଜବାବ ଦାଖଲ କରିନପାରି ଅଦାଲତଙ୍କଠାରୁ ସମୟ ଲୋଡ଼ିଥିଲେ। ଅଦାଲତ ଏହି ପ୍ରାର୍ଥନାକୁ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ଜବାବ ରଖିବା ଲାଗି ଦୁଇ ସପ୍ତାହ ସମୟ ଦେଇଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ତଥା ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଓ ଜଷ୍ଟିସ୍ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୩ ତାରିଖକୁ ଧାର୍ଯ୍ୟ ହୋଇଛି ।

ଆବେଦନକାରୀ ପିଟିସନ୍‌ରେ ଦର୍ଶାଇଥିଲେ ଯେ, ଉତ୍କଳ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ପ୍ରଫେସର୍ ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ୨୦୨୪ ନଭେମ୍ବର ୨୩ରେ ସମ୍ପୂର୍ଣ୍ଣ ହେବା ପରେ କୁଳାଧିପତି (ଚାନସେଲର) ତାଙ୍କର କାର୍ଯ୍ୟକାଳ ଛଅମାସ ବୃଦ୍ଧି କରିଥିଲେ । ତାଙ୍କର ବର୍ଦ୍ଧିତ କାର୍ଯ୍ୟକାଳ ଗତ ମେ' ୨୩ ରେ ଶେଷ ହେଲାପରେ କୁଳାଧିପତି ଉତ୍କଳ ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗର ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ଭାରପ୍ରାପ୍ତ କୁଳପତି ଭାବରେ ମେ' ୨୭ ରେ ନିଯୁକ୍ତି ଦେଇଥିଲେ । କିନ୍ତୁ କୌଣସି କାରଣବଶତଃ ସ୍ଥାୟୀ କୁଳପତି ନିଯୁକ୍ତି ସମ୍ଭବ ନହେଲେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ରଧାରା ୬ (୧୦) ଅନୁସାରେ ଅନ୍ୟ ଯେକୌଣସି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ଦେବାର ପ୍ରାବଧାନ ରହିଛି । ତେଣୁ କୁଳାଧିପତିଙ୍କ ଦ୍ୱାରା ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ବେଆଇନ ହୋଇଥିବାରୁ ଏହାକୁ ରଦ୍ଦ କରି ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬ (୧୦) ଅନୁସାରେ ଅନ୍ୟ ଯେକୌଣସି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ଦେବାକୁ କୁଳାଧିପତିଙ୍କୁ ଆଦେଶ ଦେବାକୁ ପ୍ରାର୍ଥନା କରାଯାଇଥିଲା। ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ଏଜି ପୀତାମ୍ବର ଆଚାର୍ଯ୍ୟ ଏହି ମାମଲାରେ ପକ୍ଷ ରଖି ଅଦାଲତଙ୍କଠାରୁ ସମୟ ଲୋଡ଼ିଥିଲେ। ଅଦାଲତ ଏହାକୁ ଗ୍ରହଣ କରି ଦୁଇ ସପ୍ତାହ ସମୟ ଦେଇଛନ୍ତି। ଆବେଦନକାରୀ ଶ୍ରୀ ଦାସ ନିଜେ ମାମଲା ପରିଚାଳନା କରୁଛନ୍ତି।

## ରକ୍ତଚାପ ରୋକିବାକୁ କୋଲେଷ୍ଟ୍ରଲ ନିୟନ୍ତ୍ରଣ ଜରୁରୀ

ଭୁବନେଶ୍ୱର, (ସବ୍ୟୁ) : ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଭଳି ଜୀବନଶୈଳୀ ସମ୍ବନ୍ଧିତ ରୋଗଗୁଡିକୁ ରୋକିବା ପାଇଁ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ ରଖିବା ଜରୁରୀ ହୋଇଥାଏ। କୋଲେଷ୍ଟ୍ରଲକୁ ପ୍ରଭାବୀ ରୂପେ ନିୟନ୍ତ୍ରଣ ରଖିବା ପାଇଁ ଏକ ସନ୍ତୁଳିତ ଆହାର ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ।

### ପବିତ୍ର ରଥଯାତ୍ରାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏବଂ କର୍ତ୍ତବ୍ୟରତ କର୍ମଚାରୀଙ୍କ

# ସେବାର ସୁଯୋଗ ମିଳିବା ରିଲାଏନ୍ସର ସୌଭାଗ୍ୟ

ଭୁବନେଶ୍ୱର (ସବ୍ୟୁ): ପବିତ୍ର ରଥଯାତ୍ରାରେ ଅନ୍ନ ସେବା ଠାରୁ ସୁରକ୍ଷା ଯାଏଁ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ, ପୋଲିସ ତଥା କର୍ତ୍ତବ୍ୟରତ କର୍ମଚାରୀଙ୍କୁ ୧୩ ଦିନ ବ୍ୟାପୀ ପୁଷ୍ଟିକର ଏବଂ ଗରମ ଭୋଜନ ବିତରଣ ସମେତ ବିବିଧ ସେବା ପ୍ରଦାନର ସୁଯୋଗ ଦେଇଥିବାରୁ ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଜୁନ ୨୬ ତାରିଖରୁ ଆରମ୍ଭ ହୋଇଥିବା ରିଲାଏନ୍ସର ଏହି ୧୩ ଦିନ ବ୍ୟାପୀ ଅନ୍ନ ସେବା ଜୁଲାଇ ୮, ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଉଭୟ ମଧ୍ୟାହ୍ନ ଏବଂ ସନ୍ଧ୍ୟାରେ ପୁରୀରେ ପ୍ରମୁଖ ସ୍ଥାନଗୁଡିକରେ ଲକ୍ଷ ଲକ୍ଷ ଭକ୍ତ ଏବଂ ପୋଲିସ କର୍ମଚାରୀଙ୍କୁ ପୁଷ୍ଟିକର ଗରମ ଭୋଜନ ପରିବେଷଣ କରିଛି। ଏଥିସହିତ ଶ୍ରଦ୍ଧାଳୁ ଏବଂ ଦର୍ଶନାର୍ଥୀମାନଙ୍କୁ ଗରମ ଓ ଗୁଳୁଗୁଳିରୁ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ, ରିଲାଏନ୍ସ ପକ୍ଷରୁ ପରିବେଶ ଅନୁକୂଳ ସାମଗ୍ରୀରେ ତିଆରି ଦେଢ଼ ଲକ୍ଷରୁ ଅଧିକ ହାତପଙ୍ଖା ବା ବିଞ୍ଚଣା ବିତରଣ କରାଯାଇଛି।

ରଥଯାତ୍ରା ପାଇଁ ରିଲାଏନ୍ସ




ପକ୍ଷରୁ କର୍ତ୍ତବ୍ୟରତ ପୋଲିସ କର୍ମଚାରୀଙ୍କ ପାଇଁ ୧୦୦ ଟି ପୋଲିସ ସହାୟତା ପୋଷ୍ଟ ଏବଂ ଆଶ୍ରୟସ୍ଥଳ ସ୍ଥାପନରେ ସହାୟତା କରାଯାଇଥିଲା ଯାହା ଶ୍ରଦ୍ଧାଳୁମାନଙ୍କ ପାଇଁ ସହଜ ଓ ସୁଗମ ସହାୟତା ସ୍ଥାନ ଉପଲବ୍ଧ କରିଥିଲା। ବର୍ଷା ଋତୁକୁ ଦୃଷ୍ଟିରେ ରଖି ପୋଲିସ କର୍ମଚାରୀମାନଙ୍କୁ ୩,୫୦୦ ରେନକୋଟ୍ ବିତରଣ କରାଯିବା ସହିତ ଲକ୍ଷ ଲକ୍ଷ ଦର୍ଶନାର୍ଥୀଙ୍କୁ ସେବା ଯୋଗାଉଥିବା ସ୍ୱେଚ୍ଛାସେବୀ, ପୌର କର୍ମଚାରୀ ଏବଂ ପୋଲିସ କର୍ମଚାରୀଙ୍କୁ ରିଫ୍ରେସମେଣ୍ଟ କିଟ୍ ମଧ୍ୟ ପ୍ରଦାନ କରାଯାଇଛି। ରିଲାଏନ୍ସର ୪୦୦୦ ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଭିଡ ପରିଚାଳନା ତଥା ଶୁଦ୍ଧ ପାନୀୟ ଜଳ ଉପଲବ୍ଧ କରାଇବାରେ ସହାୟତା କରିଥିଲେ।

ଏହି ସେବା କାର୍ଯ୍ୟର ପ୍ରାରମ୍ଭରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଏମ୍ ଅମ୍ବାନୀ କହିଥିଲେ "ପୁରୀରେ ଭକ୍ତଗଣଙ୍କର ସେବା କରିବାର ଏହି ସୁଯୋଗ ବାସ୍ତବରେ ଏକ ଆଶୀର୍ବାଦ। ଆମେ ବିଶ୍ୱାସ କରୁଛୁ ଯେ ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଏବଂ କର୍ତ୍ତବ୍ୟରତ ସମସ୍ତ କର୍ମଚାରୀଙ୍କ ସେବା କରି ଆମେ ଈଶ୍ୱରଙ୍କ ସେବା କରୁଛୁ। ଭୋଜନ ଠାରୁ ସୁରକ୍ଷା ଯାଏଁ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀମାନଙ୍କ ଅନୁଭୂତିକୁ ସୁଗମ, ନିରାପଦ ଓ ଆରାମଦାୟକ କରି ସମୃଦ୍ଧ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ"। ପୌରପାଳିକା ସହିତ ସହଭାଗିତାରେ ପରିଷ୍କାର ପରିଚ୍ଛନ୍ନତା ସୁନିଶ୍ଚିତ କରିବା ପାଇଁ ରିଲାଏନ୍ସ ପକ୍ଷରୁ ସ୍ୱତନ୍ତ୍ର ଆବର୍ଜନା ସଂଗ୍ରହ ବ୍ୟାଗ ଯୋଗାଇ ଦିଆଯାଇଥିଲା ଏବଂ ପୋଲିସ ଶିବିରଗୁଡ଼ିକୁ ପରିଚ୍ଛନ୍ନତା ଓ ପରିମଳ ସୁବିଧା ଉପଲବ୍ଧ କରାଯାଇଥିଲା। ଚଳିତବର୍ଷ ଶ୍ରୀକ୍ଷେତ୍ରରେ ରଥଯାତ୍ରାରେ କାର୍ଯ୍ୟକାରୀ କରାଯାଇଥିବା ବିବିଧ ପ୍ରୟାସ ମାନବତା ଓ ଈଶ୍ୱରଙ୍କ ସେବା କରିବାରେ ରିଲାଏନ୍ସ ପାଇଁ ଆଉ ଏକ ଅନନ୍ୟ ସୁଯୋଗ ହୋଇଥିଲା।

# ବିଏମ୍‌ସିର ତିନି ଆଧୁନିକ ଶୌଚାଳୟ ଉଦଘାଟିତ

ଭୁବନେଶ୍ୱର(ସବ୍ୟୁ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମଙ୍ଗଳବାର ୩ଟି ସ୍ଥାନରେ ସର୍ବସାଧାରଣଙ୍କ ପାଇଁ ଆଧୁନିକ ଶୌଚାଳୟ ଉଦଘାଟିତ ହୋଇଛି । ସିଆରପି ଛକ ନିକଟ ପ୍ରିୟଦର୍ଶନୀ ମାର୍କେଟ ପରିସରରେ ଏକ ଆଧୁନିକ ଶୌଚାଳୟକୁ ଏକାମ୍ର ବିଧାୟକ ବାବୁ ସିଂ, ବିଏମସି ମେୟର ସୁଲୋଚନା ଦାସ ଉଦଘାଟନ କରିଥିଲେ । ସେହିପରି ସତ୍ୟନଗରସ୍ଥିତ



ତୋଷାଳି ପ୍ଲାଜା ନିକଟରେ ଏକ ଆଧୁନିକ ଶୌଚାଳୟ ଉଦଘାଟିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇଥିଲେ । ପରେ ଉତ୍କଳ ହସ୍ପିଟାଲ ନିକଟରେ ମଧ୍ୟ ଅନ୍ୟ ଏକ ଶୌଚାଳୟ ଉଦଘାଟିତ ହୋଇଯାଇଛି । ଏହା ବ୍ୟତିତ ଆଉ କିଛି ଶୌଚାଳୟ ନିର୍ମାଣ କାମ ଜାରି ରହିଛି । ଦୈନିକ ରାଜ୍ୟ ଓ ରାଜ୍ୟ ବାହାରୁ ଆମ ରାଜଧାନୀକୁ ଆସୁଥିବା ହଜାର ହଜାର ଲୋକ ଯେପରି କୌଣସି ଅସୁବିଧାରେ ନପଡନ୍ତି, ସେଥିପାଇଁ ବିଏମ୍‌ସି ଉଦ୍ୟମ ଜାରି ରଖିଛି ବୋଲି କହିଛନ୍ତି ମେୟର ଶ୍ରୀମତୀ ଦାସ । ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ସ୍ଥାନୀୟ କର୍ପୋରେଟରଙ୍କ ସହ ବହୁ ବରିଷ୍ଠ ନାଗରିକ, ମାର୍କେଟ ଆସୋସିଏସନର କର୍ମକର୍ତ୍ତା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ଚୋରା ମୋରମ ଚାଲାଣର ହବ ପାଲଟିଛି ପାଲୁର ହିଲସ୍

ରଙ୍ଗେଇଲୁଣ୍ଡା, (ସବ୍ୟୁ): ଗୋପାଳପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋଳନ୍ଥରା ନିକଟସ୍ଥ ପାଲୁର ହିଲସ୍ ବର୍ତ୍ତମାନ ଚୋରା ମୋରମ ମାଫିଆଙ୍କ ପେଣ୍ଠସ୍ଥଳୀ ପାଲଟିଛି । ଯାହାକି ଖୋଦ ଇସ୍ପାତ ଏବଂ ଖଣି ମନ୍ତ୍ରୀଙ୍କ ନିଜ ନିର୍ବାଚନମଣ୍ଡଳୀ ସହ ନିଜ ଗ୍ରାମ ଠାରୁ ଅନୀତି ଦୂରରେ ଅବସ୍ଥିତ । କିଛି ମୁଷ୍ଟିମେୟ ଏବଂ ଗୁଣ୍ଡା ଶ୍ରେଣୀର ହାତ ଗଣତି ବ୍ୟକ୍ତି ପୁରା ପାଲୁର ହିଲସକୁ ନିଜ ଆୟତ୍ତକୁ ନେଇ ଯାଇଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ । ରାତ୍ର ହେଲେ ଉକ୍ତ ଅଞ୍ଚଳକୁ ଯିବାଟା ବପଦ ଡାକି ଆଣିବ ବୋଲି ସାଧାରଣରେ ଚର୍ଚ୍ଚା ହୁଏ । ମାଇନ୍ସ ବିଭାଗ ଜିଲ୍ଲାରେ ଅଛି ନା ନାହିଁ, ତାହା ବହୁ ଲୋକ ସନ୍ଦେହ ଘେରରେ, ଚୋରା ମରମ, ଚୋରା ବାଲିକୁ ନେଇ ଗଞ୍ଜାମରେ ମୁଣ୍ଡ ଗଡୁଛି । ଏହାପରେ ମଧ୍ୟ ପ୍ରଶାସନର ନିଦ ଭାଙ୍ଗୁନି । ଯାହାକି ଚିନ୍ତାର ବିଷୟ ପାଲଟିଛି ।

ସ୍ଥାନୀୟ ତହସିଲଦାରଙ୍କ କାର୍ଯ୍ୟାନୁଷ୍ଠାନ ମଧ୍ୟ ଏଦିଗରେ କିଛି ହିଁ ନାହିଁ କହିଲେ ଅତ୍ୟୁକ୍ତି ହେବନି । ନା ମାଇନ୍ସ ବିଭାଗ ନା ସ୍ଥାନୀୟ ତହସିଲ ଏମାନେ ମୋଟା ଅଙ୍କର ବଟି ନେଇ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ସାଧାରଣରେ ଚର୍ଚ୍ଚାର ଖୋରାକ ଯୋଗାଉଛି । ଏହି ପ୍ରରିପେକ୍ଷୀରେ ସ୍ଥାନୀୟ ଗୋଳନ୍ଥରା ଥାନା ଅଧିକାରୀ ତଥା ଡ଼ିଏସପି, ବିବେକାନନ୍ଦ ସ୍ୱାଇଁ କିଛି ମାତ୍ରାରେ ଅଙ୍କୁଶ ଲଗାଇବାରେ ସଫଳ ହୋଇଛନ୍ତି । ଥାନା ପରିସରରେ ଜବତ ଚୋରା ମରମ ଗାଡି ଦେଖିଲେ ଏକ ଗ୍ୟାରେଜର ଭ୍ରମ ସୃଷ୍ଟି ହୁଏ । ଗତକାଲି ଏକ ଚୋରା ମରମ ହାଇୱା ଟ୍ରକ ଜବତ ହୋଇଥିବା ଜଣା ପଡିଛି । ଭବିଷ୍ୟତରେ ଏହି ଚୋରା ମରମ ଏବଂ ଚୋରା ବାଲି ବ୍ୟବସାୟକୁ ନେଇ ଆଉ କିଛି ମୁଣ୍ଡ ଗଡିପାରେ ବୋଲି ଅଞ୍ଚଳରେ ଆଲୋଚନା ହେଉଛି । ତେଣୁ ବେଳ ଥାଉ ଥାଉ ଯଦି ମାଇନ୍ସ ବିଭାଗ ସହ ଜିଲ୍ଲା ପ୍ରଶାସନ ଦୃଷ୍ଟି ନଦିଅନ୍ତି, ତା ହେଲେ ଜିଲ୍ଲା ପ୍ରଶାସନ ଉତ୍ତରଦାୟିତ୍ୱ ରହିବ ବୋଲି କିଛି ବରିଷ୍ଠ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି ।

# ଭଗବତପାଟଣା ବଳତ୍କାର ମାମଲା, ଅଭିଯୁକ୍ତକୁ ୭ ବର୍ଷ ଜେଲ୍

ଭଞ୍ଜନଗର, (ସବ୍ୟୁ): ବେଲଗୁଣ୍ଠା ଭଗବତପାଟଣା ବଳତ୍କାର ମାମଲାରେ ଅଭିଯୁକ୍ତକୁ ୭ ବର୍ଷ ଜେଲ୍ । ଅତିରିକ୍ତ ସେସନ୍ସ ଜଜ୍ ଦେବାଶୀଷ ବିଷୋୟୀ ଅଭିଯୁକ୍ତ ଚିତ୍ରସେନ ବରାଡଙ୍କୁ ୭ ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି । ଗତ ୧୪/୦୧/୨୦୦୮ ମସିହାରେ ସେତେବେଳେ ଭଞ୍ଜନଗର ଥନାର ବେଲଗୁଣ୍ଠା ଫାଣ୍ଡି ଅନ୍ତର୍ଗତ ଭାଗବତ ପାଟଣା ସାହିରେ ଜଣେ ଯୁବତୀକୁ ତାଙ୍କ ଘରେ କେହିନଥିବାର ସୁଯୋଗ ନେଇ ଚିତ୍ରସେନ ବରାଡ ନାମକ ଜଣେ ଯୁବକ ଘରେ ପଶି ସଂପୃକ୍ତ ଯୁବତାକୁ ବଳତ୍କାର କରିଥିଲେ । ଏକଥା ପ୍ରଘଟ କଲେ ଜୀବନରୁ ମାରି ଦେବାକୁ ଧମକ ଦେଇ ସେଠାରୁ ଖସି ଯାଇଥିଲେ । ଫଳରେ ପୀଡିତା ଜଣକ ଏହି କଥାକୁ ପରିବାର ଲୋକଙ୍କ ଆଗରେ କହିବାକୁ ସାହାସ କରିନଥିଲେ । ପରେ ପୀଡିତାଙ୍କ ହାବଭାବ ଦେଖି ପରିବାର ଲୋକେ ତାକୁ ବାଧକରି ପଚାରିବାରୁ ସେ ଘଟଣା ସଂପର୍କରେ କହିଥିଲେ । ଫଳରେ ତା ୨୦/୦୧/୨୦୦୮ ରିଖରେ ପୀଡିତାଙ୍କ ପରିବାର ପକ୍ଷରୁ ଏନେଇ ଭଞ୍ଜନଗର ଥାନାରେ ଏତଲା ଦିଆଯାଇଥିଲା । ଏନେଇ ଭଞ୍ଜନଗର ସେସନ୍ସ ଜଜ୍‌ଙ୍କ କୋର୍ଟରେ ଏସଟି - ୦୫/ ୨୦୦୯ ରୁଜୁ କରାଯାଇ ମାମଲାର ବିଚାର ଆରମ୍ଭ ହୋଇଥିଲା । କୋର୍ଟ ମୋଟ ୧୪ ଜଣ ସାକ୍ଷୀଙ୍କ ମଧ୍ୟରୁ ୧୧ ଜଣ ସାକ୍ଷୀଙ୍କ ବିଚାର କରି ସେମାନଙ୍କ ବୟାନ ଆଧାରରେ ଅଭିଯୁକ୍ତ ଚିତ୍ରସେନ ବରାଡଙ୍କୁ ଦୋଷୀ ସାବ୍ୟସ୍ତ କରି ୭ ବର୍ଷ ଜେଲ୍ ଦଣ୍ଡି ଦେଇଛନ୍ତି । ସେହିପରି ମୋଟ ୨୦ ହଜାର ଟଙ୍କା ଜୋରିମାନା ଓ ଏହା ଅନାଦେୟ ଅତିରିକ୍ତ ୬ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ସେହିପରି ଦଫା ୪୫୦ ପ୍ରକାରେ ୩ବର୍ଷ ଜେଲ ଦଣ୍ଡ ଓ ୧୦ହଜାର ଟଙ୍କା ଜରିମନା ଓ ଏହା ଅନାଦେୟ ଅତିରିକ୍ତ ୬ମାସ ଜେଲଦଣ୍ଡ ଓ ଦଫା ୫୦୬ ପ୍ରକାରେ ୨ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିବା ଏପିପି ଦିବାକର ନାୟକ ସୂଚନା ଦେଇଛନ୍ତି ।

## ପ୍ରଶାସନିକ ଉଦାସୀନତା ଓ ନେତାଙ୍କ ଅପାରଗତା

# ଗୋଲିଆ-ତାଳସର ରାସ୍ତା ଶୋଚନୀୟ, ଆନ୍ଦୋଳନ ପାଇଁ ସଜବାଜ

ବୁଗୁଡ଼ା, (ସବ୍ୟୁ): ଦେଶ ସ୍ୱାଧୀନତାର ଦୀର୍ଘ ୭୭ ବର୍ଷ ବିତିଯାଇଥିଲେ ବି ନିଜ ଗାଁକୁ ଭଲ ରାସ୍ତାଟିଏ ପାଇପାରି ନାହାନ୍ତି ଲୋକେ । ଖରା ଓ ଶୀତ ଦିନରେ ଖାଲ ଢିପରେ ପଡି ଉଠି ଲୋକେ ଗାଁକୁ ଯାଉଥିବା ବେଳେ ବର୍ଷା ଦିନେ ଭୋଗୁଛନ୍ତି ଯମଯନ୍ତ୍ରଣା । ପ୍ରାଶାସନିକ ଉଦାସୀନତା ଓ ନେତାଙ୍କ ଅପାରଗତା ଯୋଗୁଁ ତିନି ଖଣ୍ଡ ଗାଁର ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା । ଏଭଳି ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଥିବା ରାସ୍ତାର ଦୃଶ୍ୟ ଦେଖିବାକୁ ମିଳିଛି ବୁଗୁଡା ବ୍ଲକ ଉପାଧକ୍ଷଙ୍କ ଗୋଲିଆ ପଞ୍ଚାୟତରେ । ପ୍ରକାଶଯେ, ଗୋଲିଆ ଗ୍ରାମ ଉପକଣ୍ଠସ୍ଥ କୋଇଲୁଣ୍ଡି ଛକଠାରୁ ମରେଇପଲ୍ଲୀ ଓ ଡାହାଣୀପଲ୍ଲୀ ଗାଁ ଦେଇ ତାଳସର ଗ୍ରାମକୁ ଯାଇଥିବା ରାସ୍ତା ଅବସ୍ଥା ଅତୀବ ଦୟନୀୟ ହୋଇପଡିଛି । ଏନେଇ ଏହି ତିନିଗୋଟି ଗାଁରେ ଲୋକେ ଅନେକ ଥର ଗୁହାରି କରିଥିଲେ ମଧ୍ୟ ସ୍ଥାନୀୟ ବ୍ଲକ୍ ପ୍ରଶାସନ



ଶୁଣୁନଥିବା ଅଭିଯୋଗ ହେଉଛି । ଗତ ୨୦୨୩ ଅଗଷ୍ଟ ୨୮ ତାରିଖ ଦିନ ଏହି ରାସ୍ତା ଯୋଗୁଁ ହିନସ୍ଥା ହେଉଥିବା ଗ୍ରାମବାସୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରି ରାସ୍ତା ତିଆରି ନକଲେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଥିଲେ । ତତ୍କାଳୀନ ବିଡିଓ ରାସ୍ତା ନିର୍ମାଣର ଆଶ୍ୱାସନା ଦେଇ ଲୋକଙ୍କୁ ଫେରାଇ ଦେଇଥିଲେ ।

ପରବର୍ତ୍ତୀ ନିର୍ବାଚନ ସମୟରେ ନେତାଗଣଙ୍କ ମିଥ୍ୟା ପ୍ରତିଶ୍ରୁତିରେ ଭଳିଯାଇ ଲୋକେ ଭୋଟ ମଧ୍ୟ ଦେଇଥିଲେ । ଭୋଟିଯାଇ ସରକାର ବଦଳି ଯାଇଥିଲେ ସୁଦ୍ଧା ସେହି କଦର୍ଯ୍ୟ ରାସ୍ତାର ଅବସ୍ଥା ବଦଳିଲା ନାହିଁ କି ଗାଁ ଲୋକଙ୍କ ଦୁର୍ଦ୍ଦଶା ଦୂର ହେଲାନାହିଁ । ବର୍ଷା ଦିନେ ସେହି ପାଣିଭରା ଖାଲଖମା ରାସ୍ତାରେ ଯାନବାହାନ ଚଳାଚଳ କଷ୍ଟକର ହେଉଥିବା ବେଳେ ଗୋଲିଆ ଗ୍ରାମସ୍ଥ ହାଇସ୍କୁଲରେ ଷଷ୍ଠରୁ ଦଶମ ଶ୍ରେଣୀ ଯାଏଁ ପଢୁଥିବା ଛାତ୍ରଛାତ୍ରୀ ଏବଂ ଭତ୍ତା ଓ ରାସନ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାଆସିବା ବେଳେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି । ଅନ୍ୟପକ୍ଷରେ ବିପଦ ସମୟରେ ଆମ୍ବୁଲାନ୍ସ ମରେଇପଲ୍ଲୀ ଗାଁ ପାଖକୁ ଯାଇପାରୁଥିବା ବେଳେ ଅନ୍ୟ ଦୁଇ ଗାଁକୁ ଯାଇ ନପାରି ବାଟରେ ଅଟକି ରହୁଛି । ଫଳରେ ବହୁ ହିନସ୍ତାରେ ଲୋକେ ରୋଗୀକୁ ଆମ୍ବୁଲାନ୍ସ ପାଖକୁ ଆଣିବାକୁ ପଡୁଛି । ଏଥିପାଇଁ ସ୍ଥାନୀୟ ପ୍ରଶାସନର ନିନ୍ଦନୀୟ ଉଦାସୀନତା ଓ ନେତାଙ୍କ ଅକ୍ଷମଣୀୟ ଅପାରଗତାକୁ ଦାୟୀ କରି ଦୁର୍ଦ୍ଦଶାଗ୍ରସ୍ତ ଗ୍ରାମବାସୀମାନେ ଏକ ବଡ ଧରଣର ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଜଣାପଡ଼ିଛି ।

ଅନ୍ୟପକ୍ଷରେ ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ବୋକା ବନାଉଥିବା ନେତା ଓ ବାବୁଙ୍କୁ ସେହି ଦୁର୍ଗମ ପଥରେ ଚଲାଇ ନେବାକୁ ଯୋଜନା ପ୍ରସ୍ତୁତ ହୋଇଥିବା ଜଣାଯାଇଛି । ତେଣୁ ଉକ୍ତ ରାସ୍ତାର ଦୁରାବସ୍ଥାକୁ ନେଇ ଗ୍ରାମବାସୀଙ୍କ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଥିବା ବେଳେ ଆଗାମୀ ଦିନରେ ଯେକୌଣସି ଅସ୍ୱଭାବିକ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଥିବାଯୋଗୁଁ ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାର କରିବା ପାଇଁ ସାଧାରଣରେ ଦୃଢ ଦାବି ହେଉଛି ।

# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ 'ବନ ମହୋତ୍ସବ ସପ୍ତାହ'

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଆଇନସେବା ପ୍ରାଧିକରଣ, ବ୍ରହ୍ମପୁର ଦ୍ୱାରା ସୋମବାର ଓଡିଶା ଆଦର୍ଶ ବିଦ୍ୟାଳୟ କରାପଲ୍ଲୀ ଠାରେ ଜିଲ୍ଲା ଓ ଦୌରାଜର୍ଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷା ଡ଼ା ଭାଗ୍ୟଲକ୍ଷ୍ମୀ ରଥଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଦେବଶ୍ରୀ ସାହୁଙ୍କ ପରିଚାଳନାରେ 'ବନ ମହୋତ୍ସବ ସପ୍ତାହ ପାଳନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓଡିଶା ଆଦର୍ଶ ବିଦ୍ୟାଳୟ କରାପଲ୍ଲୀ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରିବା ସହ ବୃକ୍ଷକୁ କେମିତି ଠିକ ଭାବରେ ଲଗାଇବା, ତାର କେଉଁଭଳି ଯନି ନେବା, ବୃକ୍ଷ ଦ୍ୱାରା କ'ଣ ଉପକାର ହେଉଛି ଆଦି ଆଲୋଚନା କରିବା ସହ ବିଭିନ୍ନ ନାରା ଯେପରିକି, ଗଛ ନାହିଁ ତ-ଜୀବନ ନାହିଁ, ବୃକ୍ଷ ବିହୁନେ ମାଟି କ୍ଷୟ-ବନ୍ୟା ମରୁଡି ବିପର୍ଯ୍ୟୟ, ଗଛକୁ ଦୁଇ ବର୍ଷର ସେବା ଦିଅ-ଶହେ ବର୍ଷର ସେବା ନିଅ, ଆମ ପରିବେଶ-ଆମ ଦାୟିତ୍ୱ ଆଦି ନାରା ଦିଆଯାଇଥିଲା । ତା' ସହିତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ବକ୍ତୃତା ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା ଏବଂ ବିଜେତା ତଥା ପ୍ରତିଯୋଗୀ ମାନଙ୍କୁ ଜିଲ୍ଲା ଓ ଦୌରା ଜର୍ଜ ତଥା ପ୍ରାଧିକରଣ ଅଧକ୍ଷା ଡ଼ା ଭାଗ୍ୟଲକ୍ଷ୍ମୀ ରଥ ଏବଂ ଉପସ୍ଥିତ ପଦାଧିକାରୀଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

ଏହି ଅବସରରେ ସ୍ପେସିଆଲ ଜର୍ଜ ଭିଜିଲାନ୍ସ ଜ୍ଞାନ ରଞ୍ଜନ ବାରିକ, ପରିବାର ଅଦାଲତ ବିଚାରପତି ଶ୍ରୀମତୀ ଜାନକୀ ବିଶ୍ୱାଳ, ସ୍ପେସିଆଲ ଜର୍ଜ ପୋକସୋ ପ୍ରଣତି ପଟ୍ଟନାୟକ, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ ଆୟୁଷ୍ମାନ ମହନ୍ତ, ତୃତୀୟ ଅତିରିକ୍ତ ଜିଲ୍ଲା ଜଜ୍ ବିଭାସ୍ୱତ୍ର ଗୌତମ, ପିଓ ଓପିଆଇଡି ବିଚାରପତି ସଂଗୀତା ପାଣି, ସିଜେଏମ ସୁଶ୍ରୀ ସୁଜାତା ପ୍ରିୟମ୍ବଦା ସ୍ୱାଇଁ, ପ୍ରଥମ ଅତିରିକ୍ତ ସିନିୟର ସିଭିଲ ଜଜ୍ ମିସ ଜ୍ୟୋର୍ତିମୟୀ ଦାସ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଦସ୍ୟ ଟି.କେ ରେଡ୍ଡୀ, ବ୍ରହ୍ମପୁର ବନ ଅଧିକାରୀ, ବହୁ ପ୍ୟାନେଲ ଓକିଲ, ପାରାଲିଗଲ ସ୍ୱେଚ୍ଛାସେବୀ, ଓଡିଶା ଆଦର୍ଶ ବିଦ୍ୟାଳୟ କରାପଲ୍ଲୀର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସମସ୍ତ କର୍ମକର୍ତ୍ତା, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ନୂତନ ଅଫିସ ସହ ଭିତ୍ତିଭୂମି ଉନ୍ନତିକରଣ କରୁଛି ଟିପିଏସ୍‌ଓଡିଏଲ୍

# ନବରଙ୍ଗପୁର, ମାଲକାନଗିରି ଓ କୋରାପୁଟରେ ନୂତନ ଅଫିସ ବିଲ୍ଡିଂ ଉଦ୍‌ଘାଟିତ

ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ନୂତନ ଅଫିସ ସ୍ଥାପନ ହେବା ସହ ବିଦ୍ୟୁତ ବିତରଣ ନେଟୱର୍କ ଏବଂ ଉପଭୋକ୍ତା ସେବା ଆହୁରି ସୁଦୃଢ଼ ହୋଇଛି । ଭିତ୍ତିଭୂମି ବିକାଶ ଦିଗରେ କମ୍ପାନୀର ମିଶନକୁ ସାକାର କରିବାରେ ଏହି ଅତ୍ୟାଧୁନିକ ଅଫିସ ସହାୟକ ହେବ ଏବଂ ଗ୍ରାମାଞ୍ଚଳରେ ଉତ୍ତମ ବିଦ୍ୟୁତ ସେବାକୁ ସୁନିଶ୍ଚିତ କରିବ । ନବରଙ୍ଗପୁରରେ ନୂଆ ଡିଭିଜନ ଏବଂ ସବଡିଭିଜନ ଅଫିସ, ପାପଡ଼ାହାଣ୍ଡିରେ ଏକ ସମନ୍ୱିତ ସବଡିଭିଜନ ଏବଂ ସେକ୍ସନ ଅଫିସ, ମାଲକାନଗିରିର ବାଲିମେଳା ଏବଂ କୋରାପୁଟ ଜିଲ୍ଲାର କୋଟପାଡ଼ଠାରେ ନୂତନ ସେକ୍ସନ ଅଫିସ ସ୍ଥାପିତ ହୋଇଛି ।

ଗ୍ରାହକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବିଲ୍ଡିଂକୁ ଡିଜାଇନ୍ କରାଯାଇଛି । ଯେଉଁଥିରେ ବିଲିଂ କାଉଣ୍ଟର, ଆଧୁନିକ ସୁବିଧା ଏବଂ ଉନ୍ନତ ମାନର ସେବା ଉପଲବ୍ଧ



ଅଛି । ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନଙ୍କ ଉପସ୍ଥିତିରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଅଫିସଗୁଡ଼ିକୁ ଉଦଘାଟନ କରିଥିଲେ । ଏହି ଅବସରରେ ଉଦଘାଟନୀ କାର୍ଯ୍ୟକ୍ରମରେ କର୍ମଚାରୀମାନେ ଚାରା ରୋପଣ କରିଥିଲେ । ଯାହା ପରିବେଶ ସୁରକ୍ଷା ଦିଗରେ ଟିପିଏସ୍‌ଓଡିଏଲର ପ୍ରତିବଦ୍ଧତାକୁ ଦର୍ଶାଏ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଆମେ ବିଶ୍ୱାସ କରୁ ଯେ ଭିତ୍ତିଭୂମି ବିକାଶ ମାଧମରେ ଭରସାଯୋଗ୍ୟ ଏବଂ ଗ୍ରାହକ କୈନ୍ଦ୍ରିକ ସେବା ସୁନିଶ୍ଚିତ ହୋଇପାରିବ ।

ଏହି ନବନିର୍ମିତ ଅଫିସ ଦକ୍ଷିଣ ଓଡ଼ିଶାର କୋଣ ଅନୁକୋଣରେ ଉନ୍ନତ ବିଜୁଳି ଯୋଗାଣ ଦିଗରେ ଆମର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଅଛି । ଆମେ ଅଫିସ ବିଲିଂ ତିଆରି କରିବା ସହ ଟିପିଏସ୍‌ଓଡିଏଲ୍ ପ୍ରତି ଲୋକଙ୍କ ବିଶ୍ୱାସକୁ ସୁଦୃଢ଼ କରିଛୁ । ନୂତନ ଭାବେ ଉଦଘାଟିତ ଅଫିସଗୁଡ଼ିକରେ କର୍ମଚାରୀମାନଙ୍କ ସହ ଆଲୋଚନା କରି ଶ୍ରୀ ଗର୍ଗ ଟିମ୍ ସଦସ୍ୟମାନଙ୍କୁ ଅନୁଷ୍ଠାନର ସେବା ଓ ସମର୍ପଣ ଭଳି ମୌଳିକ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଉତ୍ସାହିତ କରିଥିଲେ । ଦୀର୍ଘସ୍ଥାୟୀ ଏବଂ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ପାଇଁ ସକ୍ରିୟ ତଥା ଉପଭୋକ୍ତା କୈନ୍ଦ୍ରିକ ସେବା ଯୋଗାଇବା ଉପରେ ସେ ଗୁରୁତ୍ୱ ଦେଇଥିଲେ ।

ଏସବୁ ପଦକ୍ଷେପ ନିରନ୍ତର ଉନ୍ନତ ବିଜୁଳି ସେବା ଯୋଗାଇ ଗୋଷ୍ଠୀ ସଶକ୍ତିକରଣ କରିବା ଦିଗରେ ଟିପିଏସ୍‌ଓଡିଏଲର ଯାତ୍ରାରେ ଏକ ମାଇଲଖୁଣ୍ଟ ସାଜିଛି । ସମଗ୍ର ଦକ୍ଷିଣ ଓଡ଼ିଶାରେ ଉନ୍ନତ ଟେକ୍ନୋଲୋଜି, ପରିବେଶ ସଚେତନତା ଏବଂ ଗ୍ରାହକ କୈନ୍ଦ୍ରିକ ଭିତ୍ତିଭୂମି ବିକାଶ ଦ୍ୱାରା ବିଜୁଳି ସେବାକୁ ଆହୁରି ସୁଦୃଢ଼ କରିବା ଉପରେ କମ୍ପାନୀ ଗୁରୁତ୍ୱ ଦେଇଆସୁଛି ।

# ବାଇକ ସହ ୧୧୦ ଲିଟର ଦେଶୀ ମଦ ଜବତ, ୨ ଗିରଫ

ବୁଗୁଡା, (ସବ୍ୟୁ) : ସ୍ଥାନୀୟ ଅବକାରୀ ଥାନା ପକ୍ଷରୁ ଦୁଇଟି ସ୍ଥାନରେ ଚଢାଉ କରାଯାଇ ଗୋଟିଏ ବାଇକ୍ ସହ ୧୧୦ ଲିଟର ଦେଶୀମଦ ଜବତ କରାଯାଇ ୨ ଜଣଙ୍କୁ ଗିରଫ କରାଯାଇଛି । ଏନେଇ ଅବକାରୀ ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ସେନାପତିଙ୍କ ଠାରୁ ପ୍ରକାଶ ପାଇଛି । ଗିରଫ ଦୁଇ ଜଣ ହେଲେ ଆଦିପୁର ଗ୍ରାମର ଲଡୁ କିଶୋର ଜେନା ଓ ସମୀର ସାହୁ । ପ୍ରକାଶଯେ , ଆଜି ସକାଳେ ଚୋରା ମଦ ବେପାରୀ ଲଡୁ କିଶୋର ବାଇକରେ ମଦ ଧରି ବି.ବ୍ରହ୍ମପୁର ଗାଁ ଛକରେ ଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ଅବକାରୀ ପୋଲିସ ସେଠାରେ ଚଢାଉ କରି ବାଇକ ସହ ୭୦ ଲିଟର ମଦ ଜବତ କରି ତାଙ୍କୁ ଗିରଫ କରିଥିଲା । ଅନ୍ୟପକ୍ଷରେ ଆଦିପୁର ଗ୍ରାମରେ ଚଢାଉ କରାଯାଇ ସମୀରଙ୍କ ଠାରୁ ୪୦ ଲିଟର ଦେଶୀ ମଦ ମଧ୍ୟ ଜବତ ସହ ତାଙ୍କୁ ଗିରଫ କରାଯାଇଥିଲା । ଏନେଇ ବୁଗୁଡା ଅବକାରୀ ଥାନା ପକ୍ଷରୁ ଉଭୟ ଚୋରା ମଦ ବେପାରୀ ଲଡୁ ଓ ସମୀରଙ୍କ ବିରୁଦ୍ଧରେ ଯଥାକ୍ରମେ କେସ୍ ନଂ ୪୮/୨୦୨୫ ଏବଂ ୪୯/୨୦୨୫ରେ ମାମଲା ରୁଜୁ କରାଯାଇଥିବା ଜଣାଯାଇଛି ।

# ଘରେ ପଶି ପେଟ୍ରୋଲ ଚୋରି, ୨ ଗିରଫ

ବ୍ରହ୍ମପୁର, (ସବ୍ୟୁ): ସଦର ଥାନା ଅନ୍ତର୍ଗତ କୁକୁଡାଖଣ୍ଡି ଅଞ୍ଚଳର ବିଭିନ୍ନ ଲୋକଙ୍କ ଘରେ ପଶି ବାଇକରୁ ପେଟ୍ରୋଲ ଚୋରି କରିବା ଅଭିଯୋଗରେ ସଦର ଥାନା ପୋଲିସ ୨ ଜଣଙ୍କୁ ବାନ୍ଧିଛି । ଅଭିଯୁକ୍ତ ମାନେ ହେଲେ କୁକୁଡାଖଣ୍ଡି ଗୌଡ ସାହିର ଚିଦାନନ୍ଦ ଗୌଡ ଓରଫ କାଳିଆ (୨୧) ଓ ଡି. ପୁରୁଷୋତ୍ତମ ପାତ୍ର ଓରଫ ଗୋଲଡେନ୍ (୩୫) । ପୋଲିସ ସେମାନଙ୍କ ଠାରୁ ୨ ବୋତଲ ପେଟ୍ରୋଲ ଜବତ କରିଛି । ଯାହାକି ସେମାନେ ବିଭିନ୍ନ ବାଇକରୁ ଚୋରି କରିଥିଲେ । ସେମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । କୁକୁଡାଖଣ୍ଡି ଚୌଧୁରୀନଗର ୩ୟ ଲାଇନର ଇ. ସତ୍ୟ ଦୋରା ୬ ତାରିଖରେ ନିଜ ଘର ଭିତରେ ବାଇକ ରଖିଥିଲେ । ସକାଳୁ ତାଙ୍କ ଗ୍ରୀଲର ତାଲା ଭଙ୍ଗା ଯାଇଥିବା ଦେଖିଥିଲେ । ଯାଞ୍ଚ ପରେ ତାଙ୍କ ବାଇକରୁ ସମସ୍ତ ପେଟ୍ରୋଲ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ରାତି ଅଧରେ କୌଣସି ଦୁର୍ବୃତ୍ତ ତାଙ୍କ ଘରର ଗ୍ରୀଲ ଭାଙ୍ଗି ଭିତରକୁ ପଶିବା ପରେ ବାଇକରୁ ପେଟ୍ରୋଲ ବାହାର କରି ନେଇ ଯାଇଥିବା ଜଣାପଡିଥିଲା । ସେହି ରାତିରେ ଏହି ଅଞ୍ଚଳର ଏକାଧିକ ଲୋକଙ୍କ ବାଇକରୁ ପେଟ୍ରୋଲ ଚୋରି ହୋଇଥିବା ଜଣାପଡିଥିଲା । ପେଟ୍ରୋଲ ଚୋରି ବେଳର ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଥିଲା । ଏ ନେଇ ସତ୍ୟ ଦୋରା ସଦର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ପ୍ରଥମେ କାଳିଆଙ୍କୁ କାବୁ କରି ପଚରାଉଚରା କରିବା ପରେ ସେ ପେଟ୍ରୋଲ ଚୋରି କରିଥିବା ସ୍ୱୀକାର କରିବା ସହ ଏଥିରେ ଅଭିଯୁକ୍ତ ପୁରୁଷୋତ୍ତମ ତାଙ୍କୁ ସହଯୋଗ କରିଥିବା ପୋଲିସକୁ ସୂଚନା ଦେଇଥିଲା ।

# କଂଗ୍ରେସର ସାମ୍ବାଦିକ ସମ୍ମିଳନୀ: ସମ୍ବିଧାନକୁ ବଞ୍ଚାଇବା ମୂଳଲକ୍ଷ୍ୟ



ବାରିପଦା, (ସବ୍ୟୁ) : ଆସନ୍ତା ୧୧ତାରିଖ ଦିନ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଓ ଜାତୀୟ କଂଗ୍ରେସ ଦଳର ସଭାପତି ମାଲିକାର୍ଜୁନ ଖଡ଼ଗେଙ୍କ ଓଡିଶା ଗସ୍ତ ଅବସରରେ, ରାଜ୍ୟ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ମୟୂରଭଞ୍ଜ କଂଗ୍ରେସ ତରଫରୁ ସ୍ଥାନୀୟ ପିଡବ୍ଲ୍ୟୁଡି ବଙ୍ଗଳାଠାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କଂଗ୍ରେସ ପ୍ରବକ୍ତା ବିଭୁତି ମିଶ୍ର ଯୋଗଦେଇ, ବର୍ତ୍ତମାନ ପରିପ୍ରେକ୍ଷୀରେ ସମ୍ବିଧାନକୁ ବଞ୍ଚାଇବା ପାଇଁ, ସମ୍ବିଧାନ ବଞ୍ଚାଓ ରାଲିରେ କଂଗ୍ରେସ କର୍ମୀ ଓ ଜନସାଧାରଣଙ୍କୁ ଅବଗତ କରାଇବା ଆଦି ଆଜିର ଏହି ସାମ୍ବାଦିକ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସୁଚାଇଥିଲେ। ବର୍ତ୍ତମାନ ପରିପ୍ରେକ୍ଷୀରେ ଦେଶରେ ସମ୍ବିଧାନ ବଞ୍ଚିଲେ, ଆମ ସମସ୍ତଙ୍କୁ ଉଦ୍ଦେଶ୍ୟ ପୂରଣ ହେବ ବୋଲି ଶ୍ରୀ ମିଶ୍ର କହିଥିଲେ । ଏଥିପାଇଁ ଆଗାମି ୧୧ତାରିଖ ଦିନ ସାଧାରଣ ଜନତା ଉକ୍ତ ସଭାରେ ବହୁସଂଖ୍ୟାରେ ଯୋଗ ଦେବାକୁ ସାମ୍ବାଦିକ ସମ୍ମିଳନୀ ଜରିଆରେ ଆହ୍ୱାନ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ବିଜନ ଦାସ, ପୂର୍ବତନ ସଭାପତି ହେମନ୍ତ ଦାସ, ମହିଳା ନେତ୍ରୀ ସୁସ୍ମିତା ଘୋସାଲ, ଯୋଗେଶ ଅଗ୍ରୱାଲ, ମୀନକେତନ ବେହେରା, ତୁଷାର ବେହେରା, ଶିବାନନ୍ଦ ଦାସ, ମୋତିପ୍ରକାଶ ଦାସ, ଏମ.ଡି ଇକବାଲ ଓ ନିର୍ମଳ ପ୍ରଧାନ ପ୍ରମୁଖ ଯୋଗ ଦେଇଥିବା ବେଳେ, ଜିଲ୍ଲା ସଂଯୋଜକ ଅରବିନ୍ଦ ଦାସଙ୍କ ସଭାପତିତ୍ୱରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

# ଶ୍ରମିକ ସଙ୍ଗଠନ ପକ୍ଷରୁ ସାଧାରଣ ଧର୍ମଘଟ ପାଇଁ ପ୍ରଚାର

ବାରିପଦା, (ସବ୍ୟୁ) : କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ସମୂହଙ୍କ ପକ୍ଷରୁ ଶ୍ରମିକ, କୃଷକ, କର୍ମଚାରୀ ଓ ସାଧାରଣ ମଣିଷ ବଞ୍ଚିବାର ୧୭ଦଫା ଦାବି ନେଇ ଆସନ୍ତାକାଲି ସାଧାରଣ ଧର୍ମଘଟ, ଭାରତ ବନ୍ଦକୁ ସଫଳ କରିବା ପାଇଁ ଆଜି ବାରିପଦା ସହରର ବିଭିନ୍ନ ସ୍ଥାନରେ ପଥ ପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଧର୍ମଘଟକୁ ରାଜ୍ୟରେ କଂଗ୍ରେସ ସମର୍ଥନ ଦେଇଥିବାରୁ ଆଜିର ପ୍ରଚାରରେ ପୂର୍ବତନ ଟାଉନ କଂଗ୍ରେସ ସଭାପତି ଶାନ୍ତନୁ ପାଲ ଯୋଗଦେଇ ସଫଳ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ଏଥିରେ ଏଆଇଟିୟୁସି ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର ଓ ମହେଶ୍ୱର ବେହେରା ପ୍ରମୁଖ ଭାଗ ନେଇଥିଲେ ।

# ପ୍ରତିଶ୍ରୁତିର ରଥଯାତ୍ରା ବିଶେଷାଙ୍କ ଲୋକାର୍ପିତ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜର ବାରିପଦାରୁ ଦୀର୍ଘ ୪୩ବର୍ଷ ଧରି ଭାଗବତ ପଣ୍ଡାଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ସାହିତ୍ୟ ସଂସ୍କୃତି ମୂଳକ ତ୍ରୈମାସିକ ପତ୍ରିକା ପ୍ରତିଶ୍ରୁତିର ରଥଯାତ୍ରା ବିଶେଷାଙ୍କ ରଥଖଳାରେ ମୟୂରଭଞ୍ଜର ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱରେ ଲୋକାର୍ପିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୟୂରଭଞ୍ଜର ଜିଲ୍ଲାପାଳ ହେମକାନ୍ତ ସୟ ମୁଖ୍ୟଅତିଥି, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁରୁପାଲି, ମୟୂରଭଞ୍ଜର ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ତଥା ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ବିଶେଷ ଅତିଥି ଭାବେ ଯୋଗଦେଇ ମୟୂରଭଞ୍ଜରୁ ପ୍ରକାଶ ପାଉଥିବା ଏହି ପତ୍ରିକାର ଭୂୟସୀ ପ୍ରଶଂସା କରିଥିଲେ ।

ମୁଖ୍ୟବକ୍ତା ଭାବେ ବାରିପଦା ପୌରପରିଷଦର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଓଡିଶାର ବହୁ ଲବ୍ଧ ପ୍ରତିଷ୍ଠିତ ଲେଖକ-ଲେଖିକାଙ୍କ ରଚନାରେ ସମୃଦ୍ଧ ଏହି ପତ୍ରିକା ନିଶ୍ଚିତ ଭାବେ ପାଠକୀୟ ଆଦୃତି ଲାଭ କରିବ ବୋଲି ଉଲ୍ଲେଖ କରିଥିଲେ । ବାରିପଦା ସଦର ଉପ-ଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗଚ୍ଛାୟତ ଓ ଗୌତମ କିସାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଆଧାତ୍ମିକ ଚେତନା ତଥା ଜଗନ୍ନାଥ ସଂସ୍କୃତି ସମ୍ବଳିତ ଉପାଦେୟ ଲେଖା ଗୁଡିକ ଶ୍ରୀଜଗନ୍ନାଥ ପ୍ରେମୀ ମାନଙ୍କ ସନ୍ଦେହ ମୋଚନ ପାଇଁ ବହୁ ଉପାଦାନ ଯୋଗାଇବ ବୋଲି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଇନ ଜୀବି ହିମାଂଶୁ ପାଣିଗ୍ରାହୀ ସମ୍ମାନିତ ବକ୍ତାଭାବେ ନିଜର ବକ୍ତବ୍ୟ ରଖିଥିବା ବେଳେ ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଭାଗବତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବିଶେଷାଙ୍କରେ ପ୍ରୋଫେସର ଡଃ ବୈଷ୍ଣବ ଚରଣ ସାମଲ, ଡଃ ତୁଳସୀ ଓଝା, ଡଃ ପ୍ରମୋଦ କୁମାର ମହାପାତ୍ର, ଡଃ ସାରଙ୍ଗଧର ରାୟଗୁରୁ, ପଣ୍ଡିତ ଡଃ ସୂର୍ଯ୍ୟମଣି ଖୁଣ୍ଟିଆ, ଡଃ ଭାସ୍କର ମିଶ୍ର, ଡଃ ତ୍ରିନାଥ ପଟ୍ଟାନାୟକ, ଡଃ ସିଦ୍ଧାର୍ଥ କାନୁନ୍‌ଗୋ, ଡଃ ନରେଶ ଚନ୍ଦ୍ର ଦାସ, ଡଃ ବଂଶୀଧର ମହାନ୍ତି, ବିଜୟଲକ୍ଷ୍ମୀ ମହାନ୍ତି, ଡାଃ ଭାଗବତ ବେହେରା ଓ ସତ୍ୟବ୍ରତ ମିଶ୍ର ପ୍ରମୁଖ ବହୁ ଲବ୍ଧ ପ୍ରତିଷ୍ଠିତ ଜଗନ୍ନାଥ ସଂସ୍କୃତି ଗବେଷକ ତଥା ସାରସ୍ୱତ ସାଧକଙ୍କ ରଚନା ସ୍ଥାନ ପାଇଛି ।

# ଓଡିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଅବସରରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

ବାରିପଦା, (ସବ୍ୟୁ) : ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ଓଡିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷେତ୍ର ଦିବସ-୨୦୨୫ ପାଳନ ଅବସରରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ବିଭାଗର ଆନୁକୂଲ୍ୟରେ ବାରିପଦା ସ୍ଥିତ ମହାରାଣୀ ପ୍ରେମ କୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଜିଲ୍ଲାସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତି, ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ଓଏଭି, ବେତନଟୀ ର ସ୍ମୃତିରେଖା ସାହୁ, ଓଏଭି, ମୋରଡାର ପଦ୍ମାଳୟା ସିଂ, ସରକାରୀ ଉଚ୍ଚ ପ୍ରାଥମିକ ଉଚ୍ଚ ବିଦ୍ୟାଳୟ, ଗୁହାଳଡିହାର ରୋହିତ ପାଲବାବୁ ଏବଂ ବରିଷ୍ଠ ବର୍ଗରେ ଓଏଭି, ବାରିପଦାର ତୃପ୍ତିମୟୀ ବିଶ୍ୱାଳ, ଦ୍ୱାରଶୁଣି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଙ୍ଗରିପୋଷୀର ଅନ୍ୱେଷା ଦାସ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାରିପଦାର ଜାଗୃତି ମିଶ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ସେହିପରି ବକ୍ତୃତା ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ଓଏଭି, ମୋରଡା ର ସାଧନାସେଜଲ ସ୍ୱାଇଁ, ଓଏଭି, ଭାଲୁକସାର ସ୍ୱୟଂପ୍ରଭା ଆଚାର୍ଯ୍ୟ, ଓଏଭି, ବଡ଼ସାହିର ବାଗ୍ମୀତା ଜେନା ଏବଂ ବରିଷ୍ଠ ବର୍ଗରେ ଏମପିକେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଆଦ୍ୟାଶା ଦାସ, ଓଏଭି, କପ୍ତିପଦାର ଅମୃତାଂଶୀ ବେହେରା, ଓଏଭି, ବଡ଼ସାହିର ପ୍ରାଚୀ ଦ୍ୱିବେଦୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ସେହିପରି କବିତା ଆବୃତି ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟ, ଲକ୍ଷ୍ମୀପୋଷିର ଦିବ୍ୟଶିନୀ ପ୍ରଧାନ, ସାଇ ବିଦ୍ୟା ମନ୍ଦିର, ବାରିପଦାର ବି.ଦେବର୍ପିତା ମହାନ୍ତ, ଏମ.କେ.ସି ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦାର ମନିକା ବୈଠା ଏବଂ ବରିଷ୍ଠ ବର୍ଗରେ ଓଏଭି, କପ୍ତିପଦାର ରିତିକ୍ରିଷ୍ଣା ମହଲ, ଶ୍ରୀଅରବିନ୍ଦ ବିଦ୍ୟାପୀଠ, ଅମର୍ଦାର ଦିବ୍ୟଜ୍ୟୋତି କୁଅଁର, ଓଏଭି, କୁଳିଅଣାର ଶୁଭଦର୍ଶିନୀ ମହାକୁଡ଼ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ସେହିପରି ସାଧାରଣଜ୍ଞାନ ପ୍ରତିଯୋଗିତାରେ ଓଏଭି, ରାଣୀଭୋଳ, ବାରିପଦାର ହିମାଦ୍ରୀ ନାରାୟଣ ମିଶ୍ର, ଓଏଭି, ବେତନଟୀର ଲକ୍ଷ୍ମୀପ୍ରିୟା ଜେନା, ଓଏଭି, ରାଣୀଭୋଳ, ବାରିପଦାର ପୁରଜିତ ମହାନ୍ତ ଏବଂ ବରିଷ୍ଠ ବର୍ଗରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାରିପଦା ର ଶ୍ରୀମାନ ପାର୍ଥସାରଥୀ ମହାନ୍ତ, ଓଏଭି, ବେତନଟୀର ବିଷ୍ଣୁପ୍ରିୟା ମହାପାତ୍ର, ଓଏଭି, କପ୍ତିପଦାର ତନୁକ୍ରିଷ୍ଣା ମହଲା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ଏହି ପ୍ରତିଯୋଗିତାକୁ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଏମପିକେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଲଳିତ କୁମାର ମହାନ୍ତ ପ୍ରତିଯୋଗିତା ଗୁଡିକୁ ଉଦଘାଟନ କରିଥିଲେ । ପରିଶେଷରେ କୃତୀ ପ୍ରତିଯୋଗୀ ମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା ଏବଂ ସମସ୍ତ ପ୍ରତିଯୋଗୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

# ଦୁଇମାସ ହେଲାଣି ମିଳିଲାନି ଭତ୍ତା, ହିତାଧିକାରୀ ହନ୍ତସନ୍ତ



ସାଲେପୁର,(ସବ୍ୟୁ) :ଭତ୍ତା ପାଇଁ ହିନସ୍ଥା ହେଉଛନ୍ତି ଲୋକେ ବାରମ୍ବାର ପଞ୍ଚାୟତକୁ ଆସି ଭତ୍ତା ଗଣ୍ଡାକ ନପାଇ ହତାଶ ହେଉଛନ୍ତି । ଏଭଳି ଏକ ଅଭିଯୋଗ ଆସିଛି କଟକ ସାଲେପୁର ନାଇଗୁଆଁ ପଞ୍ଚାୟତରୁ। ଏହି ପରିଣତ ବୟସରେ କିଏ ବସି ବସି ଆସୁଛି ତ ଆଉ କିଏ ଚାଲି ଚାଲି ଆଶା କରିଥିବା ସରକାରୀ ଭତ୍ତା ଗଣ୍ଡାକ ପାଇଁ ହିତାଧିକାରୀ ମାନେ ପଞ୍ଚାୟତରେ ଆଲିହା ପଡିଛନ୍ତି। ଏହେଉଚି କଟକ ଜିଲ୍ଲା ସାଲେପୁର ବ୍ଲକ୍ ନଇଗୁଆଁ ପଞ୍ଚାୟତର ସାଧାରଣ ଗରିବ ଖଟିଖିଆ ବୃଦ୍ଧବୃଦ୍ଧାମାନେ ଆଜିକୁ ଦୁଇ ମାସ ହେବ ଭତ୍ତା ନପାଇ ହିନସ୍ଥା ହେଉଛନ୍ତି । ଭତା ଗଣ୍ଡକ ନେବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହେଲେଣି କିନ୍ତୁ ଭତ୍ତା ଟଙ୍କା ବ୍ୟାଙ୍କ ଖାତାକୁ ଆସୁ ନାହିଁ। ପଞ୍ଚାୟତରେ ଏ ବାବଦରେ କହିବାକୁ କେହି ଅଧିକାରୀଙ୍କ ଦେଖାନାହିଁ। ଏପଟେ ଭତ୍ତା ବହି , ଆଧାର ଖାତା ଧରି କିଭଳି ବାର୍ଦ୍ଧକ୍ୟରେ ଉପନୀତ ବୃଦ୍ଧ ବୃଦ୍ଧାମାନେ ମନ ଦୁଃଖରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ମୋ ବ୍ୟାଙ୍କରେ ଅପେକ୍ଷା କରି ଫେରୁଥିବା ଦେଖିବାକୁ ମିଳୁଛି। ଦୌଡି ଦୌଡ଼ି ନୟାନ୍ତ ହେଲେଣି ସିନା ସରକାର କିନ୍ତୁ ଭତ୍ତା ଟଙ୍କା ବ୍ୟାଙ୍କକୁ ପଠାଇ ନାହାଁନ୍ତି । ଅନଲାଇନ ଜରିଆରେ ସରକାର ଭତ୍ତା ଟଙ୍କା ହିତାଧିକାରୀଙ୍କୁ ଯୋଗାଇ ଦେଉଥିବା ବେଳେ ନଇଗୁଆଁ ପଞ୍ଚାୟତର ହିତାଧିକାରୀ ଏବେ ଦୁଇ ମାସ ହେବ ଭତା ପାଇବାରୁ ବଞ୍ଚିତ କାହାକୁ କହିବେ ଶୁଣିବ ବା କିଏ ? ନୂଆ ସରକାରଙ୍କ ଏଭଳି ବିଚିତ୍ର ବ୍ୟବସ୍ଥା ଯୋଗୁଁ ନଇଗୁଆଁ ପଞ୍ଚାୟତରେ ଶତାଧିକ ହିତାଧିକରି ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ଭତ୍ତା ଗଣ୍ଡାକ ପାଇଁ ଏବେ ପଞ୍ଚାୟତ କାର୍ଯ୍ୟାଳୟରୁ ବାରମ୍ବାର ଫେରି ନୟାନ୍ତ ହେଲେଣି । ଚାଲବାର ସକ୍ଷମ ନଥିଲେ ମଧ୍ୟ ଏକ ମାତ୍ରା ଆଶା ସରକାରୀ ଭତ୍ତା ପାଇଁ କିଭଳି କଷ୍ଟ କରି ଆସୁଛନ୍ତି ତାହା ସରକାରଙ୍କୁ ହୁଏତ ଦେଖାଯାଉନଥିବା। ଅନ୍ୟ ପଟେ ତିନି ହଜାର ପାଞ୍ଚଶହ ଭତ୍ତା ମଧ୍ୟ ପାଣିରଗାର ସଦୃଶ ଭଳି କିଛି ହିତାଧିକାରୀ କୋହଭରା କଣ୍ଠରେ ଅଭିଯୋଗ କରିଛନ୍ତି। ଭତ୍ତା ଟଙ୍କା ରେ ଔଷଧ କିଣି ବଞ୍ଚିବାର ଆଶା ଧିରେ ଧିରେ ଏହି ହିତାଧିକାରୀ ମାନଙ୍କ ମାଉଳିବାକୁ ବସିଲାଣି ।

ଅନ୍ୟପଟେ ଅସନ୍ତୋଷ ପ୍ରକାଶ କରି ହିତାଧିକାରୀ ମାନେ ପଞ୍ଚାୟତରୁ ମୁଁହ ଫେରେଇ ଯାଉଛନ୍ତି । ଏ ବାବଦରେ ମୋ ବ୍ୟାଙ୍କ ଅଧିକାରୀ ମଧ ସରକାର ଟଙ୍କା ପଠାଇ ନାହାଁନ୍ତି ଆମେ କେଉଁଠୁ ଆଣି ଦେବୁ ,ସେମାନେ ବାରମ୍ବାର ଆସି ପଚାରୁଛନ୍ତି ଆମ ପାଖରେ କିଛି ଉତ୍ତର ନାହିଁ । କେବେ ଟଙ୍କା ଆସିବ ମଧ ଆମେ ଜାଣି ନାହୁଁ । ଯେବେ ଆସିବ ସେବେ ସେମାନଙ୍କୁ ମିଳିବ ବୋଲି କହିଛନ୍ତି।

# ଅନ୍ତ୍ୟୋଦୟ ଗୃହ ଯୋଜନା ତଦନ୍ତରେ ଅନିୟମିତତା

ନିଶ୍ଚିନ୍ତକୋଇଲି,(ସବ୍ୟୁ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ ବନ୍ଧକାଟିଆ ପଞ୍ଚାୟତରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପକ୍କା ଘର ଯୋଗାଇଦେବା ପାଇଁ ତଦନ୍ତରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମ, ବିଧବା,ରୋଗାକ୍ରାନ୍ତ, ସହିଦ୍ ପରିବାର,ଘରପୋଡ଼ି ଓ ବନ୍ୟା ବାତ୍ୟା କ୍ଷତିଗ୍ରସ୍ତ ପରିବାରକୁ ସ୍ୱତନ୍ତ୍ର ଭାବେ ଅଗ୍ରାଧିକାର ଭିତ୍ତିରେ ପକ୍କାଘର ଯୋଗାଇ ଦେବା ପାଇଁ ଅନ୍ତ୍ୟୋଦୟ ଗୃହ ଯୋଜନା ଆରମ୍ଭ ହୋଇଛି । ହେଲେ ବନ୍ଧକାଟିଆ ପଞ୍ଚାୟତରେ ଏହି ଯୋଜନାରେ ସମ୍ପୃକ୍ତି ହେବା ପାଇଁ ସମସ୍ତ ସରକାରୀ ନୀତିନିୟମକୁ ଉଲ୍ଲଙ୍ଘନ କରାଯାଇ ହିତାଧିକାରୀ ଚୟନ ପ୍ରକିୟା କରାଯାଇଥିବା ବିଡ଼ିଓଙ୍କ ନିକଟରେ ଅଭିଯୋଗ ହୋଇଛି ।

ତଦନ୍ତ ସମୟରେ ବହୁ ଅଯୋଗ୍ୟ ହିତାଧିକାରୀଙ୍କ ଠାରୁ ଲାଞ୍ଚ ନେଇ ସେମାନଙ୍କୁ ଯୋଗ୍ୟ କରାଯାଇ ପକ୍କାଘର ଦିଆଯାଇଥିବା ଅଭିଯୋଗ ହୋଇଛି । ଯାହାଦ୍ୱାରା ପ୍ରକୃତ ହିତାଧିକାରୀ ଘର ପାଇବାରୁ ବଞ୍ଚିତ ହୋଇଥିବା ବେଳେ ଅଯୋଗ୍ୟ ହିତାଧିକାରୀ ମାନେ ପକ୍କାଘର ହାତେଇଛନ୍ତି । ଏହି ପଞ୍ଚାୟତରେ ଘର ପୋଡ଼ିଯାଇଥିବା ପରିବାର ,ବିଧବା ଓ ଅସହାୟ ଲୋକଙ୍କୁ ପକ୍କାଘର ଦିଆଯାଇନଥିବା ବେଳେ ପୂର୍ବରୁ ଘର ପାଇଥିବା ଓ ଶାଶୁ ଘର କୋଠାବାଡ଼ି ଥିବା ବିବାହିତ ଝିଅଙ୍କୁ ଘର ଦିଆଯାଇଥିବା ନେଇ ଅଭିଯୋଗ କରାଯାଇଛି । ଏହି ପଞ୍ଚାୟତରେ ପୁନଃ ତଦନ୍ତ କରାଯାଇ ଅଯୋଗ୍ୟକୁ ବାଦ୍ ଦିଆଯିବା ଓ ଯୋଗ୍ୟଙ୍କୁ ସମ୍ପୃକ୍ତି କରିବା ନିମନ୍ତେ ସୁକାନ୍ତ କୁମାର ତ୍ରିପାଠୀ, ବିଜୟ ସାହୁ,ପ୍ରଫୁଲ୍ଲ ସାହୁ ଓ ଅଭିମନ୍ୟୁ ବାରିକ ପ୍ରମୁଖ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ ବିଡ଼ିଓ ଦିବ୍ୟେନ୍ଦୁ ଦାସଙ୍କୁ ପଚାରିବାରୁ ସେ ଅଭିଯୋଗ ପାଇଛନ୍ତି ଓ ଖୁବ୍ ଶୀଘ୍ର ଏହାର ତଦନ୍ତ ହେବ ବୋଲି ପ୍ରକାଶ କରିଛନ୍ତି ।

## ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳିତ

# ଫସଲ ବୀମାର ଉଚିତ ପ୍ରାପ୍ୟ ଦେବା ପାଇଁ ପରାମର୍ଶ



ଜଗତସିଂହପୁର, (ସବ୍ୟୁ): ଅନ୍ତର୍ଜାତୀୟ ସମବାୟ ବର୍ଷ ଉପଲକ୍ଷେ ପ୍ରଧାନମନ୍ତ୍ରୀଙ୍କ ଫସଲ ବୀମା ଓ ମିଆଦୀ ଋଣ ସମ୍ପର୍କୀୟ ଏକ କର୍ମଶାଳା ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଜଗତସିଂହପୁର ଜ୍ୟୋତି ଶଙ୍କର ରାୟ ଯୋଗ ଦେଇ କୃଷକମାନଙ୍କୁ ସଚେତନତା ମାଧ୍ୟମରେ ଫସଲ ବୀମାରେ ଅନ୍ତର୍ଭୁକ୍ତ କରାଯାଇ ଫସଲ ବୀମାର ଉଚିତ ପ୍ରାପ୍ୟ ଦେବା ପାଇଁ ପଦକ୍ଷେପ ନେବାକୁ କହିଥିଲେ ।

ପ୍ରାରମ୍ଭରେ ପ୍ରଭାତ ଚନ୍ଦ୍ର ଶତପଥି ଉପନିବନ୍ଧକ ସମବାୟ ସମିତି ସମୂହ , ଜଗତସିଂହପୁର ବିଭାଜନ ଜଗତସିଂହପୁର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ଼େପୁଟି ଡାଇରେକ୍ଟର ପ୍ଲାନିଂ ସବିତା ସାହୁ , ବିଦ୍ୟୁତଲତା ବେହେରା ଡିଡିଏମ , ନାବାର୍ଡ ,ଜିଲ୍ଲା କୃଷି ଅଧିକାରୀ ବିଶ୍ୱଜିତ ପଣ୍ଡା, ରିଲିଆନ୍ସ ବୀମା କମ୍ପାନୀର ଜିଲ୍ଲା ସଂଯୋଜକ ସାରଦା ପ୍ରସନ ବିଶ୍ୱାଳ, ସମ୍ପାଦକ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ପ୍ରତିନିଧି ଯୋଗଦେଇ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଉପନିବନ୍ଧକ, ସମବାୟ ସମିତି ସମୂହ , ଜଗତସିଂହପୁର ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ ଏବଂ ସହକାରୀ ନିବନ୍ଧକଙ୍କ ,ସମବାୟ ସମିତି ସମୂହ କାର୍ଯ୍ୟାଳୟର ବିବେକାନନ୍ଦ ବେହେରା , ରାଖାଲ ଚନ୍ଦ୍ର ସାମଲ , ସୁମନ ବେହେରା , ମିତାଲି ବୋଷ ଉପସ୍ଥିତ ଥିଲେ । ଶେଷରେ ପ୍ରଭାତ କୁମାର ମହାପାତ୍ର , ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ , ଜଗତସିଂହପୁର ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖରିଫ ଋତୁ ୨୦୨୫ ନିମନ୍ତେ କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ

ବ୍ୟାସନଗର,(ସବ୍ୟୁ) : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା କୃଷି ବିଭାଗ ଆନୁକୁଲ୍ୟରେ ଆଗାମୀ ଖରିଫ ଋତୁ ୨୦୨୫ ନିମନ୍ତେ ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ କହିଲେ ଯାଜପୁର ଏକ କୃଷି ପ୍ରଧାନ ଜିଲ୍ଲା। ଚାଷୀମାନଙ୍କ ନିମନ୍ତେ ସରକାର ବହୁତ ଯୋଜନା କରିଛନ୍ତି। କୃଷକ ମାନେ ଯେପରି ପ୍ରତ୍ୟେକ ଯୋଜନାର ସୁଫଳ ପାଇପାରିବେ ସେଥିପ୍ରତି କୃଷି ବିଭାଗ ଅଧିକାରୀମାନେ ଯତ୍ନବାନ ହେବା ଆବଶ୍ୟକ। ଏହି ସବୁ ଯୋଜନା ଗୁଡ଼ିକୁ କୃଷକ ସମ୍ପର୍କ ମେଳା ଓ କୃଷି ସଚେତନତା ମାଧ୍ୟମରେ ହିତାଧିକାରୀ ମାନଙ୍କ ପାଖରେ ପହଞ୍ଚାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ବ୍ୟାଙ୍କ୍ ମାନେ ଚାଷୀ ମାନଙ୍କୁ ଋଣ ଯୋଗାଇ ଦେବାକୁ ଜିଲ୍ଲାପାଳ ଅଗ୍ରଣୀ ବ୍ୟାଙ୍କ୍ ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ସମବାୟ ବ୍ୟାଙ୍କ୍ ୬୮ କୋଟି ଋଣ ଯୋଗାଇ ଦେବାକୁ ଧାର୍ଯ୍ୟ ଲକ୍ଷ୍ୟ ରହିଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚଳିତ ମାସ ଶେଷ ସୁଦ୍ଧା ଜିଲ୍ଲାର ୬୩ ହଜାର ଚାଷୀଙ୍କୁ ପଞ୍ଜୀକୃତ କାର୍ଯ୍ୟ ଶେଷ କରିବାକୁ ବ୍ଲକ୍ କୃଷି ଅଧିକାରୀ ପଦକ୍ଷେପ ଗ୍ରହଣ କରିବେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅରୁଣ କୁମାର ବେହେରା ସଭାକାର୍ଯ୍ୟ କୁ ଆଗେଇ ନେବା ସହ କାର୍ଯ୍ୟସୂଚୀ ଅନୁଯାୟୀ ୨୦୨୫ ମସିହା ଖରିଫ ଫସଲ ନିମନ୍ତେ ହୋଇଥିବା ଲକ୍ଷ୍ୟ ଧାର୍ଯ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। କାର୍ଯ୍ୟସୂଚୀ ଅନୁଯାୟୀ ଯାଜପୁର ଜିଲ୍ଲାରେ ୨୦୨୫ ମସିହା ସୁଦ୍ଧା ସମୁଦାୟ ୧୦୬୫୭୦ ହେକ୍ଟର ଜମିରେ ଧାନ ଚାଷ, ସମୁଦାୟ ୧୫୪୦ ହେକ୍ଟର ଜମିରେ ମକା ଚାଷ, ସମୁଦାୟ ୫୦୦ ହେକ୍ଟର ଜମିରେ ମିଲେଟ୍ ଚାଷ, ସମୁଦାୟ ୪୯୯୦ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ ଚାଷ, ସମୁଦାୟ ୩୦୦ ହେକ୍ଟର ଜମିରେ ତୈଳ ବୀଜ ଚାଷ, ୭୯୦ ହେକ୍ଟର ଜମିରେ ଝୋଟ ଚାଷ ଏବଂ ସମୁଦାୟ ୨୦୮୦ ହେକ୍ଟର ଜମିରେ ମସଲା ଚାଷ କରାଯିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ୨୦୨୫ ମସିହା ସୁଦ୍ଧା ଯାଜପୁର ଜିଲ୍ଲାରେ ପ୍ରମୁଖ ଜଳ ସେଚନ, କ୍ଷୁଦ୍ର ଜଳସେଚନ, ବୃହତ୍ ଉଠା ଜଳ ସେଚନ, କ୍ଷୁଦ୍ର ଉଠା ଜଳସେଚନ ଏବଂ ଅନ୍ୟାନ୍ୟ ଉତ୍ସରୁ ସମୁଦାୟ ୧୦୭୫୭୨.୪୧ ହେକ୍ଟର ଜମିରେ ଜଳସେଚନ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୨୦୨୫– ୨୬ ମସିହା ମୃତ୍ତିକା ପରୀକ୍ଷା କରାଯାଇ ବ୍ଲକ୍ ୱାରୀ ୯୬୧୪ ନମୁନା ସଂଗ୍ରହ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୨୦୨୫ ମସିହା ସୁଦ୍ଧା ୧୨୪୨୬ ମେଟ୍ରିକ୍ ଟନ୍ ରାସାୟନିକ ସାର ଯଥା: ଫସଫରସ, ପୋଟାସ ଓ ଯବକ୍ଷାରଜାନ ବ୍ୟବହାର ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବୈଠକରେ ଫସଲ ସୁରକ୍ଷା ଯୋଜନା, କୃଷି ଯାନ୍ତ୍ରିକକରଣ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କୃଷି ଋଣ ଇତ୍ୟାଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ଅଗ୍ରଣି ବ୍ୟାଙ୍କ୍ ପରିଚାଳକ ଓ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଡ୍ରାଇଭର ମହାସଂଘର ଧର୍ମଘଟ

ଧର୍ମଶାଳା,(ସବ୍ୟୁ): ଡ୍ରାଇଭର ମହାସଂଘ ପକ୍ଷରୁ ୭ ଦଫା ଦାବିନେଇ ରାଜ୍ୟବ୍ୟାପି ଧର୍ମଘଟ ଡାକରା ଦିଆଯାଇଥିବା ବେଳେ ମହାସଂଘର ଧର୍ମଶାଳା ଶାଖା ପକ୍ଷରୁ ଆଜି ଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧର୍ମଘଟ କରାଯାଇଛି । ଫଳରେ ଗାଡିଚଳାଚଳ ଏକ ପ୍ରକାର ଠପ ହୋଇଯାଇଛି । ଗାଡି ଡ୍ରାଇଭରମାନେ ଆଜି ଧର୍ମଘଟ କରିବା ଫଳରେ ଗାଡି ଚଳାଚଳ ବନ୍ଦ ହେବା ଫଳରେ ବିଭିନ୍ନ ସ୍ଥାନକୁ ଯିବାକୁ ଥିବା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ସୂଚନା ମୁତାବକ ପୂର୍ବରୁ ଡ୍ରାଇଭର ମହାସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଧର୍ମଘଟ କରାଯାଇଥିବା ବେଳେ ପୂର୍ବ ସରକାର ଗୋଟିଏ ମାତ୍ର ଦାବି ପୂରଣ କରିବା ସହ ପରବର୍ତ୍ତୀ ସମୟରେ ଅନ୍ୟଦାବୀ ଗୁଡିକ ଉପରେ ବିଚାର କରାଯିବ ବୋଲି କହିଥିଲେ । ହେଲେ ଏବେ ସରକାର ପରିବର୍ତ୍ତନ ହେବା ପରେ ଡ୍ରାଇଭରମାନେ ନିଜର ଦାବି ହାସଲ ପାଇଁ ସରକାର ଉପରେ ଚାପ ପକାଇବା ନିମନ୍ତେ ଆଜି ଠାରୁ ଧର୍ମଘଟରେ ରହିଛନ୍ତି । ଡ୍ରାଇଭରମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ରେଷ୍ଟରୁମ କରିବା, ଗାଡି ଚେକିଙ୍ଗ ପାଇଁ ପୁଲିସକୁ କ୍ଷମତା ନଦେବା, ୬୦ ବର୍ଷରୁ ଉର୍ଦ୍ଧ ଡ୍ରାଇଭରମାନଙ୍କୁ ଭତା ପ୍ରଦାନ କରିବା ଆଦି ଦାବିରେ ଏହି ଧର୍ମଘଟ କରାଯାଇଛି । ଆଜି ଜାରକା ବସ ଷ୍ଟାଣ୍ଡ ନିକଟରେ ଧର୍ମଶାଳା ଅଂଚଳର ଡ୍ରାଇଭର ଭାଇମାନେ ଏକତ୍ରିତ ହୋଇ ଧର୍ମଘଟରେ ବସିରହିଛନ୍ତି । ଦାବି ପୂରଣ ପ୍ରତିସୃତି ନମିଳିବା ଯାଏଁ ଧର୍ମଘଟ ଚାଲୁ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଡ୍ରାଇଭର ମହାସଂଘ ଧର୍ମଶାଳା ଶାଖାର ସଭାପତି ଲୋକନାଥ ପୁରୀଙ୍କ ନେତୃତ୍ୱରେ ଉପସଭାପତି ସତ୍ୟବ୍ରତ ନାୟକ, ସମ୍ପାଦକ ଅମୁଲ୍ୟ କୁମାର ମଲିକ, ସହ ସମ୍ପାଦକ ବସନ୍ତ ପରିଡ଼ା, କୋଷାଧ୍ୟକ୍ଷ ଅଭୟ ବାରିକ ସଂଯେଜକ ବିଜୟ ବେହେରା ବରଷ୍ଠ ସଭ୍ୟ ପ୍ରଫୁଲ୍ଲ କୁମାର ମାହାଣା, ଅଶୋକ କୁମାର ରାଉତ, ପ୍ରମୋଦ କୁମାର ମାହାଣା ପ୍ରମୁଖ ଶତାଧିକ ଡ୍ରାଇଭର ଏହି ଧର୍ମଘଟରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି ।

## ଆନ୍ଦୋଳନରେ ସାମିଲ ହେଲେ ରଘୁନାଥପୁର ଅମଲା

ରଘୁନାଥପୁର,(ସବ୍ୟୁ): ରାଜ୍ୟ ଅମଲା ସଂଘର ଆହ୍ୱାନ କ୍ରମେ ଆଜି ରଘୁନାଥପୁର ବ୍ଲକ ବିଭିନ୍ନ କାର୍ଯ୍ୟାଳୟର ଅମଲାମାନେ କଳାବ୍ୟାଜ ପରିଧାନ ପୂର୍ବକ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଦାବୀ ପୂରଣ ନହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି କଳାବ୍ୟାଜ ପରିଧାନ ପୂର୍ବକ କାର୍ଯ୍ୟରତ ଅମଲାମାନେ ପ୍ରକାଶ କରିଛନ୍ତି । ଏହି ଆନ୍ଦୋଳନରେ ଭବେଶ ବେହେରା, ଶାରଦା ପ୍ରସନ୍ନ ନାୟକ, ସିପ୍ରା ପ୍ରିୟଦର୍ଶିନୀ ମହାନ୍ତି, ରାଜଶ୍ରୀ ରାଉତ, ଅବିନାଶ ସେଠୀ,ସଂଜୟ ପ୍ରଧାନ, ସୁଶାନ୍ତ ଧାରୁଆ,ସ୍ୱଗତିକା ଶତପଥୀ, ଅଜୟ ସିଂହ ପ୍ରମୁଖ ସାମିଲ ରହିଥିବା ଜଣାଯାଇଛି।

# ପୋଷ୍ୟ ସନ୍ତାନ ଗ୍ରହଣ କଲେ ବାଙ୍ଗାଲୋର ଦମ୍ପତି



କେନ୍ଦ୍ରାପଡା ,(ସବ୍ୟୁ): ବାଙ୍ଗାଲୋରର ଜଣେ ଦମ୍ପତି ସୁଦୂର କେନ୍ଦ୍ରାପଡାକୁ ଆସି ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଜଣାପଡିଛି। ଏହି ଦମ୍ପତି ପୋଷ୍ୟ ସନ୍ତାନ ଗ୍ରହଣ କରିବା ପାଇଁ ଅନ୍ଲାଇନ୍ ମାଧ୍ୟମରେ ଦୀର୍ଘ ୩ ବର୍ଷରୁ ଉର୍ଦ୍ଧ୍ୱ ହେବ ଆବେଦନ କରିଥିଲେ। ମଙ୍ଗଳବାର ବାଙ୍ଗାଲୋର ନିଉ ଟାଉନ୍ ଗ୍ଲୋ ହଙ୍କ ଅଂଚଳର ରାହୁଲ୍ ବିହାନୀ ଏବଂ ତାଙ୍କ ଧର୍ମ ପତ୍ନୀ ବିନୁ ବିହାନୀ ଜଣେ ଶିଶୁ ପୁତ୍ରକୁ ଗ୍ରହଣ କରିବା ପାଇଁ କେନ୍ଦ୍ରାପଡାରେ ପହଁଚିବା ପରେ କେନ୍ଦ୍ରାପଡାର ଜଣାଶୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲିଶ୍ରୀ ମହିଳା ସମିତିର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରୁ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ ଏବଂ ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଉପସ୍ଥିତିରେ ଏହି ଦମ୍ପତିଙ୍କୁ ଶିଶୁପୁତ

## ବିପିସିଏଲ ପେଟ୍ରୋଲ ପମ୍ପ ଉଦ୍‌ଘାଟିତ

ବରୀ, (ସବ୍ୟୁ ): ସାହୁ ଫିଲିଂ ମାର୍ଟ ପକ୍ଷରୁ ବରୀ ବାଲିଆ ଅଞ୍ଚଳରେ ବିପିଶିଏଲ୍ ପେଟ୍ରୋଲ ପମ୍ପର ଶୁଭ ଉଦ୍ଘାଟନ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଶୁଭ ଉଦ୍ଘାଟନ କରିବା ପରେ ଗ୍ରାହକମାନେ ପେଟ୍ରୋଲ ନେଉଥିବାର ଦେଖିବାକୁ ମିଳିଛି । ବିଧାୟକବିଶ୍ୱ ମଲ୍ଲିକ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା । ପରେ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା । ବାଲିଆ ଅଞ୍ଚଳରେ ପେଟ୍ରୋଲ ପମ୍ପ ନ ଥିବାରୁ ଲୋକ ମାନଙ୍କୁ ପେଟ୍ରୋଲ ଡିଜେଲ ପାଇଁ ୧୫ କିଲୋମିଟର ଯିବାକୁ ପଡୁଥିଲା । ଲୋକ ମାନଙ୍କ ସୁବିଧାକୁ ଆଖି ଆଗରେ ରଖି ବାଲିଆ ଅଞ୍ଚଳରେ ପେଟ୍ରୋଲ ପମ୍ପ ପ୍ରତିଷ୍ଠା କରିଥିବା ଓଣର୍ କହିଛନ୍ତି । ଆଜି ଉଦ୍ଘାଟନୀ ଦିବସରେ ଗ୍ରାହକମାନଙ୍କ ପାଇଁ ବିଶେଷ ପୁରସ୍କାର ମଧ୍ୟ ରହିଛି । ଯାହାକୁ ନେଇ ଗ୍ରାହକମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ଏହି ଉଦ୍ଘାଟନୀ ଦିବସରେ ବରୀ ବିଧାୟକ ବିଶ୍ୱ ମଲ୍ଲିକ ଙ୍କ ସହିତ ବରୀ ବ୍ଲକ ଅଧକ୍ଷ ଅଶୋକ କୁମାର ଗେଡି, ଜିଲ୍ଲାପରିଷଦ ସଭ୍ୟ ଅଶୋକ ସାମଲ, ଦିଲ୍ଲୀପ ମହାନ୍ତି, ବରୀ ବ୍ଲକ ବିଜେଡ଼ି ସଭାପତି କେଦାର ସାମଲଙ୍କ ସମେତ ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବକଙ୍କ ପତ୍ତା ମିଳୁନି



ପାଣିକୋଇଲି ,(ସବ୍ୟୁ) :ପଶ୍ଚିମବଙ୍ଗ ରାଜ୍ୟର ଜଣେ ଯୁବକ ନିଖୋଜ ଥିବା ନେଇ ସେଠାକାର ଥାନାରେ ଅଭିଯୋଗ କରିଥିବା ବେଳେ ଉକ୍ତ ଯୁବକ ଜଣକ ପାଣିକୋଇଲି ଅଂଚଳରେ ବୁଲୁଥିବାର ଖବର ପାଇ ଯୁବକଙ୍କ ସମ୍ପର୍କୀୟ ମାନେ ପାଣିକୋଇଲି ଆସି ତାକୁ ନପାଇ ପୁଣି ଥାନାରେ ଏକ ନିଖୋଜ ଅଭିଯୋଗ ଦେଇଛନ୍ତି।

ପ୍ରକାଶଯେ ପଶ୍ଚିମବଙ୍ଗ ରାଜ୍ୟର ଝାରଗ୍ରାମ ଜିଲ୍ଲା ଜାମୁବଣୀ ଥାନା ଅନ୍ତର୍ଗତ ଡ଼ାଇଚାକୁଣିଆ ଗ୍ରାମର ନନ୍ଦ କିଶୋର ମହନ୍ତଙ୍କ ପୁଅ ଅଭିଜିତ ଗତ ୪ ତାରିଖ ଠାରୁ ନିଖୋଜ ଥିଲେ। ଏ ନେଇ ଅଭିଜିତଙ୍କ ସମ୍ପର୍କୀୟ ମାନେ ନିକଟସ୍ଥ ଥାନାରେ ଅଭିଯୋଗ ଦାଖଲ କରିଥିଲେ। ତେବେ ଉକ୍ତ ଯୁବକ ଜଣକ ପାଣିକୋଇଲି ଅଂଚଳରେ ବୁଲାବୁଲି କରୁଥିବାର ଖବର ପାଇ ଯୁବକଙ୍କର ସମ୍ପର୍କୀୟ ମାନେ ପାଣିକୋଇଲି ଆସି ତାକୁ ନ ପାଇବାରୁ ପୁଣି ଥରେ ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ଯଦି କୌଣସି ବ୍ୟକ୍ତି ଉକ୍ତ ଯୁବକଙ୍କ ସନ୍ଧାନ ପାଆନ୍ତି ତେବେ ପାଣିକୋଇଲି ଥାନା ୯୯୩୮୨୦୨୯୯୫ରେ ଜଣାଇବାକୁ ଥାନାଧିକାରୀ ରଂଜିତ ମହାନ୍ତି ଜଣାଇଛନ୍ତି।

# ଅଧ୍ୟାପିକା ଡ. ଚିତ୍ରାକାନ୍ତି ସେଠୀଙ୍କୁ ଶ୍ରୀକ୍ଷେତ୍ର ସମ୍ମାନ

ରାଜକନିକା, (ସବ୍ୟୁ) :ପବିତ୍ର ସୁନାବେଶ ଦିନ ପଟାମୁଣ୍ଡାଇ ପ୍ରତିଭା ସମ୍ମାନ ପକ୍ଷରୁ ପଟାମୁଣ୍ଡାଇ ଟାଉନ ହଲ ଠାରେ ପରିଷଦର ସଭାପତି କଥାକାର ଡ. ନୀଳମଣି ଲେଙ୍କାଙ୍କ ପୌରାହିତରେ ଏକ ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡ.ଲେଙ୍କାଙ୍କ ୨୬ ତମ ପୁସ୍ତକ ଶ୍ରୀକ୍ଷେତ୍ର ର ଶହେ କଥା ଲୋକାର୍ପିତ ହେବା ସହିତ ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପିକା ଡ. ଚିତ୍ରାକାନ୍ତି ସେଠୀଙ୍କୁ ପ୍ରବନ୍ଧ ଓ ଉଲେଖନୀୟ ଗବେଷଣା ନିମିତ୍ତ ଶ୍ରୀକ୍ଷେତ୍ର ସମ୍ମାନରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଣ୍ଡିତ ହୃଷିକେଶ ରଥ, ମୁଖ୍ୟବକ୍ତା ଭାବେ ସଂଗୀତଜ୍ଞ ବିମଳ ପ୍ରସାଦ ପରିଡ଼ା ଓ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଦିଲୀପ ମହାପାତ୍ର ପ୍ରମୁଖ ଯୋଗଦେଇ ଅଧ୍ୟାପିକା ଡ. ସେଠୀଙ୍କୁ ଉତ୍ତରୀୟ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ବହୁ ଶିକ୍ଷାବିତ ଓ ଲେଖକ ଯୋଗ ଦେଇଥିଲେ।

# ଅରକ୍ଷିତ ଦାସଙ୍କ ଜନ୍ମୋତ୍ସବ

ବାଲିଚନ୍ଦ୍ରପୁର,(ସବ୍ୟୁ) : ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ପଲାଇ ମୌଜାସ୍ଥିତ ମହାପୁରୁଷ ସାଧନାକ୍ଷେତ୍ର ଓଳାଶୁଣୀ ଗୁମ୍ଫାପୀଠରେ ଓଳାଶୁଣୀ ଗୁମ୍ଫା ପ୍ରଚାର ପ୍ରସାର କମିଟି ଓ ଶିବାନୀ ପରିବାର ପକ୍ଷରୁ ସନ୍ଥ ସାଧକ ତଥା ଭବିଷକ ମାଳିକାର ଅନ୍ୟତମ ଶ୍ରଷ୍ଟା ମହାପୁରୁଷ ଅରକ୍ଷିତ ଦାସଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଓଳାଶୁଣୀ ଗୁମ୍ଫା ପ୍ରଚାର ପ୍ରସାର କମିଟିର ସାଧାରଣ ସମ୍ପାଦକ ନବକିଶୋର ସାମଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ଜନ୍ମ ଉତ୍ସବରେ ମୁଖ୍ୟଅତିଥି ଭାବେ ସନ୍ଥ ଅରକ୍ଷିତ ଦାସଙ୍କ ମହିମଣ୍ଡଳ ଗୀତାର ଇଂରାଜୀ ଅନୁବାଦକ ତଥା ମଂଚ ଓ ସିନେ ଅଭିନେତା ଜୀବନାନନ୍ଦ ପଣ୍ଡା, ସାମାଜସେବୀ ରୁଦ୍ରନାରାୟଣ ସିଂହ, ଦୀଲ୍ଲିପ କୁମାର ସିଂହ, ମହେନ୍ଦ୍ର କୁମାର ରଣ ସିଂହ, ପ୍ରଦୀପ୍ତ ମହାରଣା, ଏକାଦଶୀ ସେଠୀ, ପ୍ରଫୁଲ୍ଲ କୁମାର ପଣ୍ଡା, ଅମୂଲ୍ୟ କୁମାର ସିଂହ, ଚିତ୍ତରଞ୍ଜନ ସିଂହ, ଦୁଃଶାସନ ସାହୁ, ନାରାୟଣ ସାହୁ, ବିଭୁତଭୂଷଣ ସାମଲ, ଜିତେନ୍ଦ୍ର ନନ୍ଦ, ଅଜୟ କୁମାର ନାୟକ, ଶିଶିର କୁମାର ସାମଲ, ବିଜୟ କୁମାର ଜେନା, ଅର୍ଜୁନ ସାହୁ, ପ୍ରତାପ ସେନାପତି ପ୍ରମୁଖ ଉପସ୍ଥିତ ରହି ମହାପୁରୁଷଙ୍କୁ ଭକ୍ତିଅର୍ଘ୍ୟ ଅର୍ପଣ କରିଥିଲେ।

## ଚୋରି ସାମଗ୍ରୀ ଜବତ: ଚୋର ଗିରଫ

ଚଣ୍ଡିଖୋଲ/ଛତିଆ, (ସବ୍ୟୁ): ଯାଜପୁର ଜିଲ୍ଲାର ବୈରୀ ଥାନା ଅନ୍ତର୍ଗତ ସୋଲର ଛକରେ ଥିବା ଏକ ମୋବାଇଲ ଦୋକାନରୁ ଗତ ଅକ୍ଟୋବର ମାସରେ ଚୋରୀ ହୋଇଥିବା ସାମଗ୍ରୀ ଜବତ ସହିତ ଚୋରକୁ ଗିରଫ କରିବାରେ ପୋଲିସ ସଫଳ ହୋଇଛି । ଦୋକାନରୁ ବିଭିନ୍ନ ସାମଗ୍ରୀ ଚୋରି ହେବାନେଇ ଉକ୍ତ ଦୋକାନ ମାଲିକ ସତ୍ୟଜିତ ସାହୁ ବୈରୀ ଥାନାରେ ଅଭିଯୋଗ କରିଥିଲେ । ସେବେଠାରୁ ପୋଲିସ ତଦନ୍ତ ଅବ୍ୟାହତ ରଖିଥିଲା । ତେବେ ବିଶେଷ ସୂତ୍ରରୁ ଖବର ପାଇ ଏହି ଚୋରୀରେ ସଂପୃକ୍ତ ଥିବା ସୋଲର ଗ୍ରାମର ରାଜେଶ ରାଉତଙ୍କୁ ସୋମବାର ଦିନ ବୈରୀ ଥାନା ଅଧିକାରୀ ଗିରଫ କରିବା ସହ ଚୋରି ହୋଇଥିବା କେତେକ ସାମଗ୍ରୀ ତାଠାରୁ ଜବତ କରିଥିବା ଜଣାପଡିଛି । ଅଭିଯୁକ୍ତକୁ ମଙ୍ଗଳବାର କୋଟ ଚାଲାଣ କରାଯାଇଛି ।

# କିଡ୍‌ନୀ ରୋଗରେ ଜଣଙ୍କ ମୃତ୍ୟୁ

ଦାନଗଦି, (ସବ୍ୟୁ): ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳ ସ୍ଥିତ ସୁକିନ୍ଦା ରୋଡ଼ ରେଳ ସାଇଡିଙ୍ଗ ପ୍ଲଟକୁ ଲାଗିଥିବା ଗାଁ ସୁଆଁଲ, ବିଗତ ଦିନରେ ଏହି ଗାଁରେ ବାୟୁ ଜଳ ପ୍ରଦୂଷଣ ଜନିତ ରୋଗରେ ଆକ୍ରାନ୍ତ ହୋଇ ଶହ ଶହ ଲୋକଙ୍କ ମୁଣ୍ଡ ଗଡ଼ିଲାଣି । କ୍ଲିଙ୍କର, କୋଇଲା ଗୁଣ୍ଡ ଏହି ରେଳ ସାଇଡିଙ୍ଗ ରେ ଅନଲୋଡିଙ୍ଗ ଓ କାରଖାନାମାନଙ୍କୁ ପରିବହନ ହେବା ଦ୍ୱାରା ଧୂଳି ଧୂଆଁ ମାତ୍ରାଧିକ ଉଡି ସୁଆଁଲ ଗାଁର ପାଣି ପବନ ସମ୍ପୂର୍ଣ ବିଷ ହୋଇଯାଇଛ । ଆଜି ପ୍ରଦୂଷଣ ଜନିତ କୀଡୀନ୍ ଓ ଯକ୍ଷ୍ମା ରୋଗ ଏହି ଗାଁ ବେହେରା ସାହିର ରଘୁନାଥ ନାୟକ (୪୯) ଙ୍କର ମୃତ୍ୟୁ ହୋଇଯାଇଛି । ସେ ସୁକିନ୍ଦା ରୋଡ଼ ରେଳ ସାଇଡିଙ୍ଗ ରେ ଜଣେ ଶ୍ରମିକ ଭାବେ କାମ କରୁଥିଲା । ସେ ସୁକିନ୍ଦା ରୋଡ଼ ଲୋଡି ଅନଲୋଡି ଶ୍ରମିକ ସଙ୍ଘର ଜଣେ ସଦସ୍ୟ ଥିଲା । ତେଣୁ ଏ ରେଳ ସାଇଡିଙ୍ଗ ଆଉ କେତେ ମୁଣ୍ଡ ନେଲା ପରେ ଜଳ ର ନମୁନା ଓ ବାୟୁ ନମୁନା ପାଇଁ ଆର. ଡି. ଏସ. ମେସିନ ଗାଁ ମାନଙ୍କରେ ପ୍ରଦୂଷଣ ବିଭାଗ ବସାଇ ପଦକ୍ଷେପ ନେବ, ଆଉ ତା ପରିବାର କୁ କଣ କ୍ଷତି ପୂରଣ ମିଳିବ ତାହା ଦେଖିବାକୁ ବାକି ରହିଲା ।

## ଏବେ ବି ବଞ୍ଚିରହିଛି ମାନବିକତା

# ପାଇଥିବା ଲକ୍ଷାଧିକ ଟଙ୍କା ଓ ବ୍ୟାଗ ଫେରାଇଲେ ଯୁବକ



ଚଣ୍ଡିଖୋଲ/ଛତିଆ , (ସବ୍ୟୁ):ଆଜିର ସ୍ୱାର୍ଥ ପର ଦୁନିଆଁରେ ସମସ୍ତଙ୍କ ପାଇଁ ଅର୍ଥ ସର୍ବସ୍ୱ ହୋଇଜି । ତେବେ ଏବେବି ସମାଜରେ କିଛି ଭଲ ମଣିଷ ରହିଛନ୍ତି ଯେଉଁମାନେ ନିଜ ସ୍ୱାର୍ଥ ଠାରୁ ଅନ୍ୟର ସ୍ୱାର୍ଥ ଓ ଅବସ୍ଥାକୁ ମାନବୀକତା ଦୃଷ୍ଟି କୋଣରୁ ଗୁରୁତ୍ୱ ଦେଇ ଅନେକ ତ୍ୟାଗ କରିଥାନ୍ତ । ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲାର ଛତିଆରେ । ଏଠାରେ ଜଣେ ଯୁବକ ଲକ୍ଷାଧିକ ଟଙ୍କା ସହ ଏକ ବ୍ୟାଗ ପାଇଥିଲେ । ତେବେ ବ୍ୟିଗ ଭିତରେ ଏତେଗୁଡିଏ ଟଙ୍କା ଥିବା ଦେଖି ମଧ ତା ପ୍ରତି ଲୋଭ ନକରି ଯାହାର ଏହି ଟଙ୍କା ଭର୍ତ୍ତି ବ୍ୟାଗ ହଜିଛି ତାଙ୍କ ଅବସ୍ଥା ବିଷୟରେ ଚିନ୍ତାକରି ତୁରନ୍ତ କିପରି ତାଙ୍କୁ ଟଙ୍କାସହ ବ୍ୟାଗ ହସ୍ତାନ୍ତର କରିବେ ତାହାଭାବି ବ୍ୟତିବ୍ୟସ୍ତ ହୋଇ ପଡିଥିଲେ । ଶେଷରେ ମଙ୍ଗଳବାର ଦିନ ଟଙ୍କା ହଜାଇଥିବା ପ୍ରକୃତ ଲୋକକୁ ଠାବକରି ତାଙ୍କୁ ବ୍ୟାଗସହ ସମସ୍ତ ଟଙ୍କା ଫେରାଇବା ପରେ ସେ ଆନନ୍ଦିତ ହୋଇଥିଲେ । ଯାହା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ସୂଚନା ଅନୁଯାୟୀ କଟକ ଜିଲ୍ଲା ମାହାଙ୍ଗା ଥାନା କଇଥା ଅଞ୍ଚଳର ପ୍ରଦୀପ୍ତ ନାଥ ଓ କିଛି ଯୁବକ ସୋମବାର ରାତିରେ ପୁରୀରୁ ଓମ୍ ନାମକ ବସ୍ରେ ଛତିଆ ଫେରୁଥିଲେ । ନିଜ ବ୍ୟାଗ ସହିତ ଭୁଲ ବଶତଃ ବସର ଅନ୍ୟ ଜଣେ ଯାତ୍ରୀଙ୍କ ଗୋଟେ ବ୍ୟାଗ ଗାଡିରୁ ନେଇ ଆସିଥିଲେ । ତେବେ ବସରୁ ଓହ୍ଲାଇ ଦେଖିଲା ବେଳକୁ ବସଟି ସେଠାରୁ ଚାଲି ଯାଇଥିଲା । ପରେ ଏହି ବ୍ୟାଗକୁ ତନଖି କରିବା ସମୟରେ ସେଥିରେ ତିନୋଟି ବାଡା ନୋଟ ଥିବା ଦେଖାଯାଇଥିଲା । କିନ୍ତୁ ଏହି ଟଙ୍କାପ୍ରତି ସେ ଲୋଭ ନକରି ସଙ୍ଗେସଙ୍ଗେ ଛତିଆ ବସଷ୍ଟାଣ୍ଡରେ ଥିବା ଶାରଳା ହୋଟେଲକୁ ଯାଇ ସମସ୍ତକଥା କହିବା ସହ ଟଙ୍କା ଭର୍ତ୍ତି ବ୍ୟାଗକୁ ହୋଟେଲ ମାଲିକଙ୍କ ଜିମାଦେଥିଲେ ଓ ପ୍ରକୃତ ଲୋକକୁ ଏହି ବ୍ୟାଗ ଫେରାଇବା ପାଇଁ ଅନୁରୋଧ କରିଥିଲେ ।

ଏତିକିରେ ପ୍ରଦୀପ୍ତଙ୍କ ମନ ଶାନ୍ତି ହୋଇନଥିଲା । ସେ ହୋଟେଲ ମାଲିକଙ୍କ ସହାୟତା ନେଇ ଟଙ୍କାବ୍ୟାଗ ହଜିଥିବା ଲୋକଙ୍କୁ ଖୋଜିବା ସହ ଏ ସମ୍ପର୍କରେ ଯାଜପୁର ଜିଲ୍ଲା ଓ ଚଣ୍ଡିଖୋଲ ଘରୋଇ ବସ ମାଲିକ ସଂଘର ସହିୟତା ନେଇଥିଲେ । ବସ କର୍ମଚାରୀଙ୍କ ସହ ଯୋଗାଯୋଗ ଓ ବ୍ୟାଗରେ ଥିବା କିଛି ଜରୁରୀ କାଗଜ ପତ୍ରର ଯିଞ୍ଚପରେ ଏହି ଠଙ୍କା ଭର୍ତ୍ତି ବ୍ୟାଗଟି ଯାଜପୁର ଜିଲ୍ଲା ବରୀବ୍ଲକ ଭଁଅରା ପଞ୍ଚାୟତର ଆଜୟ ଦାସଙ୍କର ବୋଲି ଜଣାପଡିଥିଲା । ପରେ ତାଙ୍କ ସହିତ ଯୋଗାଯୋଗ କରି ଶାରଳା ହୋଟେଲ ମାଲିକ ଓ ପ୍ରଦୀପ୍ତ ଟଙ୍କା ସହିତ ବ୍ୟାଗକୁ ଅଜୟ ଦାସଙ୍କୁ ମଙ୍ଗଳବାର ସକାଳୁ ହସ୍ତାନ୍ତର କରିଥିଲେ । ହଜିଯାଇଥିବା ଟଙ୍କା ବ୍ୟାଗକୁ ଫେରିପାଇବା ପରେ ଅଜୟ ଯେତିକି ଖୁସୀ ହୋଇଥିଲେ ଟଙ୍କାବ୍ୟାଗ ପାଇ ତାକୁ ଠିକ ଲୋକକୁ ଫେରାଇ ଦେଇ ଥିବାରୁ ଟଙ୍କାବ୍ୟାଗ ପାଇଥିବା ଯୁବକ ପ୍ରଦୀପ ନାଥ ଓ ଶାରଳା ହୋଟେଲ ମାଲିକ ହରିହର ନାଥ ଅଧିକ ଖୁସିବ୍ୟକ୍ତ କରିଥିବା ଦେଖାଯାଇଥିଲା ।

# ୩୦ କାର୍ଟୁନ ମଦ ଜବତ, ୨ ଗିରଫ

କୁଆଖିଆ, (ସବ୍ୟୁ ): କୁଆଖିଆ ଥାନା ପୋଲିସ କୁଆଖିଆ ଓଭର ବ୍ରିଜ ନିକଟରୁ ଏକ ବୋଲେରୋ ଗାଡି ରେ ଯାଉଥିବା ୩୦ କାଟୁନ ଆସ୍କା ଫର୍ଟି ମଦ କୁ ଜବତ କରିଛି । ଚଣ୍ଡିଖୋଲ ଆଡୁ ମଙ୍ଗଳପୁର ଯାଉଥିବା ବୋଲୋରୋ ଗାଡି ଅଟକାଇ ସେ ଗାଡି ରୁ ମଦ ଜବତ କରାଯାଇ ଡ୍ରାଇଭର ବିହାର ଔରଙ୍ଗବାଦ ପଣ୍ଡୁଆ ଅଂଚଳ ର ଶଶୀ ଭୂଷଣ କୁମାରଙ୍କ ସହ ମଙ୍ଗଳପୁର ଥାନା ଅଂଚଳ ର ତ୍ରୈଲୋକ ବେହେରା ଙ୍କୁ ଗିରଫ କରାଯାଇଛି । ଆଜି ଦ୍ୱୟ ଙ୍କୁ ଅଦାଲତ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ ।ବୋଲର ଗାଡି ବି ଜବତ ହୋଇଛି ।

# ଲକ୍ଷ୍ମୀବସ ଷ୍ଟାଣ୍ଡକୁ ନେଇ ବିବାଦ : ବ୍ଲକ ଆଗରେ ଆମରଣ ଅନଶନ



ଗଣିଆ, (ସବ୍ୟୁ): ଗଣିଆ ବ୍ଲକ କିଶୋରପ୍ରସାଦ ପଞ୍ଚାୟତ ପାଣ୍ଡରାସିଂହା ଓ ଖଲିସରା ଗ୍ରାମରେ ଲକ୍ଷ୍ମୀବସ ଷ୍ଟାଣ୍ଡ ନିର୍ମାଣକୁ ନେଇ ଦୁଇ ଗ୍ରାମରେ ବିବାଦ ମୁଣ୍ଡ ଟେକିଥିବା ବେଳେ ଏ ନେଇ ଖଲିସରା ଗ୍ରାମର ଗ୍ରାମବାସୀ ସୋମବାର ଗଣିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଧାରଣା ଦେଇଛନ୍ତି । ପୂର୍ବରୁ ଖଲିସରା ଗ୍ରାମରେ ଗୋଟିଏ ବସ ଷ୍ଟାଣ୍ଡ ଆଗରୁ ନିର୍ମାଣ ହୋଇଛି। ପଡୋଶୀ ପାଣ୍ଡରାସିଂହା ଗ୍ରାମର ଲୋକ ଖଲିସରା ଗ୍ରାମ ସୀମାସରହଦର ଏକ ବ୍ୟକ୍ତି ଗତ ଜାଗାରେ ବଳପୂର୍ବକ ଆଉ ଏକ ନୂତନ ଲକ୍ଷ୍ମୀବସ ଷ୍ଟାଣ୍ଡ ନିର୍ମାଣ କରୁଛନ୍ତି ବୋଲି ଖଲିସରା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । । ଏହାକୁ ନେଇ ଖଲିସରା ଗ୍ରାମବାସି ନୟାଗଡ଼ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିବା ସହ ଗଣିଆ ବିଡିଓ ସାଗର ନନ୍ଦ ତହସିଲଦାର ପ୍ରୀତିବାଳା ରଣା ଓ ଥାନା ଅଧିକାରୀ ଲକ୍ଷ୍ମୀଣ ଦଣ୍ଡସେନାଙ୍କୁ ଲିଖିତ ଭାବେ ଜଣାଇଥିଲେ। ହେଲେ କୌଣସି ପଦକ୍ଷେପ ନିଆ ନଯିବାରୁ ଗ୍ରାମବାସୀ ସୋମବାର ବ୍ଲକ ଅଗେରେ ଧାରଣା ଦେଇଥିଲେ। ବସ ଷ୍ଟାଣ୍ଡ ନିର୍ମାଣକୁ ନେଇ ଉଭୟ ଗ୍ରାମରେ ତିକ୍ତତା ବୃଦ୍ଧି ପାଇବାରେ ଲାଗିଛି। ଖଲିସରା ଗ୍ରାମ ସୀମା ସରହଦରେ ନିର୍ମାଣ ହେଉଥିବା ନୂତନ ଲକ୍ଷ୍ମୀବସ ଷ୍ଟାଣ୍ଡକୁ ବନ୍ଦ କରିବା ଓ ଆମ ସୀମା ସରହଦରେ ଆମ ଅଗୋଚରରେ କୌଣସି ସରକାରୀ କାର୍ଯ୍ୟ ବାହାର ଲୋକ ନ କରିବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି।ଯଦି କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜେ ସେଥିପାଇଁ ପ୍ରଶାସନ ଦାୟୀ ରହିବେ ବୋଲି ଗ୍ରାମବାସୀ କହିଛନ୍ତି। ଧାରଣା ସ୍ଥଳରେ କୌଣସି ସରକାରୀ ଅଧିକାରୀ ପହଞ୍ଚି ନ ଥିବାବେଳେ ମଙ୍ଗଳବାର ଦିନ ଦିତୀୟ ଦିନରେ ଅନଶନରେ ବସିରହିଥିବା ବେଳେ ଦୁଇଜଣ ଆମରଣ ଅନଶନରେ ବସିଥିବା ଦେଖିବାକୁ ମିଳିଛି ।

# ଦୁର୍ଘଟଣାରେ ପୁଅର ମୃତ୍ୟୁ : ଦିନକ ପରେ ଆଖି ବୁଜିଲେ ମା

ବାଲୁଗାଁ ,(ସବ୍ୟୁ): ଏକ ସଡ଼କ ଦୁର୍ଘଟଣାରେ ପୁଅର ମୃତ୍ୟୁ ଖବର ଶୁଣି ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ମା ଠିକ ଦିନକ ପରେ ମର୍ମାହତ ହୋଇ ଆଖି ବୁଜିଦେଛନ୍ତି । ଏହି ଦୁଖଃଦ ଘଟଣା ସମଗ୍ର ବାଲୁଗାଁ ଅଞ୍ଚଳବାସୀଙ୍କୁ ଶୋକାଭିଭୂତ କରିଛି। ପ୍ରକାଶ ଯେ, ବାଲୁଗାଁ ପାଟଣା ସାହିର ଲଳିତ ମହାପାତ୍ରଙ୍କ ପରିବାର କହିଲେ ପତ୍ନୀ, ଦୁଇ ପୁଅ ଏବଂ ଗୋଟିଏ ଝିଅ । ୫ ବର୍ଷ ତଳେ ଲଳିତଙ୍କ ଦେହାନ୍ତ ଘଟିଥିଲା । ବିଧବା ଝିଅ ବାପ ଘରେ ଆଶ୍ରୟ ନେଇ ରହୁଥିବା ବେଳେ ପତ୍ନୀ ଟୁନି (୫୦) କିଛି ଦିନ ହେଲା ରୋଗରେ ପୀଡିତ ହୋଇ ଭୁବନେଶ୍ୱର ରେ ଚିକିତ୍ସାଧୀନ ଥିଲେ । ଏଭଳି ପରିସ୍ଥିତିରେ ଗତ ରବିବାର ଅପରାହ୍ନରେ ସାନପୁଅ କୁନମୁନ (୨୦) କୌଣସି କାର୍ଯ୍ୟରେ ବଡକୁଳ ଯାଇ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ଚନ୍ଦ୍ରାପୁଟ ନିକଟରେ ଅନ୍ୟ ଏକ ବାଇକ ସହ ମୁହାଁ ମୁହିଁ ଧକ୍କା ହୋଇଥିଲା । ଚିକିତ୍ସା ପାଇଁ ଭୁବନେଶ୍ୱର ନେବା ବାଟରେ କୁନମୁନର ମୃତ୍ୟୁ ଘଟିଥିଲା । ତେବେ ଗ୍ରାମ ସ୍ମଶାନ ରେ ପୁଅର ଜୁଇ ନ ଲିଭୁଣୁ ତହିଁ ଆର ଦିନ ଅର୍ଥାତ ସୋମବାର ରାତ୍ରିରେ ଖବର ଶୁଣି ମର୍ମାହତ ହୋଇ ଚିକିତ୍ସାଧୀନ ମା ଙ୍କ ଦେହାନ୍ତ ଘଟିଥିଲା।ଏହି ଘଟଣାରେ ବଡପୁଅ ଓ ଝିଅ ଏକ ପ୍ରକାର ମୁକ ପାଲଟିଯାଇଛନ୍ତି । ତୁରନ୍ତ ଏହି ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ନିମନ୍ତେ ଅଞ୍ଚଳବାସୀ ପକ୍ଷରୁ ଦାବୀ ହୋଇଛି।

# ସାଇ ମନ୍ଦିରରେ ଗୁରୁ ପୂର୍ଣିମା ଉତ୍ସବ ଆରମ୍ଭ

ନିରାକାରପୁର,(ସବ୍ୟୁ):ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସାଇ ପରିବାର ପକ୍ଷରୁ ଗୁରୁପୂର୍ଣିମା ଉତ୍ସବ ଆରମ୍ଭ ହୋଇଛି । ସୂଚନାଯୋଗ୍ୟ କି ଜୁଲାଇ ୮ ତାରିଖରୁ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ସାଇ ମନ୍ଦିର ପ୍ରାଙ୍ଗଣରେ ଗୁରୁ ପୂର୍ଣ୍ଣିମା ଉତ୍ସବ ଅବସରରେ ପୂଜା ଅର୍ଚ୍ଚନା ଆରମ୍ଭ ହୋଇଛି।ଏହି ଅବସରରେ ଆଜି ପ୍ରଥମ ଦିବସରେ ସଂକଳ୍ପ ଧାରୀ ମହିଳା ପୁରୁଷ ମାନେ ନିକଟସ୍ଥ ମଲାଗୁଣୀ ନଦୀରୁ ଜଳ ଆଣି ବିରାଟ କଳସ ଯାତ୍ରାରେ ଆସି ପହଞ୍ଚିବା ପରେ ଘଟ ସ୍ଥାପନ ହୋଇଥିଲା। ପରେ ଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆସନ୍ତା କାଲି ବୁଧବାର ଦିନ



ସାଇନାଥଙ୍କ ଏକ ବିରାଟ ନଗର ପରିକ୍ରମା କରାଯିବ। ୩ ଦିନ ବ୍ୟାପୀ ଉକ୍ତ ଆଧାତ୍ମିକ କାର୍ଯ୍ୟକ୍ରମରେ ଦୈନନ୍ଦିନ ଶହ ଶହ ସାଇ ଙ୍କ ଶ୍ରଦ୍ଧାଳୁମାନେ ଆସି ସାଇଙ୍କ କୃପା ଲାଭ କରୁଛନ୍ତି। ଶେଷରେ ୧୦ ତାରିଖରେ ପୂର୍ଣ୍ଣାହୁତି , ପ୍ରସାଦ ସେବନ ଅନୁଷ୍ଠିତ ହେବ। ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ଜିଲ୍ଲା କାରାଗାର ସହ ଉପକାରାଗାରର ମିଶ୍ରଣକୁ ବିରୋଧ

ଖଣ୍ଡପଡ଼ା ,(ସବ୍ୟୁ): ଖଣ୍ଡପଡ଼ା ସହରାଞ୍ଚଳରେ ଅବସ୍ଥିତ ୮୭ ବର୍ଷର ପୁରୁଣା ଉପକାରାଗାରକୁ ନୟାଗଡ ସ୍ଥାନାନ୍ତର ନିମନ୍ତେ ଗୃହ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଫଳରେ ସହରବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ ଗୃହ ବିଭାଗ ପତ୍ର ସଂଖ୍ୟା ୨୮୩୭୦ ମାଧ୍ୟମରେ ଖଣ୍ଡପ ଉପକାରାଗାରକୁ ସବୁ ଦିନ ପାଇଁ ବନ୍ଦ କରିବା ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ଏଠାରେ ରହୁଥିବା କଏଦୀ ଓ କର୍ମଚାରୀଙ୍କୁ ନୟାଗଡ ଜିଲ୍ଲା କାରାଗାରକୁ ସ୍ଥାନାନ୍ତର ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗୃହ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ମୁତାବକ କମ ସଂଖ୍ୟକ କଏଦୀ ଏବଂ ପରିଚାଳନା ଗତ ଖର୍ଚ୍ଚ ଯୋଗୁଁ ସରକାରୀସ୍ତରରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ତେବେ ଖଣ୍ଡପଡ଼ା ଓ ଫତେଗଡ ଥାନାର ବିଚାରଧୀନ କଏଦୀ ମାନେ ଏଣିକି ନୟାଗଡ ନିକଟରେ ଥିବା ଖୁଣ୍ଟୁବନ୍ଧକୁ ସ୍ଥାନାନ୍ତର କରାଯିବାକୁ ଥିବାବେଳେ ସେମାନଙ୍କ ସମ୍ପର୍କୀୟମାନେ ଅଯଥାରେ ଖର୍ଚ୍ଚାନ୍ତ ଓ ହନ୍ତସନ୍ତ ହେବେ ବୋଲି ସୂଚନା ମିଳିଛି।ଏଥିପ୍ରତି ଖଣ୍ଡପଡ଼ା ବିଧାୟକ ଦୃଷ୍ଟି ଦେବାକୁ ସମଗ୍ର ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀବାସୀ ଦାବି କରିଛନ୍ତି।

# ଆଞ୍ଚଳିକ ଉନ୍ନୟନ ପରିଷଦର ରୌପ୍ୟ ଜୟନ୍ତୀ

ନୟାହାଟ,(ସବ୍ୟୁ): ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ଆଞ୍ଚଳିକ ଉନ୍ନୟନ ପରିଷଦର ୨୫ ତମ ରୌପ୍ୟ ଜୟନ୍ତୀ ର ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉନ୍ନୟନ ପରିଷଦର ସଭାପତି ଲିଙ୍ଗରାଜ ଦଳାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କାକଟପୁର ବିଧାୟକ ତୁଷାରକାନ୍ତୀ ବେହେରା ମୁଖ୍ୟ ଅତିଥି,ଅଡଶପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଅରୁଣ କୁମାର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଶିକ୍ଷକ ସରୋଜ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପରିଷଦର ସମ୍ପାଦକ ପ୍ରଭାକର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଅନ୍ୟତମ ଅତିଥି ଭାବେ ଭୁବନେଶ୍ୱର କିମ୍ସ ହସ୍ପିଟାଲର ଡିରେକ୍ଟର ଅଶୋକ ଦାସ,ପ୍ରାକ୍ତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ,ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ା, ଭୁବନେଶ୍ୱର ବିଡିଏ ଅଧିକାରୀ ପ୍ରଭାତ ତରାଇ,ସୁହାଣପୁର ସରପଞ୍ଚ ଦୁଷନ୍ତ କୁମାର ସ୍ୱାଇଁ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ । ଶେଷରେ ଅନୁଷ୍ଠାନର ଉପସଭାପତି ବିଚିତ୍ରା ନନ୍ଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଖବରଦାତାଙ୍କ ମାତୃ ବିୟୋଗ

ଗୋପ, (ସବ୍ୟୁ): ରବିବାର ଭୋର୍ ସମୟରେ ଗୋପ ବ୍ଲକ ପ୍ରମେୟ ଖବରଦାତା ସୁବାସ ରଞ୍ଜନ ସେନାପତିଙ୍କ ମାତା ଗୋଲାପ ମଞ୍ଜରି ସେନାପତି (୭୮ ) ଙ୍କ ଦେହାନ୍ତ ହୋଇଥିବା ଜଣା ପଡ଼ିଛି। ଗୋଲାପ ମଞ୍ଜରି ଜଣେ ମିଷ୍ଟଭାଷୀ ଓ ସମାଜସେବାରେ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଭ କରିଥିବା ବେଳେ ଗୋପ ବ୍ଲକ ଅଞ୍ଚଳର ଜଣେ ଜଣାଶୁଣା ଥିଲେ। କିଛି ଦିନ ତଳେ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ଘରୋଇ ଡାକ୍ତରଖାନାର ଭର୍ତ୍ତି କରାଯାଇଥିଲା। ହେଲେ ରବିବାର ଭୋର୍ ସମୟରେ ହଠାତ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ି ଯିବା ସହିତ ତାଙ୍କର ଦେହାନ୍ତ ହୋଇଥିଲା। ଗୋଲାପ ମଞ୍ଜରି ସେନାପତିଙ୍କ ଦେହାନ୍ତ ସମୟରେ ବଡ଼ପୁଅ ମାନସ ରଞ୍ଜନ ସେନାପତି, ସାନପୁଅ ସୁବାଷ ରଞ୍ଜନଙ୍କ ସହିତ ଦୁଇ ବୋହୂ ଓ ନାତି ନାତୁଣୀ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ଜଣା ପଡିବା ପରେ ରାଜନୈତିକ ବ୍ୟକ୍ତି, ସମାଜସେବୀ, ଖବରଦାତା ମାନେ ତାଙ୍କ ଗୋପ ବ୍ଲକ ସେନାପତି ସାହିସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ଗୋଲାପ ମଞ୍ଜରି ଙ୍କ ଶବକୁ ଗ୍ରାମ୍ୟ ଶ୍ମଶାନ ନିଆ ଯାଇଥିଲା।

# ଡ୍ରାଇଭର ମହାସଂଘର ଧାରଣା

ଡେଲାଙ୍ଗ,(ସବ୍ୟୁ): ଓଡିଶା ଡ୍ରାଇଭର ମହାସଂଘର ଆହ୍ୱାନରେ ଡେଲାଙ୍ଗ ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ ଡେଲାଙ୍ଗ ଥାନା ଛକଠାରେ ୬ଦଫା ସମ୍ବଳିତ ଦାବି ପୁରଣ ନିମନ୍ତେ ଅନିର୍ଦ୍ଧିଷ୍ଟ କାଳ ପାଇଁ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି। ଏହି ଧାରଣାରେ ଡେଲାଙ୍ଗ ବ୍ଲକ ସଭାପତି ଦୀପକ କୁମାର ବେହେରା, ଉପ ସଭାପତି ଶିବଶଙ୍କର ରାଉତ, ସମ୍ପାଦକ ସୋମାନାଥ ପରିଡା, ସହ ସମ୍ପାଦକ ସୁବାସ ଚନ୍ଦ୍ର ପ୍ରଧାନ, ସାଙ୍ଗଠନିକ ସମ୍ପାଦକ ପ୍ରଦୀପ ଚରଣ ମଲ୍ଲିକ, କୋଷାଧ୍ୟକ୍ଷ ପ୍ରହଲ୍ଲାଦ ପଣ୍ଡା, ସହ କୋଷାଧ୍ୟକ୍ଷ କୁମର ପ୍ରଧାନ, ପଦ୍ମନାଭ ସାହୁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଶିବ ପ୍ରସାଦ, ନିରନ ପରିଡା, ମନୋରନ ପ୍ରଧାନ, ରଘୁନାଥ ମହାନ୍ତି ପ୍ରମୁଖଙ୍କ ସମେତ ବ୍ଲକର ୨ଶହରୁ ଉର୍ଦ୍ଧ୍ୱ ଡ୍ରାଇଭରମାନେ ଏହି ଧାରଣାରେ ସାମିଲ ହୋଇଛନ୍ତି ।ଦାବି ପୁରଣ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଧିଷ୍ଟ କାଳ ପାଇଁ ଏହି ଷ୍ଟେରିଂ ଛାଡ ଅନ୍ଦୋଳନ ଜାରି ରହିବ ବୋଲି ମହାସଂଘ ପକ୍ଷରୁ ସୂଚନା ମିଳିଛି।

# ଆନ୍ଦୋଳନରେ ବସିଲେ ଡ୍ରାଇଭର

କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକ ଚୁପୁରିଙ୍ଗ ଛକ ଠାରେ ଓଡିଶା ଡ୍ରାଇଭର ମହାସଂଘ ତରଫରୁ ଷ୍ଟିୟରିଙ୍ଗ ଛାଡ ଆନ୍ଦୋଳନ ତଥା ଅର୍ନିଦ୍ଧିଷ୍ଟ କାଳ ପାଇଁ ଧର୍ମଘଟ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି ।ସରକାରଙ୍କ ପାଖରେ ସଂଘ ୭ଦଫା ଦାବି କରି ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାର ପୂରଣ କରିନଥିବା ଅଭିଯୋଗ ହେଉଛି । ଯାହାକୁ ନେଇ ସାରା ରାଜ୍ୟ ତଥା କଣାସ ବ୍ଲକର ଡ୍ରାଇଭର ମହାସଂଘର କର୍ମକର୍ତ୍ତା ମାନେ ଧାରଣାରେ ବସିଛନ୍ତି ଏଥିରେ ବ୍ଲକ ସଭାପତି ଭରତ ବେହେରା ,ସମ୍ପାଦକ ସଞ୍ଜୟ ମଙ୍ଗରାଜ ଓ ଶତାଧିକ ଡ୍ରାଇଭର ମାନେ ଧାରଣାରେ ବସିଥିବା ଜଣାପଡିଛି ।

# ବେଲାଭୂମି ହାଇସ୍କୁଲରେ ବନ ମହୋତ୍ସବ

ଅସ୍ତରଙ୍ଗ,(ସବ୍ୟୁ): ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ବେଲାଭୂମି ହାଇ ସ୍କୁଲ ପରିସରରେ ସୋମବାର ଦିନ ୭୬ ତମ ବନ ମହୋତ୍ସବ ପାଳିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମକୁ ଅସ୍ତରଙ୍ଗ ରେଞ୍ଜର ମୋନାଲିଶା ମହାପାତ୍ର, ବରିଷ୍ଠ ସାମ୍ବାଦିକ ଦୁଃଶାସନ ନାୟକ, ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସ୍ୱାଇଁ ବୃକ୍ଷ ରୋପଣ କରି ଉଦ୍ଘାଟନ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବୃକ୍ଷ ରୋପଣ ରେ ଭଗ ନେବାସହ ବୃକ୍ଷ ହିଁ ଜୀବନ ଭଳି ଆଦି ନାରା ଦେବା ସହ,ବୃକ୍ଷ ରୋପଣ ଆଦିର ବିର୍ଭିନ୍ନ ପ୍ଲାକାର୍ଡ ଧରି ରାଲି ଦାରା ସଚେତନତା କରିଥିଲେ । ଏହି କାର୍ଯ୍ୟକ୍ରମରେ ଫରେଷ୍ଟର କାଳିଚରଣ ମହାନ୍ତି, ଶିକ୍ଷକ ବିଜୟ ଭଟ, ସୁଧାଂଶୁ ତ୍ରିପାଠୀ, ସନ୍ତୋଷ ଓଝା, ଶାନ୍ତନୁ ପ୍ରଧାନ, ପଦ୍ମନାଭ ଦାସ, ବିଦେଶୀ ବିଶ୍ୱାଳ, କେଦାର ଗୟା, ପ୍ରତାପ ନାୟକ,ବନରକ୍ଷୀ ନିର୍ମଳେନ୍ଦୁ ଚାଟାର୍ଜି ସମେତ ସମସ୍ତ ଅତିଥି, ଛାତ୍ର ଛାତ୍ରୀ ବୃକ୍ଷ ରୋପଣରେ ଭାଗ ନଇଥିଲେ । ବେଲାଭୂମି ହାଇ ସ୍କୁଲ ଓ ତତ ସାଲଗ୍ନ ବିର୍ସ୍ତିର୍ଣ୍ଣ ପ୍ରାନ୍ତର ରେ ଝାଉଁ, କରଞ୍ଜ, ଲିମ୍ବ, ଉଇଁକିଲ ପଟାସ ସଶ ତାଳ ମୁଣ୍ଡିଆ ଆଦି ୨୦୦ ଚାରା ରୋପଣ କରା ଯାଇ ଥିଲା ।

# ମହିଧରପଡ଼ରେ ବିଲାଶୁଣି ଦେବୀଙ୍କ ମନ୍ଦିର ପୁନଃ ପ୍ରତିଷ୍ଠା

ଫୁଲନଖରା,(ସବ୍ୟୁ): କଟକ ସଦର ଥାନା ଅନ୍ତର୍ଗତ ମହିଧରପଡ଼ା ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ଗ୍ରାମଦେବତୀ ମା ବିଲାଶୁଣି ଦେବୀଙ୍କ ମନ୍ଦିର ପୁନରୁଦ୍ଧାର ଓ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ୦୬ ଓ ୦୭ ତାରିଖଦୁଇ ଦିନ ଧରି ମହିଧରପଡ଼ା ଓ ଖଣ୍ଡାଗର ଗ୍ରାମର ବାଲୁଙ୍କେଶ୍ୱର ଗ୍ରାମ୍ୟ କମିଟିମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା । ୦୭ ତାରିଖ ସନ୍ଧ୍ୟାରେ ଶରଧା ବାଲି ଭଜନ ଅନୁଷ୍ଠିତ ହୋଇଥିଲା ।

# ଡ୍ରାଇଭର ସଂଘର ଷ୍ଟେରିଂ ଛାଡ ଆନ୍ଦୋଳନ

ବଲଙ୍ଗା ,(ସବ୍ୟୁ): ବଲଙ୍ଗା ଡ୍ରାଇଭର ସଂଘ ପକ୍ଷରୁ ଅର୍ନିଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଦାବି ପୂରଣ ନ ହେବା ଯାଏଁ ଷ୍ଟିରିଙ୍ଗ ଛାଡ଼ ଆନ୍ଦୋଳନ କରାଯିବ ବୋଲି ସୂଚନା ମିଳିଛି । ବଲଙ୍ଗା ବଜାରକୁ କୌଣସି ବସ, ଟ୍ରକ, ଅଟୋ ଏଂବ ଯାତ୍ରୀବାହୀ ଯାନ ଚଳାଚଳ ଠପ ହୋଇଯାଇଛି । ନା ନା ଅସୁବିଧା ରେ ସମ୍ମୁଖୀନ ହେଉଛନ୍ତି ଯାତ୍ରୀ । ସମଗ୍ର ଓଡିଶା ରେ ଷ୍ଟିରିଙ୍ଗ ବନ୍ଦ ଆନ୍ଦୋଳନ ହେଉଥିବା ବେଳେ ଏହାର ପ୍ରଭାବ ଲଙ୍ଗା ଜାରରେ ମଧ୍ୟ ଦେଖିବାକୁ ମିଳିଛି । ଓଡିଶା ଡ୍ରାଇଭର ମହାସଂଘ ପକ୍ଷରୁ ଏହି ଆନ୍ଦୋଳନ ଡାକରା ଦିଆଯାଇଛି ।୬ ଗୋଟି ଦାବି କୁ ନେଇ ଆନ୍ଦୋଳନ କରାଯାଇଛି ବୋଲି ବଲଙ୍ଗା ଡ୍ରାଇଭର ସଂଘ ସଭାପତି ପ୍ରଶାନ୍ତ କୁମାର ସାହୁ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କୈଳାସ ପ୍ରଧାନ, ଶାଗର ବାରିକ, ସନ୍ତୋଷ କୁମାର ନାୟକ,ଧ୍ରୁବଚରଣ ପ୍ରଧାନ, ଭବାନୀ ନନ୍ଦ,ବାବୁନା ଦେଓ,ଅଦୁଲ ଅମ୍ରି ଖାନ ପ୍ରମୁଖ ଡ୍ରାଇଭର ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହି ଆନ୍ଦୋଳନକୁ ଜୋର ଦାର କରିଥିଲେ।

# ବୁଥ ଅଧିକାରୀଙ୍କ ଜାତୀୟ ସ୍ତରୀୟ ପ୍ରଶିକ୍ଷଣ ଶିବିର

ଆଠଗଡ,(ସବ୍ୟୁ): ସମ୍ବାଧାନିକ ଧାରା ଓ ମୂଲ୍ୟବୋଧକ କାର୍ଯ୍ୟର ସଫଳ ରୂପାୟନକୁ ନେଇ ବୁଥ ଅଧିକାରୀ ମାନଙ୍କର ଜାତୀୟ ସ୍ତରୀୟ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ବ୍ଲକ ସଭାଗୃହ ମଧ୍ୟରେ ଅନୁଷ୍ଠିତ ହେଉଛି । ନିର୍ବାଚକ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନ ଏବଂ ସହକାରୀ ଜିଲ୍ଲାପାଳ ମାନସ କୁମାର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ହେଉଥିବା ଏହି ପ୍ରଶିକ୍ଷଣ ଶିବିରରେ ୮୯ ଆଠଗଡ ବିଧାନସଭା ଆସନ ଅନ୍ତର୍ଗତ ତିଗିରିଆ ଆଠଗଡ ବ୍ଲକର ର ୪୫ ଜଣ ବୁଥ ସ୍ତରୀୟ ଅଧିକାରୀ ଓ ୫ ସୁପରଭାଇଜର ଯୋଗ ଦେଇ ପ୍ରଶିକ୍ଷିତ ହୋଇଥିଲେ । ତଗିରିଆ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯାଜ୍ଞସେନି ଗୋଛାୟତ ଓ ଜାତୀୟ ସ୍ତର ଦିଲ୍ଲୀ ରେ ତାଲିମ ନେଇ ଆସିଥିବା ସୁପରଭାଇଜର ଲୋକନାଥ ସାହୁ ତାଲିମ ପ୍ରଦାନ କରିବା ସହିତ ବୁଥ ଅଧିକାରୀ ମାନଙ୍କର ବୁଥ କ୍ଷେତ୍ରରେ ମୂଲ୍ୟବୋଧକ ଭୂମିକା ଓ ଏକ ସୁସ୍ଥ ଭୋଟର ତାଲିକା ଗଠନ ନିମନ୍ତେ ହେବାକୁ ଥିବା ନୂତନ ପଞ୍ଜୀକରଣ, ଅନ୍ତର ଏବଂ ସଂଶୋଧନ କାର୍ଯ୍ୟର ଫର୍ମ ପୂରଣ ସହିତ ତାକୁ ଡିଜିଟାଲାଇଜ କରିବା ସହିତ ମୋବାଇଲ ଆପରେ ଆସୁଥିବା ବିଭିନ୍ନ କେସର ସଫଳ ରୂପାଯନ ଉପରେ ପ୍ରଶିକ୍ଷଣ ମାନ ଦିଆଯାଇ ବୁଥ ଅଧିକାରୀ ମାନଙ୍କୁ ଅଧିକ କ୍ରିୟାଶୀଳ କରାଯାଇଥିଲା । ଏହାସହିତ ଏ ସମ୍ପର୍କିତ ବୁଥ ଅଧିକାରୀ ମାନେ ନିଜ ନିଜ କ୍ଷେତ୍ରରେ କିପରି କାର୍ଯ୍ୟମାଣ କରିବେ ଏହା ଉପରେ ଅଭିନୟ କରାଯିବ ସହିତ, ୬ , ୭ , ୮ ଫର୍ମ ପୂରଣର ଅଭ୍ୟାସ କାର୍ଯ୍ୟ ଓ ତାଲିମ ସମ୍ପର୍କିତ ପରିକ୍ଷା ମାନ କରାଯାଇ ପ୍ରମାଣ ପତ୍ର ପ୍ରଦାନ ସହିତ ପୁରସ୍କୃତ କରାଯାଇଥିଲା । ଏହି ତାଲିମ ଶିବିରକୁ ତିଗିରିଆ ବ୍ଲକର ଉପବିଭାଗ ଅଧିକାରୀ ସୂର୍ଯ୍ୟମଣି ସାହୁ, ସୁପରଭାଇଜର ଚନ୍ଦ୍ରକାନ୍ତ ମିଶ୍ର, ନିର୍ବାଚନ କାର୍ଯ୍ୟାଳୟର ଆଲୋକ ରଞ୍ଜନ ମହାନ୍ତି ସୁମେଶ ଚନ୍ଦ୍ର ବେହେରା ଏବଂ ମନୋରଞ୍ଜନ ପ୍ରମୁଖ ସହଯୋଗ ଦେଉଛନ୍ତି । ଗତକାଲି ଅଥବା ୭ ତାରିଖ ଦିନ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ୫୦ ଜଣ ମଧ୍ୟ ବୁଥ ଅଧିକାରୀ ଓ ସୁପରଭାଇଜର ପ୍ରଶିକ୍ଷଣ ନେଇଥିବା ବେଳେ ତିଗିରିଆ ତହସିଲଦାର ଅକ୍ଷୟ କୁମାର ପରିଡା ଯୋଗ ଦେଇ ପ୍ରଶିକ୍ଷଣ ଦେଇଥିଲେ । ଏହି ଶିବିର ଆଉ ତିନି ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାଯାଏ ।

# ଟାଟା ଷ୍ଟିଲର ଯୋଡ଼ା ଇଷ୍ଟ ଏବଂ ଖଣ୍ଡବନ୍ଧ ଖଣିକୁ ୫ ତାରକା ରେଟିଂ ପୁରସ୍କାର



ଯୋଡା,(ସବ୍ୟୁ): ଟାଟା ଷ୍ଟିଲର ଯୋଡ଼ା ଇଷ୍ଟ ଲୌହ ଖଣି ଏବଂ ଖଣ୍ଡବନ୍ଧ ଖଣି କୁ ସମ୍ମାନଜନକ ଷ୍ଟାର ରେଟିଂ ଆୱାର୍ଡ, ରାଜସ୍ଥାନର ଜୟପୁରସ୍ଥିତ ରାଜସ୍ଥାନ ଇରନ୍ୟାସନାଲ ସେରରେ ସୋମବାର ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଷ୍ଟାର ରେଟିଂ ଆୱାର୍ଡ କାର୍ଯ୍ୟକ୍ରମରେ ପ୍ରଦାନ କରାଯାଇଛି। ଅନେକ ପ୍ରଶଂସନୀୟ ପରିବେଶ ଅନୁକୂଳ କାର୍ଯ୍ୟ ଏବଂ ପରିଚାଳନା ଉତ୍କର୍ଷ ନିମନ୍ତେ ପ୍ରଥମ ଥର ପାଇଁ ଖଣ୍ଡବନ୍ଧ ଖଣି ପଞ୍ଚତାରକା ରେଟିଂ ପୁରସ୍କାର ହାସଲ କରିଛି। ସୂଚନାଯୋଗ୍ୟ ଯେ, ଯୋଡ଼ା ଇଷ୍ଟ ଖଣି ଏପର୍ଯ୍ୟନ୍ତ ଚତୁର୍ଥ ଥର ପାଇଁ ୫ ତାରକା ରେଟିଂ ପୁରସ୍କାର ପାଇଛି। ଝାଡ଼ଖଣ୍ଡରେ ଅବସ୍ଥିତ କମ୍ପାନିର ନୁଆମୁଣ୍ଡି ଲୌହ ଖଣି ସାତ ଷ୍ଟାର ରେଟିଂ ପୁରସ୍କାର ଲାଭ କରିଛି । ଏହି ପ୍ରତିଷ୍ଠିତ ପୁରସ୍କାର ପାଇଥିବା ସାରା ଦେଶର ମାତ୍ର ତିନୋଟି ଖଣି ମଧ୍ୟରୁ ନୁଆମୁଣ୍ଡି ଖଣି ଅନ୍ୟତମ। ୨୦୧୭ ମସିହାରେ ଏହି ପୁରସ୍କାର ପ୍ରକ୍ରିୟା ଆରମ୍ଭ ହେବା ପରଠାରୁ ନୁଆମୁଣ୍ଡି ଖଣି ଲଗାତାର ଆଠ ବର୍ଷ ଧରି ପଞ୍ଚ ତାରକା ରେଟିଂ ହାସଲ କରିଛି। କମ୍ପାନୀର ଓଏମ୍‌କ୍ୟୁ ଡିଭିଜନର ମହାପ୍ରବନ୍ଧକ ଅତୁଲ କୁମାର ଭଟ୍ଟନାଗର ଏବଂ ନୁଆମୁଣ୍ଡି ଖଣି ଚିଫ ଡି. ବିଜୟେନ୍ଦ୍ର, ନୁଆମୁଣ୍ଡି ଖଣିପୁରସ୍କାର ଗ୍ରହଣ କରିଥିଲେ। ସେହିପରି, ଯୋଡ଼ା ଇଷ୍ଟ ଖଣି ଚିଫ ରାଜେଶ କୁମାର ସେହି ଖଣି ପୁରସ୍କାର ଗ୍ରହଣ କରିଥିଲେ ଓ ଖଣ୍ଡବନ୍ଧ ଖଣି ପାଇଁ ଉଦ୍ଦିଷ୍ଟ ପୁରସ୍କାର ଖଣ୍ଡବନ୍ଧ ଖଣି ଚିଫ ଜି.ଭି. ସତ୍ୟନାରାୟଣ ଏବଂ ଓଏମକ୍ୟୁ ଡିଭିଜନ ପ୍ଲାନିଂ ଚିଫ ଅବନିଶ କୁମାର ଅତିଥି ମାନଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ।

ଭାରତ ସରକାରଙ୍କ କୋଇଲା ଏବଂ ଖଣି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ, ରାଜସ୍ଥାନର ମାନ୍ୟବର ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା ଏବଂ ଭାରତ ସରକାରଙ୍କ କୋଇଲା ଏବଂ ଖଣି ରାଷ୍ଟ୍ର ମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଏହି ଅବସରରେ ଉପସ୍ଥିତ ଥିଲେ।ଏହି ସମ୍ମାନ ପାଇବା ପରିପ୍ରେକ୍ଷୀରେ ଭାଇସ ପ୍ରେସିଡେ (ର-ମ୍ୟାଟେରିଆଲ ଡିଭିଜନ) ସନ୍ଦୀପ କୁମାର କହିଛନ୍ତି ଯେ, 'ଆମେ ଏହି ପୁରସ୍କାର ପାଇଥିବାରୁ ଗର୍ବିତ ।ଟାଟା ଷ୍ଟିଲର ନୁଆମୁଣ୍ଡି ଖଣି, ଯୋଡ଼ା ଇଷ୍ଟ ଖଣି ଏବଂ ଖଣ୍ଡବନ୍ଧ ଖଣି ଆଧୁନିକ ପ୍ରଯୁକ୍ତି ଏବଂ ସର୍ବୋତ୍ତମ ଖନନ ପ୍ରଣାଳୀ କାର୍ଯ୍ୟକାରୀ କରିବାରେ ଶିଳ୍ପରେ ଅଗ୍ରଣୀ ରହିଛ । ଏହି ଖଣିଗୁଡ଼ିକ ପ୍ରଦର୍ଶନ ମାନଦଣ୍ଡ ହାସଲ କରିବା ଲାଗି ଅତ୍ୟାଧୁନିକ ଖନନ ସଫ୍ଟୱେୟାର, ଡ୍ରୋନ, ଫ୍ଲିଟ ପରିଚାଳନା ପ୍ରଣାଳୀ, ରିମୋଟ-ନିୟନ୍ତ୍ରିତ ଡ୍ରିଲ୍ ଏବଂ ବାସ୍ତବ ସମୟ ଗୁଣବା ପର୍ଯ୍ୟବେକ୍ଷଣ ପ୍ରଣାଳୀ ଆଦି ବ୍ୟବହାର କରୁଛନ୍ତି।


**AFFIDAVIT**

ON DATED 20.12.2024, NO. 1574 BY VIRTUE OF AN AFFIDAVIT SWORN BEFORE THE EXECUTIVE MAGISTRATE, TANGI, DIST-KHORDHA i SADASHIV PATTANAIK, S/O-LATE PATHANI PATTANAIK OF VILLAGE ORADA, PO : PARIORADA, PS-TANGI, DIST-KHORDHA, PIN-752023 STATES THAT SADASHIV PATTANAIK AND SADASHIV PATTANIAK IS ONE AND SAME PERSON. THAT IN ALL CERTIFICATES OF MY SON LINGARAJ PATTANAIK MY NAME IS CORRECT BUT SPELLING IN TITLE WRONGLY MAINTIONED PATTANIAK INSTEAD OF PATTANAIK.

Sd/- Sadashiv Pattanaik

**AFFIDAVIT**

**(For Minor)**

By virtue of an affidavit sworn before The Executive Magistrate, Baripada, Dist - Mayurbhanj, I, **Dipti Lenka,** D/o- Amulya Charan Lenka, Resident of At- Haripur, Near Freedom Car Showroom, Po- Bhimpura, Dist-Balasore, Pin-756003, declare that this **affidavit no. 4100, dated. 07.07.2025.** I have changed the name and address of my minor son **Sandeep Acharya** to **D Sandeep.** Henceforth, she shall be known as **D Sandeep** for all purposes.

**Sd/- Dipti Lenka**

ସଂସ୍କୃତି ମନ୍ତ୍ରଣାଳୟ
ଭାରତ ସରକାର

**ଟେଣ୍ଡର ବିଜ୍ଞପ୍ତି**

କାର୍ଯ୍ୟ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ଅନ୍ୟାନ୍ୟ କାର୍ଯ୍ୟ ସହିତ ବ୍ୟବହାରକାରୀ ଅନୁକୂଳ ଡିଜିଟାଲ ସଂଗ୍ରହାଳୟ ଏବଂ ୱେବ୍ ସହ ମୋବାଇଲ୍ ଆପ୍ଲିକେସନ୍ ସହିତ ଡିଜିଟାଲ ଡାଟା ଷ୍ଟୋରେଜ୍ ନିମନ୍ତେ ବ୍ୟାପକ ସମାଧାନ ପାଇଁ ଆରଏଫପି ।

ସଂସ୍କୃତି ମନ୍ତ୍ରଣାଳୟର ଅଫିସିଆଲ ୱେବସାଇଟ୍ : **indiaculture.gov.in** ଏବଂ ସେଣ୍ଟ୍ରାଲ ପବ୍ଲିକ ପ୍ରୋକିଓୋରମେଣ୍ଟ ପୋର୍ଟାଲ **eprocure.gov.in/eprocure/app.** ରୁ ଟେଣ୍ଡର ଡକୁମେଣ୍ଟ ଡାଉନଲୋଡ୍ କରାଯାଇ ପାରିବ ।

**ବିଡ୍ ଦାଖଲର ଅନ୍ତିମ ତାରିଖ ୨୮ ଜୁଲାଇ ୨୦୨୫**

CBC 09101/11/0009/2526

**FFICE OF THE PANCHAYAT SAMITI, SULIAPADA, MAYURBHANJ**

(At/P.O. : Suliapada, Dist.- Mayurbhanj, Odisha, E-Mail : ori-suliapada@nic.in

i-196

**Advt. No. 04 / PSS/2025 Date : 05.07.2025**

Sealed tenders (Percentage rate) are invited from the interested "B & C" Class Contractors registered with the Govt. for execution of Civil work (Construction of GPLF office Building with Market Complex - 04 Nos) under Panchayat Samiti, Suliapada, Mayurbhanj. The eligible criteria and the details of the tender documents which can be downloaded from **08.07.2025 to 21.07.2025** in the website **www.mayurbhanj.odisha.gov.in.** Interested bidders fulfilling the eligibility criteria may submit their proposals to the O/o : **Panchayat Samiti : Suliapada.** Proposal (s) complete in all respect should reach the undersigned on or before **22.07.2025 up-to 05.00 PM** through Regd. & Speed post and the same will be opened on **23.07.2025 at 11.00 A.M.** in the **Conference Hall of the Panchayat Samiti, Suliapada.** The undersigned reserves the right to reject any or all the tender(s) without assigning any reason thereof.

**Sd/- Block Development Officer, Suliapada, Mayurbhanj**

OIPR : 19349/11/0002/2526

**OFFICE OF THE KASTURBA GANDHI BALIKA VIDYALAYA , SUJANPUR, JAJPUR**

(Running under Rudra Charan Govt. High School)
Phone no-9777211192, E mail - hmkgbvsujanpur@gmail.com

n-98

**TENDER CALL NOTICE**

No. 92 / Date - 07.07.25

Tender Call Notice for supply of different consumables and non-consumable items for Kasturba Gandhi Balika Vidyalaya (KGBV) Sujanpur running at Rudra Charan Govt. High School, Sujanpur under Jajpur block of Jajpur district, having 200 girl students in the age group of 11 to 16 is published on 07.07.25 in the website. Interested Suppliers arc requested to refer Jajpur district website i.e jajpur.odisha.gov.in and OSEPA website i.e **osepa.odisha.gov.in** for tender documents i.e category-wise items, specification, terms and conditions.

**Sd/- DPC, SS, Jajpur-cum-chairman School (KGBV) level purchase committee**

OIPR : 27156/11/0002/2526

**Office of the Principal**
**BAPUJEE COLLEGE, SARASWATA NAGAR**

At/Po : Chhendipada, Dist : Angul, 759124
E-mail : principalbcsc1976@rediffmail.com,
Phone : 06761-252473

Letter No. BCS/237/2025 Date : 08.07.2025

**NOTICE**

**WALK-IN-INTERVIEW**

A walk-in-interview for engagement of Guest Lecturers for the session 2025-26 in Physics (02), Botany (01), Education (02), Zoology (01), Mathematics (01) shall be held on 16.07.2025 at 11.00 A.M. in the office of the undersigned. Interested eligible candidates may mail their resume to principalbcsc1976@rediffmail.com by 1407.2025.

**N.B. : No TA/DA will be paid for attending the interview.**

**Sd/- Principal**

**AFFIDAVIT**

I, NATWAR KUMAR AGARWAL, S/O-BISWANATH AGARWAL, KHADAGALI, RAJGANGPUR, SUNDERGARH - 770017, ODISHA DECLARE BY THIS AFFIDAVIT NO-49, DT. 08.07.2025 THAT NOW ONWARDS I SHALL BE KNOWN AS **NATWAR AGARWAL** FOR ALL FUTURE PURPOSES.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 8th JULY 2025. I, RANJIT SABAR Address- VILL- LABA, PO- LABA, GP- DOMBASORA PS- PUTTASINGH, DIST- RAYAGADA, PIN- 765033 ODISHA Declare that I have changed the name of my daughter's from UCHIMI SABAR to TYUCHIMI SABAR, Henceforth, She shall be known as TYUCHIMI SABAR for all purposes.

(RANJIT SABAR)

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org.

CAD-1032

ପତ୍ର ସଂଖ୍ୟା ୧୨୭ **ବିଜ୍ଞାପନ** ତା : ୨୭.୬.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ମୂଳ ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ (୧) ନାଜିର ମହମ୍ମଦ (୨) ବସିର ମହମ୍ମଦ (୩) ଜାଇବୁନ୍ ନିଶା (୪) ନାଜବୁନ ନିଶା (୫) ସାରିଫୁନ୍ ନିଶା (୬) ସାଇରା ଖାତୁନଙ୍କ ନାମରେ ଉତ୍ତରାଧିକାରୀଙ୍କ ସୂତ୍ରରେ ରେକର୍ଡଭୁକ୍ତ କରାଯାଇଥିଲା । ବର୍ତ୍ତମାନ ଉକ୍ତ ରେକର୍ଡଧାରୀମାନଙ୍କ ମଧ୍ୟରୁ ନାଜିର ମହମ୍ମଦ ଓ ଜାଇବୁନ୍ ନିଶାଙ୍କ ମୃତ୍ୟୁରେ ନିମ୍ନଲିଖିତ ଆବେଦନକାରୀ ନିଜକୁ ଉତ୍ତରାଧିକାରୀ ଦର୍ଶାଇ ମୃତ/ମୃତା ରେକର୍ଡଧାରୀଙ୍କ ସ୍ୱତ୍ତ୍ୱ ଅଂଶରେ ସେମାନଙ୍କ ନାମ ଦରଜ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କୌଣସି ଆପତ୍ତି / ଅଭିଯୋଗ ଥାଏ ଉକ୍ତ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣଯୋଗ୍ୟ ହେବ ନାହିଁ ।

| ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ୧. ସ୍ୱର୍ଗତ ନାଜିର ମହମ୍ମଦ<br>ପିତା – ସ୍ୱର୍ଗତ ଏମ୍‌ଡି କମିର<br>ସା– ତୁଳସୀପୁର,<br>ପୋ– ଗୋରାକବର<br>ଥାନା–ବିଡାନାସୀ,<br>ଜିଲ୍ଲା – କଟକ<br>୨. ସ୍ୱର୍ଗୀୟ ଜାଇବୁନ୍ ନିଶା<br>ସ୍ୱାମୀ– ସେକ୍ ଖଲିଲ୍<br>ଚାରିଘରିଆ ମଝୀସାହି<br>ପୋ–ଯୋବ୍ରା<br>ଥାନା–ମାଲଗୋଦାମ<br>ଜିଲ୍ଲା–କଟକ | ଏଲ୍–୩୨୬ (L-326)<br>ବରମୁଣ୍ଡା, ୧ମ ପର୍ଯ୍ୟାୟ<br>ଭୁବନେଶ୍ୱର<br>ଜିଲ୍ଲା–ଖୋର୍ଦ୍ଧା | ନାଜିର ମହମ୍ମଦଙ୍କ ଉତ୍ତରାଧିକାରୀଙ୍କ ନାମ<br>୧. ମେହେରୁନ୍ ବିବି (ସ୍ତ୍ରୀ)<br>୨. ଏମ୍‌ଡି କବିର (ପୁତ୍ର)<br>୩. ମଲ୍ଲୀକା ବିବି (କନ୍ୟା)<br>୪. ଅମିର ମହମ୍ମଦ (ପୁତ୍ର)<br>୫. ଜାଇରୁନ୍ ନିଶା (କନ୍ୟା)<br>୬. ଏମ୍‌ଡି ସବିର (ପୁତ୍ର)<br>୭. ସୋଫିଆ ଖାତୁନ (ବୋହୂ)<br>୮. ଆସିଆ ଫିରୋଜ (ନାତୁଣୀ)<br>୯. ମହମ୍ମଦ ଫରହାନ (ନାତି)<br>ଜାଇବୁନ ନିଶାଙ୍କ ଉତ୍ତରାଧିକାରୀଙ୍କ ନାମ<br>୧. ସେକ୍ ସଲିମ (ପୁତ୍ର)<br>୨. ସେକ୍ କଲିମ୍ (ପୁତ୍ର)<br>୩. ସେକ୍ ଅଲିମ୍ (ପୁତ୍ର)<br>୪. ଯୋହରା ମୁସରତ (ବି.କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13030/11/0724/2526

(ଶ୍ରୀମଭଗବଦ୍ ଗୀତା ୧୭/୧୨)
–ଶ୍ରଦ୍ଧାତ୍ରୟ ବିଭାଗ ଯୋଗ–
(ଶ୍ରୀଭଗବାନୁବାଚ )

**ଅଭିସନ୍ଧାୟ ତୁ ଫଳଂ ଦମ୍ଭାର୍ଥମପି ଚୈବ ଯତ୍ ।**
**ଇଜ୍ୟତେ ଭାରତ ଶ୍ରେଷ୍ଠ ! ତଂ ଯଜ୍ଞ ବିଦ୍ଧି ରାଜସମ୍ ।।୧୨।।**

(ରାଜସଂ ଯଜ୍ଞମାହ)–ତୁ ( କିନ୍ତୁ), ଫଳଂ ଅଭିସନ୍ଧାୟ (ଉଦ୍ଦିଶ୍ୟ) ଦମ୍ଭାର୍ଥଂ (ସ୍ୱମହତ୍ତ୍ୱାଖ୍ୟାପନୀୟ) ଅପି ଯତ୍ ଇଜ୍ୟତେ (ଅନୁଷ୍ଠୀୟତେ), ହେ ଭରତଶ୍ରେଷ୍ଠ ! ତଂ ଯଜ୍ଞ ରାଜସଂ ବିଦ୍ଧି ।।୧୨।।

# ଇଂରାଜୀ ଭାଷା ଉପରେ ଆମେ କେତେ ବା ନିର୍ଭରଶୀଳ ?

**ସମ୍ପାଦକୀୟ**

ଇଂରେଜମାନଙ୍କ କବଳରୁ ମୁକ୍ତି ପାଇବାର ଅଠୋସ୍ତରୀ ବର୍ଷ ବିତିଗଲାଣି । ତଥାପି ଆମେ ଇଂରାଜୀ ଭାଷାର ପଦାଙ୍କ ଅନୁସରଣ କରି ଚାଲିଛୁଁ । କାହିଁକି ଏ ମାନସିକତା ? ଶତାଧିକ ବର୍ଷ ତଳେ ଜାତିର ଜନକ ମହାତ୍ମା ଗାନ୍ଧି ପ୍ରଥମ ଓଡ଼ିଶା ଗସ୍ତରେ ଆସି କଟକର କାଠଯୋଡ଼ି ନଦୀ ଶଯ୍ୟା ଉପରେ ସାଧାରଣ ଲୋକଙ୍କୁ ସେତେବେଳେ ଉଦ୍‌ବୋଧନ ଦେଇ ଚେତେଇ ଦେଇଥିଲେ ଯେ ଇଂରାଜୀ ଭାଷାକୁ ଆବଶ୍ୟକତା ଅନୁଯାୟୀ ବ୍ୟବହାର କରାଯାଉ, ମାତ୍ର ଇଂରାଜୀ ଭାଷା ଉପରେ ସଂପୂର୍ଣ୍ଣ ଭାବେ ନିର୍ଭର କରାନଯାଉ । ତଥାପି ଆମେମାନେ ଏଥିରୁ ଶିକ୍ଷା ଲାଭ କରିପାରି ନାହୁଁ ।

ଗାନ୍ଧିଜୀ କହିବାର ଶହେ ବର୍ଷ ପରେ ଆମର ନୂତନ ଶିକ୍ଷା ନୀତି ଯେତେବେଳେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି କାର୍ଯ୍ୟକାରୀ କଲେ, ସେ ମାତୃଭାଷା ପ୍ରତି ଅଧିକ ଗୁରୁତ୍ୱ ଦେଲେ, ଏପରିକି ଇଂରାଜୀ ଭାଷାରେ ପ୍ରଚଳିତ ବୈଷୟିକ ପାଠ୍ୟପୁସ୍ତକ ସବୁକୁ ମାତୃଭାଷାରେ ଅନୁବାଦ କରାଇଲେ । ଏହା ଏକ ଦୁରୁହ କାର୍ଯ୍ୟ ନିଶ୍ଚୟ । ଆମ ଶିକ୍ଷାର୍ଥୀମାନେ ତଦ୍ୱାରା ଖୁବ୍ ଉପକୃତ ହେଲେ । ଆମମାନଙ୍କ ମନରେ ମଧ୍ୟ ସ୍ୱାଭିମାନ ଜାଗ୍ରତ ହେଲା । ଏବେ ବି ଗ୍ରାମାଞ୍ଚଳରେ ବସବାସ କରୁଥିବା ଅନେକ ଲୋକ ଇଂରାଜୀ ଭାଷା ବୁଝି ପାରନ୍ତି ନାହିଁ । ସହରର ଅର୍ଦ୍ଧଶିକ୍ଷିତ ଓ ଅଶିକ୍ଷିତ ଲୋକଙ୍କ ଦୁର୍ଦ୍ଦଶା ମଧ୍ୟ ସେହିପରି । ସେଥିପାଇଁ ତ ବିଭିନ୍ନ ସରକାରୀ ବା ବେସରକାରୀ ଅନୁଷ୍ଠାନର ଯେଉଁ ହିତାଧିକାରୀମାନେ ବିଭିନ୍ନ ଯୋଜନାରୁ ଉପକୃତ ହୋଇ ପାରୁନାହାନ୍ତି ସେମାନେ ଏହି ଇଂରାଜୀ ଭାଷା ଉପରେ ନିର୍ଭର ନ କରି ହଇରାଣ ହରକତ ହେଉଥିବା ପରିଲକ୍ଷିତ ହୋଇଥାଏ । ଇଂରାଜୀ ଭାଷା ବି ମାତୃଭାଷା ପରି ଅନେକ ଶିକ୍ଷିତବର୍ଗଙ୍କର ପ୍ରିୟ ଭାଷା । ଆମେ ଶିକ୍ଷିତ ଓ ସଚେତନଙ୍କ ମଧ୍ୟରୁ ଅଧିକାଂଶ ଇଂରାଜୀ ଭାଷାରେ ଥିବା ପୁସ୍ତକ ବେଶୀ ପଢ଼ିଥାଉଁ । ଇଂରାଜୀ ଭାଷାର ପତ୍ରପତ୍ରିକା ଓ ଖବର କାଗଜ ମଧ୍ୟ ବେଶୀ ବ୍ୟବହାର କରିଥାଉଁ । ଥିଲାବାଲାଙ୍କ ଘରର ପିଲାଏ ତ ଇଂରାଜୀ ମାଧ୍ୟମରେ ହିଁ ପବ୍ଲିକ ସ୍କୁଲମାନଙ୍କରେ ପାଠ ପଢ଼ନ୍ତି । ଗ୍ରାମାଞ୍ଚଳରେ ଅଧିକାଂଶ ପିଲା ପବ୍ଲିକ ସ୍କୁଲରେ ପାଠ ପଢ଼ିବାର ସୁଯୋଗ ପାଆନ୍ତି ନାହିଁ । ବଡ଼ ବଡ଼ ଚାକିରିରେ କିମ୍ବା ସିଭିଲ ସର୍ଭିସ ପରୀକ୍ଷାରେ ମାତୃଭାଷାରେ ଲେଖିବାର ବା କହିବାର ସୁଯୋଗ ଥାଏ । ମାତ୍ର ଇଂରାଜୀ ଭାଷାର ବ୍ୟବହାର ସେ ସବୁଥିରେ ବେଶୀ ହୋଇଥାଏ ।

ଯେଉଁ ସବୁ ବିଶ୍ୱବିଦ୍ୟାଳୟ ବା ମହାବିଦ୍ୟାଳୟମାନ ଓଡ଼ିଶାରେ ରହିଛି, ସେଠାରେ ଅନୁଷ୍ଠିତ ଅଧିକାଂଶ ସଭା ସମିତିରେ ଇଂରାଜୀ ଭାଷାର ବହୁଳ ବ୍ୟବହାରକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ଏପରିକି କେନ୍ଦ୍ର ବା ରାଜ୍ୟ ସରକାରଙ୍କ ଅଧିକାଂଶ ସେମିନାର ବା ଆଲୋଚନାଚକ୍ର ହେଉ ବା କର୍ମଶାଳା (workshop)ହେଉ ସେ ସବୁ ସ୍ଥାନରେ ତ ଓଡ଼ିଆ ଭାଷା ପ୍ରାୟ ଚଳେ ନାହିଁ । କଲେଜମାନଙ୍କରେ ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟାପକମାନଙ୍କ ଠାରୁ ଇଂରାଜୀ ଭାଷା ସାହିତ୍ୟର ଅଧ୍ୟାପକମାନଙ୍କ ଖାତିର ସମ୍ଭବତଃ ବେଶୀ ।

କୋର୍ଟ କଚେରୀମାନଙ୍କରେ ମାତୃଭାଷାର ପ୍ରଚଳନ ଖୁବ୍ ଜରୁରୀ । ଅଧିକାଂଶ ଇଂରାଜୀ ପଢୁଆ ଶିକ୍ଷିତ ଲୋକେ ଇଂରାଜୀ ଭାଷାରେ ଲିଖିତ ରାୟ ବା ଆଦେଶନାମାକୁ ସହଜରେ ବୁଝି ପାରନ୍ତି ନାହିଁ । ଅଧା ପାଠୁଆ ବା ସାଧାରଣ ଲୋକେ ଯେଉଁମାନେ ନ୍ୟାୟ ପାଇବାକୁ ଅପେକ୍ଷା କରିଥାଆନ୍ତି, ଇଂରାଜୀ ଭାଷାରେ ବିଭିନ୍ନ ରାୟ ବା ଆଦେଶକୁ ସେମାନେ ବୁଝିପାରନ୍ତି ନାହିଁ ।

ଓଡ଼ିଶାରେ ମଧ୍ୟ ଆମେ ଗର୍ବ ଅନୁଭବ କରୁଛୁଁ ଯେ ଓଡ଼ିଶା ସମ୍ବାଦପତ୍ର ଅପେକ୍ଷା ବିଶେଷ କରି ଇଂରାଜୀ ଓ ଅନ୍ୟ ଭାଷାର ସମ୍ବାଦପତ୍ରକୁ ଆମେମାନେ ଗୁରୁତ୍ୱ ଦେଇଥାଉଁ । ଇଂରାଜୀ ସମ୍ବାଦପତ୍ରଗୁଡ଼ିକ ଅଧିକ ବିଜ୍ଞାପନ ପାଇଥାଆନ୍ତି, ଯଦିଓ ସେମାନଙ୍କର ବିଶେଷ ପ୍ରଭାବ ଓଡ଼ିଆ ଜନସାଧାରଣଙ୍କ ଉପରେ ପଡ଼ି ନଥାଏ ।

ସତ କହିବାକୁ ଗଲେ, ଓଡ଼ିଆ ଭାଷା ଅଳ୍ପ ଜାଣି ମଧ୍ୟ ଶ୍ରୀ ନବୀନ ପଟ୍ଟନାୟକ ଦୀର୍ଘ ଚବିଶ ବର୍ଷ କାଳ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରହିପାରିଲେ । ତଥାପି ସ୍ୱର୍ଗୀୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଅମଳରେ ଓଡ଼ିଆ ଭାଷା ସରକାରୀ ଭାଷା ହେବ ବୋଲି ଯେଉଁ ଆଇନ ହୋଇଥିଲା, ତାହାର ନିୟମକାନୁନ ନବୀନ ବାବୁଙ୍କ ସରକାର କରାଇ ସରକାରୀ ସ୍ତରରେ ତାହାକୁ କାର୍ଯ୍ୟକ୍ଷମ ମଧ୍ୟ ସେ କରାଇ ପାରିଥିଲେ ।

ସମଗ୍ର ବିଶ୍ୱରେ ବିଭିନ୍ନ ରାଷ୍ଟ୍ରର ଭିନ୍ନ ଭିନ୍ନ ଭାଷାମାନ ରହିଛି । କିନ୍ତୁ ଏକ ସଂଯୋଗକାରୀ ଭାଷା (Link language) ଭାବେ ସାଧାରଣତଃ ଇଂରାଜୀ ଭାଷା ଉପରେ ସମସ୍ତେ ନିର୍ଭରଶୀଳ । ଭାରତ ଏପରି ଏକ ରାଷ୍ଟ୍ର ଯେଉଁଠି ବିଭିନ୍ନ ରାଜ୍ୟରେ ବିଭିନ୍ନ ଭାଷା । ପରସ୍ପର ମଧ୍ୟରେ ହିନ୍ଦୀ ରାଷ୍ଟ୍ରଭାଷା ଭାବେ ସଂପର୍କ ସ୍ଥାପନ କରୁଛି, ନଚେତ ଇଂରାଜୀ ଭାଷା ତାହାର ବିକଳ୍ପ ବୋଲି କୁହାଯାଉଛି । ଓଡ଼ିଆ ଅସ୍ମିତା ନାମରେ ଆମେ କେତେଦୂର ଅଗ୍ରସର ହୋଇ ପାରିବା ତାହା ଭବିଷ୍ୟତ ହୁଏତ କହିବ ।

## ଭାବ ବନ୍ଧନ

**ଭଗବାନ ସବୁ ବନ୍ଧନରୁ ସମ୍ପୂର୍ଣ୍ଣ ମୁକ୍ତ, କିନ୍ତୁ ସେ ଭକ୍ତର ଭାବ ବନ୍ଧନରେ ସଦା ଯୁକ୍ତ**

***ସଂଗ୍ରାହକ–ଡ. ପ୍ରଦୀପ କୁମାର ଚୌଧୁରୀ***

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଯୀଶୁଖ୍ରୀଷ୍ଟଙ୍କ ଓଡ଼ିଶା ଆଗମନ : କେତେ ସତ?



ଡ. ଅଲେଖ ଚନ୍ଦ୍ର ପଢ଼ିଆରୀ

ଯୀଶୁଙ୍କ ଓଡ଼ିଶା ଆଗମନ ପ୍ରସଙ୍ଗଟି ଜଣେ ସାଧାରଣ ବ୍ୟକ୍ତିର ଦୃଷ୍ଟିକୋଣରୁ ଏକ ଅବାସ୍ତବ ପ୍ରସଙ୍ଗ ଭଳି ପ୍ରତୀୟମାନ ହେଉଥିଲେ ମଧ୍ୟ ତାହା ନିରାଧାର ଓ ଅବାସ୍ତବ ନୁହେଁ । ଯଦିଓ ଏ ସମ୍ପର୍କରେ ଓଡ଼ିଆ ଐତିହାସିକମାନେ କୌଣସି ସିଦ୍ଧାନ୍ତମୂଳକ ଗବେଷଣା କରିନାହାନ୍ତି ତଥାପି ବହୁ ବୈଦେଶିକ ଗବେଷକ, ଐତିହାସିକ ଓ ଅଣଓଡ଼ିଆ ପ୍ରାବନ୍ଧିକ ତଥା ବିଦ୍ୱାନ୍‌ମାନେ ଏ ସମ୍ପର୍କରେ ବହୁ ନିର୍ଣ୍ଣାୟକ ମତ ପ୍ରସ୍ତାପନ କରିଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି (୧) ଋଷୀୟ ସାମ୍ବାଦିକ ନିକୋଲାସ୍ ନାଟୋଭିଚ୍ (୨) ଫରାସୀ ଐତିହାସିକ ସିଲ୍‌ଭାନ୍ ଲିଭି (୩) ଲେଖକ ଏଫ୍. ଏ ପ୍ଲାଟନ୍, (୪) ଡାକ୍ତର ସ୍ପେନ୍‌ସର୍ ଲୁଇସ୍ (୫) ବଂଗୀୟ ପରିବ୍ରାଜକ ସ୍ୱାମୀ ଅଭେଦାନନ୍ଦ, (୬) ବ୍ରହ୍ମଚାରୀ ଚୈତନ୍ୟ ଭୈରବ, (୭) ସାଧକ ସ୍ୱାମୀ ରାମତୀର୍ଥ (୮) ଆମେରିକୀୟ ବିଦ୍ୱାନ୍ ଏମ୍ ଡେନିଆଲ୍ କନୱେ ଇତ୍ୟାଦି । ପୁନଶ୍ଚ ଏ ସମ୍ପର୍କରେ ଅହମଦିଆ ସୋସାଇଟିର (୯) ମୀର୍ଜା ଗୋଲାମ୍ ମହମ୍ମଦ (୧୦) ମାଥିଉ ଆବିଙ୍କ ଲେଖାରୁ ମଧ୍ୟ କିଛି ଦିଗ୍‌ଦର୍ଶନ ମିଳେ । ଏତଦ୍‌ବ୍ୟତୀତ ଆମେରିକାନ୍ ବିଦ୍ୱାନ୍ (୧୧) ଏଲିଜାବେଥ୍ କ୍ଲେୟାର୍ ଓ ଜର୍ମାନ୍ ଗବେଷକ (୧୨) ହେଲ୍‌ଗର୍ କେରଷ୍ଟନ୍ ଯିଶୁଙ୍କର ଭାରତ ଆଗମନକୁ ସତ୍ୟ ଘଟଣା ସେମାନଙ୍କ ପୁସ୍ତକରେ ଉଲ୍ଲେଖ କରିଛନ୍ତି । ଏହି ମତାମତକୁ ଜଣେ ଦୁଇଜଣ ବିଦ୍ୱାନ୍ ଉପରଠାଉରିଆ ଭାବେ ଭୁଲ କଥା ବୋଲି ମଧ୍ୟ ମତ ରଖିଛନ୍ତି ।


ଯୀଶୁଙ୍କ ଜୀବନୀକୁ କେତେଜଣ ବିଶିଷ୍ଟ ଲେଖକ ଲିପିବଦ୍ଧ କରିଛନ୍ତି । ସେମାନେ ହେଲେ ମାର୍କ ଲୁକ୍, ମାଥିଉ ଓ ଯୋହନ୍ । ସେମାନେ ଯିଶୁଖ୍ରୀଷ୍ଟଙ୍କ ଜନ୍ମଠାରୁ ବାଲ୍ୟାବସ୍ଥା ଓ ଯୁବାବସ୍ଥା ଆଦିର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ଉଲ୍ଲେଖ କରିଛନ୍ତି । କିନ୍ତୁ ସେ ୧୩ ବର୍ଷ ବୟସରୁ ୨୯ ବର୍ଷ ବୟସ ପର୍ଯ୍ୟନ୍ତ କେଉଁଠି ଥିଲେ ବା କଣ କଣ କରୁଥିଲେ ସେ ସମ୍ପର୍କରେ ଏହି ବିଦ୍ୱାନଗଣ ପ୍ରାୟ ନୀରବ ରହିଛନ୍ତି । ସେମାନଙ୍କ ମତରେ ବାରବର୍ଷ ବୟସର ଯିଶୁ ଜେରୁଜେଲମ୍ ମନ୍ଦିରରେ କେଉଁଠି ହଜି ଯାଇଥିଲେ । ଯିଶୁ ପୁଣି ଅଣତିରିଶ ବର୍ଷ ବୟସରେ ଅର୍ଥାତ ୧୭ ବର୍ଷ ପରେ ଆବିର୍ଭାବ ହୋଇ ଧର୍ମ ପ୍ରଚାରରେ ଲାଗିଥିଲେ । ଏ ବାବଦରେ ମିସନାରୀମାନଙ୍କ ମତ ଯେ ସେ ନାଜ୍‌ରତରେ ନଜର ବନ୍ଦୀଭଳି ରହିଥିଲେ । ଏ ସମ୍ପର୍କରେ କେତେକ ମିସନାରୀ ମତଦିଅନ୍ତି ଯେ ସେ ବହୁ କୁଟୁମ୍ବୀ ହୋଇଥିବାରୁ ତାଙ୍କର ପିତା ଯୋଶେଫଙ୍କର ମୃତ୍ୟୁପରେ ସେ ବଢେଇ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ ।

କେତେକଙ୍କ ମତରେ ଯିଶୁ ଥିଲେ ଜଣେ ନିରାସକ୍ତ ଯୋଗୀ । ସେ ୨୯ବର୍ଷ ବୟସରେ ନାଜିରତ୍‌କୁ ଯାଇ ତାଙ୍କର ମୁଖ ନିଃସୃତ ସୁସମାଚାରରେ ସମସ୍ତଙ୍କୁ ମୁଗଧ କରିଦେଇଥିଲେ । ଗ୍ରାମବାସୀମାନେ ତାଙ୍କୁ ଦେଖି 'ସେ କିଏ? ଯୋଶେଫ୍‌ଙ୍କର ପୁତ୍ର ନୁହନ୍ତି କି?' ବୋଲି ପ୍ରଶ୍ନ କରିଥିଲେ । ତେଣୁ ଏହି ସମୟରେ ସେ ଜନ୍ମିତ ଗ୍ରାମ ନାଜିରତ୍‌ରେ ନଥିଲେ ବୋଲି ପ୍ରମାଣିତ ହୁଏ । ଏହା ଲୁକ୍ (୪:୧୬) ଓ ଲୁକ୍ (୪:୨୨)ରେ ଉଲ୍ଲେଖ ହୋଇଛି । ଯଦିଓ ଖ୍ରୀଷ୍ଟଧର୍ମର ପବିତ୍ର ଗ୍ରନ୍ଥ ବାଇବେଲରେ ସେ ୧୨ ବର୍ଷରୁ ୨୯ବର୍ଷ ଯାଏଁ କଣ କରୁଥିଲେ ସେ ବିଷୟରେ ବିଶେଷ କିଛି ଉଲ୍ଲେଖ ନାହିଁ, ତାଙ୍କ ଜୀବନକାଳରୁ ଏପରି ଆଖିବୁଜି ବାଦ୍ ଦିଆଯାଇ ନପାରେ ।

ଯୀଶୁଖ୍ରୀଷ୍ଟଙ୍କ ଜୀବନର ଏହି ୧୭ ବର୍ଷ ବିବଦମାନ ହୋଇଥିବା ସ୍ଥଳେ, ସେ ଏହି ସମୟରେ ତୀର୍ଥାଟନ ଓ ଧର୍ମାଲୋଚନା କରି ଶିକ୍ଷାଲାଭ କରିଥିବାର ବଳିଷ୍ଠ ତଥ୍ୟ ଓ ପ୍ରମାଣ ଉପଲବ୍ଧ ହୁଏ । ଏହି ପରିପ୍ରେକ୍ଷୀରେ ହୋଲ୍‌ଗର କେର୍ଷ୍ଟନ ନାମକ ଜଣେ ଲେଖକ ତାଙ୍କ ରଚିତ ପୁସ୍ତକ "Jesus lived in India" (Penguin books India Pvt. Ltd., II community Center, Panchasta Sheel Park, New Delhi, 110017, (2001) ରେ ଦର୍ଶାଇଛନ୍ତି ଯେ ଯଦିଓ ଏହା ଯିଶୁଙ୍କର ବିବାହ କରିବାର ସମୟ ଥିଲା, ସେ ଏହାକୁ ଏଡାଇ ଦେବାରେ ସକ୍ଷମ ହୋଇଥିଲେ । He was not old enough to continue his studies in the place that might well have been the home of his real spiritual fathers in India (page-83) । ଏଥିରେ ଯିଶୁଙ୍କର Silk route ଦେଇ ଭାରତ ଆଗମନ ବିଷୟ ରହିଛି । ଠିକ୍ ସେହିପରି ନିକୋଲସ୍ ନାଟୋଭିଚ୍‌ଙ୍କ ଦ୍ୱାରା ଲିଖିତ ପୁସ୍ତକ The Unknown Life of Jesus Chritst, (ଯିଶୁଖ୍ରୀଷ୍ଟଙ୍କ ଅଜ୍ଞାତ ଜୀବନ), ଯାହା ଫରାସୀ ଓ ଇଂରେଜ ଭାଷାରେ (୧୯୮୫) ରେ ପ୍ରକାଶ ପାଉଛି, ସେଥିରେ ଯିଶୁଙ୍କର ଅଜ୍ଞାତ ସମୟ ଭାରତରେ ଅତିବାହିତ ହୋଇଛି ବୋଲି ସେ ଦାବି କରନ୍ତି । ସେ ଏହି ତଥ୍ୟ ତିବ୍ବତର ହେମିସ୍ ମଠରୁ ପ୍ରାପ୍ତ ଏକ ପାଣ୍ଡୁଲିପିରୁ ସେ ଜାଣିଛନ୍ତି ବୋଲି ପ୍ରକାଶ କରନ୍ତି । ନାଟୋଭିଚ୍ ପ୍ରଥମେ ଏହି ପୁସ୍ତକଟିକୁ ମହାମାନ୍ୟ ପୋପ୍‌ଙ୍କ ପାଖକୁ ପଠାଇଥିଲେ । ପୋପ୍ ଏହାକୁ ପାଠ କରି ବେଆଇନ୍ ଘୋଷଣା କରିବା ପରେ ପୋଡି ଦେଇଥିଲେ । ଏହାପରେ ସଂସ୍କୃତ ବିଦ୍ୱାନ ମାକ୍ସମୁଲାର୍ ପ୍ରଶ୍ନକଲେ ଯେ, ଯଦି ନଟୋଭିଚ୍ ହେମିସ୍ ମଠରେ ତିବ୍ବତୀୟ ଭାଷାରେ ଏଭଳି ଏକ ତଥ୍ୟ ପାଇଲେ, ତେବେ ସେ ସେହି ପାଣ୍ଡୁଲିପିକୁ କାହିଁକି ଆଣିଲେ ନାହିଁ ? ଏହାପରେ ଦୁଇ ବଂଗୀୟ ପରିବ୍ରାଜକ ସ୍ୱାମୀ ଅଭେଦାନନ୍ଦ ଓ ବ୍ରହ୍ମଚାରୀ ଚୈତନ୍ୟ ଭୈରବ ଏହି ମଠକୁ ଯାଇ ଲାମାମାନଙ୍କ ସହ ଆଲୋଚନା କରିବା ସଂଗେ ସଂଗେ ଏହି ପାଣ୍ଡୁଲିପି ଦେଖିଥିବା କଥା କାଶ୍ମୀର ଓ ତିବ୍ବତ (୧୯୨୯) ନାମକ ଏକ ପୁସ୍ତକରେ ପ୍ରକାଶ କଲେ । ଏହାପରେ ଫରାସୀ ଐତିହାସିକ ସିଲଭେନ୍‌ଲେଭି ତାଙ୍କ ରଚିତ ପୁସ୍ତକ "The aquarian gospel of Jesus Christ"ରେ ଯିଶୁଙ୍କ ଭାରତ ଆଗମନ କଥାକୁ ଗୁରୁତ୍ୱ ଦେଲେ । ଏହାପରେ ଡା. ସ୍ପେନସର୍ ଲୁଇସ୍ ତାଙ୍କ "The Mystical life of Juses Christ" ନାମକ ପୁସ୍ତକରେ ଯିଶୁଙ୍କ ଭାରତ ଆଗମନ କଥା ସ୍ପଷ୍ଟ କଲେ। ତାଙ୍କର ଏହି ପୁସ୍ତକ ଏତେ ଚହଳ ସୃଷ୍ଟି କରିଥିଲା ଯେ ଏହି ବହିର ୩୫ ବର୍ଷ ମଧ୍ୟରେ, ୧୬ଟି ସଂସ୍କରଣ ପ୍ରକାଶିତ ହେଲା । ସାଧକ ସ୍ୱାମୀ ରାମତୀର୍ଥ ତାଙ୍କ ପୁସ୍ତକ Spiritual Power that winsରେ ଉଲ୍ଲେଖ କଲେ ଯେ ଯିଶୁ ମୃତ୍ୟୁ ପୂର୍ବରୁ କାଶ୍ମୀର ଆସିଥିଲେ ଏବଂ ସେଠାରେ ତାଙ୍କର ସମାଧି ଅଛି । ଓଡ଼ିଶାର ନାଥ ସମ୍ପ୍ରଦାୟର ଗ୍ରନ୍ଥ ନାଥ ନାମାବଳୀରେ ଯିଶୁଙ୍କ ଭାରତ ଆଗମନ, ଶିବଉପାସନା, ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଓ ପୁନର୍ବାର ଭାରତ ଆଗମନ ବିଷୟରେ ଉଲ୍ଲେଖ ରହିଛି । ଏହା ସମ୍ପୂର୍ଣ୍ଣ ବିଶ୍ୱାସଯୋଗ୍ୟ ନହେଲେ ମଧ୍ୟ ଗବେଷଣାସାପେକ୍ଷ ।

Holger Kerstein ତାଙ୍କର ପୁସ୍ତକ Jesus Lived in India (2001 Penguin)ରେ ବହୁ ଆଲୋଚନା ଓ ପର୍ଯ୍ୟାଲୋଚନାମୂଳକ ତଥ୍ୟ ଉପସ୍ଥାପନା ପରେ ୨୫୯ ପୃଷ୍ଠାରେ ଲେଖିଛନ୍ତି: "The Ninth Volume, called Bhabisyat Mahapuran and written between the 3rd & 7th Century A.D. Contains a supplement that describes how Jesus came to India. The description is so clear that there can be no doubt about who its subject is. The purana reports that Israelis came to India, then in verses 17-32 describes Jesu's appearance on the scene."..

ଏହି ପୁସ୍ତକଟି ବର୍ତ୍ତମାନ ୩୭ ଗୋଟି ଭାଷାରେ ଅନୁବାଦିତ ହୋଇଛି ଓ ଏହାର ୪୦ ଲକ୍ଷ, ନକଲ ସାରା ପୃଥିବୀରେ ବିକ୍ରୀ ହୋଇସାରିଛି ।



***ଯୀଶୁଙ୍କ ଓଡ଼ିଶା ଆଗମନ–***

ଯୀଶୁଙ୍କ ପୁରୀ ଆଗମନ ସମ୍ପର୍କରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପୁସ୍ତକ – (The unknown life of Jesus Christ1894),ର ଉଦ୍ଧୃତାଂଶ (ପୃ - ୮୫) ଉଲ୍ଲେଖଯୋଗ୍ୟ । ଏଥିରେ ଲେଖାଯାଇଛି ଯେ In the fourteenth year young Issa... Came this side of Sindh...and went to Djagguernat, in the country of Orsisa, where repose the mortal remains of VyasaKrishna and where the white Priests of Brahma welcomes him joyfully. They taught him to read to underdstand the Vedas, to cure Physical ills by means of prayers, to teach and to expound the sacred scriptures, to drive out evil desires from man and make him again in the likeness of God. He spent six years in Djaggumrnat, in Radjagriha, in Benaras and in other Holy cities.

ଅର୍ଥାତ୍ ଯିଶୁ ୧୪ ବର୍ଷ ବୟସରେ ଗୃହତ୍ୟାଗ କରି ସିନ୍ଧୁ ପ୍ରଦେଶ ଦେଇ–ଜଗନ୍ନାଥ ଦେଶ ଯେଉଁଠି ବ୍ୟାସ କୃଷ୍ଣଙ୍କର ମରଶରୀରର କ୍ରିୟଦଂଶ ରହିଛି ସେଠାକୁ ଯାତ୍ରା କଲେ । ସେଠାରେ ପୂଜକ ବ୍ରାହ୍ମଣମାନେ ତାଙ୍କୁ ସ୍ୱାଗତ କଲେ ଓ ସେ ସେମାନଙ୍କଠାରୁ ବେଦପାଠ ଓ ଅଧ୍ୟୟନ କରି, ପ୍ରାର୍ଥନା ମାଧ୍ୟମରେ ଶାରୀରିକ ବ୍ୟାଧି ଉପଶମ କରାଇବା, ମନୁଷ୍ୟ ମନରୁ ପାପଚିନ୍ତା ଦୂରକରି ପବିତ୍ରଭାବ ଜାଗ୍ରତ କରି ଈଶ୍ୱରପ୍ରେମୀ କରାଇବାରେ ସଫଳ ହେଲେ । ଏହାପରେ ସେ ରାଜଗୃହ, ବନାରସ ଓ ଅନ୍ୟାନ୍ୟ ସହରରେ ସର୍ବମୋଟ ୬ବର୍ଷ କାଳାତିପାତ କଲେ ।

ନାଟୋଭିଚ୍‌ଙ୍କ ଏହି ଭାରତ ଆଗମନ ମତ ସହ ଆମେରିକା ଖ୍ରୀଷ୍ଟିୟାନ୍ ଧର୍ମଯାଜକ L.H. Dowling ତାଙ୍କର ୧୯୦୭ରେ ପ୍ରକାଶିତ ପୁସ୍ତକ "The Aquarian Gospel of Jesus Christ"ରେ ଏକମତ ହୋଇଛନ୍ତି । ତାଙ୍କ ମତରେ ପୁରୀର ଜଣେ ରାଜପୁତ୍ର ଜେରୁଜେଲମ୍ ନାଜରେତ୍ ଯାଇଥିଲେ । ତାଙ୍କ ନିୟନ୍ତ୍ରଣ କ୍ରମେ ଯିଶୁ ଭାରତ ଓ ପୁରୀ ଆସିଥିଲେ। ତାଙ୍କୁ ପୁରୀ ମନ୍ଦିରରେ ଏକ ଶିଷ୍ୟରୂପେ ଗ୍ରହଣ କରାଯାଇଥିଲା। ସେଠାରେ ସେ ବେଦ ଓ ଅନ୍ୟାନ୍ୟ ବିଷୟରେ ଶିକ୍ଷା ଲାଭ କରିଥିଲେ ।

ସର୍ବଶେଷରେ ଜର୍ମାନ୍ ବିଦ୍ୱାନ ହେଲ୍‌ଗର୍ କେଷ୍ଟର୍ଣ୍ଣ ୧୯୮୬ ମସିହାରେ ପ୍ରକାଶିତ ପୁସ୍ତକ 'jesus lived in India'ରେ ସବୁ ବିଷୟ ତର୍ଜମା କରି ଯିଶୁଙ୍କର ଭାରତ ଆଗମନ ସତ୍ୟ ଉପରେ ପର୍ଯ୍ୟବେଶିତ ବୋଲି ସିଦ୍ଧାନ୍ତରେ ଉପନୀତ ହେଲେ ।

ଏହିସବୁ ତଥ୍ୟକୁ ଯୁକ୍ତିଦ୍ୱାରା ବିରୋଧ କରିଛନ୍ତି କିଛି ଭାରତୀୟ ଓ ଓଡ଼ିଆ ବିଦ୍ୱାନ । ସେମାନଙ୍କ ମତରେ ଯିଶୁଙ୍କ ୧୩ ବର୍ଷ ବୟସରେ ବାଲ୍ୟବିବାହ ପ୍ରଚଳିତ ନଥିବା ଦେଶ (ଇଜରାଏଲ୍)ରେ ବିବାହ ହେବା କଥା ଅବାନ୍ତର ଓ ଅନଙ୍ଗଭୀମ ଦେବଙ୍କ ସମୟରେ ୧୧୯୮ ମସିହାରେ ନିର୍ମିତ ବଡ ଦେଉଳକୁ ଯିଶୁ ଆସିବା କପୋଳକଳ୍ପିତ ।

କିନ୍ତୁ ଏହି ବିରୋଧାଭାସରେ ବାସ୍ତବତା ଅପେକ୍ଷା ଯୌକ୍ତିକ ପ୍ରାବଲ୍ୟ ଅନୁଭବ ହୁଏ । ପ୍ରଥମତଃ ବିବାହ ମାନସିକତା ଉଦ୍ରେକ ହୋଇନଥିବା ଅନାସକ୍ତ ଧର୍ମାବତାର ଯିଶୁଙ୍କର ପିତା ତାଙ୍କୁ ୧୩ ବର୍ଷ ବୟସରେ ବିବାହ ବନ୍ଧନରେ ଆବଦ୍ଧ କରିବାକୁ ଉଦ୍ୟମ କରିଥିଲେ, ସେ ଗୃହତ୍ୟାଗୀ ହେବା ସମ୍ଭବପର । ପୁନଶ୍ଚ ଅନଙ୍ଗଭୀମଦେବ ସିନା ଦ୍ୱାଦଶ ଶତାବ୍ଦୀର ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ କିନ୍ତୁ ଜଗନ୍ନାଥଙ୍କର ଖ୍ୟାତି, ପ୍ରଚାର ଓ ପ୍ରସାର ତାର ବହୁ ପୂର୍ବରୁ ହୋଇସାରିଥିଲା । ବେଦର 'ଅଦ୍ଧୋଯଦ୍ଦାରୁ ପ୍ଲବତେ' ସ୍କନ୍ଧ ପୁରାଣର ଉତ୍କଳଖଣ୍ଡରେ ବ୍ରହ୍ମାଙ୍କ ବାଣୀ, ମହାଭାରତର ବନପର୍ବର ୧୧୪ ଅଧ୍ୟାୟରେ ଥିବା ମହାବେଦୀ ଓ ବାଲ୍ମିକୀ ରାମାୟଣର ଉତ୍ତରା କାଣ୍ଡରେ 'ଆରାଧ ତୁ ଜଗନ୍ନାଥ ଇକ୍ଷାକୁ କୁଳଦୈବତମ୍' ଏବଂ ଐତିହାସିକ ଏମ୍ ଏମ୍ ଗାଙ୍ଗୁଲୀଙ୍କ ମତ ଓ ଓଡ଼ିଶାରେ ପ୍ରଚଳିତ ଗାଲମାଧବ କିମ୍ବଦନ୍ତୀରୁ ସ୍ପଷ୍ଟ ହୁଏ ଯେ, ମହାଭାରତ ବହୁପୂର୍ବରୁ ଜଗନ୍ନାଥ ଚେତନା ପ୍ରତିଷ୍ଠା ହୋଇସାରିଥିଲା, ଯାହା ଖ୍ରୀଷ୍ଟଜନ୍ମର ୩୫୦୦ ବର୍ଷ ପୂର୍ବର ଘଟଣା । ତେଣୁ ଯିଶୁଖ୍ରୀଷ୍ଟଙ୍କ ପୁରୀ ଆଗମନ ଏକ କାଳ୍ପନିକ କାହାଣୀ ବା ଅବାସ୍ତବ ପରିକଳ୍ପନା ହୋଇ ନପାରେ ବରଂ ଆଲେକ୍‌ଜାଣ୍ଡାର୍‌ଙ୍କ ଭାରତ ଆଗମନ ଭଳି, ଏହା ଏକ ଅବଧାରିତ ସତ୍ୟ, ଯାହା ଇତିହାସର ଅଳନ୍ଧୁ ମଧ୍ୟରେ ଲୁଚିଯାଇଛି ।

ଏହି ସତ୍ୟ ଉନ୍ମୋଚିତ ହେଲେ , ଏହା ବହୁ ସାମ୍ପ୍ରଦାୟିକ ସଦ୍‌ଭାବ ଓ ଆଧ୍ୟାତ୍ମିକ ସମନ୍ୱୟର ଦିଗ ଉନ୍ମୋଚନ କରିବ ବୋଲି ଆଶା ।

**୧୭୨୭, ବରମୁଣ୍ଡା, ଭୁବନେଶ୍ୱର**
**ମୋ– ୯୯୩୭୦୬୨୦୦୧**

# ପରିବେଶ ସନ୍ତୁଳନତା ଓ ବୃକ୍ଷ



ଚିତ୍ତରଞ୍ଜନ ପୃଷ୍ଟି

ପ୍ରକୃତିରୁ ଆରମ୍ଭ ହୋଇଥିଲା ମାନବ ସମାଜର ଜୀବନଯାତ୍ରା । ପ୍ରକୃତି କୋଳରେ ମୁକ୍ତ ବିହଙ୍ଗ ପରି ବିଚରଣ କରୁଥିଲା ମଣିଷ । ମଣିଷ ପାଲଟି ଯାଇଥିଲା ପ୍ରକୃତିର ଉପାସକ । ପ୍ରକୃତିଠୁ ଶିଖୁଥିଲା ଜୀବନର କୌଶଳ ଏବଂ ପ୍ରକୃତିଠୁ ପାଉଥିଲା ବଞ୍ଚିବାର ସଞ୍ଜୀବନୀ । କିନ୍ତୁ ଆଜି ବିଜ୍ଞାନର ମାୟାରେ ଯାନ୍ତ୍ରିକ ସଭ୍ୟତାର ପ୍ରଭାବରେ ବଦଳି ଯାଇଛି ପରିବେଶ । ବିଜ୍ଞାନ ବଳରେ ମାନବ ଧରାକୁ ସରା ମଣିଲା । ସହରୀକରଣ ନାମରେ ସବୁଜ ବଳୟକୁ ନଷ୍ଟକଲା ମାନବ । ଦ୍ରୁତ ଶିଳ୍ପାୟନ ପରିବେଶକୁ କଲା ପ୍ରଦୂଷିତ । ଆଧୁନିକ ସଭ୍ୟତା ଜଙ୍ଗଲ ସମ୍ପଦର ଅବକ୍ଷୟର କାରଣ ହୋଇଛି । ଫଳରେ ବିଶ୍ୱ ପରିବେଶ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି ଓ ଏହା ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ପରିବେଶ ଅସନ୍ତୁଳନ ପାଇଁ ମୁଖ୍ୟତଃ ଲୋକମାନଙ୍କର ଜୀବନଚର୍ଯ୍ୟା ଦାୟୀ । ମାନବ ସମାଜ ଏବେ କ୍ଷଣିକ ସମୟରେ ପରିବେଶରେ ବୁଣିଦେଉଛି ପ୍ରଦୂଷଣର ବିଷମଞ୍ଜି । ପ୍ରଦୂଷିତ ପରିବେଶର ବିଷ ବଳୟରେ ମଣିଷ ଆଜି ଶ୍ୱାସରୁଦ୍ଧ ।

ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସୁରକ୍ଷା ସାରା ବିଶ୍ୱପାଇଁ ଏକ ଆହ୍ୱାନ । ଏହି ପରିପ୍ରେକ୍ଷୀରେ ସବୁଜ ବଳୟର ସୃଷ୍ଟି ମାନବ ସମାଜ ପାଇଁ ଏକ ରକ୍ଷା କବଚ ତଥା ବରଦାନ ସଦୃଶ । ସୁସ୍ଥ ଓ ନିରାମୟ ଜୀବନଯାପନ ପାଇଁ ପ୍ରଦୂଷଣ ମୁକ୍ତ ପରିବେଶ ଏକାନ୍ତ ପ୍ରୟୋଜନ । ବିଶୁଦ୍ଧ ପରିବେଶ ସୁସ୍ଥ ଜୀବନଯାପନର ଏକ ମାନଦଣ୍ଡ । ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ନିମନ୍ତେ ପାଳନ ମଧ୍ୟ କରାଯାଉଛି 'ବନମହୋତ୍ସବ ସପ୍ତାହ' । ***ଆମ ଜୀବନରେ ବୃକ୍ଷ ଓ ଜଙ୍ଗଲର ଗୁରୁତ୍ୱକୁ ହୃଦୟଙ୍ଗମ କରିବା ସହ ପରିବେଶର ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି ପାଇଁ ୧୯୫୦ ମସିହାରୁ ଜୁଲାଇ ପ୍ରଥମ ସପ୍ତାହରେ 'ବନ ମହୋତ୍ସବ ସପ୍ତାହ' ପାଳନ କରାଯାଇ ଆସୁଛି ।***

ବୃକ୍ଷ ରୋପଣର ଉପକାରିତା ତଥା ବୃକ୍ଷ ରୋପଣ ପ୍ରତି ଶ୍ରଦ୍ଧା ଜନ୍ମାଇବା ବନମହୋତ୍ସବର ପ୍ରଧାନ ଲକ୍ଷ୍ୟ । ଗତ ଏକ ଦଶନ୍ଧି ହେଲା କେବଳ ଗଛକଟା ଯୋଗୁଁ ଦେଶର ଜଙ୍ଗଲ ପରିମାଣ ୧୬ ପ୍ରତିଶତ କମି ଆସିଛି । ତେଣୁ ପୂର୍ବାପେକ୍ଷା ଏବେ ମାନବିକ କାର୍ଯ୍ୟକଳାପ ଯୋଗୁଁ ଜଙ୍ଗଲ ଓ ବୃକ୍ଷରାଜି ପ୍ରତି ଅଧିକ ବିପଦ ରହିଥିବାରୁ ବନ ମହୋତ୍ସବ ପାଳନ କରି ବୃକ୍ଷ ରୋପଣ କରିବା ଅନେକ ଗୁରତ୍ୱ ବହନ କରୁଛି । ବିଶ୍ୱର ତାପମାତ୍ରା ବୃଦ୍ଧି ରୋକିବା ଓ ପ୍ରଦୂଷଣ ହ୍ରାସ ଦିଗରେ ବୃକ୍ଷରୋପଣ ହିଁ ଶ୍ରେଷ୍ଠ ବିକଳ୍ପ ହୋଇଥିବାରୁ ଏହାକୁ ମହୋତ୍ସବର ଅଂଶବିଶେଷ କରାଯାଇଛି, ଯାହାକି ନିକଟରେ ପାଳନ ହୋଇଯାଇଛି । ବନମହୋତ୍ସବର ଉଦ୍ଦେଶ୍ୟ ହେଉଛି ପରିବେଶ ସୁରକ୍ଷା, ଗଛର ଗୁରୁତ୍ୱ ବିଷୟରେ ଜନସାଧାରଣ ମଧ୍ୟରେ ସଚେତନତା ସୃଷ୍ଟି କରିବା । ଜୀବନର ପର୍ବ ଭାବରେ ବିବେଚନା କରାଯାଉଥିବା ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ପ୍ରାକୃତିକ ପରିବେଶକୁ ସୁରକ୍ଷା ଦେଇ ଦେଶ ଏବଂ ପୃଥିବୀ ମାତାକୁ ରକ୍ଷା କରିବା ଏବଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ, ସବୁଜ ଏବଂ ସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରିବା । ବନ ମହୋତ୍ସବ କେବଳ ଏକ ଉତ୍ସବ ନୁହେଁ, ଏହା ସବୁଜ ଏବଂ ସ୍ଥାୟୀ ଭବିଷ୍ୟତ ଆଡ଼କୁ ଏକ କ୍ରାନ୍ତିକାରୀ ଆନ୍ଦୋଳନ । ମଣିଷ ଯେତେ ଆଧୁନିକ ହେଉଛି ସେତେ ଜଙ୍ଗଲ ନଷ୍ଟ କରୁଛି, ଗଛ କାଟି ଦେଉଛି । ମଣିଷ ନିଜ ସ୍ୱାର୍ଥ ସାଧନ ପାଇଁ ପରିବେଶ ନଷ୍ଟ କରୁଛି ଯାହା ନିଜ ସମାଜପ୍ରତି ବିପଦ ସୃଷ୍ଟି କରୁଛି, ଯାହାର ଫଳ ବି ଆମକୁ ଭୋଗିବାକୁ ପଡୁଛି । ଫଳସ୍ୱରୂପ ପରିବେଶ ପ୍ରଦୂଷଣ, ଅସହନୀୟ ତାପମାତ୍ରା ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ,ଭୂତଳ ଜଳସ୍ତର ନିମ୍ନଗାମୀ, ମୃତ୍ତିକା କ୍ଷୟ, ବୃଷ୍ଟିପାତ ହ୍ରାସ ଓ ଉତ୍ପାଦନ ବ୍ୟାହତ ହେଉଛି । ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ସମଗ୍ର ଜୀବଜଗତପାଇଁ ସତର୍କର ଘଣ୍ଟି ବଜାଇ ସାରିଲାଣି । ଜଙ୍ଗଲ ଧ୍ୱଂସ ଯୋଗୁଁ ଅସମୟରେ ବନ୍ୟା, ଝଡବାତ୍ୟା, ବଜ୍ରପାତ, ସୁନାମୀ, ଅଂଶୁଘାତ ଓ ଭୂକମ୍ପ ଭଳି ବିପର୍ଯ୍ୟୟର ସମ୍ଭାବନା ବଢି ବଢି ଚାଲିଛି । ସାରା ଦେଶରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଲାଗି ରହୁଛି ।



ସୁସ୍ଥ ଓ ସ୍ୱଚ୍ଛ ପରିବେଶ ପାଇଁ ଗଛ ଲଗାଇବା, ସୁସ୍ଥ ସମାଜ ଗଠନ କରିବା । ବୃକ୍ଷ ମଣିଷର ଔଷଧ ଓ ପ୍ରାଣଶକ୍ତି ଭାବେ କାମକରେ । ପ୍ରକୃତି ମା'ର ସୁରକ୍ଷା ସମସ୍ତ ମାନବଜାତି ପାଇଁ ଆଜି ଏକ ଆହ୍ୱାନ ପାଲଟିଛି । ବୃକ୍ଷ ତା'ର ଜୀବନକାଳ ମଧ୍ୟରେ ମଣିଷର ଅନ୍ତୁଡ଼ିଶାଳରୁ ମଶାଣି ପର୍ଯ୍ୟନ୍ତ ନିଃସ୍ୱାର୍ଥପର ଭାବେ ଏକ ଅନ୍ତରଙ୍ଗ ବନ୍ଧୁ ପରି ପାଖେ ପାଖେ ରହି ସେବା ଯୋଗାଇ ଆସିଥାଏ । କଥାରେ ଅଛି 'ବିପଦର ବନ୍ଧୁ ପ୍ରକୃତ ବନ୍ଧୁ' । ଠିକ୍ ଗଛ ବିପଦର ବନ୍ଧୁ ପରି ସମସ୍ତ ବିପଦ ଆପଦରେ ମଣିଷ ପାଖରେ ଠିଆ ହୋଇଥାଏ । ପ୍ରକୃତି ଆମର ମା' । ତା' ପ୍ରତି ମଧ୍ୟ ଆମର କର୍ତ୍ତବ୍ୟ ରହିଛି । ଗଛଟିଏ ଲଗାଇଲେ ଏହା କେବଳ ପ୍ରକୃତି ପାଇଁ ଫଳପ୍ରଦ ହେବନି, ଏକ ସୁସ୍ଥ ଜୀବନ ବଞ୍ଚିବାରେ ଆମକୁ ହିଁ ସାହା ହେବ । ତେଣୁ ଅନ୍ତତଃ ବର୍ଷକୁ ଗୋଟେ ଗଛ ଲଗାଇବା ସହ ତା'ର ଯତ୍ନନେବା ଆମର ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ । ଚାରିପାଖରେ ସବୁଜିମା ଥିଲେ ଏହା ବାୟୁର ଗୁଣବତ୍ତା ଉନ୍ନତ କରେ, ତାପମାତ୍ରା ହ୍ରାସ କରେ, ବନ୍ୟପ୍ରାଣୀଙ୍କୁ ସୁରକ୍ଷା ପ୍ରଦାନ କରେ, ସୌନ୍ଦର୍ଯ୍ୟକରଣକୁ ବୃଦ୍ଧି କରେ, ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରୋତ୍ସାହିତ କରେ । ଏବେ ଆମେ ଯେଉଁ କ୍ଷତି କରିଛୁ ତାହାକୁ ଫେରାଇ ଆଣିବା ଏବଂ ପରିବେଶଗତ ସନ୍ତୁଳନକୁ ପୁନଃସ୍ଥାପିତ କରିବା ପାଇଁ, ସର୍ବୋତ୍ତମ ଉପାୟ ହେଉଛି ଗଛ ଲଗାଇବା ଏବଂ ଧରାପୃଷ୍ଠରେ ଥିବା ଜଙ୍ଗଲକୁ ବଞ୍ଚାଇବା । ମାଆ ପାଇଁ ଗଛଟିଏ ଲଗାଇବାକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଯେଉଁ ଆହ୍ୱାନ ଦେଇଛନ୍ତି, ତାହା ଅଧିକାଂଶ ଭାରତବାସୀଙ୍କୁ ଅନୁପ୍ରାଣିତ କରିଥିବା ପରି ମନେହେଉଛି ।

ପ୍ରକୃତି ଓ ପରିବେଶକୁ ନଷ୍ଟ କଲେ ମଣିଷ ତା'ର ଅସ୍ତିତ୍ୱ ହରାଇବସିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ସମୟ ଆସିବ ସାରାବିଶ୍ୱ ଦିନେ ପ୍ରାକୃତିକ ବିପର୍ଯ୍ୟୟରେ ଅତିଷ୍ଠ ହେବାକୁ ଲାଗିବ । ତେଣୁ ବେଳ ଥାଉ ଥାଉ ପରିବେଶର ଯତ୍ନ ଆମକୁ ନେବାକୁ ପଡିବ । ଆଧୁନିକ ଜୀବନଶୈଳୀ ତଥା ବିଜ୍ଞାନର ମାୟାରେ ବାଟବଣା ନହୋଇ ପରିବେଶ ଓ ପ୍ରକୃତିର ଅବକ୍ଷୟ ପ୍ରତି ସଚେତନ ହେବା, ଯାହା ଫଳରେ ଜୀବନ ସୁସ୍ଥ ଓ ସୁନ୍ଦର ହୋଇପାରିବ । ପରିବେଶ ସୁରକ୍ଷା ବର୍ତ୍ତମାନ ସମୟରେ ଏକ ବଡ ଆହ୍ୱାନ । ଗଛର ସୁରକ୍ଷା ହେଉଛି ସଭ୍ୟତା ଓ ସଂସ୍କୃତିର ସୁରକ୍ଷା । ତେଣୁ ପରିବାରର ସଦସ୍ୟ ପରି ଗଛର ଯତ୍ନ ନେବା ସହିତ ଭବିଷ୍ୟତ ପିଢି ପାଇଁ ଏକ ସୁସ୍ଥ ସୁନ୍ଦର ସବୁଜ ପରିବେଶ ସୃଷ୍ଟି କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ ।

**ନିମାପଡା, ପୁରୀ**
**ମୋ–୯୭୭୮୧୭୭୫୦୧**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରତ୍ନବେଦିରେ...

ନିଳାଦ୍ରୀନାଥ। ସ୍ନାନଯାତ୍ରା, ରଥଯାତ୍ରା, ବାହୁଡ଼ାଯାତ୍ରା, ସୁନାବେଶ, ଅଧରପଣା ଲୀଳା ପରେ ଅନୁଷ୍ଠିତ ହୋଇଛି ନୀଳାଦ୍ରି ବିଜେ ନୀତି । ରତ୍ନବେଦୀକୁ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ରଥଯାତ୍ରାରେ ସାଥିରେ ନେଇନଥିବାରୁ ଅଭିମାନିନୀ ଲକ୍ଷ୍ମୀ ସାଆନ୍ତାଣୀ କାଳିଆ ସାଆନ୍ତେଙ୍କ ବାଟ ଓଗାଳନ୍ତି । ରସଗୋଲା ଦେଇ ମହାଲକ୍ଷ୍ମୀଙ୍କ ମାନ ଭଞ୍ଜନ କରି ରତ୍ନବେଦୀକୁ ବିଜେ କରିଛନ୍ତି ମହାପ୍ରଭୁ । ପରମ୍ପରା ଅନୁଯାୟୀ, ସନ୍ଧ୍ୟା ଧୂପ ଓ ଚାରମାଳ ବନ୍ଧାହେବା ପରେ ଭକ୍ତଙ୍କୁ କିଛି ସମୟ ଦର୍ଶନ ଦେଇ ଶ୍ରୀମନ୍ଦିରକୁ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ପୁଷ୍ପାଳକ ମହାଜନମାନେ ସର୍ବପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣୀ ଘରକୁ ବିଜେ କରି ଥିଲେ । ବିଗ୍ରହମାନଙ୍କ ସୁନାବେଶ ଓ ଅଧରପଣାର ପରଦିନ ଶ୍ରୀବିଗ୍ରହମାନେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରି ରତ୍ନ ସିଂହାସନରେ ଅଧିଷ୍ଠିତ ହୋଇ ଛନ୍ତି । ଗୋଟି ପହଣ୍ଡି କ୍ରମରେ ପ୍ରଭୁ ସୁଦର୍ଶନ, ବଡ ଠାକୁର ବଳଭଦ୍ର, ଦେବୀ ସୁଭଦ୍ରାଙ୍କ ପହଣ୍ଡି ହୋଇ ଗମ୍ଭୀରାକୁ ବିଜେ କରା ଯାଇ ଥିଲା ।ଜଗନ୍ନାଥ ମହାପ୍ରଭୁ ପହଣ୍ଡି ବିଜେ କରିବା ପରେ ଲକ୍ଷ୍ମୀ ଠାକୁରାଣୀ ଭେଟ ମଣ୍ଡପକୁ ଆସି ଥିଲେ । ଉଭୟ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଲକ୍ଷ୍ମୀ ଠାକୁରାଣୀ ପରସ୍ପରକୁ ଭେଟ ହୋଇ ଥିଲେ । ଏହାପରେ ଲକ୍ଷ୍ମୀଙ୍କ ତରଫରୁ ଭିତରଚ୍ଛ ବନ୍ଦାପନା ନୀତି ବଢାଇ ଥିଲେ । ଏହି ସମୟରେ ପରମ୍ପରା ଅନୁଯାୟୀ ମହାପ୍ରଭୁ ସିଂହଦ୍ୱାର ନିକଟରେ ପହଞ୍ଚିବା ସମୟରେ ସାମୟିକ ଭାବେ ଦ୍ୱାର ବନ୍ଦ ରହି ଥିଲା। କିଛି କ୍ଷଣ ପରେ ଦ୍ୱାର ଖୋଲି ଥିଲା । ଏଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ଲକ୍ଷ୍ମୀଙ୍କ ମଧ୍ୟରେ ବଚନିକା ହୋଇ ଥିଲା । ମହାପ୍ରଭୁ ଜନ୍ମବେଦୀକୁ କେବଳ ଭାଇ ଓ ଭଉଣୀଙ୍କୁ ନେଇ ରଥଯାତ୍ରାରେ ଯାଇଥିବାରୁ ମା' ଲକ୍ଷ୍ମୀ ପ୍ରଭୁ ଜଗନ୍ନାଥଙ୍କ ଉପରେ ଅଭିମାନ କରି ଥିଲେ ।କିଛି ସମୟ ବଚନିକା ପରେ ସିଂହଦ୍ୱାର ଖୋଲି ଥିଲା । ପୁଣିଥରେ ଜଗନ୍ନାଥ ମହାପ୍ରଭୁ ଜୟ ବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଉକ୍ତ ଦ୍ୱାର ଭିତର ପଟୁ ବନ୍ଦ କରାଯାଇ ଥିଲା । ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଜୟ ବିଜୟ ଦ୍ୱାରର ଭିତର ପଟେ ଜନୈକ ଦେବଦାସୀ ଏବଂ ମହାପ୍ରଭୁଙ୍କ ତରଫରୁ ଜଣେ ଦଇତାପତି ଦ୍ୱାରର ଅପରପାର୍ଶ୍ୱରେ ରହିବା ସଙ୍ଗେ ସଙ୍ଗେ ଉଭୟଙ୍କ ମଧ୍ୟରେ ଲୋକ ପରମ୍ପରାଗତ ବଚନିକା ହୋଇ ଥିଲା। ପରେ ଜୟ ବିଜୟ ଦ୍ୱାର ଫିଟି ଥିଲା । ମହାପ୍ରଭୁ ଶ୍ରୀଜଗନ୍ନାଥ ରସଗୋଲା ଦେଇ ମା' ଲକ୍ଷ୍ମୀଙ୍କ ମାନ ଭଞ୍ଜନ କରିବା ସହ ମନାଇ ଥିଲେ ।ଏହାପରେ ରୁକ୍ମିଣୀ ବିବାହ ସମୟରେ ପଡିଥିବା ଗଇଁଠାଳ ଫିଟାଯାଇ ବନ୍ଦାପନା କରା ଯାଇ ଥିଲା। ମହାପାତ୍ରଙ୍କ ଦ୍ୱାରା ରସଗୋଲା ଭୋଗ ଭିତରକୁ ସମାହିତ ହୋଇ ଥିଲା । ଏହାପରେ ଘସା, ବିଡିଆ ମଣୋହି ସରିଲେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରି ଥିଲେ । ବର୍ଷକୁ ଗୋଟିଏ ଦିନ ଶ୍ରୀମନ୍ଦିରରେ ନୀଳାଦ୍ରି ବିଜେ ସମୟରେ ଜଗନ୍ନାଥ ମହାପ୍ରଭୁଙ୍କୁ ରସଗୋଲା ଭୋଗ କରାଯାଇ ଥାଏ । ଭିତରଚ୍ଛ ମହାପାତ୍ରଙ୍କ ନିଜସ୍ୱ ଗୃହରେ ଅତ୍ୟନ୍ତ ଶୁଦ୍ଧ ପୂତ ଭାବରେ ଏହି ରସଗୋଲା ତିଆରି ହୋଇଥାଏ । ଏହି ଅବସରରେ ପରମ୍ପରା ଅନୁସାରେ ବିଭିନ୍ନ ମଠ ଏବଂ ସେବକ ନିଯୋଗ, ଭକ୍ତଙ୍କ ପକ୍ଷରୁ ମହାପ୍ରଭୁଙ୍କୁ ରସଗୋଲା ଭୋଗ କରାଯାଏ । ଚଳିତ ବର୍ଷ ଅଧର ଦ୍ୱାଦଶୀ ଓ ନୀଳାଦ୍ରି ବିଜେରେ ରେକର୍ଡ ସଂଖ୍ୟକ ଭକ୍ତ ହୋଇଛନ୍ତି ।ଏହାକୁ ଦୃଷ୍ଟିରେ ରଖି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ ସୁପରିଚାଳନା, ଭିଡ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ପୂର୍ବରୁ ଆକଳନ କରାଯାଇ ବ୍ୟବସ୍ଥା ଗ୍ରହଣ କରାଯାଇଥିବା କହିଛନ୍ତି ଆଇନ ମନ୍ତ୍ରୀ ପୃଥିବୀ ରାଜ ହରିଚନ୍ଦନ।

## ଆଜି...

ମଧ୍ୟ ଡକାଗଲା ନାହିଁ। ସଂସଦରେ ଯେଉଁ ୪ ନୂଆ ଶ୍ରମିକ କୋର୍ଟ ପାରିତ ହୋଇଥିଲା ତାହାକୁ ମଧ୍ୟ ଅଣଦେଖା କରାଯାଉଛି । କାର୍ଯ୍ୟ କରିବାର ସମୟସୀମା ବଢ଼ାଇବା, କର୍ମଚାରୀଙ୍କ ଉପରେ ଜରିମାନା ଆଦି କରିବା ଶ୍ରମ ଆଇନକୁ ଉଲ୍ଲଂଘନ କରୁଛି। ସେହିଭଳି ଆଉଟସୋର୍ସିଂ ନିଯୁକ୍ତି, ଠିକା ଶ୍ରମିକ ନିଯୁକ୍ତି ଦ୍ୱାରା ଚାକିରୀରେ ସୁରକ୍ଷା କମିବା ସହ ସ୍ୱଚ୍ଛ ମଜୁରୀ ମିଳିପାରୁନାହିଁ। ସମ୍ପୃକ୍ତ କିଷାନ ମୋର୍ଚ୍ଚା ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଛି। ୨୦୨୦, ୨୦୨୨ ଓ ୨୦୨୪ରେ ଦେଶବ୍ୟାପୀ ଆନ୍ଦୋଳନ ହୋଇଥିଲା। ଲକ୍ଷାଧିକ ଶ୍ରମିକ ଏଥିରେ ସାମିଲ ହୋଇଥିଲେ। ସାଧାରଣ ପରିବହନ ବ୍ୟବସ୍ଥାରେ ନିଯୁକ୍ତ କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ହେବେ। ସେହିପରି ଏନଏମଡିସି ଓ ସରକାରଙ୍କ ଦ୍ୱାରା ପରିଚାଳିତ ଉଦ୍ୟୋଗର କର୍ମଚାରୀ, ଘରୋଇ କ୍ଷେତ୍ରର କର୍ମଚାରୀ ମଧ୍ୟ ଏଥିରେ ସାମିଲ ହେବେ ବୋଲି ସୂଚନା ମିଳିଛି। ସ୍କୁଲ, କଲେଜ ଓ ଘରୋଇ ଅଫିସ ଖୋଲା ରହିପାରେ। ହେଲେ ପରିବହନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇପାରେ ବୋଲି କୁହାଯାଇଛି। ସ୍କୁଲ ଓ କଲେଜ ବନ୍ଦ ନେଇ ସରକାରଙ୍କ ପକ୍ଷରୁକୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଜିଲ୍ଲା ପ୍ରଶାସନର ଘୋଷଣାକୁ ଅନୁଶୀଳନ କରିବା ପାଇଁ ଉଲ୍ଲେଖ କରାଯାଇଛି ।

## ଦଳ...

ଏଠାରେ ଖଣି, ପାଣି, ଜଙ୍ଗଲ ଜମି ଓ ଲୋକ ଅଛନ୍ତି। ଆମେ ସରକାରକୁ ଆସିଲେ ବୋଲି ଆମୂଳଚୂଳ ଆଇନ୍‌ରେ ପରିବର୍ତ୍ତନ କରି ଲୋକଙ୍କୁ ସେବା ଯୋଗାଇଦେଇ ପାରୁଛୁ। ଆମ ସରକାରଙ୍କ ପାଇଁ ଓଡ଼ିଶାରେ ଆଜି ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ହୋଇଛି। ବିଜେପି ସରକାର ପାଇଁ ଆଜି ଓଡ଼ିଶାର ଚିତ୍ର ବଦଳୁଛି। ଓଡ଼ିଶାବାସୀଙ୍କ ସେବା ପାଇଁ ସରକାରଙ୍କ ସହ ଦଳ ଖୁଂଟଭାବେ ଛିଡ଼ା ହୋଇ ରହିବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ସଭାପତି ଭାବେ ୪ର୍ଥ ଥର ପାଇଁ ଦାୟିତ୍ୱ ଗ୍ରହଣ ଅବସରରେ ମନମୋହନ ସାମଲ କହିଛନ୍ତି।

ଶ୍ରୀ ସାମଲ କହିଛନ୍ତି ଯେ, ୨୦୩୬ରେ ସମୃଦ୍ଧ ଓଡିଶା, ୨୦୪୭ରେ ବିକଶିତ ଭାରତ ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ଏଥିରେ ଓଡ଼ିଶାର ସବୁଠାରୁ ଅଧିକ ଅବଦାନ ରହିବ। ବିଜେପି ନିର୍ବାଚନବେଳେ ଯାହା ପ୍ରତିଶ୍ରୁତି ଦେଇଥିଲା, ସରକାର ଗଠନ ପରେ ତାହା ପୂରଣ କରିବାରେ ଲାଗିଛି। ସ୍ୱାଧୀନତାର ୭୮ ବର୍ଷ ମଧ୍ୟରେ ଅନେକ ସମସ୍ୟାର ଓଡ଼ିଶାରେ ରହିଛି। ଏସବୁ ସମସ୍ୟାର ସମାଧାନ କରିବାକୁ ହେବ। ଏଥିପାଇଁ ସରକାର ଆସିବା ପରେ ବି ଆମେ ଶୋଇବା ନାହିଁ କହି ସରକାରଙ୍କୁ ଆହ୍ୱାନ ଦେଇଥିଲେ। ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟଗୁଡ଼ିକ ଲୋକଙ୍କ ପାଖରେ ପହଂଚାଇବା ପାଇଁ ମିଳିମିଶି କାମ କରିବାକୁ ହେବ। ଏହି ଦାୟିତ୍ୱ ହେଉଛି ଆମ କାର୍ଯ୍ୟକର୍ତାଙ୍କର। ରାଜ୍ୟରେ ବିଜେପି ସରକାର ଗଠନ ହେବାର ମାତ୍ର ୧ବର୍ଷ ମଧ୍ୟରେ ୨୧ରୁ ୧୧ ପ୍ରତିଶ୍ରୁତିକୁ ସଫଳତାର ସହ ପୂରଣ କରିଛୁ । ଏ ସରକାର ୨୦୩୬ ମସିହା ବି ଦେଖିବ ଓ ୨୦୪୭ ମସିହା ମଧ୍ୟ ଦେଖିବ। ଏଥିପାଇଁ ଆମକୁ ଟିମ୍ ସ୍ପିରିଟ୍‌ରେ କାମ କରିବାକୁ ପଡ଼ିବ। ଆମ ପାଖରେ ଯୋଗ୍ୟ ମୁଖ୍ୟମନ୍ତ୍ରୀଠାରୁ ଆରମ୍ଭ କରି, ଯୋଗ୍ୟ ମନ୍ତ୍ରୀ, ଯୋଗ୍ୟ ସାଂସଦ, ଯୋଗ୍ୟ ବିଧାୟକ ଓ ଯୋଗ୍ୟ କାର୍ଯ୍ୟକର୍ତା ଅଛନ୍ତି। ଆଗାମୀ ଦିନରେ ଆମ ସମସ୍ତଙ୍କୁ ମିଳିମିଶି କାର୍ଯ୍ୟ କରିବାକୁ ପଡ଼ିବ। ଅସମ୍ଭବ ଆମ ଶବ୍ଦକୋଷରେ ନାହିଁ। ସବୁକାମ ସମ୍ଭବ।

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ନୀଳାଦ୍ରି ବିଜେ ଅବସରରେ ବିଜେପି ରାଜ୍ୟ ସଭାପତି ଭାବେ ମନମୋହନ ସାମଲ ଚତୁର୍ଥଥର ପାଇଁ ଦାୟିତ୍ୱ ନେଉଛନ୍ତି। ଏନେଇ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ବିଜେପି ପାଇଁ ଯେବେଠୁ ସେ କାମ କରିଛନ୍ତି ସବୁବେଳେ ଶୁଭ ସଂକେତ ଆସିଛି। ତାଙ୍କ ସଭାପତିତ୍ୱରେ ଦଳ ସରକାରକୁ ଆସିଛି। ମେଂଟ ସରକାରରେ ହୋଇଥିଲା। ଏବେ ପୁଣି ୨୦୨୪ରେ ବିଜେପି ଓଡ଼ିଶାବାସୀଙ୍କ ଭରସା ଜିତିଛି। ଯେଉଁମାନେ ପଚାରୁଥିଲେ କୁଆଡେ ଗଲା ଡବଲ ଇଞ୍ଜିନ, ସେମାନଙ୍କୁ କଡ଼ା ଜବାବ ମିଳିଛି। ମନମୋହନଙ୍କ ନେତୃତ୍ୱରେ ରାଜ୍ୟରେ ବିଜେପି ଝଣ୍ଡା ଉଡ଼ିଲା। ୨୧ ରୁ ୨୦ ଆସନ ଜିତି ଅସମ୍ଭବକୁ ସମ୍ଭବ କରିବା ମନମୋହନଙ୍କ ନେତୃତ୍ୱ ଯୋଗୁ ହିଁ ସମ୍ଭବ ହୋଇଛି। ସେ ଏବିଭିପିରୁ କାମ କରି ବିଧାୟକ, ମନ୍ତ୍ରୀ, ସାଂସଦ ହେବ ସହ ଚତୁର୍ଥ ଥର ସଭାପତି ହୋଇ ଇତିହାସ ରଚିଛନ୍ତି। ମନମୋହନଙ୍କ ଦୃଢ଼ ନେତୃତ୍ୱ, ବିଚକ୍ଷଣ ସାଙ୍ଗଠନିକ ଦକ୍ଷତା ଏବଂ କାର୍ଯ୍ୟକର୍ତାଙ୍କ ପ୍ରତି ଅପାର ସମର୍ପଣ ହିଁ ଓଡ଼ିଶାରେ ବିଜେପିକୁ ଏକ ନୂତନ ପରିଚୟ ଦେଇଛି। ବିଜେପି ଆଜି ଏକାକୀ ସରକାର ଗଠନ କରିବା ପରେ ନିର୍ବାଚନ ପ୍ରତିଶ୍ରୁତିକୁ ଅକ୍ଷର ଅକ୍ଷରେ ପାଳନ କରିଛି। ପ୍ରଧାନମନ୍ତ୍ରୀ ଓଡ଼ିଶା ଆସି ଆମ ନେତୃତ୍ୱର ସଫଳତାକୁ ମୋହର ମାରିଛନ୍ତି। ବିଦେଶ ପୁଞ୍ଜି ନିବେଶରେ ଓଡ଼ିଶା ରେକର୍ଡ କରିଛି। ବିଜେପି ପରିବାର ବାଦ ଦଳ ନୁହେଁ। ତୃଣମୂଳସ୍ତରର ନେତା କିପରି ଶୀର୍ଷ ନେତୃତ୍ୱକୁ ଯାଇଛନ୍ତି ତାହା ଓଡ଼ିଶା ଦେଖିଛି। କାର୍ଯ୍ୟକର୍ତାଙ୍କ ଦଳର ପୋଷ୍ଟର ମାରୁଥିବା କାର୍ଯ୍ୟକର୍ତା ଦଳର ଶୀର୍ଷ ନେତୃତ୍ୱକୁ ଯାଇପାରେ। କେନ୍ଦୁଝର ରାଇକେଲାରୁ ଆସିଥିବା ଜଣେ ଆଦିବାସୀ ଗରିବ ଘରର ମୋହନ ମାଝୀଙ୍କୁ ବିଜେପି ମୁଖ୍ୟମନ୍ତ୍ରୀ ବନେଇଛି। ଆଗାମୀ ଦିନରେ ମନମୋହନଙ୍କ ନେତୃତ୍ୱରେ ବିଜେପିର ସଙ୍ଗଠନ ଆହୁରି ଅଧିକ ଶକ୍ତିଶାଳୀ ହେବ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ବିଶ୍ୱାସ ପ୍ରକଟ କରିଛନ୍ତି।

ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ସାଂସଦ ବୈଜୟନ୍ତ ପଣ୍ଡା କହିଛନ୍ତି, ମନମୋହନଙ୍କ ନେତୃତ୍ୱରେ ସରକାର ଏବଂ ସଂଗଠନ ଆଗକୁ ବଢିବ। ସାଂସଦ ସମ୍ବିତ ପାତ୍ର କହିଛନ୍ତି, ରାଜ୍ୟରେ ଏବେ ତ୍ରିପଲ ଏମ୍ ସରକାର ଚାଲିଛି। ମୋଦି, ମୋହନ ଓ ମନମୋହନ ସରକାର। ଆଜି ରାଜ୍ୟ କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ରାଜ୍ୟ ସଭାପତି ଭାବେ ନାଁ ଘୋଷଣା ହେବା ପରେ ଶ୍ରୀ ସାମଲଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ତଥା ବିହାର ସାଂସଦ ସଞ୍ଜୟ ଜୟସ୍ୱାଲ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହାପରେ ଉପମୁଖ୍ୟମନ୍ତ୍ରୀ କେଭି ସିଂ ଦେଓ, ପ୍ରଭାତୀ ପରିଡା, ରାଜସ୍ୱ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟ ସଭାପତି ସୁରେଶ ପୂଜାରୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡି, ରାଜ୍ୟ ନିର୍ବାଚନ ଅଧିକାରୀ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ସମୀର ମହାନ୍ତିଙ୍କ ସମେତ ସମସ୍ତ ସାଂସଦ, ବିଧାୟକ, ମନ୍ତ୍ରୀମଣ୍ଡଳ, ରାଜ୍ୟ ଓ ଜିଲ୍ଲାର ସମସ୍ତ ପଦାଧିକାରୀ ପ୍ରମୁଖ ଉପସ୍ଥିତ ରହି ନୂତନ ରାଜ୍ୟ ସଭାପତିଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ଚକ-ଅଖ...

ସଂଘ ପକ୍ଷରୁ ସମର୍ଥନ ଘୋଷଣା କରାଯାଇଥିବା ଓଡିଶା ଡ୍ରାଇଭର ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

ସେମାନଙ୍କ ଦାବିଗୁଡ଼ିକ ହେଉଛି, ଓଡିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଆଣ୍ଡ ଓ୍ୱାର୍କର ଓ୍ୱେଲଫେୟାର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରିବା, ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ତିଆରି କରିବା, ଡ୍ରାଇଭରଙ୍କୁ ୬୦ ବର୍ଷ ପରେ ଭତ୍ତା ପ୍ରଦାନ କରିବା, ପ୍ରତି ଶହେ କିଲୋମିଟରରେ ପାର୍କିଂ, ବିଶ୍ରାମାଗାର ଓ ଶୌଚାଳୟ ବ୍ୟବସ୍ଥା କରିବା ପାଇଁ ଦାବି କରାଯାଇଛି । ଏହାସହ ପ୍ରତ୍ୟେକ ଖଣି ଖାଦାନ ଓ କାରଖାନାରେ ଓଡିଶାର ୭୦ ପ୍ରତିଶତ ଡ୍ରାଇଭରମାନଙ୍କୁ କାମ କରିବା ପାଇଁ ସୁଯୋଗ ଦେବା, ସେପେଟମ୍ବର ୧ ତାରିଖ ଜାତୀୟ ଡ୍ରାଇଭର ଦିବସ କରିବା ଓ ଗାଡିର କାଗଜପତ୍ର ଯାଞ୍ଚ କରିବା କ୍ଷମତାକୁ ପୋଲିସ ବିଭାଗକୁ ଦିଆନଯିବା ଦାବିରେ ଆନ୍ଦୋଳନ କରାଯାଇଛି । ତେବେ ଜରୁରୀକାଳୀନ ସେବାରେ ନିୟୋଜିତ ଡ୍ରାଇଭରମାନେ ଆନ୍ଦୋଳନରେ ସାମିଲ ହେବେ ନାହିଁ ବୋଲି ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

## ନଭେମ୍ବର...

ଲାଗୁ କରାଯାଇଥିଲା। ଏଥିରେ ସ୍ୱୟଂ ଚାଳିତ କ୍ୟାମେରା ବ୍ୟବସ୍ଥା ପେଟ୍ରୋଲ ପମ୍ପରେ ଲଗାଯାଇ ଗାଡିର ବୟସ ନିର୍ଦ୍ଧାରଣ କରାଯାଇଥିଲା। ଟ୍ରାଫିକ ପୋଲିସକୁ କ୍ଷମତା ଦିଆଯାଇଥିଲା ଯିଏ ନିୟମ ଉଲ୍ଲଂଘନ କରିବେ ସେହି ଗାଡ଼ିକୁ ଜବତ କରାଯାଉଥିଲା। ତେବେ ଏହି ପଦକ୍ଷେପ ନେଇ ପ୍ରତିକ୍ରିୟା ହେବାରୁ ଏହାକୁ ବନ୍ଦ ରଖାଯାଇଥିଲା। ପୁଣି ଏହାକୁ ଲାଗୁ କରିବା ପାଇଁ ନିଷ୍ପତ୍ତି ହୋଇଛି।

## ପ୍ରାରମ୍ଭିକ...

ଲେଖାଏଁ ଦିଆଯିବ ବୋଲି ଘୋଷଣା କରିଥିଲା। ନ୍ୟୁୟର୍କ ଟାଇମ୍ସ ବିଶ୍ଳେଷଣରେ ସୂଚନା ମିଳିଥିଲା ଯେ ବିମାନର ଇଞ୍ଜିନକୁ ଶକ୍ତି ନ ଯିବାରୁ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ଥିବା ପାଇଲଟରଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ଜୁନ୍ ୧୮ରେ ଏୟାର ଇଣ୍ଡିଆ ପକ୍ଷରୁ ୧୫% ଆନ୍ତର୍ଜାତୀୟ ବିମାନ ଉଡାଣକୁ କାଣ୍ଟଛାଣ୍ଟ କରାଯାଇଥିଲା। ତେବେ ବିମାନଟି ନିକଟସ୍ଥ ସିଭିଲ ହସ୍ପିଟାଲରେ ମାଡ ହେବାରୁ ଡାକ୍ତରୀ ଛାତ୍ରଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ପ୍ରାୟ ୨୬୦ ଜଣ ମୃତ୍ୟୁବରଣ କରିଥିଲେ। ୨୫୪ ଜଣଙ୍କର ଡିଏନ୍ ପରୀକ୍ଷା କରାଯାଇ ଶବକୁ ଚିହ୍ନଟ କରାଯାଇଥିଲା। ଏବେ ସୁଦ୍ଧା ୬ ଜଣଙ୍କ ଶବ ଚିହ୍ନଟ ହୋଇପାରିନାହିଁ। ତେବେ ଏହି ୬ ଜଣଙ୍କୁ ତାଙ୍କର ପୋଷାକପତ୍ର ଓ ଅନ୍ୟାନ୍ୟ ଜିନିଷରୁ ଚିହ୍ନଟ କରାଯାଇ ତାଙ୍କ ପରିବାର ବର୍ଗଙ୍କୁ ମଧ୍ୟ ଇତି ମଧ୍ୟରେ ହସ୍ତାନ୍ତର କରାଯାଇଛି।

## ଆଜିଠୁ...

ତାରିଖ ଅପରାହ୍ଣ ୩ ଘଟିକା ସମୟ ପରଠାରୁ ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥିଭବନ- ଆନେକ୍ସ ଏବଂ ଜୁଲାଇ ୧୦ ତାରିଖ ଅପରାହ୍ଣ ୩ ଘଟିକା ପରଠାରୁ ସ୍ୱତନ୍ତ୍ର ପ୍ରଦକ୍ଷିଣ ଭବନ (ସ୍ପେଶାଲ ସର୍କିଟ୍ ହାଉସ), ପୁରୀଠାରେ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ସାକ୍ଷାତ କରି ମଧ୍ୟ ଏସଂପର୍କରେ ତଥ୍ୟ ରଖିପାରିବେ। ସେହିପରି ଏ ସଂପର୍କିତ ଅଧିକ ସୂଚନା ପାଇଁ ଟେଲିଫୋନ୍‌ନମ୍ବର- ୦୬୭୪-୨୫୩୬୮୮୨ / ୨୩୯୧୯୭୦ (ଯୋଜନା ଓ ସଂଯୋଜନ କାର୍ଯ୍ୟାଳୟ)ରେ ଯୋଗାଯୋଗ କରାଯାଇ ପାରିବ ବୋଲି ମଧ୍ୟ ସୂଚନା ଦିଆଯାଇଛି।

## କାଳ ହେଲା...

ଦିନି ଗାଡି ବନ୍ଦ ଯୋଗୁଁ ସେଯାଇ ପାରିଲେ ନାହିଁ । ଶେଷରେ ଅକାଳରେ ଆରପାରିକୁ ଚାଲିଗଲେ ରାଜକିଶୋର ବେହେରା। ଅଭାବୀ ପରିବାରରେ ରୋଗଣୀ ମା ସହ ସ୍ତ୍ରୀ ହୃଦରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ହେଉଛନ୍ତି । ଏକମାତ୍ର ନାବାଳିକା କନ୍ୟା ଅଛନ୍ତି । ସେ ତାଙ୍କ ପରିବାରରେ ସେ ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତି ଥିଲେ । ଶୋକସନ୍ତପ୍ତ ପରିବାରକୁ କ୍ଷତିପୂରଣ ଦାବି କରିଛନ୍ତି ସେହି ଗ୍ରାମର ସମାଜସେବୀ ପ୍ରମୋଦ ଦାସଙ୍କ ସହ ଗ୍ରାମବାସୀ ।

## ଜିଲ୍ଲା...

ନିର୍ଦ୍ଦେଶାଳୟର ବିଜ୍ଞପ୍ତି ଅନୁସାରେ, ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ସବ୍-ଜେଲ୍, ବାଲେଶ୍ୱର ଜିଲ୍ଲାର ନୀଳଗିରି ସବ୍-ଜେଲ୍ ଏବଂ ବରଗଡ଼ ଜିଲ୍ଲାର ସୋହେଲା ସବ୍-ଜେଲ୍ ରହିଛି । ସବ୍-ଜେଲଗୁଡ଼ିକୁ ଯଥାକ୍ରମେ ନୟାଗଡ଼ ଜିଲ୍ଲା ଜେଲ୍, ବାଲେଶ୍ୱର ଜିଲ୍ଲା ଜେଲ୍ ଏବଂ ବରଗଡ଼ ଜିଲ୍ଲା ଜେଲ୍ ସହିତ ମିଶ୍ରଣ କରାଯିବ ।

## ମନ୍ଦିରକୁ ପତ୍ୟାବର୍ତ୍ତନ କଲେ ମହାବାହୁ

ଖଣ୍ଡପଡ଼ା ,(ସବ୍ୟୁ): ଖଣ୍ଡପଡ଼ା ସହର ସମେତ ଖଳିସାହି ଓ ମର୍ଦ୍ଦରାଜପୁର ଗ୍ରାମରେ ମହାପ୍ରଭୁଙ୍କର ପବିତ୍ର ବାହୁଡା ଯାତ୍ରା ଶାନ୍ତିଶୃଙ୍ଖଳାର ସହ ସୋମବାର ଶେଷ ହୋଇଛି । ଖଣ୍ଡପଡ଼ା ସହରର ରଥଗଡା ଛକରେ ପ୍ରଭୁ ଶ୍ରୀ ଜଗନ୍ନାଥଜୀଉ ଓ ପତିତପାବନଜୀଉଙ୍କ ରଥ ଲାଗିବା ପରେ ପାରମ୍ପରିକ ପ୍ରଥାନୁଯାୟୀ ଲକ୍ଷ୍ମୀନାରାୟଣ ଭେଟ ଅନୁଷ୍ଠିତ ହୋଇଥିଲା ।ଲକ୍ଷ୍ମୀନାରାୟଣ ଭେଟ ଶେଷ ପରେ ମା ଲକ୍ଷ୍ମୀ ବିମାନ ଯୋଗେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ସନ୍ଧ୍ୟାଧୂପ ସମ୍ମୁଖ ରଥାରୂଢ ବିଗ୍ରହମାନଙ୍କ ନିକଟରେ ଅଧରପଣା ଓ ରସଗୋଲା ଭୋଗ ଲାଗି କରାଯାଇଥିଲା । ଖଣ୍ଡପଡ଼ା ସହରରେ ଗତ ୩ ଦିନ ଧରି ଆୟୋଜିତ ବାହୁଡା ଯାତ୍ରାର ଶେଷ ଦିବସରେ ଆଖପାଖ ଅଞ୍ଚଳରୁ ୫ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କ ସମାଗମ ହୋଇଥିଲା । ବିଳମ୍ବିତ ରାତିରେ ବିଗ୍ରହମାନେ ପହଣ୍ଡି ବିଜେ ହୋଇ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।


E-Mail-rw_boudh@yahoo.co.in

Government of Odisha
e-Procurement Notice
O-385
Bid Identification No. Online tender / 02/E.E.R.W. BOUDH/2024-25
NATIONAL COMPETITIVE BIDDING THROUGH e-procurement

Name of the work - Building works - 12 Nos.
1. Estimated Cost : Rs. 4.20 lakhs to 49.75 lakhs (approximately)
2. Period of Completion : 06 Calendar Months to 3 Calendar Months.
3. Date & Time of availability of Bid documents in the portal : From 11.07 2025 10.00 AM to 22.07.2025, 5.00 PM
4. Last date / Time for receipt of bids in the portal : 22.07.2025 up to 5.00 P.M.
5. Last date / Time for seeking of Tender clarification : 21.07.2025 up to 5.00 P.M.
6. Date & Time of opening of Tender / Bid : 23.07.2025 at 11.00 A.M.
7. Name & Address of the officer inviting Bid : Executive Engineer, R.W. Division, Boudh.

Further details, corrigendum(s) etc can be seen from the e-procurement portal "https://www.tendersorissa.gov.in".

Sd/- Executive Engineer
R.W. Division, Boudh
OIPR : 25061/11/0019/2526

GOVERNMENT OF ODISHA : OFFICE OF THE SUPERINTENDING ENGINEER, BOLANGIR (R&B) DIVISION : BOLANGIR
Mail ID : eepwd.bgr@rediffmail.com, eepwd.bgr@gmail.com, Ph. No. 06652-232374
BID IDENTIFICATION No :BGR R&B/09/2025-26
B-279
No. 4459 / Dtd. 04.07.25

1. The Superintending Engineer, Bolangir (R&B) Division, Bolangir on behalf of the Governor of Odisha invites percentage rate bid in Single cover system in ONLINE MODE for construction of building work detailed in the table below from eligible contractors.
2. Nature of work : Building work
3. No of tender : 03 Nos. Building
4. Tender Cost : Rs. 6,000/- (Tender paper cost)
5. Class of Contractor : "D" and "C" Class Contractor (Registered in CDMS)
6. Date & Time of sale & Receipt of Bids : From Dt. 14.07.2025, 11 00 A.M. to Dt. 23.07.2025 up to 5.00 P.M.
7. Date of Opening Bid : Dt. 24.07.2025 at 11.30 A.M.
8. The bidders have to participate in ONLINE bidding only. Further details can be seen from the website http://tendersodisha.gov.in.

Sd/- Superintending Engineer
Bolangir (R&B) Division
OIPR : 34028/11/0032/2526

Office of District Manager
Odisha State Civil Supplies Corporation Ltd. (OSCSC)
Angul
Annexure-II
CAD-1020
Phone: 06764-230282
District Website : https://angul.odisha.gov.in/

Tender No.2664 Dt.05.07.2024

District Manager, Odisha State Civil Supplies Corporation Ltd, Angul (District) invites tenders in Double Cover System through ONLINE MODE ONLY for the works below:

| | | |
|---|---|---|
| 1 | Name of the work | Selection and appointment of Level-I Transport Contractor for transportation of foodgrains from FSD, FCI to RRCs of Angul District. |
| 2 | Availability of bid document in the portal | From 08.07.2025 |
| 3 | Last Date / Time for receipt of bids in the portal | Dt 22.07.2025 up to 5.30 PM. |
| 4 | Date/Time of Opening of Technical Bid | Dt 23.07.2025, At-11 AM |
| 5 | Name and address of the Officer Inviting Tender | District Manager, OSCSC Ltd, Angul, At-O/o CSO-cum-District Manager, Near Biju Maida, Rotary Public School, Angul |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

District Manager
OSCSC Ltd.Angul
OIPR : 07064/11/0008/2526

ODISHA LIFT IRRIGATION CORPORATION LTD
(A GOVERNMENT OF ODISHA UNDERTAKING)
PLOT NO.17/2, NAYAPALLI, BHUBANESWAR-12.
No. 4P-23/2025, 5420/OLIC, Dated.03.07.2025
Phone: (0674) 2390195, Fax: (0674)2395844, E-mail: olicltd123@bsnl.com, olicltd@ymail.com
NATIONAL COMPETITIVE BIDDING THROUGH e-Procurement

CAD-996 : The Managing Director, OLIC Ltd.,Bhubaneswar invites online tender through e-procurement with Commercial bid and technical bid for supply of Submersible pump sets in conformity with detail tender call notice are invited from reputed manufacturers as per the schedule.

| Sl. No. | Tender Specification No. | Brief Description | Approx. Quantity Rquired in Nos. | Estimated cost in (Rs. in lakhs) (inclusive of 18% GST) | EMD to be deposited (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-10 (E) 2025-26 | Submersible Pump set to deliver 3.00 LPS at 70 Mtr. Head | 0534 | 218.29386 | 2,18294 | 11,800/- (inclusive of 18% GST) |

1. Period of Completion :- 60 days of issue of purchase order.
2. Date & Time of Availability of bid document in the portal:- From Dt.10.07.2025 to Dt. 08.08.2025
3. Last date/Time for receipt of bids in the portal:-Dt.08.08.2025 upto 17.00 hrs.
4. Last date of seeking clarification: Dt.18.07.2025 upto 17.00 hrs.
5. Date of opening of Technical Bid : Dt. 11.08.2025 at 11.00 hours.
6. Name and address of the Officer Inviting Bid:- M.D , OLIC,. Plot No. N- 17/2, Nayapalli, P.B No.155 Bhubaneswar-751 012
7. Further details can be seen from the e-procurement portal https://tendersodisha.gov.in

Authority reserves the right to reject any or all the tenders without assigning any Reasons thereof.

OIPR : 32135/11/0043/2526 Sd/- MANAGING DIRECTOR

ODISHA LIFT IRRIGATION CORPORATION LTD
(A GOVERNMENT OF ODISHA UNDERTAKING)
PLOT NO.17/2, NAYAPALLI, BHUBANESWAR-12.
No. 4P-19/2025, 5392/OLIC, Dated.03.07.2025
Phone: (0674) 2390195, Fax: (0674)2395844, E-mail: olicltd123@bsnl.com, olicltd@ymail.com
NATIONAL COMPETITIVE BIDDING THROUGH e-Procurement

CAD-994 : The Managing Director, OLIC Ltd.,Bhubaneswar invites online tender through e-procurement with Commercial bid and technical bid for supply of Submersible pump sets in conformity with detail tender call notice are invited from reputed manufacturers as per the schedule.

| Sl. No. | Tender Specification No. | Brief Description | Approx. Quantity Rquired in Nos. | Estimated cost in (Rs. in lakhs) (inclusive of 18% GST) | EMD to be deposited (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-06 (E) 2025-26 | Submersible Pump set to deliver 2.0 LPS at 70 Mtr. Head | 1500 | 589.020 | 5,89020 | 11,800/- (inclusive of 18% GST) |

1. Period of Completion :- 60 days of issue of purchase order.
2. Date & Time of Availability of bid document in the portal:- From Dt.10.07.2025 to Dt. 08.08.2025
3. Last date/Time for receipt of bids in the portal:-Dt.08.08.2025 upto 17.00 hrs.
4. Last date of seeking clarification: Dt.18.07.2025 upto 17.00 hrs.
5. Date of opening of Technical Bid : Dt. 11.08.2025 at 11.00 hours.
6. Name and address of the Officer Inviting Bid:- M.D , OLIC,. Plot No. N- 17/2, Nayapalli, P.B No.155 Bhubaneswar-751 012
7. Further details can be seen from the e-procurement portal https://tendersodisha.gov.in

Authority reserves the right to reject any or all the tenders without assigning any Reasons thereof.

OIPR : 32135/11/0045/2526 Sd/- MANAGING DIRECTOR

AFFIDAVIT

I, Rajiner Singh Chahal, S/O Amar Singh Chahal, resident of Grewal Colony, Baker Bandh, Dhanbad, PIN - 826001, Jharkhand declare by this affidavit number 15656 dated 19/06/25 that now onwards I shall be known as **Rajinder Singh Chahal** for all future purposes.
Sd/- Rajinder Singh Chahal

AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 8th JULY 2025. I, HRUSHIKESH NAIK Address-VILL-TERABATIA,PO-BHIMAPUR,PS-SATYABADI,DIST-PURI,PIN-752016 ODISHA declare that I have changed the name of my son's from SAHIL NAIK to AYUSH ANSHUMAN NAIK, Henceforth, He shall be known as AYUSH ANSHUMAN NAIK for all purposes.
(HRUSHIKESH NAIK)

AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 8th JULY 2025. I, BINO SABAR Address-VILL- PATRAPUR, PO- TITIMIRI, PS- PUTTASINGH, DIST-RAYAGADA, PIN- 765033, ODISHA declare that I have changed the name of my son's from HADIBANDHU SABAR to HADUBANDHU SABAR, Henceforth, he shall be known as HADUBANDHU SABAR for all purposes.
Sd-(BINO SABAR)

AFFIDAVIT

I, Padarbinda Mohapatra, or Padarabinda Mohapatra, S/o- Taraprasanna Mohapatra, resident of Plot No.-216, Sector-A, Zone-B, Mancheswar IND, P.S- Mancheswar, Pin-751010, Dist-Khorda, Odisha declare by this Affidavit C.F. No.120, dated-08.07.2025 that now onwards I shall be known as **PADARABINDA MOHAPATRA** for all future purposes.

ଦ.ପୂ. ରେଳପଥ-ଟେଣ୍ଡର

ଟେଣ୍ଡର ନୋଟିସ୍ ନଂ : ଇ-ଟେଣ୍ଡର/୨୦୨୫/୨୦: ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଞ୍ଜିନିୟରିଂ) ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନୋକ୍ତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । କ୍ର.ନଂ., ଟେଣ୍ଡର ନଂ, କାର୍ଯ୍ୟର ବିବରଣୀ, ଟେଣ୍ଡର ମୂଲ୍ୟ, ଅଗ୍ରୀମ ଜମା ଅର୍ଥ, ଖୋଲା ତାରିଖ : (୧): ଇ-କେଜିପି-ଏଡ଼ିଲ୍ୟା-୨୪-୨୦୨୫ : ଏଡିଇଏନ/ତାମଲୁକ (୩ୟ ଡାକ) ର କ୍ଷମତା ଅଧୀନରେ ଥିବା କାଣ୍ଡକୁଠା-ହଳଦିଆ ସେକ୍ସନରେ ୨୫/୫-୬ରେ ନିର୍ଦ୍ଧାରିତ ଲଡାଇ ସବୱେ (୩ମି x ୨.୭ମି) ନିର୍ମାଣ, ଟ. ୨,୩୩,୫୬,୯୯୮.୦୯, ଟ. ୨,୬୬,୮୦୦.୦୦, ୨୨.୦୭.୨୦୨୫ (୨): ଇ-କେଜିପି-ଇଣ୍ଡ-୫୦-୨୦୨୫, ଡିଇଏନ/ଇଷ୍ଟ/କେଜିପି (୩ୟ ଡାକ) ର କ୍ଷମତା ଅଧୀନରେ ଥିବା ଏସ୍‌ଆଇଟି ପାଇଁ ଏକଟି ଆଇପିଏସ୍ ଏବଂ ବ୍ୟାଟେରି ରୁମ୍ ବ୍ୟବସ୍ଥା ଓ ତାରନ୍ ଏବଂ ମିକ୍ସ ଲାଇନ ମଧ୍ୟରୁ ବିଆର.୫୭ର ମେଡେକ୍ସା ଏଣ୍ଡରେ ଅବସ୍ଥିତ କୋଲାଘାଟ ଷ୍ଟେସନରେ ୧ ଲନ୍ ୧୬ କୁସ ଧରର ଇନଷ୍ଟଲେସନ କାର୍ଯ୍ୟ ସମ୍ପାଦନ, ଟ. ୧,୫୬,୩୨,୯୮୦.୩୯, ଟ. ୨,୨୮,୨୦୦.୦୦, ୨୪.୦୭.୨୦୨୫, (୩) ଇ-କେଜିପି-ଇଣ୍ଡ-୫୧-୨୦୨୫, ଡିଇଏନ/ଇଷ୍ଟ/କେଜିପିଙ୍କ କ୍ଷମତା ଅଧୀନରେ ଥିବା ହାୱଡ଼ା - ଖଡ଼ଗପୁର ସେକ୍ସନରେ ଥ୍ରୋ ଟର୍ଣ୍ଣଆଉଟ ରିନ୍ୟୁଆଲ (ଟିଟିଆର) – ୪୩୮ ସେଟ୍ ଓ ଡିରେକ୍ଟ ସୁଇଚ (ଡିଏସ) – ୧୫ ସେଟ୍ ର କାର୍ଯ୍ୟ ସମ୍ପାଦନ, ଟ. ୫,୩୦,୫୦,୯୨୪.୧୩, ଟ. ୪,୧୫,୩୦୦.୦୦, ୩୧.୦୭.୨୦୨୫, (୪) ଇ-କେଜିପି-ସାଉଥ୍-୩୫-୨୦୨୫, ଏଡିଇଏନ/ସାଉଥ/କେଜିପି ଅନ୍ତର୍ଗତ ହିଜିଲି, ନାରାୟଣଗଡ଼, ଭାଲ୍ଲାବାଦ, ବେଲଦା, ନେକୁରସେଣୀ, ଦାନ୍ତନ, ଜଗନ୍ନାଥ ରୋଡ଼, ଜଲେଶ୍ୱର, ଅମରଦା ରୋଡ ଏବଂ ବସ୍ତାଠାରେ ଥିବା ଷ୍ଟାଫ୍ କ୍ୱାର୍ଟର ମରାମତି, ଟ. ୭୧,୪୨,୦୧୨.୭୮, ଟ. ୧,୪୨,୯୦୦.୦୦, ୩୧.୦୭.୨୦୨୫ । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ : ୦.୦୦ (ସମସ୍ତ ଟେଣ୍ଡର ପାଇଁ), କାର୍ଯ୍ୟ ସମାପ୍ତି ସମୟ : ୧୨ ମାସ ( କ୍ର.ନଂ ୧, ୩ ଓ ୪ ପାଇଁ) ଏବଂ ୦୯ ମାସ (କ୍ର.ନଂ. ୨ ପାଇଁ), ବିଡିଂ ଆରମ୍ଭ ତାରିଖ : କ୍ର.ନଂ. ୧ ପାଇଁ ୦୮.୦୭.୨୦୨୫ ଠାରୁ ୨୨.୦୭.୨୦୨୫ ୧୫.୦୦ ଘଟିକା ପର୍ଯ୍ୟନ୍ତ, କ୍ର.ନଂ. ୨ ପାଇଁ ୧୦.୦୭.୨୦୨୫ ଠାରୁ ୨୪.୦୭.୨୦୨୫ ୧୫.୦୦ ଘଟିକା ପର୍ଯ୍ୟନ୍ତ , କ୍ର.ନଂ. ୩ ଓ ୪ ପାଇଁ ୧୨.୦୭.୨୦୨୫ ଠାରୁ ୩୧.୦୭.୨୦୨୫ ଦିନ ୧୫.୦୦ ଘଟିକା ପର୍ଯ୍ୟନ୍ତ । ପ୍ରତିଟି ଆଇଟମ୍ ପାଇଁ ସୂଚିତ ତାରିଖର ୧୫.୦୦ ଘଟିକା ପୂର୍ବରୁ ଏବଂ ୧୫.୩୦ ଘଟିକା ପରେ ଖୋଲାଯିବ । ଇଚ୍ଛୁକ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ତଥ୍ୟ/ସ୍ପେସିଫିକେସନ ପାଇଁ ୱେବସାଇଟ www.ireps.gov.in କୁ ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନ ଦାଖଲ ହେବ । ଏହି ସବୁ କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ ହେବ ନାହିଁ । [illegible] www.ireps.gov.in [illegible]
(PR-369)

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
ବ୍ୟାଙ୍କ ଅଫ୍ ଇଣ୍ଡିଆ
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧-ବି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୫
ଦଖଲ ନୋଟିସ୍
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ ଫାଇନାନସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ ସହ-ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି ସାଙ୍କେତିକ ଦଖଲକୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ଶାଖା / ଋଣଗ୍ରହୀତା / ସହ-ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ /ଦଖଲ (ସାଙ୍କେତିକ) ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଭୁବନେଶ୍ୱର ଏସ୍‌ଏମ୍‌ଇ ଶାଖା /** ଋଣଗ୍ରହୀତାମାନେ: ୧) ଶ୍ରୀମତୀ ସିପ୍ରା ରଥ, ସ୍ୱାମୀ: ଶରତ ଚନ୍ଦ୍ର ପଣ୍ଡା, ୨) ଶ୍ରୀ ଦେବୀ ପ୍ରସାଦ ପଣ୍ଡା, ମାତା: ଶ୍ରୀମତୀ ସିପ୍ରା ରଥ, ୩) ଶ୍ରୀ ଶକ୍ତି ପ୍ରସାଦ ପଣ୍ଡା, ମାତା: ଶ୍ରୀମତୀ ସିପ୍ରା ରଥ / ଜାମିନ୍‌ଦାରମାନେ: ୧) ଶ୍ରୀମତୀ ମିନତୀ ପଣ୍ଡା, ସ୍ୱାମୀ: ଦେବୀ ପ୍ରସାଦ ପଣ୍ଡା, ୨) ଶ୍ରୀ ଦୁର୍ଗା ପ୍ରସାଦ ପଣ୍ଡା, ପିତା: ଶରତ ଚନ୍ଦ୍ର ପଣ୍ଡା, ସମସ୍ତଙ୍କ ବାସସ୍ଥାନ ଠିକଣା- ସାଃ ପ୍ରତାପ ଶାସନ, ବଡ଼ଭୋଇ ସାହି, ବାଳକାଟି, ଖୋର୍ଦ୍ଧା, ପିନ୍-୭୫୨୧୦୦ | ଟ.୨୪,୮୩,୦୩୨.୦୩ + ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୦୧.୦୫.୨୦୨୫ / ୦୭.୦୭.୨୦୨୫ | ଶ୍ରୀମତୀ ସିପ୍ରା ରଥ, ସ୍ୱାମୀ: ଶରତ ଚନ୍ଦ୍ର ପଣ୍ଡାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୬୧୬/୩୬୨, ପ୍ଲଟ୍ ନଂ.: ୩୮୧୯/୫୫୩୬, କ୍ଷେତ୍ର: ଏକର୦.୦୩୦ ଡିସିମିଲି, କିସମ: ଘରବାରି, ମୌଜା: ପ୍ରତାପ ଶାସନ, ଏସ୍‌ଆର୍‌ଓ/ତହସିଲ: ବାଲିଅନ୍ତା, ଥାନା: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା |
| **ଚନ୍ଦକା ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସ ଶାଖା /** ଋଣଗ୍ରହୀତା: ଶ୍ରୀ ବିଭୁତି ଭୂଷଣ ମହାନ୍ତି, ପିତା: ୰ ଯୁଗଳ କିଶୋର ମହାନ୍ତି / ସହ-ଋଣଗ୍ରହୀତା: ଶ୍ରୀ ମାନସ ମହାନ୍ତି, ପିତା: ଶ୍ରୀ ବିଭୁତି ଭୂଷଣ ମହାନ୍ତି / ଜାମିନ୍‌ଦାରମାନେ: ୧) ମିସ୍ ପ୍ରିୟଙ୍କା ମହାନ୍ତି, ପିତା: ଶ୍ରୀ ବିଭୁତି ଭୂଷଣ ମହାନ୍ତି, ୨) ଶ୍ରୀମତୀ ଅନସୂୟା ମହାନ୍ତି, ସ୍ୱାମୀ: ୰ ଯୁଗଳ କିଶୋର ମହାନ୍ତି, ସମସ୍ତଙ୍କ ଠିକଣା- ବସନ୍ତପେଡି, ବାଳକାଟି, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୧୦୦ | ଟ.୫୧,୫୪,୪୬୬.୩୫ + ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୨୨.୦୪.୨୦୨୫ / ୦୮.୦୭.୨୦୨୫ | ଶ୍ରୀମତୀ ଅନସୂୟା ମହାନ୍ତି, ସ୍ୱାମୀ: ୰ ଯୁଗଳ କିଶୋର ମହାନ୍ତି ଏବଂ ଶ୍ରୀ ବିଭୁତି ଭୂଷଣ ମହାନ୍ତି, ପିତା: ୰ ଯୁଗଳ କିଶୋର ମହାନ୍ତିଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୧୬, ପ୍ଲଟ୍ ନଂ.: ୧୦୦୭, ସମୁଦାୟ କ୍ଷେତ୍ର: ଏକର୧.୦୦୦ ଡିସିମିଲି, କିସମ: ଘରବାରି, ମୌଜା: ନାଗପୁର ଶାସନ, ଥାନା: ବାଲିଅନ୍ତା (ନଂ. ୬୯), ଏସ୍‌ଆର୍‌ଓ: ବାଲିଅନ୍ତା, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୦୦୭ (ଅଂଶ), ଦକ୍ଷିଣ: ପ୍ଲଟ୍ ନଂ. ୧୦୧୩, ପୂର୍ବ: ପ୍ଲଟ୍ ନଂ. ୧୦୦୬, ପଶ୍ଚିମ: ରାସ୍ତା |

ତାରିଖ: ୦୮.୦୭.୨୦୨୫, ସ୍ଥାନ : ଭୁବନେଶ୍ୱର
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ବେଦାନ୍ତ ସମର୍ଥିତ ଡାକ୍ତର କଳାହାଣ୍ଡିର ୧୨୦ ଗ୍ରାମରେ ଗ୍ରାମୀଣ ସ୍ୱାସ୍ଥ୍ୟସେବାକୁ ପରିବର୍ତ୍ତନ କରୁଛନ୍ତି

ଭୁବନେଶ୍ୱର, (ସବ୍ୟୁ): ବେଦାନ୍ତ ଆଲୁମିନିୟମ ଦ୍ୱାରା ସମର୍ଥିକ ଡାକ୍ତର ଏବଂ ଡାକ୍ତରୀ ଦଳଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ କଳାହାଣ୍ଡି, ଯାହା ଏକଦା ଦୁର୍ଭିକ୍ଷ, କୁପୋଷଣ ଏବଂ ରୋଗ ସହିତ ସଙ୍ଘର୍ଷ କରୁଥିଲା, ଏବେ ସ୍ୱାସ୍ଥ୍ୟ ଏବଂ ଆଶାର ଆଲୋକ ପାଲଟିଛି। ଯେଉଁ ଗ୍ରାମଗୁଡ଼ିକରେ ହସ୍ପିଟାଲଗୁଡ଼ିକ ପହଂଚ ଦୂରରେ ଥିଲା, ସେଠାରେ ଧଳା କୋଟ୍ ଏବଂ ଷ୍ଟେଥୋସ୍କୋପ୍ର ଆରାମଦାୟକ ଉପସ୍ଥିତି ଏବେ ବିଶ୍ୱାସ ଏବଂ ପରିବର୍ତ୍ତନର ପ୍ରତୀକ ହୋଇଛି। ୧୨୦ଟି ଗ୍ରାମରେ, ବେଦାନ୍ତର ସ୍ୱାସ୍ଥ୍ୟସେବା ପଦକ୍ଷେପଗୁଡ଼ିକ ମର୍ଯ୍ୟାଦା ପୁନରୁଦ୍ଧାର କରୁଛି, ପ୍ରବେଶକୁ ସକ୍ଷମ କରୁଛି ଏବଂ ଗ୍ରାମୀଣ ଭାରତରେ ସ୍ୱାସ୍ଥ୍ୟସେବାର ଅର୍ଥକୁ ପୁନଃଆକାର ଦେଉଛି। କେବଳ ୨୦୨୪ ମସିହାରେ, କମ୍ପାନୀର ସ୍ୱାସ୍ଥ୍ୟ ହସ୍ତକ୍ଷେପ ଦ୍ୱାରା ୧ ଲକ୍ଷରୁ ଅଧିକ ଲୋକ ସକାରାତ୍ମକ ଭାବରେ ଉପକୃତ ହୋଇଛନ୍ତି। ବେଦାନ୍ତର ସ୍ୱାସ୍ଥ୍ୟସେବା ପରିବର୍ତ୍ତନର କେନ୍ଦ୍ରରେ ଲାଞ୍ଜିଗଡ଼ର ବେଦାନ୍ତ ହସ୍ପିଟାଲ ରହିଛି, ଯାହା ବାର୍ଷିକ ପ୍ରାୟ ୬୦,୦୦୦ ରୋଗୀଙ୍କ ରେକର୍ଡ କରିଛି। ଦୁର୍ଗମ କଳାହାଣ୍ଡି ଜିଲ୍ଲାରେ ଅବସ୍ଥିତ, ଏହି ହସ୍ପିଟାଲ ଆଦିବାସୀ ଏବଂ ଗ୍ରାମୀଣ ସମ୍ପ୍ରଦାୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଜୀବନରେଖା, ଯେଉଁମାନଙ୍କ ମଧ୍ୟରୁ ଅନେକଙ୍କୁ ପୂର୍ବରୁ ସବୁଠାରୁ ମୌଳିକ ଚିକିତ୍ସା ସେବା ପାଇଁ ମଧ୍ୟ ଦୀର୍ଘ ଦୂରତା ଯାତ୍ରା କରିବାକୁ ପଡୁଥିଲା। ଆଠ ଜଣ ଉତ୍ସର୍ଗୀକୃତ ଡାକ୍ତରଙ୍କ ଏକ ଦଳ ଦ୍ୱାରା ପରିଚାଳିତ, ଏହି ହସ୍ପିଟାଲ୍ ୨୪ ଘଂଟା ସେବା ପ୍ରଦାନ କରେ, ଯାହା ଅଂଚଳର କିଛି ଅବହେଳିତ ଜନସଂଖ୍ୟା ପାଇଁ ସୁଲଭ, ନିର୍ଭରଯୋଗ୍ୟ ଏବଂ କରୁଣାପୂର୍ଣ୍ଣ ସେବା ସୁନିଶ୍ଚିତ କରେ।



ହସ୍ପିଟାଲର ଏକ ଉଲ୍ଲେଖନୀୟ ପଦକ୍ଷେପ ହେଉଛି ଏହାର ମୋତିଆବିନ୍ଦୁ ଅସ୍ତ୍ରୋପଚାର କାର୍ଯ୍ୟକ୍ରମ, ଯାହା ଭବାନୀପାଟଣାର ଜଗନ୍ନାଥ ନେତ୍ରାଳୟ ସହିତ ସହଭାଗୀତାରେ ପରିଚାଳିତ ହେଉଛି। କେବଳ ୨୦୨୫ ମସିହାରେ, ହସ୍ପିଟାଲ୍ ୨୫୦ଟି ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାର କରିଥିଲା, ମୋଟ ୧,୫୦୭ ଅସ୍ତ୍ରୋପଚାର ହୋଇଥିଲା, ଯାହାଦ୍ୱାରା ଶହ ଶହ ବୃଦ୍ଧ ରୋଗୀଙ୍କ ଦୃଷ୍ଟିଶକ୍ତି ଏବଂ ମର୍ଯ୍ୟାଦା ଫେରାଇ ଆଣିବାରେ ସକ୍ଷମ ହୋଇଛି ଯାହାକି ବର୍ଷ ବର୍ଷ ଧରି ଚିକିତ୍ସା ନ ହେବା ଯୋଗୁଁ ଦୃଷ୍ଟିଶକ୍ତି ଖରାପ ହୋଇଯାଇଥିଲା। ହସ୍ପିଟାଲ୍ ଅତ୍ୟାଧୁନିକ ଫିଜିଓଥେରାପି ସେବା ମଧ୍ୟ ପ୍ରଦାନ କରେ, ଯାହା ଏହାକୁ ଅଂଚଳର ସବୁଠାରୁ ସୁସଜ୍ଜିତ ସୁବିଧା ମଧ୍ୟରୁ ଗୋଟିଏ କରିଥାଏ। ଯେଉଁ ଅଂଚଳରେ ଜରୁରୀକାଳୀନ ଚିକିତ୍ସା ସୁବିଧା ଏକ ଚ୍ୟାଲେଞ୍ଜ, ସେଠାରେ ବେଦାନ୍ତର ମାଗଣା ଆମ୍ବୁଲାନ୍ସ ସେବା ଏକ ଖେଳ ପରିବର୍ତ୍ତକ ପ୍ରମାଣିତ ହୋଇଛି, ଆଖପାଖ ଗ୍ରାମଗୁଡ଼ିକରେ ରୋଗୀଙ୍କୁ ସମୟୋଚିତ ପରିବହନ ଏବଂ ଯତ୍ନ ପ୍ରଦାନ କରୁଛି।

ହସ୍ପିଟାଲ କ୍ୟାମ୍ପସ ବାହାରେ, ବେଦାନ୍ତର ସ୍ୱାସ୍ଥ୍ୟସେବା ଏହାର ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ (ଏମଏଚୟୁ) ମାଧ୍ୟମରେ ଜାରି ରହିଛି, ଯାହା ପ୍ରତି ମାସରେ ୬୫ଟି ଗ୍ରାମକୁ ଯାତ୍ରା କରେ, ମାଗଣା ସ୍ୱାସ୍ଥ୍ୟ ଯାଂଚ, ପ୍ରାରମ୍ଭିକ ରୋଗ ଚିହ୍ନଟ ଏବଂ ରେଫରାଲ୍ ସେବା ପ୍ରଦାନ କରେ। ଏହି ୟୁନିଟ୍ଗୁଡ଼ିକ ଯକ୍ଷ୍ମା (ଟିବି) ଭଳି ରୋଗର ମୁକାବିଲା ଏବଂ ପ୍ରତିରୋଧକ ଯତ୍ନକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ପ୍ରଧାନମନ୍ତ୍ରୀଙ୍କ ନିକ୍ଷୟ ମିତ୍ର ପଦକ୍ଷେପର ଅଂଶ ସ୍ୱରୂପ, ବେଦାନ୍ତ ପ୍ରତି ମାସରେ ୩୦୦ ରୁ ଅଧିକ ପୁଷ୍ଟିସାର ଝୁଡି ଯକ୍ଷ୍ମା ରୋଗୀଙ୍କୁ ବଂଟନ କରେ, ଯାହା ଆବଶ୍ୟକୀୟ ଖାଦ୍ୟ ସହାୟତା ସହିତ ସେମାନଙ୍କ ଆରୋଗ୍ୟକୁ ସମର୍ଥନ କରେ। ଦୀର୍ଘକାଳୀନ ସାର୍ବଜନୀନ ସ୍ୱାସ୍ଥ୍ୟ ଲାଭ ସହିତ ଚିକିତ୍ସା ଚିକିତ୍ସାକୁ ପରିପୂର୍ଣ୍ଣ କରିବା ପାଇଁ, କମ୍ପାନୀ ନିୟମିତ ଭାବରେ ମାସିକ ବହୁ-ବିଶେଷ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରେ । କଳାହାଣ୍ଡି ଭଳି ସ୍ଥାନରେ, ଯେଉଁଠାରେ ସ୍ୱାସ୍ଥ୍ୟସେବା ଥରେ ଏକ ଦୂର ଆଶା ପରି ମନେ ହେଉଥିଲା, ଡାକ୍ତରମାନେ ଏବେ ସୁସ୍ଥତା ଆଡ଼କୁ ଯାତ୍ରାରେ ଗାଁ ଲୋକଙ୍କ ସହିତ କାନ୍ଧ ମିଳାଇ ଚାଲିଛନ୍ତି। ବେଦାନ୍ତ ଲାଞ୍ଜିଗଡ଼ ହସ୍ପିଟାଲ ଏବଂ ଏମଏସଜେକେ ହସ୍ପିଟାଲରେ ଆରୋଗ୍ୟ କାହାଣୀଗୁଡ଼ିକ ପ୍ରମାଣ କରେ ଯେ ଯେତେବେଳେ କର୍ପୋରେଟ୍ ଦାୟିତ୍ୱ ତୃଣମୂଳ ସ୍ତରରେ ପ୍ରତିବଦ୍ଧତା ସହିତ ମେଳ ଖାଏ, ସେତେବେଳେ କ'ଣ ଆଉ ସମ୍ଭବ ହୋଇଥାଏ।

# ଭୁବନେଶ୍ୱରରେ ସମ୍ବିଧାନ ବଞ୍ଚାଅ ସମାବେଶ ୧୧ରେ



ପୁରୀ (ସବ୍ୟୁ): ଦେଶର ଆତ୍ମା ସମ୍ବିଧାନ ଆଜି ବିପଦରେ । କେନ୍ଦ୍ରରେ ନେତୃତ୍ୱାଧିନ ବିଜେପି ସରକାର ସମ୍ବିଧାନକୁ ନଷ୍ଟ କରିବା ପାଇଁ ସବୁ ପ୍ରକାର ଉଦ୍ୟମ କରୁଛନ୍ତି । ବିଶେଷ କରି ସମ୍ବିଧାନରେ ଥିବା ସୋସିଆଲିଜିମ୍ ଓ ସିକୁଲାରିଜିମ ଶବ୍ଦ ଦ୍ୱୟକୁ ଅପସାରଣ କରିବା ପାଇଁ ଉଦ୍ୟମ କରୁଛନ୍ତି। ସମ୍ବିଧାନ ପ୍ରଣୟନରେ ପୁରୀର ଲୋକନାଥ ମିଶ୍ରଙ୍କ ଅବଦାନ ଅତୁଳନୀୟ । ଆସନ୍ତା ୧୧ ତାରିଖରେ ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ସମ୍ବିଧାନ ବଞ୍ଚାଅ ସମାବେଶ ଅନୁଷ୍ଠିତ ହେବ । ଏହି ସମାବେଶରେ ପୁରୀର ବେଶୀ ସହଭାଗିତା ଅଧିକ ରହିବା ଆବଶ୍ୟକ ପୁରୀ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି କଂଗ୍ରେସ ଦଳ ନେତା ପଞ୍ଚାନନ କାନୁନଗୋ। ମଙ୍ଗଳବାର ମଧ୍ୟାହ୍ନ ରେ ପୁରୀ ଭିଆଇପି ରୋଡ ସ୍ଥିତ କଂଗ୍ରେସ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଥିଲା। ଏଥିରେ ଯୋଗ ଦେଇ ପୂର୍ବତନ ଅର୍ଥ ମନ୍ତ୍ରୀ ଶ୍ରୀ କାନୁନଗୋ କହିଛନ୍ତି ସାଂସଦ ରାହୁଲ ଗାନ୍ଧୀ ସମ୍ବିଧାନ ବଞ୍ଚାଅ ପାଇଁ ଅହରହ ସଂଗ୍ରାମ କରୁଛନ୍ତି । ନ୍ୟାୟ ଯାତ୍ରା ପରେ ସେ ଓଡ଼ିଶାରେ ସମ୍ବିଧାନ ବଞ୍ଚାଅ ସମାବେଶ ଆରମ୍ଭ କରୁଛନ୍ତି। ଏହି ସମାବେଶକୁ ସଫଳ କରିବା କରିବା ସହ ସମ୍ବିଧାନ ବଞ୍ଚାଅ ସମାବେଶ ଉଦ୍ଦେଶ୍ୟ ସମ୍ପର୍କରେ ପୁରୀ ତଥା ଓଡ଼ିଶା ବାସୀ ଅବଗତ ହେବା ଆବଶ୍ୟକ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ଜିଲ୍ଲା କଂଗ୍ରେସ କମିଟି ସଭାପତି ଇଂ ରାକେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଏଚ୍ଡିଏଫ୍ସି ଲାଇଫ ପକ୍ଷରୁ ନୂଆ କ୍ୟାମ୍ପେନର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ଭାରତର ଅନ୍ୟତମ ଅଗ୍ରଣୀ ଜୀବନ ବୀମାକାରୀ, ଏଚ୍ଡିଏଫସି ଲାଇଫ ଏହାର ନୂଆ କ୍ୟାମ୍ପେନର ଶୁଭାରମ୍ଭ କରିଛି। ଯେଉଁଥିରେ 'ଆପଣଙ୍କ ପରିବାରର ଭବିଷ୍ୟତ ପାଇଁ ଯୋଜନା କରିବା ସହିତ ଆଜିକୁ ଉପଭୋଗ କରନ୍ତୁ' ବାର୍ତ୍ତା ସହ କମ୍ପାନୀ ପଶ୍ଚିମବଙ୍ଗ ଓ ଓଡିଶାର ଦର୍ଶକଙ୍କ ନିକଟରେ ପହଂଚିଛି। ଏହି ବିଜ୍ଞାପନ ଫିଲ୍ମରେ ପଶ୍ଚିମବଙ୍ଗର ଲୋକପ୍ରିୟ ଅଭିନେତା ଅବିର ଚାଟାର୍ଜୀ ଅଭିନୟ କରିଛନ୍ତି। ମଜବୁତ ସଂଯୋଗ ସ୍ଥାପନ କରିବା କ୍ଷେତ୍ରରେ ରିଜିଓନାଲ ମାର୍କେଟିଂ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହି ଆବଶ୍ୟକତାକୁ ଚିହ୍ନଟ କରି ଏଚ୍ଡିଏଫସି ଲାଇଫ ଗତବର୍ଷ ଏକ ସ୍ୱତନ୍ତ୍ର ଅଂଚଳ-କେନ୍ଦ୍ରିତ କ୍ୟାମ୍ପେନ ପଦ୍ଧତି ଆରମ୍ଭ କରିଥିଲା, ଯାହାକୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକରେ ପ୍ରଥମେ ଆରମ୍ଭ କରାଯାଇଥିଲା। ଦକ୍ଷିଣ ଭାରତ ପରେ ଏଚ୍ଡିଏଫସି ଏବେ ଭାରତର ପୂର୍ବାଂଚଳ ରାଜ୍ୟଗୁଡିକ ଉପରେ ଗୁରୁତ୍ୱ ଦେବାକୁ ନିଷ୍ପତି ନେଇଛି। ପରିବାରର ଲକ୍ଷ୍ୟ ଓ ଆକାଂକ୍ଷା ନିଶ୍ଚିତ କରିବା ପାଇଁ ଜଣେ ବ୍ୟକ୍ତିଙ୍କୁ ସଠିକ ସମୟରେ ଆର୍ଥିକ ଯୋଜନା ପ୍ରସ୍ତୁତ କରି ନିଜର ଭବିଷ୍ୟତକୁ ସୁରକ୍ଷିତ ରଖିବାକୁ ହେବ। ବିଜ୍ଞାପନ ଫିଲ୍ମରେ ମୁଖ୍ୟ ନାୟକ ନିଜ ପିଲାଦିନର ସ୍ମୃତି ସମ୍ପର୍କରେ କହିବା ସମୟରେ ଏହି ବାର୍ତ୍ତାକୁ ପ୍ରକାଶ କରିଛନ୍ତି। କ୍ୟାମ୍ପେନ ସମ୍ପର୍କରେ ଏଚ୍ଡିଏଫସି ଲାଇଫର ମାର୍କେଟିଂ ବିଭାଗର ମୁଖ୍ୟ ପ୍ରିତିକା ଶାହ କହିଛନ୍ତି, "ଆମର ପୂର୍ବର ଦକ୍ଷିଣ-କେନ୍ଦ୍ରିତ ପ୍ରୟାସଗୁଡ଼ିକୁ ମିଳିଥିବା ସକାରାତ୍ମକ ପ୍ରତିକ୍ରିୟା ଆମକୁ ଏହି ପଦ୍ଧତିକୁ ଭାରତର ଅନ୍ୟ ଅଂଶଗୁଡ଼ିକୁ ନେବା ପାଇଁ ପ୍ରୋତ୍ସାହିତ କରିଥିଲା। ଅବିର ଚାଟର୍ଜୀଙ୍କ ଅଭିନୀତ ଆମର ପ୍ରଥମ ପୂର୍ବାଂଚଳ-କେନ୍ଦ୍ରିତ କ୍ୟାମ୍ପେନକୁ ପଶ୍ଚିମବଙ୍ଗ ଓ ଓଡିଶାର ଦର୍ଶକଙ୍କ ପାଇଁ ଆରମ୍ଭ କରାଯାଇଛି। ଆମେ ବିଶ୍ୱାସ କରୁଛୁ ଯେ, ଆମର କ୍ୟାମ୍ପେନ ସହିତ ଆମେ ଆର୍ଥିକ ସ୍ୱାଧୀନତା ଦିଗରେ ଅଧିକରୁ ଅଧିକ ଲୋକଙ୍କୁ ସଂଯୋଗ ଓ ଅନୁପ୍ରାଣିତ କରିବାକୁ ସକ୍ଷମ ହେବୁ।

# ଜେଏସ୍ଡବ୍ଲ୍ୟୁ ଷ୍ଟିଲର ନାରାୟଣ ପୋଶିଖଣି ପ୍ରତିଷ୍ଠିତ ୫-ତାରା ପୁରସ୍କାରରେ ସମ୍ମାନିତ

ଭୁବନେଶ୍ୱର (ସବ୍ୟୁ): ଭାରତ ସରକାରଙ୍କ ଖଣିମନ୍ତ୍ରଣାଳୟର ଭାରତୀୟ ଖଣି ବ୍ୟୁରୋ (ଆଇବିଏମ୍) ସୋମବାର ଦିନ ଓଡ଼ିଶାରେ ଜେଏସ୍ଡବ୍ଲ୍ୟୁ ଷ୍ଟିଲର ନାରାୟଣ ପୋଶି ଲୁହା ଏବଂ ମାଙ୍ଗାନିଜ ଖଣିକୁ ଏହି ବିଶିଷ୍ଟ ୫-ତାରା ପୁରସ୍କାର ପ୍ରଦାନ କରିଛି। ଏହି ମାନ୍ୟତା ସ୍ଥାୟୀ ବିକାଶ, ପରିବେଶ ଗତ ପରିଚାଳନା ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱରେ ଖଣିର ଉଦାହରଣୀୟ ପ୍ରଦର୍ଶନକୁ ପ୍ରତିଫଳିତ କରେ।

ଜୟପୁରର ରାଜସ୍ଥାନ ଅନ୍ତର୍ଜାତୀୟ କେନ୍ଦ୍ରରେ ଅନୁଷ୍ଠିତ ୫-ତାରାଏବଂ ୭-ତାରା ମୂଲ୍ୟାଙ୍କିତ ଖଣିଗୁଡ଼ିକୁ ସମ୍ମାନିତ କରିବା ପାଇଁ ଆଇବିଏମ୍ ସମ୍ବର୍ଦ୍ଧନା ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଜେଏସ୍ଡବ୍ଲ୍ୟୁ ଷ୍ଟିଲ ଲିମିଟେଡର ମୁଖ୍ୟ ପରିଚାଳନା ଅଧିକାରୀ ଭାବରେ ନିଯୁକ୍ତ ଅତିରିକ୍ତ ନିର୍ଦ୍ଦେଶକ ଏବଂ ପୂର୍ଣ୍ଣକାଳୀନ




ନିର୍ଦ୍ଦେଶକ ଗଜରାଜ ସିଂହ ରାଠୋର, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମାଙ୍କ ଉପସ୍ଥିତିରେ କେନ୍ଦ୍ରକୋଇଲା ଏବଂ ଖଣିମନ୍ତ୍ରୀ ଜି. କିଶନରେଡ୍ଡୀଙ୍କ ଠାରୁ କମ୍ପାନୀ ପକ୍ଷରୁ ପୁରସ୍କାର ଗ୍ରହଣ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଥିଲେ: ସୌଭିକ ମଜୁମ୍ଦାର, ମୁଖ୍ୟ ପରିଚାଳନା ଅଧିକାରୀ, ଜେଏସଡବ୍ଲୁଷ୍ଟିଲ୍ - ଓଡିଶା, ରାମ ଶଙ୍କର ଶର୍ମା, ଖଣି ପରିଚାଳନା ଏବଂ ପ୍ରକଳ୍ପ ମୁଖ୍ୟ, ତପନରଥ, ଖଣି ପରିଚାଳକ ଏବଂ ଶ୍ରୀମତୀ ଅଙ୍କିତା ସିଂହ, ଖଣି ଯୋଜନା। ଏହି ସ୍ୱୀକୃତି ଜେଏସଡବ୍ଲୁଷ୍ଟିଲ୍ଏହାର କାର୍ଯ୍ୟ ଦାୟିତ୍ୱପୂର୍ଣ୍ଣ ଖଣି କାର୍ଯ୍ୟ ପଦ୍ଧତି ଗୁଡ଼ିକୁ ସାମିଲ କରିବା ପାଇଁ ଅଟଳ ପ୍ରତିବଦ୍ଧତାକୁ ସ୍ପଷ୍ଟକରେ।

# ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ କର୍ମଚାରୀଙ୍କ ଅକାଳ ବିୟୋଗରେ ଶୋକ

କଟକ , (ସବ୍ୟୁ) ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟରେ ଗ୍ରନ୍ଥାଗାରିକ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ଆକାଶ କୁମାର ମାଝୀଙ୍କ ମଙ୍ଗଳବାର ପ୍ରାତଃ ସମୟରେ ହୃଦଘାତ ଯୋଗୁ ଅକାଳ ବିୟୋଗ ଘଟିଛି । ଶ୍ରୀ ମାଝୀ ୧୯୮୬ ମସିହା ନଭେମ୍ବର ୨୨ ତାରିଖରେ ସରକାରୀ ଚାକିରୀରେ ଯୋଗ ଦେଇଥିଲେ । ତାଙ୍କର ଅକାଳ ବିୟୋଗରେ ଆଜି କାର୍ଯ୍ୟାଳୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶିବ ଟପୋଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଉକ୍ତ ପ୍ରାର୍ଥନା ସଭାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇ ତାଙ୍କର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ ।

# ସିନେ ନିର୍ଦ୍ଦେଶକ ନାରାୟଣ ପତିଙ୍କ ଅସ୍ଥି ମହୋଦଧିରେ ବିସର୍ଜିତ

ପୁରୀ (ସବ୍ୟୁ): ବରିଷ୍ଠ ସିନେ ଅଭିନେତା ତଥା ନିର୍ଦ୍ଦେଶକ ନାରାୟଣ ପତିଙ୍କ ଅସ୍ଥି ପୁରୀ ମହୋଦଧିରେ ବିସର୍ଜିତ ହୋଇଛି। ଗତ ବୁଧବାର ଦିନ ହୃଦ୍ଘାତରେ ତାଙ୍କର ପରଲୋକ ହୋଇଥିଲା। ବ୍ୟାସକବି ଫକୀରମୋହନ ସେନାପତିଙ୍କ କାଳଜୟୀ ସାହିତ୍ୟକୃତି 'ଡାକମୁନସୀ' ଉପରେ ଏକ ଓଡ଼ିଆ ସିନେମା ନିର୍ମାଣ କରିବାକୁ କଳାକାର ଚୟନ ଚାଲିଥିବା ବେଳେ ହଠାତ୍ ସେ ଅସୁସ୍ଥ ହୋଇପଡିଥିଲେ। ପରେ ହସ୍ପିଟାଲରେ ତାଙ୍କର ଦେହାନ୍ତ ହୋଇଥିଲା। ନାରାୟଣଙ୍କ ପାର୍ଥିବ ଶରୀରକୁ ଯାଜପୁରସ୍ଥିତ ପୈତୃକ ଗାଁ ପ୍ରୀତିପୁରକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସ୍ୱର୍ଗତ ପତି ୧୯୭୧ରୁ କ୍ୟାରିଅର ଆରମ୍ଭ କରି ୧୯୭୯ରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ସମର ସଲିମ ସାଇମନ'ରେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତିଥିଲେ। ୧୯୯୪ରେ ପ୍ରଯୋଜକ ବସନ୍ତ ନାୟକଙ୍କ ପ୍ରଯୋଜିତ ତଥା ନିର୍ଦ୍ଦେଶକ ମହମ୍ମଦ ମହସୀନଙ୍କ ନିର୍ଦ୍ଦେଶିତ 'ଲକ୍ଷେ ଶିବ ପୂଜି ପାଇଛି ପୁଅ' ଏବଂ 'ବାଟ ଅବାଟ' ଭଳି ସିନେମାରେ ଅଭିନୟ କରି ଚର୍ଚ୍ଚାକୁ ଆସିଥିଲେ। ଏଥିସହିତ ସେ ହିନ୍ଦୀ ସିନେମା 'ଦୟାବାନ୍'ରେ ମଧ୍ୟ ନିଜ ଅଭିନୟର ଯାଦୁ ଦେଖାଇଥିଲେ। ତାଙ୍କ ଶେଷ ଚଳଚ୍ଚିତ୍ର ଥିଲା 'ବୋଉର ହାତ ବାକ୍ସ'। ମଙ୍ଗଳବାର ପୁରୀ ସ୍ୱର୍ଗଦ୍ୱାର ନିକଟ ଅସ୍ଥି ବିସର୍ଜନ ଘାଟରେ ତାଙ୍କ ଝିଅ ,ଜ୍ୱାଇଁ ,ଭଉଣୀ ଶ୍ରାଦ୍ଧ କାର୍ଯ୍ୟ କରି ତୀର୍ଥ ରାଜ ମହୋଦଧିରେ ଅସ୍ଥି ବିସର୍ଜନ କରିଛନ୍ତି।

# ସମ୍ ନର୍ସିଂ କଲେଜରେ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଉପରେ ୬-ଦିନିଆ କର୍ମଶାଳା ଉଦ୍ଘାଟିତ




ଭୁବନେଶ୍ୱର, (ସବ୍ୟୁ): ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସଂସ୍ଥାପନକୁ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜରେ ସୋମବାର ଠାରୁ ଏକ ୬-ଦିନିଆ କର୍ମଶାଳା ଆରମ୍ଭ ହୋଇଛି। କଲେଜର ୧ମ ବର୍ଷ ଏମ୍.ଏସ୍.ସି (ନର୍ସିଂ) ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଏହି କର୍ମଶାଳା ଜାତୀୟ ସ୍ୱାସ୍ଥ୍ୟ ନୀତିର ପର୍ଯ୍ୟାଲୋଚନା ନିମନ୍ତେ ଅଭିପ୍ରେତ। ଏହି କର୍ମଶାଳାକୁ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଉଦ୍ଘାଟନ କରି ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ ନର୍ସିଂ କଲେଜର ଡିନ୍ ପ୍ରଫେସର ସସ୍ମିତା ଦାସ ସ୍ୱାସ୍ଥ୍ୟ ସେବା ପରିପ୍ରେକ୍ଷୀରେ ଏହି କର୍ମଶାଳାର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ। କର୍ମଶାଳାର ସଂଯୋଜକ ପ୍ରଫେସର ତପତୀ ସାହା ଏହାର ପ୍ରସଙ୍ଗକୁ ନେଇ ବକ୍ତବ୍ୟ ରଖିଥିଲେ। ଏଥିରେ ୭୭ ଜଣ ବି.ଏସ୍.ସି (ନର୍ସିଂ) ୩ୟ ବର୍ଷ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି। ଛାତ୍ରଛାତ୍ରୀ ସଂଯୋଜକ ଶ୍ରୀମତି ରୋଜାଲିନ୍ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରୀ ରଥଯାତ୍ରାରେ ଓମ୍ନିଗେଲ୍' ସେବା କେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ସିପ୍ଲା ହେଲ୍ଥ ଲିମିଟେଡ୍ର ଭାରତର ଅଗ୍ରଣୀ ପେନ୍ ରିକଭରୀ ବ୍ରାଣ୍ଡ ଓମ୍ନିଗେଲ୍, ରଥଯାତ୍ରା ୨୦୨୫ରେ ଭକ୍ତମାନଙ୍କ ପାଇଁ ଯତ୍ନ ଏବଂ ଆରାମ ଆଣିଛି । ଏହାର ଦର୍ଶନ "ଆପକି ଖୁସି କୋ କଭି ଦର୍ଦ କୀ ନଜର ନା ଲଗେ"କୁ ବିସ୍ତାର କରି "ଆପକି ଭକ୍ତି କୋ ଦର୍ଦ କୀ ନଜର ନା ଲଗେ" ବ୍ରାଣ୍ଡ ଏକ ଉତ୍ସର୍ଗୀକୃତ "ରାହତ ସେବା କେନ୍ଦ୍ର" ସ୍ଥାପନ କରିଛି, ଯାହା ଭକ୍ତମାନଙ୍କୁ ଏଭଳି ଘଟଣା ସହିତ ଜଡିତ ଶାରୀରିକ ଚାପକୁ ପରିଚାଳନା କରିବାରେ ସହାୟତା କରିଛି। ପୁରୀ ବେଳାଭୂମିରେ ସବୁଠାରୁ ବଡ଼ ସେବା କେନ୍ଦ୍ର ଭାବେ ଏହି ବ୍ରାଣ୍ଡ ତୀର୍ଥଯାତ୍ରୀମାନଙ୍କୁ ଦୀର୍ଘ ଦୂରତା ଅତିକ୍ରମ କରିବା ସହ ପାଦ, ପିଠି ଓ କାନ୍ଧରେ ମାଲିସ କରି ଯନ୍ତ୍ରଣା ଦୂର କରିବା ସହ ସେମାନଙ୍କୁ ସତେଜତା ଆଣିଦେଉଛି । ଏହି ପଦକ୍ଷେପ ଭକ୍ତମାନଙ୍କୁ ସେମାନଙ୍କ ଆଧ୍ୟାତ୍ମିକ ଯାତ୍ରା ସମୟରେ ସତେଜତା ଅନୁଭବ କରିବା, ଯତ୍ନ ନେବା ଏବଂ ସମର୍ଥନ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହି ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ସିପ୍ଲା ହେଲ୍ଥ ଲିମିଟେଡର ଏମ୍ଡି ଓ ସିଇଓ ଶ୍ରୀ ଶିବମ୍ ପୁରୀ କହିଛନ୍ତି ଯେ,: ଓମ୍ନିଗେଲ୍ ସର୍ବଦା ବିଶ୍ୱାସଯୋଗ୍ୟ ଯନ୍ତ୍ରଣା ଉପଶମ ପାଇଁ ଠିଆ ହୋଇଛି ଏବଂ ଆରାମଦାୟକ ମୁହୂର୍ତ୍ତରେ ଲୋକଙ୍କୁ ସହଯୋଗ କରୁଛି। ରଥଯାତ୍ରାରେ ସାମିଲ ହେବା ଏହି ପ୍ରତିବଦ୍ଧତାର ଏକ ସ୍ୱାଭାବିକ ସମ୍ପ୍ରସାରଣ ଥିଲା। ଆମେ ଲକ୍ଷ୍ୟ ରଖିଛୁ ଯେ ଭକ୍ତମାନେ ଶାରୀରିକ ଚାପରୁ ମୁକ୍ତି ପାଇବେ ଏବଂ ସେମାନଙ୍କ ଆଧ୍ୟାତ୍ମିକ ଯାତ୍ରାକୁ ସହଜରେ ଜାରି ରଖିବେ।

# ବାରିପଦା ରଥଯାତ୍ରା : ଭକ୍ତଙ୍କ ସେବାରେ ଆଇନଜୀବୀ

ଭୁବନେଶ୍ୱର (ସବ୍ୟୁ): ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଗୁଣ୍ଡିଚା ଯାତ୍ରା ପାଇଁ ସରବତ, ପାନୀୟ ଜଳ ବଣ୍ଟନ କରି ଶ୍ରଦ୍ଧାଳୁ ଙ୍କ ସେବା କରିଥିଲେ ଆଇନଜୀବୀ । ସେହିପରି ବାହୁଡା ଯାତ୍ରା ରେ



ମଧ୍ୟ ଭକ୍ତ ଓ ଶ୍ରଦ୍ଧାଳୁ ଙ୍କୁ ସରବତ ଓ ପାନୀୟ ଜଳ ଓ ଛଉ ନୃତ୍ୟ ପରିବେଷଣ କରୁଥିବା ନୃତ୍ୟଶିଳ୍ପୀ ମାନଙ୍କୁ ଖାଦ୍ୟ ଯୋଗାଉଛନ୍ତି ଆଇନଜୀବୀ । ଏଥି ସହ ସାଧାରଣ ଲୋକ ଓ ଶ୍ରଦ୍ଧାଳୁଙ୍କ ପାଇଁ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜିଲ୍ଲା ଓକିଲ ସଂଘ (ବାରିପଦା, ମୟୂରଭଞ୍ଜ) ଏବଂ ଓଡ଼ିଶା ମହିଳା ଆଇନଜୀବୀ ସଂଘ ଓ ବାରିପଦା ର ସମସ୍ତ ମହିଳା ଆଇନଜୀବୀ ଙ୍କ ମିଳିତ ଉଦ୍ୟମରେ ଏହି ମହତ୍ କାର୍ଯ୍ୟକ୍ରମ ଅୟୋଜିତ ହେଉଛି । ଓଡ଼ିଶା ମହିଳା ଆଇନଜୀବୀ ସଂଘ ର ରାଷ୍ଟ୍ରୀୟ ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ସୁଜାତା ମିଶ୍ର, ଜୋନାଲ୍ ଉପ ସଭାପତି ଚିନ୍ମୟୀ ବେହେରା, କାର୍ଯ୍ୟନିର୍ବାହୀ ସଦସ୍ୟା ମଧୁସ୍ମିତା ନାୟକ, ଆଇନଜୀବୀ ପାର୍ବତୀ ବାରିକ୍, ଲିପିକା ପୁହାଣ, ପ୍ରଣତି ମୁର୍ମୁ,ରିକା ପଣ୍ଡା, ପ୍ରିୟମ୍ବଦା ବେହେରା, ସୋନାଲ ମିଶ୍ର, ସସ୍ମିତା ଘୋଷାଲ୍ , ଶ୍ରଦ୍ଧାଞ୍ଜଳୀ ପଣ୍ଡା, ଭାସ୍ୱତି ପଣ୍ଡା , ରୂପଶ୍ରୀ ବାରିକ୍, ସ୍ୱୀକୃତି ଶତପଥି, ଜୟଶ୍ରୀ ଦାସ ଙ୍କ ସହ ଅନେକ ମହିଳା ଆଇନଜୀବୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିବା ପାଇଁ ଜିଲ୍ଲା ଓକିଲ ସଂଘ ବାରିପଦା ର ସମ୍ପାଦକ ଆଇନଜୀବୀ ବିପ୍ଳବ ବାରିକ, ଯୁଗ୍ମ ସମ୍ପାଦକ ଆଇନଜୀବୀ ସ୍ୱରୂପ କୁମାର ମିଶ୍ର, ଆଇନଜୀବୀ କିଶୋର୍ ଚନ୍ଦ୍ର ମହାନ୍ତି, ସଂଗ୍ରାମ ପଣ୍ଡା, ମାନସ ରଞ୍ଜନ ବେହେରା, ସୁନୀଲ ଜେନା, ଦେବରାଜ ମିଶ୍ର, ଡ୍ୟାନି ପରିଛା, ସଞ୍ଜୟ ରାଉତ, କିଶୋର୍ କର, ପଦ୍ମଲୋଚନ ମହାନ୍ତ, ସତ୍ୟରଞ୍ଜନ ବେହେରା, ନରୋତ୍ତମ ପାଣିଗ୍ରାହୀ, ଅବନୀ ଷଡଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ । ଉତ୍ତରସାହି ଛଉ ନୃତ୍ୟ ପ୍ରତିଷ୍ଠାନ ଓ ଜୀବନଧାରା ପରିବାର ଙ୍କ ସହଯୋଗ ଏବଂ ଉଦ୍ୟମ ଉଲ୍ଲେଖନୀୟ । ଏହି ଅବସରରେ ଜୀବନଧାରା ପରିବାର ଦ୍ୱାରା ବୃକ୍ଷରୋପଣ ସଚେତନତା ପାଇଁ ଚାରା ବଣ୍ଟନ କାର୍ଯ୍ୟକ୍ରମ ମଧ୍ଯ ତ୍ୱରାନ୍ୱିତ କରାଯାଇଥିଲା ।

## ରିଜର୍ଭ ବ୍ୟାଙ୍କ ଅଧିକାରୀଙ୍କ ଉପସ୍ଥିତିରେ ଅଗଷ୍ଟ ମାସରେ ଗଣତି ହେବ ମହାପ୍ରଭୁଙ୍କ ରତ୍ନ ଭଣ୍ଡାର ଅଳଙ୍କାର

ପୁରୀ (ସବ୍ୟୁ): ଶ୍ରୀମନ୍ଦିର ଭିତର ଓ ବାହାର୍ ରତ୍ନଭଣ୍ଡାର ଅଳଙ୍କାର ଗଣତି ନେଇ ଆସନ୍ତା କାଲି ରିଜର୍ଭ ବ୍ୟାଙ୍କ୍ ଅଫ୍ ଇନ୍ଦିଆକୁ ଚିଠି ଲେଖାଯିବ। ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଦୁଇ ଜଣ ବରିଷ୍ଠ ଓ ଅଭିଜ୍ଞ ଅଧିକାରୀ ଆସିବା ପାଇଁ ଚିଠି ଲେଖାଯିବ। ସ୍ୱତନ୍ତ୍ର ଏସଓପି ଅନୁଯାୟୀ ଉଚ୍ଚ ସ୍ତରୀୟ କମିଟି ବୈଠକ ବସିବ। ଏହା ପରେ ଅସ୍ଥାୟୀ ଖଟ ଶେଯ ଓ ଫୁଲ ଶେଯ ଘରେ ଥିବା ରତ୍ନ ଅଳଙ୍କାର ଭିତର ଓ ବାହାର ରତ୍ନଭଣ୍ଡାରକୁ ଅଣାଯିବ ବୋଲି କହିଛନ୍ତି ରାଜ୍ୟ ଆଇନ ମନ୍ତ୍ରୀ। ଅଗଷ୍ଟ ମାସରେ ରତ୍ନଭଣ୍ଡାର ଗଣତି ମଣତି ପ୍ରକ୍ରିୟା ହୋଇପାରେ ବୋଲି ସେ ସୂଚନା ଦେଇଛନ୍ତି। ୧୯୭୮ ମସିହା ଭିତର ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି ତାଲିକା ସହ ମେଳ କରାଯିବ ।

# ବିଜିୟୁ ପକ୍ଷରୁ ନବାଗତ ଏମ୍ବିଏ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

## ଶୃଙ୍ଖଳା ଏବଂ ଉଦ୍ଦେଶ୍ୟ ସହିତ ନେତୃତ୍ୱ ନେବାକୁ ଛାତ୍ରଛାତ୍ରୀଙ୍କୁ ସନ୍ଦୀପ ସିଂଙ୍କ ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ): ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ, ବିର୍ଲା ଗ୍ଲୋବାଲ ୟୁନିଭରସିଟି (ବିଜିୟୁ) ପକ୍ଷରୁ ଏମ୍ବିଏ (୨୦୨୫-୨୭) ବ୍ୟାଚ୍ର ନବାଗତ ଛାତ୍ରଛାତ୍ରୀମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଏହାର ଗୋଠପାଟଣା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସାହ ଓ ଶୈକ୍ଷିକ ମନୋଭାବ ସହିତ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ସ୍ନାତକୋତ୍ତର ଯାତ୍ରାର ଆରମ୍ଭ ଥିଲା। ଏହି କାର୍ଯ୍ୟକ୍ରମରେ ଆକ୍ସେଞ୍ଚର (ଷ୍ଟ୍ରାଟେଜି ଏବଂ କନ୍ସଲଟିଂ)ର ପରିଚାଳନା ନିର୍ଦ୍ଦେଶକ ସନ୍ଦୀପ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଜିୟୁ କୂଳଗୀତ ପରିବେଷଣ କରାଯାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ଡଃ ପରମେଶ୍ୱର ନାୟକ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ସେ ଅତିଥି, ଅଭିଭାବକ ଓ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିବା ସହ ଶୃଙ୍ଖଳା, କଠିନ ପରିଶ୍ରମ, ନମ୍ରତା, ସ୍ଥିରତା ଏବଂ ସାଧାରଣ ଜ୍ଞାନ




ଦ୍ୱାରା ମାର୍ଗଦର୍ଶନ କରାଇଥିଲେ। ବିଜିୟୁ ରେଜିଷ୍ଟ୍ରାର ପ୍ରଫେସର ବି.କେ ଦାସ ତାଙ୍କ ଅଭିଭାଷଣରେ ବିଶ୍ୱବିଦ୍ୟାଳୟର ମୂଲ୍ୟବୋଧ ଏବଂ ଏହାର ପରିବର୍ତ୍ତନଶୀଳ ଯାତ୍ରା ଉପରେ ଅଲୋକପାତ କରିଥିଲେ। ପୂର୍ବତନ ଛାତ୍ର କାଟେଶ୍ୱର କାର୍ତ୍ତିକ କ୍ୟାମ୍ପସ ଜୀବନରୁ କର୍ପୋରେଟ ଜଗତଙ୍କୁ ତାଙ୍କର ପରିବର୍ତ୍ତିତ ଜୀବନ ବିଷୟରେ କହିଥିବା ସହ ନୂତନ ବ୍ୟାଚ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ସନ୍ଦୀପ ସିଂଙ୍କ ପ୍ରେରଣାଦାୟକ ଭାଷଣ ଯିଏ ଜଣେ କର୍ପୋରେଟ୍ ଲିଡର ଏବଂ ମାରାଥନ୍ ଧାବକ ଭାବରେ ତାଙ୍କର ଦ୍ୱୈତ ଭୂମିକାରୁ ଆହୃତ ଅର୍ନ୍ତଦୃଷ୍ଟି ବାଣ୍ଟିଥିଲେ। ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ଉତ୍କର୍ଷତା ପାଇଁ ପ୍ରୟାସ କରିବାକୁ ଉତ୍ସାହିତ କରି ସେ ସଫଳତାର ମୂଳଦୁଆ ଭାବରେ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ନମ୍ର ରହିବା, ନକାରତ୍ମକତାକୁ ଏଡାଇବା, ସକାରାତ୍ମକ ପ୍ରଭାବ ସହିତ ଯୋଡି ହୋଇ ରହିବାକୁ ତଥା ଦୃଢତା ଓ ସାଧୁତା ସହ ଲକ୍ଷ୍ୟ ହାସଲ କରିବାକୁ ପରାମର୍ଶ ଦେଇଥିଲେ। ବିଜିୟୁ କୁଳପତି ପ୍ରଫେସର କୂଳଭୁଷଣ ବାଲୁନି ଶିକ୍ଷାଗତ ଏବଂ ବୃତ୍ତିଗତ ଉତ୍କର୍ଷତା ପ୍ରତି ୟୁନିଭରସିଟିର ଅଟଳ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ସେ ଅତ୍ୟାଧୁନିକ ଭିତ୍ତିଭୂମି, ସ୍ମାର୍ଟ ଶ୍ରେଣୀ ଗୃହ, ଆଧୁନିକ ପାଠାଗାରା ଓ ସୁସଜ୍ଜିତ ଆବାସିକ ସୁବିଧା ଉପରେ ଆଲୋକପାତ କରିଥିଲେ। ଡଃ ସ୍ନିଗ୍ଧା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ବିଜିୟୁର ପ୍ରତିବଦ୍ଧତାର ପ୍ରତୀକ ଭାବେ ବୃକ୍ଷରୋପଣ ଅଭିଯାନ ସହିତ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ଆସନ୍ତା ୨୩ ତାରିଖରୁ ନୂତନ ବ୍ୟାଚ୍ ଏମ୍ବିଏ ଛାତ୍ରଛାତ୍ରୀଙ୍କ ପାଠ୍ୟକ୍ରମ ଆରମ୍ଭ ହେବ।

## ବ୍ରିକ୍ସ ସମ୍ମିଳନୀରେ ଭାରତକୁ ସମର୍ଥନ

# ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ନେଇ ସହମତି



ନୂଆଦିଲ୍ଲୀ: ବ୍ରାଜିଲରେ ଅନୁଷ୍ଠିତ ସପ୍ତଦଶ ବ୍ରିକ୍ସ ଶିଖର ସମ୍ମିଳନୀରେ ଜାତିସଂଘ ସୁରକ୍ଷା ପରିଷଦରେ ସଂସ୍କାର ଆଣିବା ପାଇଁ ଦାବି କରାଯାଇଛି । ଏହି ପରିଷଦରେ ଭାରତ ଓ ବ୍ରାଜିଲକୁ ସ୍ଥାୟୀ ସଦସ୍ୟ ଭାବେ ସାମିଲ କରିବା ପାଇଁ ଦୃଢ ମତ ପ୍ରକାଶ ପାଇଛ । ଏକ ମିଳିତ ଘୋଷଣାନାମାରେ ବ୍ରିକ୍ସ ନେତୃବୃନ୍ଦ ଜାତିସଂଘ, ବିଶେଷକରି ସୁରକ୍ଷା ପରିଷଦରେ ବ୍ୟାପକ ସଂସ୍କାର ପାଇଁ କହିଛନ୍ତ । ଏହାକୁ ଅଧିକ ଗଣତାନ୍ତ୍ରିକ, ପ୍ରତିନିଧିମୂଳକ, ପ୍ରଭାବୀ ଓ ସୁଦକ୍ଷ କରିବା ପାଇଁ ଉଲ୍ଲେଖ କରାଯାଇଛ । ସୁରକ୍ଷା ପରିଷଦରେ ବିକାଶଶୀଳ ଦେଶଗୁଡ଼ିକର ଅଧିକ ପ୍ରତିନିଧିତ୍ୱ ଦାବି କରାଯାଇଛି । ଏଥିରେ ଆଫ୍ରିକା, ଏସିଆ ଏବଂ ଲାଟିନ ଆମେରିକାର ଉଦୀୟମାନ ଅର୍ଥନୀତିଗୁଡ଼ିକୁ ସାମିଲ କରାଗଲେ ବର୍ତ୍ତମାନର ଭୌଗୋଳିକ ରାଜନୈତିକ ବାସ୍ତବତା ପ୍ରତିଫଳିତ ହେବ ବୋଲି କୁହାଯାଇଛି । ବ୍ରିକ୍ସ ଦେଶଗୁଡ଼ିକ ଭାରତର ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ଦୃଢ ନିନ୍ଦା କରିଛନ୍ତି । ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳ ନୀତି ଆପଣାଇବା ଉପରେ ଘୋଷଣାନାମାରେ ଗୁରୁତ୍ୱାରୋପ କରାଯାଇଛି । ଏଥିସହିତ ଆତଙ୍କବାଦର ମୁକାବିଲା ପାଇଁ ଗ୍ରହଣ କରାଯାଉଥିବା ଦୋମୁହାଁ ନୀତିକୁ ପ୍ରତ୍ୟାଖ୍ୟାନ କରାଯାଇଛି ।

ଆତଙ୍କବାଦଜନିତ ବିପଦର ମୁକାବିଲା କରିବା ପ୍ରତ୍ୟେକ ଦେଶର ମୌଳିକ ଦାୟିତ୍ୱ ଏବଂ ଅନ୍ତର୍ଜାତୀୟ ନିୟମ ଅନୁସାରେ ପ୍ରତ୍ୟେକ ଦେଶ ସେମାନଙ୍କ ଦାୟିତ୍ୱ ନିଭାଇବା ଉଚିତ । ବାଣିଜ୍ୟ କ୍ଷେତ୍ରରେ ଏକପାଖିଆ ଶୁଳ୍କ ଏବଂ ଅଣଶୁଳ୍କ ପ୍ରତିବନ୍ଧକ ପ୍ରସଙ୍ଗକୁ ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଛି । ଏହାଦ୍ୱାରା ବ୍ରିକ୍ସ ନେତୃବୃନ୍ଦ ଆମେରିକାର ବାଣିଜ୍ୟ ନୀତିକୁ ସମାଲୋଚନା କରିଥିବା କୁହାଯାଉଛି । ଏଭଳି ନୀତି ବିଶ୍ୱର ବାଣିଜ୍ୟ ଓ ସ୍ଥିରତା ପ୍ରତି ବିପଦ ସୃଷ୍ଟି କରୁଛି । ଏଥିସହିତ ବିଶ୍ୱରେ ବର୍ତ୍ତମାନ ଚାଲିଥିବା ସଂଘର୍ଷକୁ ନେଇ ଉଦବେଗ ପ୍ରକାଶ ପାଇଛି । ପାଲେଷ୍ଟାଇନରେ ଦେଖାଦେଇଥିବା ସମସ୍ୟା ଅନ୍ତର୍ଜାତୀୟ ଆଇନ ଅନୁସାରେ ସମାଧାନ ପାଇଁ ଘୋଷଣାନାମାରେ କୁହାଯାଇଛି ।

ବୈଠକରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆଗାମୀ ଦିନରେ ଭାରତର ସଭାପତିତ୍ୱ କାଳରେ ବ୍ରିକ୍ସର ପୁନଃସଂଜ୍ଞା ନିର୍ଦ୍ଧାରଣ ହେବ । ସହଯୋଗିତା ଏବଂ ନିରନ୍ତରତା କ୍ଷେତ୍ରରେ ନୂତନତ୍ୱ ଆସିବ । ଏଥିସହିତ କୌଣସି ଦେଶ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଖଣିଜ ସାମଗ୍ରୀ ଓ ପ୍ରଯୁକ୍ତିକୁ ନିଜର ସ୍ୱାର୍ଥ ପାଇଁ ଅସ୍ତ୍ର ଭାବେ ବ୍ୟବହାର କରିବା ଉଚିତ ନୁହେଁ । ଏହାର ଯୋଗାଣ ଯେଭଳି ନିରନ୍ତର ରହିବ ସେ ନେଇ ବ୍ରିକ୍ସ ଦେଶଗୁଡ଼ିକ ମିଳିତଭାବେ କାର୍ଯ୍ୟ କରିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତ । ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀ ଆୟୋଜନ ଭାରତରେ କରିବା ପାଇଁ ସଦସ୍ୟ ଦେଶଗୁଡ଼ିକର ନେତୃବୃନ୍ଦ ସମର୍ଥନ କରିଛନ୍ତି । ଭାରତର ସଭାପତିତ୍ୱରେ ୨୦୨୬ରେ ଏହି ସମ୍ମିଳନୀ ହେବ ।

## ଶେଷ ସପ୍ତାହରେ ପାଦ ଦେଲେ ଶୁଭାଂଶୁ

ନୂଆଦିଲ୍ଲୀ: ସ୍ପେସ୍ ଏକ୍ସର ଆକ୍ସିୟମ ମିଶନ-୪ର ସଫଳ ଉତକ୍ଷେପଣ ପରେ ମହାକାଶ ଯାଇଛନ୍ତି ଶୁଭାଂଶୁ ଶୁକ୍ଳା । ଏବେ ମହାକାଶରେ ସେ ନିଜର ଶେଷ ସପ୍ତାହରେ ପାଦ ଥାପିଛନ୍ତି । ଆଜି ସେ ଦେଶ ସହ ଯୋଗାଯୋଗ କରିବେ ବୋଲି ସୂଚନା ରହିଛି । ଏବେ ମହାକାଶଚାରୀମାନେ ଏକ ବିରାଟ ବୈଜ୍ଞାନିକ ପରୀକ୍ଷଣ ପାଇଁ ପ୍ରସ୍ତୁତ ହେଉଛନ୍ତି ।



ଗ୍ରୁପ୍ କ୍ୟାପେଟନ୍ ଶୁଭାଂଶୁ ଶୁକ୍ଳା ମଙ୍ଗଳବାର ଦିନ ୨.୦୮ ରେ ତାଙ୍କ କକ୍ଷପଥ ପୋଷ୍ଟରୁ ଇସ୍ରୋର ଉତ୍ତର ପୂର୍ବ ମହାକାଶ ପ୍ରୟୋଗ କେନ୍ଦ୍ର (ଏନ୍ଇଏସ୍ଏସି) ସହିତ ଯୋଗାଯୋଗ କରିବେ ଏବଂ ଛାତ୍ରମାନଙ୍କ ସହିତ ଆଲୋଚନା କରିବେ । ୪୧ ବର୍ଷ ପରେ ୨ୟ ଭାରତୀୟ ଭାବେ ମହାକାଶକୁ ଯାଇଛନ୍ତି ଶୁଭାଂଶୁ । ତେବେ ସଫଳ ଉତକ୍ଷେପଣ ପରେ ଯାତ୍ରା ମଝିରୁ ମଝିରୁ ଭାରତ ପାଇଁ ବାର୍ତ୍ତା ଦେଉଛନ୍ତି ଶୁଭାଂଶୁ । ପୂର୍ବରୁ ଭାରତୀୟଙ୍କୁ ନମସ୍କାର କହି ବାର୍ତ୍ତା ଦେଇଛନ୍ତି ସେଛ ଆକ୍ସିଅମ ୪, ନାସା ଓ ସ୍ପେସ୍ଏକ୍ସର ମିଳିତ ମିଶନ । ପୂର୍ବରୁ ୫ ଥର ମିଶନ ବାତିଲ କରାଯାଇଥିଲା । କେବେ ଯାନ୍ତ୍ରିକ ତ୍ରୁଟି ତ ପୁଣି କେବେ ଖରାପ ପାଣିପାଗ ପାଇଁ ମିଶନ ପୂର୍ବରୁ ବାତିଲ କରାଯାଇଥିଲା । ଭାରତୀୟ ବାୟୁସେନା ଗ୍ରୁପ୍ କ୍ୟାପେଟନ୍ ଶୁଭାଂଶୁ ଶୁକ୍ଳା ଏହି ଐତିହାସିକ ଯାତ୍ରାରେ ସାମିଲ ହୋଇ ପ୍ରଥମ ଥର ପାଇଁ ମହାକାଶକୁ ଯାଇଛନ୍ତି । ଏହାସହ ଦ୍ୱିତୀୟ ଭାରତୀୟ ଭାବେ ରେକର୍ଡ ସୃଷ୍ଟି କରିଛନ୍ତି ଶୁଭାଂଶୁ । ପୂର୍ବରୁ ରାକେଶ ଶର୍ମା ୧୯୮୪ରେ ମହାକାଶ ଯାଇଥିଲେ ।

# ଟ୍ରମ୍ପଙ୍କୁ ମିଳୁ ନୋବେଲ ଶାନ୍ତି : ନେତାନ୍ୟାହୁ



ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରିଛନ୍ତି । ଏକଥା ସେ ସୋମବାର ଟ୍ରମ୍ପଙ୍କୁ ଅବଗତ ମଧ୍ୟ କରିଛନ୍ତି । ଏଥିସହ ହ୍ୱାଇଟ ହାଉସରେ ଚାଲିଥିବା ଇସ୍ରାଏଲ ଓ ଆମେରିକାର ବୈଠକରେ ନେତାନ୍ୟାହୁ ମନୋନୀତ କରାଯାଇଥିବା ଗୋଟିଏ ଚିଠିକୁ ଟ୍ରମ୍ପଙ୍କୁ ହସ୍ତାନ୍ତର କରିଛନ୍ତି । ବୈଠକ ବେଳେ ନେତାନ୍ୟାହୁ କହିଛନ୍ତି, ମୁଁ ଆପଣଙ୍କୁ କିଛି ଦେବାକୁ ଚାହୁଁଛି ମିଷ୍ଟର ପ୍ରେସିଡେଣ୍ଟ । ନୋବେଲ ପୁରସ୍କାର କମିଟିକୁ ମୁଁ ପଠାଇଥିବା ଚିଠି ଆପଣଙ୍କୁ ଦେଉଛି । ଆପଣଙ୍କୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରାଯାଇଛି । ଏଇଟା ସେହି ଚିଠି । ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଆପଣ ହକଦାର ଓ ଆପଣ ଏହା ନିଶ୍ଚିତ ପାଇବେ । ଏକଥା କହିବା ପରେ ନେତାନ୍ୟାହୁ ମନୋନୀତ ପତ୍ରକୁ ଟ୍ରମ୍ପଙ୍କୁ ହସ୍ତାନ୍ତର କରିଛନ୍ତି । ଟ୍ରମ୍ପ ନିଜକୁ ଶାନ୍ତିର ଦୂତ ବୋଲି ପୂର୍ବରୁ କହି ବୁଲୁଥିବା ବେଳେ ନେତାନ୍ୟାହୁଙ୍କ ବୟାନ ପରେ ସେ ଆହୁରି ଉତ୍ସାହିତ ହୋଇପଡ଼ିଛନ୍ତି । ପ୍ରଥମେ ସେ ନେତାନ୍ୟାହୁଙ୍କ ଚିଠି ଦେଖି ଚକିତ ହୋଇଯାଇଥିଲେଛ କିନ୍ତୁ ଏହାପରେ ସେ କହିଛନ୍ତି, ଆପଣଙ୍କ ଠାରୁ ଏହା ଆସିବା ବହୁତ ଗୁରୁତ୍ୱ ବହନ କରେ । ବହୁତ ବହୁତ ଧନ୍ୟବାଦ । ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ନିଜ ଟିମ ସହ ହ୍ୱାଇଟ ହାଉସକୁ ଡିନର କରିବାକୁ ଆସିଥିଲେ । ଚଳିତ ବର୍ଷ ନେତାନ୍ୟାହୁ ଓ ଟ୍ରମ୍ପଙ୍କ ମଧ୍ୟରେ ଏହା ତୃତୀୟ ବୈଠକ ।

# ପହଲଗାମ ଆକ୍ରମଣକୁ ନିନ୍ଦା

ନୂଆଦିଲ୍ଲୀ : ବ୍ରାଜିଲରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀରେ ଭାରତକୁ ବଡ଼ କୂଟନୈତିକ ସଫଳତା ମିଳିଛି । ବ୍ରିକ୍ସ ପକ୍ଷରୁ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ କଠୋର ଭାଷାରେ ନିନ୍ଦା କରାଯାଇଛି । ଏହା ସହିତ ଜାତିସଂଘ ନିରାପତ୍ତା ପରିଷଦର ସଂସ୍କାର ଓ ସେଥିରେ ଭାରତର ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ବ୍ରିକ୍ସ ପକ୍ଷରୁ ସମର୍ଥନ କରାଯାଇଛି ।

ବ୍ରିକ୍ସ ପକ୍ଷରୁ ଜାରି ମିଳିତ ଘୋଷାଣାନାମାର ପାରା ୩୪ରେ କୁହାଯାଇଛି, ଆମେ ୨୨ ଏପ୍ରିଲ ୨୦୨୫ରେ ଜମ୍ମୁ ଓ କଶ୍ମୀରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ, ଯେଉଁଥିରେ ୨୬ ଜଣ ଲୋକ ପ୍ରାଣ ହରାଇଥିଲେ, କଠୋର ଭାଷାରେ ନିନ୍ଦା କରୁଛୁ । ଆମେ ଆତଙ୍କବାଦର ସବୁପ୍ରକାର ରୂପ ଓ ପ୍ରକାରର ମୁକାବିଲା ଲାଗି ଆମର ପ୍ରତିବଦ୍ଧତାକୁ ଦୋହରାଉଛୁ, ଯେଉଁଥିରେ ଅନ୍ତର୍ଭୁକ୍ତ ରହିଛି ସୀମାପାର ଆତଙ୍କବାଦ, ଆତଙ୍କବାଦୀଙ୍କୁ ପାଣିଯୋଗାଣ ଓ ଆତଙ୍କବାଦୀଙ୍କୁ ନିରାପଦ ଆଶ୍ରୟସ୍ଥଳ ଯୋଗାଇବା । ଆମେ ମଧ୍ୟ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ନିଶ୍ଚିତ କରିବାକୁ ଦାବି କରୁଛୁ ଓ ଆତଙ୍କବାଦର ମୁକାବିଲା ଦିଗରେ ଦୋମୁହାଁ ନୀତିକୁ ଖାରଜ କରୁଛୁ ।

ଏଥିରେ ଆହୁରି ମଧ୍ୟ କୁହାଯାଇଛି ଯେ ଜାତିସଂଘ ଫ୍ରେମୱର୍କ ଅଧିନରେ ଅନ୍ତର୍ଜାତୀୟ ଆତଙ୍କବାଦ ସଂପର୍କିତ ବ୍ୟାପକ ସନନ୍ଦକୁ ଶୀଘ୍ର ଚୂଡ଼ାନ୍ତ ଏବଂ କାର୍ଯ୍ୟକାରୀ କରିବା ପାଇଁ ସଂଗଠନ ଆହ୍ୱାନ କରୁଛି । ଏହା ସହିତ ଜାତିସଂଘ ଦ୍ୱାରା ଘୋଷିତ ସମସ୍ତ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ରିକ୍ସ ଆହ୍ୱାନ ଜଣାଇଛି ।

ଅନ୍ୟ ପକ୍ଷରେ ବ୍ରିକ୍ସ ଜାତିସଂଘ ନିରାପତ୍ତା ପରିଷଦର ସଂସ୍କାର ପାଇଁ ଦୃଢ଼ ଦାବି ଜଣାଇଛି । ବ୍ରିକ୍ସ ମିଳିତ ଘୋଷଣାନାମାର ପାରା ୬ରେ କୁହାଯାଇଛି ଯେ ଜାତିସଂଘ ନିରାପତ୍ତା ପରିଷଦର ସଂସ୍କାରକୁ ସଂଗଠନ ସମର୍ଥନ କରୁଛି, ଯେପରିକି ଏହା ଅଧିକ ଗଣତାନ୍ତ୍ରିକ, ପ୍ରତିନିଧିମୂଳକ, ପ୍ରଭାବୀ ଓ ଦକ୍ଷ ହୋଇପାରିବ । ଆହୁରି ମଧ୍ୟ ଏଥିରେ ଯେପରି ବିକାଶଶୀଳ ଦେଶମାନଙ୍କ ଅଧିକ ପ୍ରତିନିଧିତ୍ୱ ରହିପାରିବ ଯେପରିକି ତାହା ବର୍ତ୍ତମାନର ବୈଶ୍ୱିକ ଆହ୍ୱାନର ମୁକାବିଲା କରିପାରିବ ଓ ବ୍ରିକ୍ସ ଦେଶମାନଙ୍କ ସମେତ ଆଫ୍ରିକା, ଏସିଆ ଓ ଲାଟିନ ଆମେରିକାର ଦେଶମାନଙ୍କର ନ୍ୟାୟୋଚିତ ଆକାଂକ୍ଷାକୁ ପୂରଣ କରିପାରିବ ।

ବ୍ରିକ୍ସ ଗୁରୁତ୍ୱଆରୋପ କରିଛି ଯେ ଜାତିସଂଘ ନିରାପତ୍ତା ପରିଷଦର ସଂସ୍କାର ବିଶ୍ୱ ଦକ୍ଷିଣର ସ୍ୱରକୁ ମଜବୁତ କରିବ । ଏହା ସହିତ ନିରାପତ୍ତା ପରିଷଦ ସମେତ ସମଗ୍ର ଜାତିସଂଘରେ ଭାରତ ଓ ବ୍ରାଜିଲର ଅଧିକ ଭୂମିକା ନିର୍ବାହକୁ ସଂଗଠନ ସମର୍ଥନ ଜଣାଇଛି ।

## କଳା ସେତୁ ଭାରତ ପାଇଁ ରିୟଲ ଟାଇମ୍ ଭାଷା ଟେକ୍ନୋଲୋଜି

ନୂଆଦିଲ୍ଲୀ : ଭାରତ ତାର ଡିଜିଟାଲ ପ୍ରଶାସନ ଯାତ୍ରାକୁ ତ୍ୱରାନ୍ୱିତ କରୁଥିବାବେଳେ, ନାଗରିକମାନଙ୍କ ସହିତ ସେମାନଙ୍କର ନିଜ ଭାଷାରେ ତୁରନ୍ତ ଏବଂ ପ୍ରଭାବଶାଳୀ ଭାବେ ଯୋଗାଯୋଗ କରିବାର କ୍ଷମତା ଏବେ ପୂର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ପାରମ୍ପରିକ ବିଷୟବସ୍ତୁ ବା କଣ୍ଟେଣ୍ଟ ସୃଷ୍ଟି ପଦ୍ଧତି ଆଜି ସାର୍ବଜନୀନ ପ୍ରଚାର ପାଇଁ ଆବଶ୍ୟକ ବିଶାଳତା, ଗତି ଏବଂ ବିବିଧତା ସହିତ ତାଳ ଦେବାରେ ସକ୍ଷମ ହୋଇପାରୁନି । ଭାରତ ସରକାରଙ୍କର ସମାବେଶୀ, ପ୍ରଯୁକ୍ତିଗତ ଯୋଗାଯୋଗ ପ୍ରତି ପ୍ରତିବଦ୍ଧତା ଅନୁଯାୟୀ, ଭାଷାଗତ ବିଭେଦକୁ ଦୂର କରିବା ଏବଂ ଦେଶରେ ଶେଷ ମାଇଲ ପର୍ଯ୍ୟନ୍ତ ସୂଚନା ପହଞ୍ଚାଇବା ପାଇଁ ଏଆଇ-ଆଧାରିତ ସମାଧାନକୁ ଗ୍ରହଣ କରିବା ପାଇଁ ଏକ ଦୃପ୍ରୟାସ ଚାଲିଛି ।

ଭାରତ ପାଇଁ ରିଅଲ-ଟାଇମ ଭାଷା ଟେକ୍ନୋଲୋଜି : ସମାବେଶୀ ଯୋଗାଯୋଗ ପାଇଁ ଏଆଇ ଶକ୍ତିର ଉପଯୋଗ କରିବା ପାଇଁ ଏକ ରଣନୀତିକ ପ୍ରୟାସ ସ୍ୱରୂପ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ତାଙ୍କର ୱେଭଏକ୍ସ ଷ୍ଟାର୍ଟଅପ ଆକ୍ସେଲରେଟର ପ୍ଲାଟଫର୍ମ ମାଧ୍ୟମରେ କଳା ସେତୁ - ଭାରତ ପାଇଁ ରିଅଲ-ଟାଇମ ଭାଷା ଟେକ୍ନୋଲୋଜି ଚ୍ୟାଲେଞ୍ଜ ଆରମ୍ଭ କରିଛି । ଏହି ଜାତୀୟ ପଦକ୍ଷେପ ଭାରତର ଶୀର୍ଷ ଏଆଇ ଷ୍ଟାର୍ଟଅପମାନଙ୍କୁ ଟେକ୍ସଟୁଆଲ ଇନପୁଟରୁ ଅଡିଓ, ଭିଡିଓ ଏବଂ ଗ୍ରାଫିକ କଣ୍ଟେଣ୍ଟର ସ୍ୱୟଂଚାଳିତ ସୃଜନ ପାଇଁ ଦେଶୀୟ ଓ ବିସ୍ତାରଶୀଳ ସମାଧାନ ବିକାଶ କରିବାକୁ ଆହ୍ୱାନ ଜଣାଇଛି, ଯାହା ଏକାଧିକ ଭାରତୀୟ ଭାଷାକୁ ସମର୍ଥନ କରୁଥିବ । ଏହି ଚ୍ୟାଲେଞ୍ଜ ସ୍କେଲେବଲ୍ ସମାଧାନ ଉପରେ ଧ୍ୟାନ କେନ୍ଦ୍ରିତ କରେ ଯାହା ଏଆଇ -ଆଧାରିତ କଣ୍ଟେଣ୍ଟ ଉତ୍ପାଦନର ତିନୋଟି ପ୍ରମୁଖ କ୍ଷେତ୍ରକୁ ସମର୍ଥନ କରେ । ପ୍ରଥମତଃ, ଟେକ୍ସଟ-ଟୁ-ଭିଡିଓ ଉତ୍ପାଦନ, ଯାହା ଟେକ୍ସଟରୁ ଭିଡିଓ କଣ୍ଟେଣ୍ଟର ସ୍ୱୟଂଚାଳିତ ସୃଷ୍ଟି ପାଇଁ ଅନୁମତି ଦିଏ, ପରିବେଶ, ସ୍ୱର ଏବଂ କଣ୍ଟେଣ୍ଟକୁ ବିଭିନ୍ନ ଯୋଗାଯୋଗ ଆବଶ୍ୟକତା ଅନୁଯାୟୀ କଷ୍ଟମାଇଜ୍ କରିବାର କ୍ଷମତା ସହିତ । ଦ୍ୱିତୀୟତଃ, ଟେକ୍ସଟ-ଟୁ-ଗ୍ରାଫିକ୍ସ ଜେନେରେସନ୍, ଯାହା ଡାଟା-ଚାଳିତ ଇନଫୋଗ୍ରାଫିକ୍ସ ଏବଂ ଚିତ୍ରଣାତ୍ମକ ଭିଜୁଆଲ୍ ଉତ୍ପାଦନକୁ ସକ୍ଷମ କରେ ଯାହା ଜଟିଳ ସୂଚନାକୁ ବୁଝିବାକୁ ସହଜ ଏବଂ ଦୃଶ୍ୟମାନ ଭାବରେ ଆକର୍ଷଣୀୟ କରିଥାଏ ।

# ଗୋପାଲ ଖେମକାଙ୍କ ହତ୍ୟା ଅଭିଯୁକ୍ତ ପୁଲିସ ଗୁଳିରେ ନିହତ

ପାଟଣା : ବିହାରର ପ୍ରସିଦ୍ଧ ବ୍ୟବସାୟୀ ଗୋପାଲ ଖେମକାଙ୍କ ହତ୍ୟାକାଣ୍ଡର ଜଣେ ପ୍ରମୁଖ ଅଭିଯୁକ୍ତ ପୁଲିସ୍ ଗୁଳିରେ ପ୍ରାଣ ହରାଇଛି । ମଙ୍ଗଳବାର ଭୋର ସମୟରେ ଅଭିଯୁକ୍ତକୁ ଧରିବା ପାଇଁ ମଲ ସଲାମି ଅଞ୍ଚଳରେ ପୁଲିସ୍ ରେଡ କରିଥିଲାଛ । ହେଲେ ପୁଲିସକୁ ଦେଖି ଅଭିଯୁକ୍ତ ଜଣକ ଗୁଳି ମାଡ଼ କରିବା ସହ ଖସି ଯିବାକୁ ଚେଷ୍ଟା କରିଥିଲା । ପୁଲିସ୍ରେ ପାଲଟା ଗୁଳି ମାଡ଼ରେ ଅଭିଯୁକ୍ତ ରାଜା ପ୍ରାଣ ହରାଇଛି । ପୁଲିସ୍ର କହିବା କଥା ଯେ ଗୋପାଲ ଖେମକାଙ୍କ ହତ୍ୟାରେ ବ୍ୟବହୃତ ହୋଇଥିବା ବନ୍ଧୁକ ରାଜା ସପ୍ଲାଏ କରିଥିଲାଛ ସେ ଶୁଟର ଉମେଶର ଘନିଷ୍ଠ ସହଯୋଗୀଛ ଉମେଶ ହେଉଛି ଗୋପାଲ ଖେମକା ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ । ସୋମବାର ପୁଲିସ୍ ଉମେଶକୁ ପାଟନାରୁ ଗିରଫ କରିଥିଲା । ମଙ୍ଗଳବାର ରାଜାର ଉପସ୍ଥିତି ସମ୍ପର୍କରେ ଖବର ପାଇ ପୁଲିସ୍ ପକ୍ଷରୁ ରେଡ କରାଯାଇଥିଲା । ଏତିକି ବେଳେ ସେ ପୁଲିସ୍ ଉପରକୁ ଗୁଳି ଚଳାଇବାରୁ ଏହାର ପାଲଟା ଜବାବରେ ତା'ର ମୃତ୍ୟୁ ହୋଇଛି । ପୁଲିସ ତା' ନିକଟରୁ ଗୋଟିଏ ପିସ୍ତଲ, ଜୀବନ୍ତ ଗୁଳି ଓ ଏନକାଉଣ୍ଟର ସ୍ଥଳରୁ ବ୍ୟବହୃତ ଗୁଳିର ଖୋକା ଜବତ କରିଛି । ରାଜାର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠା ଯାଇଛି । ବିହାର ପୁଲିସ୍ ଜାରି କରିଥିବା ବିବୃତିରେ କହିଛି, ୱାଣ୍ଟେଡ ଅପରାଧୀ ବିକାଶ ଓରଫ ରାଜା ଭୋର ୨.୪୫ରେ ଦମାଇୟା ଠାରେ ହୋଇଥିବା ଏନକାଉଣ୍ଟରରେ ପ୍ରାଣ ହରାଇଛି । ଗୋଟିଏ ପିସ୍ତଲ, ଗୋଟିଏ ବୁଲେଟ ଓ ଗୋଟିଏ କାର୍ଟ୍ରିଜ ଏନକାଉଣ୍ଟର ସ୍ଥଳରୁ ଜବତ ହୋଇଛି । ପାଟନା ସ୍ଥିତ ନାଳନ୍ଦା ମେଡିକାଲ କଲେଜକୁ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଏନକାଉଣ୍ଟରର ଗୋଟିଏ ଦିନ ପୂର୍ବରୁ ପୁଲିସ୍ ଗୋପାଲ ଖେମକା ହତ୍ୟାକାଣ୍ଡ ଘଟଣାରେ ୫ ଜଣଙ୍କୁ ଗିରଫ କରିଥିଲା । ଏମାନଙ୍କ ମଧ୍ୟରେ ଉମେଶ ଥିବା ମଧ୍ୟ କୁହାଯାଉଛି । ହେଲେ ପୁଲିସ୍ ଏଯାଏ ବିଧିବଦ୍ଧ ଭାବେ ଗିରଫଦାରୀ ସମ୍ପର୍କରେ ସୂଚନା ଦେଇନାହିଁ । ଜୁଲାଇ ୪ ତାରିଖ ଦିନ ରାତିରେ ଖେମକାଙ୍କୁ ଗାନ୍ଧି ମୈଦାନ ସ୍ଥିତ ଘର ସାମ୍ନାରେ ହିଁ ଗୁଳି କରି ହତ୍ୟା କରାଯାଇଥିଲା । ବେଶ ଯୋଜନାବଦ୍ଧ ଭାବେ ତାଙ୍କୁ ହତ୍ୟା କରାଯାଇଥିବା ପୁଲିସ୍ ଜାଣିବାକୁ ପାଇଛି ।

## କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପିତୃ ବିୟୋଗ

ନୂଆଦିଲ୍ଲୀ: କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପିତା ଦାଉଲାଲ ବୈଷ୍ଣବ ମଙ୍ଗଳବାର (ଜୁଲାଇ ୦୮, ୨୦୨୫) ସକାଳେ ଏମ୍ସ ହସ୍ପିଟାଲରେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି । ଦୀର୍ଘ ଦିନ ଧରି ଶ୍ୱାସକ୍ରିୟା ସମସ୍ୟା ଯୋଗୁଁ ତାଙ୍କୁ ଯୋଧପୁର ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଗତ କିଛି ଦିନ ଧରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା । ଯୋଧପୁର ଏମ୍ସ ଆଜି ଏକ ମେଡିକାଲ ବୁଲେଟିନ୍ ଜାରି କରି କହିଛି ଯେ ସେ ସକାଳ ୧୧:୫୨ ରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ରେଳମନ୍ତ୍ରୀଙ୍କ ପିତା ଦାଉଲାଲ ବୈଷ୍ଣବ ମୂଳତଃ ପାଲି ଜିଲ୍ଲାର ଜୀବନ୍ତ କଲା ଗ୍ରାମର ବାସିନ୍ଦା ଥିଲେ । ସେ ତାଙ୍କ ପରିବାର ସହିତ ଯୋଧପୁରରେ ବାସ କରୁଥିଲେ । ଦାଉଲାଲ ତାଙ୍କ ଗ୍ରାମର ସରପଞ୍ଚ ମଧ୍ୟ ଥିଲେ ଏବଂ ସାମାଜିକ କାର୍ଯ୍ୟରେ ସକ୍ରିୟ ଭୂମିକା ଗ୍ରହଣ କରିଆସୁଥିଲେ । ସେ ଦୀର୍ଘ ସମୟ ଧରି ଯୋଧପୁରରେ ଜଣେ ଓକିଲ ଏବଂ ଟିକସ ପରାମର୍ଶଦାତା ଭାବରେ କାର୍ଯ୍ୟ କରିଛନ୍ତି ।

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ସକାଳ ୧୦ ଟାରେ ଯୋଧପୁରରେ ପହଞ୍ଚିଥିଲେ । ସେ ବିମାନବନ୍ଦରରୁ ସିଧାସଳଖ ଏମ୍ସରେ ପହଞ୍ଚିଥିଲେ ପ୍ରାପ୍ତ ସୂଚନା ଅନୁଯାୟୀ, କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପିତା ଦାଉଲାଲ ବୈଷ୍ଣବଙ୍କ ଶେଷକୃତ୍ୟ ଆଜି ଯୋଧପୁରରେ କରାଯିବ । ଏଥିପାଇଁ ପରିବାର ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ।

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପିତାଙ୍କ ଦେହାନ୍ତରେ ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ୍ କରି କହିଛନ୍ତି, ମାନନୀୟ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପିତା ଦାଉଲାଲ ବୈଷ୍ଣବ ଜୀଙ୍କ ଦେହାନ୍ତ ଖବର ଅତ୍ୟନ୍ତ ଦୁଃଖଦ । ଶୋକସନ୍ତପ୍ତ ପରିବାରକୁ ମୋର ସମବେଦନା । ଈଶ୍ୱର ମହାନ ଆତ୍ମାକୁ ତାଙ୍କ ଚରଣ କମଳରେ ସ୍ଥାନ ଦିଅନ୍ତୁ ଏବଂ ପରିବାରକୁ ଶକ୍ତି ଦିଅନ୍ତୁ ।

# ପୁଲୱାମା ଆତଙ୍କବାଦୀ ଆମାଜନରୁ କିଣିଥିଲେ ବିସ୍ଫୋରକ

ନୂଆଦିଲ୍ଲୀ: ଆତଙ୍କବାଦ ପାଣିଯୋଗାଣ ଉପରେ ନଜର ରଖୁଥିବା ସଂସ୍ଥା ଏଫଏଟିଏଫ ଦାବି କରିଛି ଯେ ଫେବୃଆରୀ ୨୦୧୯ ହୋଇଥିବା ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣରେ ବ୍ୟବହୃତ ବିସ୍ଫୋରକଗୁଡ଼ିକ ଆମାଜନରୁ କିଣାଯାଇଥିଲା । ଏଫଏଟିଏଫ ପକ୍ଷରୁ ଜାରି ଏକ ରିପୋର୍ଟରେ କୁହାଯାଇଛି ଯେ ବିସ୍ଫୋରକର ପ୍ରଭାବ ବୃଦ୍ଧିରେ ଲାଗୁଥିବା ଆଲୁମିନିୟମ ପାଉଡର ଆମାଜନରୁ ଖରିଦ କରି ଆତଙ୍କବାଦୀମାନେ ବ୍ୟବହାର କରିଥିଲେ । ସେହିପରି ୨୦୨୨ ମସିହାରେ ଗୋରଖନାଥ ମନ୍ଦିର ଉପରେ ଆକ୍ରମଣ କରିଥିବା ଆତଙ୍କବାଦୀମାନଙ୍କୁ ପେପାଲ୍ ମାଧ୍ୟମରେ ଟଙ୍କା ଦିଆଯାଇଥିଲା । ସେହପରି ଗତ ଏପ୍ରିଲ ମାସରେ ହୋଇଥିବା ପହଲଗାମ ଆକ୍ରମଣ ଉପରେ ଏଫଏଟିଏଫ କହିଥିଲା ଯେ ପାଣିଯୋଗାଣ ବିନା ଏପରି ଆକ୍ରମଣ ସମ୍ଭବ ନୁହେଁ । ଏଫଏଟିଏଫ ରିପୋର୍ଟରେ କୁହାଯାଇଛି ଯେ ଆତଙ୍କବାଦୀମାନେ ଅନଲାଇନ ମାର୍କେଟପ୍ଲେସ ( ଆମାଜନ, ଫ୍ଲିପକାର୍ଟ ଆଦି)ରୁ ବିଭିନ୍ନ ସାମଗ୍ରୀ କିଣି ସେଗୁଡ଼ିକୁ ବିସ୍ଫୋରକ ତିଆରି କାମରେ ଲଗାଉଛନ୍ତି । ଆପଣଙ୍କୁ କହିରଖୁଛୁ ଯେ ଫେବୃଆରୀ ୨୦୧୯ ରେ ଜମ୍ମୁ ଏବଂ କାଶ୍ମୀରର ପୁଲୱା ମାରେ ଭାରତୀୟ ସୁରକ୍ଷା ବାହିନୀର ଏକ କାଫଲାକୁ ଟାର୍ଗେଟ କରି ଏକ ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା, ଯାହା ଫଳରେ ୪୦ ଜଣ ସୈନିକଙ୍କ ମୃତ୍ୟୁ ହୋଇଥିଲା । ଏହି ଆତଙ୍କବାଦୀ ଆକ୍ରମଣର ଷଡଯନ୍ତ୍ର ଜୈଶ-ଏ-ମହମ୍ମଦ (ଜେଆଇଏମ) ଦ୍ୱାରା କରାଯାଇଥିଲା ।

# ବାସଭବନ ଛାଡ଼ିବାକୁ ଅସହାୟ ଚନ୍ଦ୍ରଚୂଡ଼



ନୂଆଦିଲ୍ଲୀ : ପୂର୍ବତନ ପ୍ରଧାନ ବିଚାରପତି ଡି ଓ୍ୱାଇ ଚନ୍ଦ୍ରଚୂଡ଼ଙ୍କୁ ସରକାରୀ ବାସଭବନ ଛାଡ଼ିବା ପ୍ରସଙ୍ଗରେ ସୁପ୍ରିମକୋର୍ଟ ପ୍ରଶାସନ ପକ୍ଷରୁ କେନ୍ଦ୍ର ସରକାରଙ୍କ ପାଖକୁ ଚିଠି ଲେଖାଯିବାପରେ ଏବେ ସେ ଚର୍ଚ୍ଚାରେ । ଚନ୍ଦ୍ରଚୂଡ଼ ତାଙ୍କ ଅସହାୟତା ପ୍ରକାଶ କରିଛନ୍ତି । ଚନ୍ଦ୍ରଚୂଡ଼ କହିଛନ୍ତି ଯେ ତାଙ୍କ ୨ ଝିଅ ପ୍ରିୟଙ୍କା ଏବଂ ମାହିଙ୍କ ପାଇଁ ସେ ସରକାରୀ ବାସଭବନ ଛାଡ଼ି ପାରୁନାହାନ୍ତି । ୨ ଝିଅଙ୍କର ସ୍ୱାସ୍ଥ୍ୟାବସ୍ଥା ପାଇଁ ଚନ୍ଦ୍ରଚୂଡ଼ ତାଙ୍କ ବାସଭବନକୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ରୂପାନ୍ତରିତ କରିଛନ୍ତି । ପ୍ରିୟଙ୍କା ଏବଂ ମାହି ଏକ ବିରଳ ଜେନେଟିକ୍ ଡିଜଅର୍ଡର (ନେମାଲାଇନ୍ ମାୟୋପାଥି) ରେ ପୀଡ଼ିତ ଯାହା କଙ୍କାଳର ମାଂସପେଶୀକୁ ପ୍ରଭାବିତ କରେ । ଏହି ବିରଳ ରୋଗର ଚିକିତ୍ସା ଏବେ କେଉଁଠାରେ ବି ଉପଲବ୍ଧ ନାହିଁ । ଦୈନିକ ଏବଂ ସାପ୍ତାହିକ ଭାବେ ସେମାନଙ୍କ ପାଇଁ ଏକ ମଲଟି ଡିସିପ୍ଲିନାରି ଟିମ୍ କାମ କରୁଛନ୍ତି । ବାପା ମା' ଭାବେ ଆମେ ପିଲାମାନଙ୍କୁ ଛାଡ଼ି ଏକାଠି କୁଆଡ଼େ ଯାଉନା । ଆମେ ସେମାନଙ୍କ ଜୀବନକୁ ଅର୍ଥପୂର୍ଣ୍ଣ କରିବାପାଇଁ ପରିବେଶ ସୃଷ୍ଟି କରୁଛୁ । ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କର ମଧ୍ୟ ୨ ପୁଅ ଅଛନ୍ତି । ସେମାନେ ୨ ଜଣ ଆଇନଜୀବୀ । ପୂର୍ବତନ ପ୍ରଧାନ ବିଚାରପତି କହିଛନ୍ତି, ଯଥାସମ୍ଭବ ସେ ସରକାରୀ ବାସଭବନ ଛାଡ଼ି ଅନ୍ୟ ଏକ ଘରକୁ ଯିବାକୁ ଚେଷ୍ଟା କରିବେ । ସରକାର ତାଙ୍କୁ ଭଡ଼ାରେ ଅନ୍ୟ ଏକ ଅସ୍ଥାୟୀ ଘର ଦେଇଥିଲେ । କିନ୍ତୁ ଏହି ଘର ୨ ବର୍ଷ ହେବ ବ୍ୟବହାର ହୋଇନଥିଲା । ପିଲାମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଘର କାମ ଚାଲିଛି । ଖୁବ୍ଶୀଘ୍ର ଘର ପ୍ରସ୍ତୁତ ହୋଇଗଲେ ସେ ନିଜ ପିଲାମାନଙ୍କ ସହ ଉକ୍ତ ଘରକୁ ଚାଲିଯିବେ ବୋଲି କହିଛନ୍ତି ।

# ରାଷ୍ଟ୍ରପତିଙ୍କ ନାଁର ଭୁଲ ଉଚ୍ଚାରଣ କଲେ ଖଡଗେ

ନୂଆଦିଲ୍ଲୀ : ଛତିଶଗଡ଼ର ରାୟପୁରରେ ସାଇନ୍ସ ଗ୍ରାଉଣ୍ଡରେ ଏକ ସାଧାରଣ ସଭାକୁ ସମ୍ବୋଧିତ କଲା ବେଳେ ଖଡଗେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦହାରଣ ଦେବା ବେଳେ "ମୁର୍ମାଜୀ' ବୋଲି କହିଥିଲେ । ଅବଶ୍ୟ ସେ ତୁରନ୍ତ ତାଙ୍କ ତ୍ରୁଟି ସୁଧାରି ଦେଇଥିଲେଛ ତେବେ କିଛି ସେକେଣ୍ଡ ପରେ ସେ ପୁଣି ଏକ ଭୁଲ କରିଥିଲେ । ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଉଦାହରଣ ଦେବା ବେଳେ "କୋବିନ୍ଦ' ବଦଳରେ "କୋଭିଡ' କହିଥିବା ଶୁଣିବାକୁ ମିଳିଥିଲା ।



ଛତିଶଗଡ଼ର ଜଙ୍ଗଲଗୁଡ଼ିକରେ ବ୍ୟାପକମାତ୍ରାରେ ଗଛ କଟାଯାଉଥିବା ପ୍ରସଙ୍ଗରେ କହିବା ବେଳେ ସେ ଏହି ତ୍ରୁଟି କରିଥିଲେ । ଏହି ଅବସରରେ ସେ କହିଥିଲେ ଯେ ବିଜେପି ଓ ଏହାର ଶିଳ୍ପପତି ବନ୍ଧୁମାନେ ଜମି ହାତେଇବା ପାଇଁ ବ୍ୟାପକମାତ୍ରାରେ ଗଛ କାଟୁଛନ୍ତି । ଖଡଗେ କହିଥିଲେ, ଆମ ଜଳ, ଜଙ୍ଗଲ ଓ ଜମି ସୁରକ୍ଷିତ ରହିବା ଆବଶ୍ୟକଛ । ତେଣୁ ଆମକୁ ଏକାଠି ହେବାକୁ ପଡ଼ିବ । ସେମାନେ (ବିଜେପି) କହୁଛନ୍ତି ଯେ ସେମାନେ ମୁର୍ମାଜୀ (ଦ୍ରୌପଦୀ ମୁର୍ମୁ)ଙ୍କୁ ଭାରତର ରାଷ୍ଟ୍ରପତି କରିଛନ୍ତି । କୋଭିଡଜୀ (କୋବିନ୍ଦ)ଙ୍କୁ ରାଷ୍ଟ୍ରପତି କରିଥିଲେ । କିନ୍ତୁ କାହିଁକି? ଆମ ସଂପତ୍ତି, ଆମ ଜଙ୍ଗଲ, ଜଳ ଓ ଜମି ଛଡ଼େଇ ନେବାକୁ । ଏବେ ଅଦାନୀ ଓ ଅମ୍ବାନୀ ଭଳି ଲୋକ ସେସବୁକୁ ଅକ୍ତିଆର କରିନେଲେଣି ।

ଖଡଗେଙ୍କ ଏହି ମନ୍ତବ୍ୟ ଆସିବା ପରେ ବିଜେପି ତାଙ୍କୁ ତୀବ୍ର ସମାଲୋଚନା କରିଛି । ବିଜେପି ତାଙ୍କୁ ମହିଳା ବିରୋଧୀ, ଆଦିବାସୀ ବିରୋଧୀ ଓ ଦଳିତ ବିରୋଧୀ ବୋଲି କହିଛି ।

ବିଜେପି ମୁଖପାତ୍ର ଗୌରବ ଭାଟିଆ କହିଛନ୍ତି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ସଭାପତି ଆପତ୍ତିଜନକ ଶବ୍ଦ ବ୍ୟବହାର କରିଛନ୍ତି । ସେଥିପାଇଁ ପୂରା ଆଦିବାସୀ ସଂପ୍ରଦାୟ ଏହାକୁ ସମାଲୋଚନା କରୁଛି । ଏମିତିକି ସେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଉଦ୍ଦେଶ୍ୟରେ "କୋଭିଡ' ଭଳି ଶବ୍ଦ ପ୍ରୟୋଗ କରିଛନ୍ତି ।

ସେହିଭଳି ବିଜେପିର ଅନ୍ୟ ଜଣେ ମୁଖପାତ୍ର ଶେହଜାଦ ପୁନାୱାଲା କହିଛନ୍ତି ଯେ କଂଗ୍ରେସ ମୁଖିଆ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମୁର୍ମାଜୀ ଓ କୋବିନ୍ଦଜୀଙ୍କୁ କୋଭିଡଜୀ କହିବା ପରେ ସେମାନେ ଜମି ମାଡ଼ିବସିଥିବା କହିଛନ୍ତି । ଖଡଗେଙ୍କ ଏହି ମନ୍ତବ୍ୟରୁ ଜଣାପଡୁଛି ଯେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପ୍ରତି କଂଗ୍ରେସ ମନରେ କେତେ ଘୃଣା ରହିଛି । ସାମ୍ବିଧାନିକ ପଦପଦବୀରେ ଥିବା ବ୍ୟକ୍ତିବିଶେଷଙ୍କ ପ୍ରତି କଂଗ୍ରେସ ଏଭଳି ବ୍ୟବହାର କରିବାର ପରମ୍ପରା ରହିଆସିଛିଛ । ସେମାନେ ଭାରତର ପ୍ରଧାନ ବିଚାରପତି ହୁଅନ୍ତୁ ବା ପ୍ରଧାନମନ୍ତ୍ରୀ ବା ରାଷ୍ଟ୍ରପତି- କାହାକୁ ଛାଡ଼ି ନାହାନ୍ତି । ସୂଚନାଯୋଗ୍ୟ, ୨୦୨୨ରେ ବରିଷ୍ଠ କଂଗ୍ରେସ ନେତା ଅଧିର ରଞ୍ଜନ ଚୌଧୁରୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ "ରାଷ୍ଟ୍ରପତ୍ନୀ' ଭଳି ଶବ୍ଦର ବ୍ୟବହାର କରିଥିଲେ । ଏହାକୁ ରାଜନୀତିକ ଝଡ଼ ସୃଷ୍ଟି ହୋଇଥିଲା । ବିଜେପି ଏହି ପ୍ରସଙ୍ଗକୁ ସଂସଦରେ ଉଠାଇଥିଲା । ଏହି ପ୍ରସଙ୍ଗକୁ ନେଇ ହଙ୍ଗାମା ହୋଇଥିବା ବେଳେ ଅଧିର ରଞ୍ଜନ ଚୌଧୁରୀ କହିଥିଲେ ଯେ ଭୁଲରେ ତାଙ୍କ ପାଟିରୁ ଏହା ଖସି ଯାଇଥିଲା । ତାଙ୍କର ରାଷ୍ଟ୍ରପତିଙ୍କ ପ୍ରତି ବହୁତ ସମ୍ମାନ ଥିବା କହିଥିଲେ ।

# ମହାରାଷ୍ଟ୍ର ପକ୍ଷରୁ ରଣଜୀ ଖେଳିବେ ପୃଥ୍ୱୀ ଶ




ମୁମ୍ବାଇ, ୮।୭(ଏଜେନ୍ସି) : ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍‌ଠାରୁ ବିଧିବଦ୍ଧ ଭାବେ ଯୁବ ବ୍ୟାଟର ପୃଥ୍ୱୀ ଶ ଅଲଗା ହୋଇଛନ୍ତି। ଆଗାମୀ ଘରୋଇ ସିଜନ୍‌ରୁ ପୃଥ୍ୱୀ ମହାରାଷ୍ଟ୍ର କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ଖେଳିବାକୁ ଯାଉଛନ୍ତି। ପୃଥ୍ୱୀଙ୍କ ଦଳ ବଦଳ ମହାରାଷ୍ଟ୍ର ଦଳକୁ ଅଧିକ ଶକ୍ତିଶାଳୀ କରିବେ ବୋଲି ଆଶା କରାଯାଉଛି। ପୃଥ୍ୱୀ ଏକଦା ଭାରତୀୟ ଟେଷ୍ଟ, ଟି-୨୦ ଓ ଦିନିକିଆ ଦଳରେ ସୁଯୋଗ ପାଇଥିଲେ। ତାଙ୍କର ବ୍ୟାଟିଂ ଶୈଳୀ ସମସ୍ତଙ୍କୁ ପ୍ରଭାବିତ କରିଥିଲା। ଆଇପିଏଲ୍‌ରେ ମଧ୍ୟ ସେ କମାଲ କରିଥିଲେ। ସମୟକ୍ରମେ ତାଙ୍କ ପ୍ରଦର୍ଶନ ପ୍ରଭାବଶାଳୀ ହୋଇନଥିଲା। କ୍ରିକେଟ୍ ପ୍ରତି ତାଙ୍କ ନିଷ୍ଠା କମିଲା ପରି ଲାଗିଥିଲା। ଏଥିପାଇଁ ସେ ଧୀରେ ଧୀରେ ଅଲୋଡା ହୋଇଯାଇଛନ୍ତି। ଏବେ ସେ ପୁଣି ପ୍ରତ୍ୟାବର୍ତ୍ତନ କରିବାକୁ ନଜର ରଖିଛନ୍ତି। ଏଥିପାଇଁ ମହାରାଷ୍ଟ୍ର ପକ୍ଷରୁ ନିଜର ନୂଆ ଇନିଂସ ପୃଥ୍ୱୀ ଆରମ୍ଭ କରିବେ।

୨୦୧୮ରେ ପୃଥ୍ୱୀଙ୍କ ନେତୃତ୍ୱରେ ଭାରତ ୧୯ ବର୍ଷରୁ କମ୍ ବିଶ୍ୱ କପ୍ ଜିତିଥିଲା। ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ପୃଥ୍ୱୀ ୧୩ ଟି ଶତକ ସହ ୪୫୦୦ ରୁ ଅଧିକ ରନ୍ କରିଛନ୍ତି। ପୃଥ୍ୱୀ ମମ୍ବାଇ ଛାଡିବା ସମ୍ପର୍କରେ କହିଛନ୍ତି ମୁଁ ବିଶ୍ୱାସ ରଖିଛି ଯେ, ମହାରାଷ୍ଟ୍ର ଦଳ ମୋତେ ଆଗକୁ ନେବାରେ ସହାୟକ ହେବ। ବିଗତ ବର୍ଷ ଧରି ମିଳିଥିବା ସମର୍ଥନ ଓ ସୁଯୋଗ ପାଇଁ ମୁଁ ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍‌କୁ କୃତଜ୍ଞତା ଜଣାଉଛି। ମହାରାଷ୍ଟ୍ର କ୍ରିକେଟ୍ ଭିତ୍ତିଭୂମିରେ ଉନ୍ନତି ଆଣିବାକୁ ଉଲ୍ଲେଖନୀୟ ପଦକ୍ଷେପ ସବୁ ନେଇଛି।

ମହାରାଷ୍ଟ୍ର ପ୍ରିମିୟର ଲିଗ୍, ମହିଳା ପ୍ରିମିୟର ଲିଗ୍, କର୍ପୋରେଟର ସ୍ଲିଡ ଓ ଦେଓଧର ଟୁର୍ଣ୍ଣମେଣ୍ଟ ଆଦି ମହାରାଷ୍ଟ୍ର କ୍ରିକେଟ୍ ଆସୋସିଏସନ୍ ସଫଳତା ପୂର୍ବକ ଆୟୋଜନ କରି ନିଜର ଦୂର ଦୃଷ୍ଟିର ପ୍ରଦର୍ଶନ କରିଛି। ଏଭଳି ଏକ ସଂସ୍ଥା ସହ ଯୋଡି ହେଲେ ନିଶ୍ଚିତ ମୋ କ୍ୟାରିୟର ଉପରେ ସକରାତ୍ମକ ପ୍ରଭାବ ପକାଇବ ବୋଲି ବିଶ୍ୱାସ କରୁଛି। ଋତୁରାଜ ଗାଏକ୍ୱାର୍ଡ, ଅଙ୍କିତ ବାୱେନ, ରାହୁଲ ତ୍ରିପାଠୀ, ରାଜେଶ ଗୁରୁବାନେ ଓ ମୁକେଶ ଚୌଧୁରୀଙ୍କ ଭଳି ଖେଳାଳୀଙ୍କ ସହ ଖେଳିବାକୁ ସୁଯୋଗ ପାଇଲି। ମହାରାଷ୍ଟ୍ର କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ପୃଥ୍ୱୀଙ୍କ ସ୍ୱାଗତ କରାଯାଇଛି। ଆଗାମୀ ରଣଜୀ ଋତୁରୁ ପୃଥ୍ୱୀ ମହାରାଷ୍ଟ୍ର ପାଇଁ ଖେଳିବେ।

# ଲର୍ଡ୍ସ ଟେଷ୍ଟ ପାଇଁ ଟିମ୍ ଇଣ୍ଡିଆର ରଣନୀତି

ଲଣ୍ଡନ, ୮।୭ (ଏଜେନ୍ସି) : ଦୁଇଟି ଟେଷ୍ଟର ଫଳାଫଳ ପରେ ଘରୋଇ ଇଂଲଣ୍ଡ ଓ ଭ୍ରମଣକାରୀ ଭାରତ ନୂଆ ଲଢେଇ ପାଇଁ ଐତିହାସିକ ଲର୍ଡ୍ସରେ ପହଞ୍ଚିଛନ୍ତି। ଲିଡ୍ସ ପ୍ରଥମ ଟେଷ୍ଟରେ ଇଂଲଣ୍ଡ ଏବଂ ଏଜବଷ୍ଟନ ଦ୍ୱିତୀୟ ଟେଷ୍ଟର ଭାରତ ବାଜି ମାରିଥିଲା। ତେଣୁ ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ବର୍ତ୍ତମାନ ସୁଦ୍ଧା ୧-୧ ସ୍ଥିତିରେ ରହିଛି। ଲଡ୍ସ ଲଢେଇ ପାଇଁ ଭାରତୀୟ ଦଳ ବ୍ୟାଟିଂ କୋଚ୍ ସୀତାଂଶୁ କୋଟକ ଦଳର ସମସ୍ତ ଖେଳାଳିଙ୍କୁ ନେଇ ଅଭ୍ୟାସ ଆରମ୍ଭ କରିଦେଇଛନ୍ତି। ଲଡ୍ସ ପିଚ୍‌ର ପ୍ରକୃତି ଏହା କିଭଳି ବ୍ୟାଟର ଓ ବୋଲରଙ୍କୁ ସୁହାଇବ ସେ ସମ୍ପର୍କରେ ଏକ ତୁଳନାତ୍ମକ ବିବରଣୀ ସବୁ ଖେଳାଳିଙ୍କୁ ଅବଗତ କରାଇଛନ୍ତି ସୀତାଂଶୁ କୋଟକ। ପଡିଆରେ ଏବେ ଭରପୁର ଘାସ ରହିଛି। ମ୍ୟାଚ୍‌ର ଗୋଟିଏ ଦିନ ପୂର୍ବରୁ ଘାସ କଟାଯାଇ ପଡିଆକୁ ଭଲ ଭାବେ ରୁଲିଂ କରାଯିବ। ତାହା ପରେ ଯାଇ ପିଚ୍‌ର ବ୍ୟବହାର ପ୍ରଭାବ କିଭଳି ରହିବ ଆକଳନ କରାଯାଇପାରିବ। ପିଚ୍‌ର ଘାସର ମାତ୍ରା ଅଧିକ ଥିବାରୁ ଦ୍ରୁତ ବୋଲରଙ୍କୁ ଅଧିକ ସୁହାଇଲା ଭଳି ଅନୁମାନ କରାଯାଉଛି। ସର୍ବଦା ଲଡ୍ସ ପିଚ୍‌ରେ ଭଲ ସ୍କୋର ହୋଇଥାଏ। ବ୍ୟାଟରଙ୍କୁ ଫାଇଦା ମିଳେ। ଦ୍ରୁତ ବୋଲର ମଧ୍ୟ ସଫଳ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଭାରତ ଏହି ମ୍ୟାଚରେ ସ୍ପେସାଲିଷ୍ଟ ଦ୍ରୁତ ବୋଲର ଯଶପ୍ରିତ ବୁମ୍ରାଙ୍କୁ ଖେଳାଇବାକୁ ନିଷ୍ପତ୍ତି ନେଇପାରେ। ଏହା ବାଦ୍ ଦଳରେ ଅଧିକ ପରିବର୍ତ୍ତନ ହେବ ନାହିଁ ବୋଲି କୋଟକ ସୂଚନା ଦେଇଛନ୍ତି। ଗତ ଏଜବଷ୍ଟନ ମ୍ୟାଚରେ ଶୁଭମନ୍ ଗିଲ୍‌ଙ୍କ ପ୍ରଦର୍ଶନ ସମସ୍ତଙ୍କୁ ପ୍ରଭାବିତ କରିଛି। ପ୍ରଥମ ଇନିଂସରେ ସେ ୨୬୯ ଏବଂ ଦ୍ୱିତୀୟ ଇନିଂସ ୧୬୧ ରନ୍ କରି ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ଅଧିନାୟକ ଭାବେ ପରିପକ୍ୱ, ଦାୟିତ୍ୱ ସମ୍ପନ୍ନ ଏବଂ ଶାଣିତ ପ୍ରଦର୍ଶନ ଯୋଗୁଁ ଦଳ ବିଜୟ ଲାଭ କରିଛି। ତେଣୁ ଲଡ୍ସ ଟେଷ୍ଟରେ ମଧ୍ୟ ଏହି ବିଜୟୀ ଦଳର ଏକତା ଧାରା ଆମେ ଭାଙ୍ଗିବାକୁ ଆମେ ଚାହିଁବୁ ନାହିଁ। ତେଣୁ ଲଡ୍ସ ଟେଷ୍ଟ ନିଶ୍ଚିତ ଭାବେ ଆଉ ଏକ ରୋମାଞ୍ଚ ଭରା ଅଭିଯାନ ହେବ ବୋଲି ବ୍ୟାଟିଂ କୋଚ୍ ସୀତାଂଶୁ କୋଟକ ଆଶାବ୍ୟକ୍ତ କରିଛନ୍ତି। ଜୁଲାଇ ୧୦ ରୁ ୧୪ ତାରିଖ ପର୍ଯ୍ୟନ୍ତ ଏହି ମ୍ୟାଚ୍ ଲଡ୍ସରେ ଖେଳାଯିବ। ଭାରତୀୟ ସମୟ ଅପରାହ୍ନ ୩.୪୫ରେ ମ୍ୟାଚ୍ ଆରମ୍ଭ ହେବ। ଭାରତ ଐତିହାସିକ ଲଡ୍ସ ବିଜୟ ଧ୍ୱଜା ଉଡାଇ ୨-୦ରେ ଇନିଂସରେ ଆଗୁଆ ହେବାକୁ ଲକ୍ଷ୍ୟ ରଖିଛି।




# ଦକ୍ଷିଣ ଏସୀୟ କରାଟେ ପ୍ରତିଯୋଗିତାରେ ଓଡିଶାର ସଫଳତା



ଭୁବନେଶ୍ୱର, ୮।୭ (ସବ୍ୟୁ) : ଶ୍ରୀଲଙ୍କାର କଲମ୍ବୋଠାରେ ଶେଷ ହୋଇଥିବା ଦକ୍ଷିଣ ଏସୀୟ କରାଟେ ପ୍ରତିଯୋଗିତାରେ ଭାରତରୁ ପ୍ରତିନିଧିତ୍ୱ କରିଥିବା ଓଡିଶାର କରାଟେକା ମାନେ ଗୋଟିଏ ରୌପ୍ୟ ଓ ଦୁଇଟି ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ଓଡିଶାର ଦିବ୍ୟ ପ୍ରସାଦ ନାୟକ ପୁରୁଷ ୭୬ କିଲୋଗ୍ରାମ୍‌ରୁ ଅଧିକ ବର୍ଗରେ ରୌପ୍ୟ ପଦକ, ତ୍ରିଲୋଚନ ରାଣା ପୁରୁଷ ୫୦ କିଲୋ ଫାଇଟିଙ୍ଗ୍ ବର୍ଗରେ ଓ ଅଂଶୁମାନ ଆଚାର୍ଯ୍ୟ ପୁରୁଷ ୭୦ କିଲୋ ବର୍ଗରେ ବ୍ରୋଞ୍ଜ୍ ପଦକ ଲାଭ କରିଛନ୍ତି। ରାଜ୍ୟ କରାଟେ ପ୍ରତିଯୋଗିତା ଓ ଜାତୀୟ କରାଟେ ପ୍ରତିଯୋଗିତାର ପ୍ରଦର୍ଶନ ଭିତ୍ତିରେ ମନୋନିତ ହୋଇ ଏହି ୩ ଜଣ କରାଟେ ଖେଳାଳି ଭାରତର ପ୍ରତିନିଧିତ୍ୱ କରିଥିଲେ। ସମସ୍ତ ବିଜୟ ପ୍ରତିଯୋଗିଙ୍କୁ ଓଡିଶା କରାଟେ ସଂଘ ତରଫରୁ ଅଭିନନ୍ଦନ ଜଣାଯାଇଛି।

# କାହିଁକି ଲାରାଙ୍କ ରେକର୍ଡ ଭାଙ୍ଗିଲେନି ମୁଲଡର



ଡର୍ବାଗ, ୮।୭ (ଏଜେନ୍ସି) : ସବୁଆଡେ ଦ. ଆଫ୍ରିକା ଅଧିନାୟକ ୱିଆନ୍ ମୁଲଡରଙ୍କ ପ୍ରଶଂସା। ଜିମ୍ବାୱେ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ମୁଲଡର ଚମତ୍କାର ବ୍ୟାଟିଂ କରି ୩୬୭ ରନ୍‌ର ଇନିଂସ ଖେଳିଥିଲେ। ଏହାପରେ ସେ ଇନିଂସ ଘୋଷଣା କରି ପାଭିଲିୟନ୍ ଫେରିଆସିଥିଲେ। ତାଙ୍କ ନିକଟରେ ବ୍ରାଏନ୍ ଲାରାଙ୍କ ୪୦୦ ରନ୍‌ର ବିଶ୍ୱର ରେକର୍ଡ ଭାଙ୍ଗିବାର ସୁଯୋଗ ଥିଲା। ଏହା ସତ୍ତ୍ୱେ ମୁଲଡର କାହିଁକି ଏ ସୁଯୋଗ ହାତଛଡା କଲେ। ସେ ଏହାର କାରଣ କହିଛନ୍ତି। ଲାରାଙ୍କ ପରି ମହାନ୍ ଖେଳାଳିଙ୍କ ରେକର୍ଡ ଅତୁଟ ରହୁ। ସେ ଏହାର ପ୍ରକୃତ ହକଦାର। ମୋତେ ପୁନର୍ବାର ସୁଯୋଗ ମିଳିଲେ ମଧ୍ୟ ଏହା କରିବି ନାହିଁ ବୋଲି ସେ କହିଛନ୍ତି। ଲାରା ୨୦୦୪ ଇଂଲଣ୍ଡ ବିପକ୍ଷରେ ୪୦୦ ରନ୍‌ର ବିଶ୍ୱ ରେକର୍ଡ କରିଥିଲେ।

ମାର୍ଗ ଟେଲର ମଧ୍ୟ ଡନ୍ ବ୍ରାଡମ୍ୟାନ୍‌ଙ୍କ ସମ୍ମାନ ପାଇଁ ଏଭଳି କରିଥିଲେ। ପାକିସ୍ତାନ ବିପକ୍ଷରେ ଟେଲର ୧୯୯୮ ରେ ତ୍ରିଶତକ ମାରିଥିଲେ। ସେ ୩୩୪ ରନ୍ କରିବା ପରେ ଇନିଂସ ଘୋଷଣା କରିଥିଲେ। ସେ ବ୍ରାଡମ୍ୟାନଙ୍କ ରନ୍ ସହ ସମକକ୍ଷ ହେବା ପରେ ଏହାକୁ ଭାଙ୍ଗିବାକୁ ଚାହୁଁନଥିଲେ। ମୁଲଡର ମାତ୍ର ୨୯୭ ରନ୍‌ରେ ଦ୍ରୁତ ତ୍ରିଶତକ ହାସଲ କରିଥିଲେ। କେବଳ ଭାରତର ବୀରେନ୍ଦ୍ର ସେହ୍ୱାଗଙ୍କ ନାଁରେ ଏ ରେକର୍ଡ ରହିଛି। ସେହ୍ୱାଗ ୨୭୮ ବଲରେ ତ୍ରିଶତ ମାରିଥିଲେ।

## ଦ୍ୱିତୀୟ ଟେଷ୍ଟ

## ଦ. ଆଫ୍ରିକାର ଶୃଙ୍ଖଳା ସୁଇପ୍

ବୁଲାୱାଓ, ୮।୭(ଏଜେନ୍ସି) : ଜିମ୍ବାୱେ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଇନିଂସ ଓ ୨୩୬ ରନ୍ ବ୍ୟବଧାନରେ ଦ. ଆଫ୍ରିକା ବିଜୟ ଲାଭ କରିଛି। ବୁଲାୱାଓର କୁଇନ୍ସ ସ୍ପୋର୍ଟ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ଦ. ଆଫ୍ରିକା ୬୨୬/୫ ରନ୍ କରି ପାଳି ଘୋଷଣା କରିଥିଲା। ଏହା ପରେ ଜିମ୍ବାୱେ ପ୍ରଥମ ଇନିଂସରେ ୧୭୦ ରନ୍ କରି ଫଲୋ ଅନ୍ ଖାଇଥିଲା। ପୁଣି ଦ୍ୱିତୀୟ ଇନିଂସରେ ଜିମ୍ବାୱେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୨୦ ରନ୍ କରିବାକୁ ସକ୍ଷମ ହୋଇଥିଲା। ତେଣୁ ଦ. ଆଫ୍ରିକା ଇନିଂସ ବିଜୟ ଲାଭ କରିଛି। ଦୁଇ ମ୍ୟାଚ୍ ବିଶିଷ୍ଟ ଏହି ଶୃଙ୍ଖଳାକୁ ୨-୦ରେ ପୋଛି ନେଇଛି।

ପ୍ରଥମ ଇନିଂସ ଭଳି ଦ୍ୱିତୀୟ ଇନିଂସରେ ମଧ୍ୟ ଜିମ୍ବାୱେର କୌଣସି ବ୍ୟାଟର ଅର୍ଦ୍ଧଶତକ ଛୁଇଁପାରିନଥିଲେ। ଓପନର ଡିଅନ୍ ମେୟରର୍ସ ୧୧, ତାକୁଦୱାନାସେ କାଇଟାନୋ ୪୦, ନିକ୍‌ୱେଲ୍ଟ ୫୫, ସିନ୍‌ୱିଲିୟମ୍ସ ୧୧, କ୍ରେଗଏରଭିନ ୪୯, ୱିଲିଂଟନ୍ ମାସାକାଜା ଅପରାଜିତ ୧୭ ଓ ତନକା ଚିଭାଙ୍ଗା ୨୨ ରନ କରିଥିଲେ। ତେଣୁ ଜିମ୍ବାୱେ ୭୭.୩ ଓଭରରେ ୨୨୦ ରନ୍ କରି ଅଲ୍ ଆଉଟ ହୋଇଥିଲ। ବୋଲିଂରେ ଦ. ଆଫ୍ରିକରେ କରବିନ୍ ବୋସ୍ଚ ୪ଟି, ସେନୁରନ୍ ମୁଥୁସମେ ୩ଟି, କୋଡି ୟୁସୁଫ ୨ଟି ଓ ୱିଆନ୍ ମୁଲଡର ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ। ମୁଲଡରଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ୍ ଓ ପ୍ଲେୟାର ଅଫ୍ ଦ ସିରିଜ ବିବେଚିତ କରାଯାଇଥିଲା।

# ଯଶ ଦୟାଲଙ୍କ ବିରୋଧରେ ମାମଲା




ନୂଆଦିଲ୍ଲୀ, ୮।୭(ଏଜେନ୍ସି) : ଆଇପିଏଲ୍ ୨୦୨୫ ସଂସ୍କରଣରେ ଚାମ୍ପିଅନ୍ ହୋଇଥିବା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଯଶ ଦୟାଲ ଏବେ ଅଡୁଆରେ ପଡିଯାଇଛନ୍ତି। ତାଙ୍କ କ୍ରିକେଟ୍ କ୍ୟାରିୟର ଅସୁବିଧାରେ ପଡିପାରେ। ଗାଜିଆବାଦ୍‌ରେ ଜଣେ ମହିଳା ତାଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣିଛନ୍ତି। ବିବାହ ପ୍ରଲୋଭନ ଦେଖାଇ ତାଙ୍କୁ ଆର୍ଥିକ, ମାନସିକ ଓ ଶାରୀରିକ ଶୋଷଣ କରିଥିବା ମହିଳା ଜଣଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଉଭୟ ୫ ବର୍ଷ ହେବ ସମ୍ପର୍କରେ ଥିଲେ। ଯଶ ତାଙ୍କୁ ଛାଡି ଆଉ ଜଣେ ମହିଳାଙ୍କ ସମ୍ପର୍କରେ ଅଛନ୍ତି ବୋଲି ପିଡିତା ଜଣଙ୍କ ଯଶଙ୍କ ସହ ହୋଇଥିବା ହ୍ୱାଟ୍ସଆପ୍ ଚାର୍ଟର ସ୍କ୍ରିନ୍ ସର୍ଟ, ଭିଡିଓ କଲ୍ ଓ ଫଟୋକୁ ପ୍ରମାଣ ଭାବେ ଦେଇଛନ୍ତି। ଯଶ ଦୟାଲଙ୍କ ବାପା ଏହି ଖବରକୁ ଖଣ୍ଡନ କରିବା ସହ ମୋ ପୁଅର କୌଣସି ଦୋଷ ନାହିଁ ବୋଲି କହିଛନ୍ତି। ଚଳିତ ସିଜନ୍‌ରେ ଯଶ ପ୍ରଥମ ଥର ପାଇଁ ଆର୍‌ସିବି ପକ୍ଷରୁ ଖେଳିଥିଲେ। ଯଶ୍ ୧୫ ମ୍ୟାଚ୍ ଖେଳି ୧୩ ୱିକେଟ୍ ନେଇଥିଲେ। ଉତ୍ତର ପ୍ରଦେଶ ପକ୍ଷରୁ ସେ ଘରୋଇ କ୍ରିକେଟ୍ ଖେଳୁଛନ୍ତି। ପୀଡିତା ମହିଳା ଜୁନ୍ ୨୧ ତାରିଖରେ ମୁଖ୍ୟମନ୍ତ୍ରୀ ହେଲ୍ପ ଲାଇନ୍‌ରେ ଅଭିଯୋଗ କରିଥିଲେ। ଯଶ୍ ଦୟାଲଙ୍କୁ ସେ ବିବାହ ପ୍ରତିଶ୍ରୁତି ଉପରେ ପଚରାଉଚରା କରିବାରୁ ସେ ତାଙ୍କୁ ମାଡ ମାରିଥିଲେ।

# ୱିମ୍ବଲଡନ୍ : ସେମିରେ ଟେଲର




ଲଣ୍ଡନ, ୮।୭ (ଏଜେନ୍ସି) : ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନ୍ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ଟୁର୍ଣ୍ଣାମେଣ୍ଟର ପଞ୍ଚମ ସିଡ ତଥା ଆମେରିକାର ପେସାଦାର ଖେଳାଳି ଟେଲର ହ୍ୟାରି ଫ୍ରିଟେଜ୍ ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଫ୍ରିଟେଜ୍ ଓ କାରିନ୍ ଖାଚାନୋଭଙ୍କ ମଧ୍ୟରେ ୪ ସେଟ୍ ବିଶିଷ୍ଟ ଲଢେଇ ହୋଇଥିଲା। ଏଥିରେ ଟେଲର ୬-୩, ୬-୪, ୧-୬, ୭-୬ ସେଟ୍‌ରେ ଖାଚାନୋଭଙ୍କୁ ଧରାସାୟୀ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ସେହିଭଳି ନୋରିଶ ଓ ଆଲକାରେଜଙ୍କ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର, ଜାନିକ୍ ସିନର- ସେଲଟନ୍ ମଧ୍ୟରେ ତୃତୀୟ ତଥା କୋବିଲ - ଜୋକୋଭିକଙ୍କ ମଧ୍ୟରେ ଚତୁର୍ଥ କ୍ୱାର୍ଟର ଫାଇନାଲ ଖୋଲାଯିବ। ପ୍ରି କ୍ୱାର୍ଟରେ ଫ୍ରିଟେଜ୍ ୬-୧, ୩-୦ ସେଟ୍‌ରେ ଯୋଡାନ୍ ଥମ୍‌ସନ୍‌ଙ୍କ ବିପକ୍ଷରେ ୱାକଭର ପାଇ ବିଜୟ ହୋଇଥିଲେ। ଏହା ପୂର୍ବରୁ ତୃତୀୟ ରାଉଣ୍ଡରେ ଆଲେକଜାଣ୍ଡର ଫୋକିନାକୁ ୬-୪, ୬-୩, ୬-୭, ୬-୧ ସେଟ୍‌ରେ ପରାଜିତ କରି ଆଗକୁ ବଢ଼ିଥିଲେ।

## ଉଗାଣ୍ଡା ପାରା ବ୍ୟାଡମିଣ୍ଟନ୍

# ଓଡିଶା ପ୍ରତିଯୋଗୀଙ୍କୁ ୪ ପଦକ




ଭୁବନେଶ୍ୱର, ୮।୭ (ସବ୍ୟୁ) : ଉଗାଣ୍ଡା ପାରା ବ୍ୟାଡମିଣ୍ଟନ୍ ଇଣ୍ଟରନ୍ୟାସନାଲ୍ ପ୍ରତିଯୋଗୀତରେ ଓଡିଶାକୁ ୪ ପଦକ ମିଳିଛି। ଏଥିରେ ଗୋଟିଏ ରୌପ୍ୟ ଓ ୩ଟି ବ୍ରୋଞ୍ଜ୍ ପଦକ ରହିଛି। ଶୁଭ୍ରଜିତ୍ ମହାରାଣା ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍ ୪ ରେ ରୌପ୍ୟ ପଦକ ଜିତିଛନ୍ତି। ଆହାତ କାରଣରୁ ସେ ଫାଇନାଲ ଖେଳିପାରିନଥିଲେ। ସେହିଭଳି ପୁରୁଷ ଡବ୍‌ଲସ୍ ଏସ୍‌ଏଲ ୩- ଏସ୍‌ଏଲ୍ ୪ ବର୍ଗରେ ଶୁଭ୍ରଜିତ ମହାରଣା ଓ ପୂଜ୍ୟମ୍ ମିଶ୍ର ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ସେମିଫାଇନାଲରେ ଏହି ଯୋଡି ପରାଜିତ ହୋଇଥିଲେ। ସେହିଭଳି ପୁରୁଷ ଡବଲ୍ସ ଏସ୍‌ଏଲ୍ ୩- ଏସ୍‌ଏଲ୍ ୪ ବର୍ଗରେ ବିଭାସିନ୍ଧୁ ବାରିକ ଓ ଚନ୍ଦ୍ରପ୍ରକାଶ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ପୁରୁଷ ସିଙ୍ଗଲ୍ସ ଡବ୍ଲ୍ୟୁଏଚ୍ ୨ ବର୍ଗରେ ନୁରୁଲ ହୁସେନ୍ ଖାନ୍ ବ୍ରୋଞ୍ଜ୍ ଜିତିଛନ୍ତି।

## ଜାତୀୟ ସବଜୁନିୟର ମହିଳା ହକି

# ମହାରାଷ୍ଟ୍ରକୁ ହରାଇଲା ଓଡିଶା




ରାଞ୍ଚି, ୮।୭ (ଏଜେନ୍ସି) : ୧୫ ତମ ହକି ଇଣ୍ଡିଆ ଜାତୀୟ ସବଜୁନିୟର ମହିଳା ହକି ଚାମ୍ପିଅନସିପ୍‌ରେ ଓଡିଶାର ଉଚ୍ଚକୋଟିର ପ୍ରଦର୍ଶନ ଦେଖିବାକୁ ମିଳିଛି। ଡିଭିଜନ୍ ଏ ବର୍ଗରେ ଓଡିଶା ୩-୦ ଗୋଲରେ ମହାରାଷ୍ଟ୍ରକୁ ଧରାସାୟୀ କରିଛି। ସେହିଭଳି ଅନ୍ୟ ଏକ ମ୍ୟାଚ୍‌ରେ ଉତ୍ତରପ୍ରଦେଶ ୩-୨ ଗୋଲରେ ମଧ୍ୟପ୍ରଦେଶକୁ ହରାଇଛି। ସେହିଭଳି ହକି ଝାଡଖଣ୍ଡ ଓ ହକି ହରିୟାଣା ମଧ୍ୟରେ ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଥିଲା। ଡିଭିଜନ୍ ବି ର ଏକ ମ୍ୟାଚରେ ଦାଦ୍ରା ଓ ନଗରହାବେଳି ୪-୧ ଗୋଲରେ କର୍ଣ୍ଣାଟକ ହରାଇଛି। ହକି ଉତ୍ତରାଖଣ୍ଡ ୬-୦ ଗୋଲରେ କେରଳ ହକିକୁ ଏବଂ ଛତିଶଗଡ ହକି ୮-୨ ଗୋଲରେ ହକି ଗୁଜୁରାଟକୁ ହରାଇ ଅଭିଯାନ ଆରମ୍ଭ କରିଛି।

ଓଡିଶା ଓ ମହରାଷ୍ଟ୍ର ମଧ୍ୟରେ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ଥିଲା। ଅଧିନାୟିକା କରୋ ସଞ୍ଜନାଙ୍କ ନେତୃତ୍ୱରେ ଓଡିଶା ଜମାଣିଆ ପ୍ରଦର୍ଶନ ଦେଖାଇ ମହାରାଷ୍ଟ୍ରକୁ ଧରାସାୟୀ କରିଥିଲା। ମ୍ୟାଚ୍‌ର ତୃତୀୟ ମିନିଟରେ ସଞ୍ଜନା ପ୍ରଥମ ଗୋଲ କରିଥିଲେ। ୫୩ ତମ ମିନିଟ୍‌ରେ ପ୍ରିୟଙ୍କା ମିଞ୍ଜ୍ ଓ ୫୮ ତମ ମିନିଟ୍‌ରେ ସୁଇଟ୍ କୁଜୁର ଆଉ ଦୁଇଟି ଗୋଲ ଦେବାରୁ ଓଡିଶା ୩-୦ ଗୋଲରେ ବାଜିମାତ୍ କରିଥିଲା।

# ଓଡ଼ିଶା ନାଭାଲ ଟାଟା ହକି ଚାମ୍ପିଅନସିପ ଉଦ୍‌ଘାଟିତ



ଭୁବନେଶ୍ୱର, ୦୮/୦୭(ସବ୍ୟୁ) : ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ନାଭାଲ ଟାଟା ହକି ତୃଣମୂଳ ଲିଗ ଚାମ୍ପିଅନସିପ ୨୦୨୫ର ୫ମ ସଂସ୍କରଣକୁ ଓଡ଼ିଶା ସରକାରଙ୍କ ମାନ୍ୟବର କ୍ରୀଡ଼ା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ ଉଦଘାଟନ କରିଛନ୍ତି। ଏହି ଅବସରରେ ଭାରତୀୟ ଜୁନିୟର ଟିମର ପୂର୍ବତନ ଉପ-ଅଧିନାୟକ ଦୀପସନ ତିର୍କୀ, କ୍ରୀଡା ବିଭାଗ ଅତିରିକ୍ତ ସଚିବ ଓଏଏସ ବିଜୟ କୁମାର ସ୍ୱାଇଁ ଏବଂ ଓଡ଼ିଶା ନାଭାଲ ଟାଟା ହକିର ପ୍ରୋଜେକ୍ଟ ଡାଇରେକ୍ଟର ଶ୍ରୀ ରାଜୀବ ସେଠଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଓଡ଼ିଶା ନାଭାଲ ଟାଟା ହକି ହାଇ-ପରଫରମାନ୍ସ ସେଂଟର (ଓଏନଟିଏଚଏଚପିସି) ପକ୍ଷରୁ ଏହି ଚାମ୍ପିଅନସିପ ଆୟୋଜନ କରାଯାଇଛି।

ଏହି ବହୁ ପ୍ରତିକ୍ଷୀତ ତୃଣମୂଳ ହକି ଚାମ୍ପିଅନସିପର ଚୂଡ଼ାନ୍ତ ପର୍ଯ୍ୟାୟ ୨୦୨୫ ଜୁଲାଇ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ସେଥିରେ ସାରା ଓଡ଼ିଶାରୁ ଚୟନ ହୋଇଥିବା ୧୬ଟି ଶ୍ରେଷ୍ଠ ଦଳ (୮ଟି ବାଳକ ଓ ୮ଟି ବାଳିକା ଦଳ) ପ୍ରତିଦ୍ୱନ୍ଦ୍ୱିତା କରିବେ। ପୂର୍ବରୁ ଗଞ୍ଜାମ ଜିଲ୍ଲାର ଛତ୍ରପୁର ଓ ସୁନ୍ଦରଗଡ଼ର ବଣାଇରେ ଅନୁଷ୍ଠିତ କ୍ୱାଲିଫାଇଙ୍ଗ ରାଉଣ୍ଡରେ ଏହି ଦଳଗୁଡ଼ିକ ବିଜୟୀ ହୋଇଥିଲେ। କ୍ୱାଲିଫାଇଙ୍ଗ ରାଉଣ୍ଡରେ ୩୨ଟି ବାଳକ ଓ ୩୨ଟି ବାଳିକା ଦଳ ସମେତ ମୋଟ ୬୪ଟି ଦଳ ଭାଗ ନେଇଥିଲେ ଯାହା ଏହି ଟୁର୍ଣ୍ଣାମେଂଟକୁ ଦେଶର ସର୍ବବୃହତ ତୃଣମୂଳ ହକି ଟୁର୍ଣ୍ଣାମେଂଟରେ ପରିଣତ କରିଥିଲା।

ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, 'ଏହି ଚାମ୍ପିଅନସିପ ଏଭଳି ଏକ ଶ୍ରେଷ୍ଠ ସୁଯୋଗ, ଯାହା ସମସ୍ତଙ୍କ ଭାଗ୍ୟରେ ନଥାଏ। ଆପଣମାନଙ୍କ ଅଭିଭାବକ, ଶିକ୍ଷକଙ୍କ ସହଯୋଗରେ ନାଭାଲ ଟାଟା ହକି ଏଚପିସି ଓ ଓଡ଼ିଶା ସରକାର ପ୍ରଦାନ କରୁଥିବା ଏହି ସୁଯୋଗର ସଫଳ ଉପଯୋଗ କରିଛନ୍ତି। ଶୃଙ୍ଖଳା ବଜାୟ ରଖନ୍ତୁ, କ୍ରୀଡ଼ାକୁ ଉପଭୋଗ କରନ୍ତୁ ଏବଂ ଯଦି ସବୁ କିଛି ଆପଣଙ୍କ ଆଶା ଅନୁସାରେ ହେଉନାହିଁ, ତେବେ ଆଗାମୀ ସଂସ୍କରଣରେ ଦୃଢ଼ ଭାବେ ପ୍ରତ୍ୟାବର୍ତନ କରିବାକୁ ପ୍ରସ୍ତୁତ ହୁଅନ୍ତୁ।

ଟୁର୍ଣ୍ଣାମେଂଟର ଚୂଡ଼ାନ୍ତ ପର୍ଯ୍ୟାୟରେ ରାଉଣ୍ଡ-ରବିନ ଲିଗ ଫର୍ମାଟ ଗ୍ରହଣ କରାଯିବ ଏବଂ ତାଦ ପରେ ନକ୍ ଆଉଟ ପର୍ଯ୍ୟାୟ ଖେଳାଯିବ। ୨୦୨୫ ଜୁଲାଇ ୧୨ରେ ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

୫ମ ସଂସ୍କରଣରେ ପହଂଚିଥିବା ଓଡ଼ିଶା ନାଭାଲ ଟାଟା ହକି ତୃଣମୂଳ ଲିଗ ଚାମ୍ପିଅନସିପ ଭାରତର ସର୍ବବୃହତ ତୃଣମୂଳକ ହକି ଲିଗରେ ପରିଣତ ହୋଇଛି।

ଯୁବ ପ୍ରତିଭାମାନଙ୍କୁ ସମୃଦ୍ଧ କରିବା ଏବଂ ହକି ବ୍ୟବସ୍ଥାକୁ ଦୃଢ଼ କରିବା ଲାଗି ଓଡ଼ିଶାର ରହିଥିବା ପ୍ରତିବଦ୍ଧତାର ଦୃଢ଼ ପ୍ରମାଣ ହେଉଛି ଏହି ଟୁର୍ଣ୍ଣାମେଂଟ। ତୃଣମୂଳସ୍ତରରେ ଏକ ପ୍ରତିଯୋଗିତାପୂର୍ଣ୍ଣ ଫର୍ମାଟ ପ୍ରଦାନ କରି ଏହି ଲିଗ ଏକ ବିଶ୍ୱସ୍ତରୀୟ ହକି ହବରେ ପରିଣତ ହେବା ପାଇଁ ରାଜ୍ୟ ସରକାର ରଖିଥିବା ଲକ୍ଷ୍ୟକୁ ଆଗକୁ ବଢ଼ାଉଛି।

ସୂଚନା
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୮୯୭୮୫୩୩୧୭୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665,
TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି